# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜୁଲାଇ ୧୫/୨୦୧୯ (୧୬ ପୃଷ୍ଠା) Sambalpur, Monday, July 15 / 2019 ★★

୧୪ଶ ଭାଗ ୨୦୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି!
20% EXTRA
MADHUBAN
Safal
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜୁଲାଇ ୧୫/୨୦୧୯ | Sambalpur, Monday, July 15 / 2019 | ପୃଷ୍ଠା-୧




## ଫୋଗଟ୍‌ଙ୍କୁ ସ୍ୱର୍ଣ୍ଣ ପଦକ

ଭାରତୀୟ କୁସ୍ତିଯୋଦ୍ଧା ଭିନେଶ ଫୋଗଟ୍ ୟାସାର ଡୋଗୁ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

୧୩ | ୦୨

## ‘ସଡ଼କ ୨’ରେ ଆଲିଆ ଭଟ୍ଟ

ଅଭିନେତ୍ରୀ ଆଲିଆ ଭଟ୍ଟ ‘ସଡ଼କ ୨’ ଶୁଟିଂ ପାଇଁ ଖୁବ୍‌ଶୀଘ୍ର ଉଟି ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି।







ନାଲକୋ NALCO | OMC | ODISHA NEW OPPORTUNITIES

29001/13/0023/1920 | DSPL-45


## ଆଜିର ସମ୍ପାଦକୀୟ

### ଅଧିକ ମଦ ପିଆଇବେ

## ଆଜିର ମନ୍ତବ୍ୟ

"ମହାତ୍ମା ଗାନ୍ଧୀ ଭାରତରେ ସ୍ୱାଧୀନତା ସଂଗ୍ରାମ ସହ ସ୍ୱଚ୍ଛତା ଜନ ଆନ୍ଦୋଳନ ଆରମ୍ଭ କରିଥିଲେ। ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀରେ ତାଙ୍କର ସ୍ୱଚ୍ଛତା ମିଶନ ସ୍ୱପ୍ନ ପୂରଣ ହେବା ଆବଶ୍ୟକ।

–ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି

## କିଛି ତଥ୍ୟ

ଦେଶର ୨୪ ଜୀବନ ବୀମା ପ୍ରଦାନକାରୀ କମ୍ପାନୀଙ୍କ ଜୁନ ମାସର ମୋଟ୍ ନୂଆ ବୀମା ପ୍ରିମିୟମ ୯୪% ବୃଦ୍ଧି ଘଟି ୩୨,୨୪୧.୩୩ କୋଟି ଛୁଇଁଛି। – ଆଇଆର୍‌ଡିଏ





NECC NATIONAL EGG CO-ORDINATION COMMITTEE | 14.07.2019 | Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 72 | 122 | 132 |
| DKL | 72 | 122 | 132 |
| BDK | 70 | 119 | 129 |
| BLS | 70 | 119 | 129 |
| ANG | 72 | 122 | 132 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


## ଆଇସିସି ବିଶ୍ୱକପ୍ ଫାଇନାଲ

# ଇଂଲଣ୍ଡ ନୂଆ ଚାମ୍ପିୟନ



ଲଣ୍ଡନ ୧୪।୭

କ୍ରିକେଟର ମକ୍କା ଭାବେ ପରିଚିତ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ଆଇସିସି ବିଶ୍ୱକପର ରୋମାଞ୍ଚକ ଫାଇନାଲରେ ବାଜି ମାରିଛି ଇଂଲଣ୍ଡ। ବୋଲରଙ୍କୁ ସୁହାଇଥିବା ପିଚ୍‌ରେ ମ୍ୟାଚ ଟାଇ ହେବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ସୁପର ଓଭରର ସହାୟତା ନିଆଯାଇଥିଲା। ସୁପର ଓଭରରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ କୌଣସି ୱିକେଟ ନ ହରାଇ ୧୫ ରନ କରିଥିଲା। ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟଙ୍କ ଓଭରରୁ ଷ୍ଟୋକ୍ସ ୮ ଓ ବଟଲର ୭ ରନ ସଂଗ୍ରହ କରିଥିଲେ। ଇଂଲଣ୍ଡ ପକ୍ଷରୁ ବୋଲିଂ କରିଥିଲେ ଜୋଫ୍ରା ଆର୍ଚର ଏବଂ ନ୍ୟୁଜିଲାଣ୍ଡ ପକ୍ଷରୁ ବ୍ୟାଟିଂ କରିଥିଲେ ମାର୍ଟିନ ଗୁପ୍‌ଟିଲ ଏବଂ ଜେମ୍ସ ନିଶାମ। ଏହି ଓଭରରେ ନ୍ୟୁଜିଲାଣ୍ଡ ୨ ୱିକେଟ ହରାଇ ଠିକ୍ ୧୫ ରନ କରି ପାରିଥିଲା। ମ୍ୟାଚ ପୁଣି ଟାଇ ହେବାରୁ ନିୟମ ଅନୁସାରେ ଅଧିକ ବାଉଣ୍ଡାରୀ ମାରିଥିବାରୁ ଇଂଲଣ୍ଡ ଚାମ୍ପିୟନ ହୋଇ ଯାଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲାଣ୍ଡ। ତେବେ ପିଚ୍‌ରୁ ଫାଇଦା ଉଠାଇ ଇଂଲଣ୍ଡ ବୋଲରମାନେ ନ୍ୟୁଜିଲାଣ୍ଡ ଇନିଂସକୁ ୫୦ ଓଭରରେ ୨୪୧/୮ରେ ସୀମିତ ରଖିବାରେ ସକ୍ଷମ ହୋଇଥିଲେ। ଜବାବରେ ବେନ୍ ଷ୍ଟୋକ୍ସ ଓ ଜୋସ ବଟଲରଙ୍କ ଶତକୀୟ ଭାଗୀଦାରି (୧୧୦ ରନ) ସହାୟତାରେ ଇଂଲଣ୍ଡ ବିଜୟ ସୁଯୋଗ ସୃଷ୍ଟି କରିଥିଲେ ହେଁ ଶେଷରେ ୫୦ ଓଭରରେ ୨୪୧ ରନରେ ଅଲଆଉଟ ହେବାରୁ ମ୍ୟାଚ ଟାଇ ହୋଇ ଯାଇଥିଲା।

ଏହା ପୂର୍ବରୁ ଇଂଲଣ୍ଡ ୩ ଥର ଫାଇନାଲ ଖେଳିଥିଲେ ହେଁ ଚାମ୍ପିୟନ ହୋଇପାରି ନ ଥିଲା। ୧୯୭୯ରେ ୱେଷ୍ଟଇଣ୍ଡିଜଠାରୁ, ୧୯୮୭ରେ ଅଷ୍ଟ୍ରେଲିଆଠାରୁ ଏବଂ ୧୯୯୨ରେ ପାକିସ୍ତାନଠାରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା। ଅନ୍ୟ ୮ ସଂସ୍କରଣ ମଧ୍ୟରୁ ୧୯୭୫ ଓ ୧୯୮୩ରେ ସେମିଫାଇନାଲରୁ ବିଦାୟ ନେଇଥିବାବେଳେ ୧୯୯୬ ଓ ୨୦୧୧ରେ କ୍ୱାର୍ଟର ଫାଇନାଲରୁ, ୨୦୦୭ରେ ସୁପର ଏଇଟ୍‌ରୁ ଏବଂ ୧୯୯୯, ୨୦୦୩ ଓ ୨୦୧୫ରେ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଏଥର ଦଳ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ମିଡଲ ଅର୍ଡରରେ ବେନ୍ ଷ୍ଟୋକ୍ସ ଓ ଜୋସ ବଟଲରଙ୍କ ଶତକୀୟ ଭାଗୀଦାରି ଏବଂ ଭାଗ୍ୟ ସାଥ୍ ଦେବାଯୋଗୁ ବିଜୟ ମୁକୁଟ ପିନ୍ଧିବାରେ ସକ୍ଷମ ହୋଇଛି।ଏହା ପୂର୍ବରୁ କୌଣସି ବିଶ୍ୱକପର ଫାଇନାଲ କେବେହେଲେ ଟାଇରେ ଶେଷ ହୋଇ ନ ଥିଲା। କେବଳ ସେତିକି ନୁହେଁ ସୁପର ଓଭର ମଧ୍ୟ ଟାଇ ରହିଲା। ପ୍ରତିଯୋଗିତାର ୪୪ ବର୍ଷର ଇତିହାସରେ ପ୍ରଥମ ଥରପାଇଁ ଲର୍ଡ୍ସ ଏହାର ମୁକସାକ୍ଷୀ ପାଲଟିଲା।


(ଅଧିକ ଖବର ଖେଳ ପୃଷ୍ଠାରେ)


### ଲିଆମ ପ୍ଲଙ୍କେଟ

- ୧୦ ଓଭର
- ୪୨ ରନ
- ୩ ୱିକେଟ
- ଇକୋନୋମି ୪.୨୦

# ଗୋଡ଼ାଇ ଗୋଡ଼ାଇ ୩ ଭାଇଙ୍କୁ ହତ୍ୟା

ସାକ୍ଷୀଗୋପାଳ, ୧୪।୭(ଡି.ଏନ.ଏ.)

### ପଞ୍ଚନାୟିକିଆ ଛକରେ ହତ୍ୟାକାଣ୍ଡ

- ରାଜନୈତିକ, ବ୍ୟବସାୟିକ ଶତ୍ରୁତା ସନ୍ଦେହ
- ଉତ୍ତ୍ୟକ୍ତ ଲୋକଙ୍କ ପୋଡ଼ାଜଳା, ଜାତୀୟ ରାଜପଥ ଅବରୋଧ

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ଜନଗହଳିପୂର୍ଣ୍ଣ ବଜାର ପଞ୍ଚନାୟିକିଆ ଛକରେ ରବିବାର ଅପରାହ୍ଣରେ ଘଟିଛି ଟ୍ରିପଲ ମର୍ଡର। ଦୁର୍ବୃତ୍ତମାନେ ବିଚ୍ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ୩ ଭାଇଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ତଥା ପଞ୍ଚନାୟିକିଆ ଛକ ନିକଟ ସଦାନନ୍ଦପୁର ଗ୍ରାମର ଦୁଇଭାଇ ପୂର୍ଣ୍ଣ ବେହେରା(୪୫), କୃଷ୍ଣ ବେହେରା(୪୨) ଓ ସେମାନଙ୍କ ଦାଦା ପୁଅ ଭାଇ ପଞ୍ଚୁଆ ବେହେରା(୪୪)। ଗତବର୍ଷ ପୂର୍ଣ୍ଣ ଓ କୃଷ୍ଣଙ୍କ ଅନ୍ୟ ଜଣେ ଭାଇ ତଥା

ବୀରରାମଚନ୍ଦ୍ରପୁର ସରପଞ୍ଚ ଅଜୟ ବେହେରାଙ୍କ ବୀଭତ୍ସ ମୃତଦେହ ଘର ନିକଟ ରେଳଧାରଣା ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ସେତେବେଳେ ଅଭିଯୋଗ ହୋଇଥିବାବେଳେ ଏବେ ପୁଣି ପରିବାରର ୩ଜଣଙ୍କୁ ଦିବାଲୋକରେ ନିର୍ମମ ଭାବେ ହତ୍ୟା କରାଯାଇଛି। ଏହାପଛରେ ରାଜନୈତିକ, ବ୍ୟବସାୟିକ ଶତ୍ରୁତା ଥିବା ସନ୍ଦେହ କରାଯାଉଥିବାବେଳେ ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ପୋଡ଼ାଜଳା କରି ଜାତୀୟ ରାଜପଥ ଅବରୋଧ କରିଥିଲେ।

ରବିବାର ପୁରୀରେ ଦାରୁଦିଅଁଙ୍କ ଅଧରପଣା ନୀତି ଅନୁଷ୍ଠିତ ହେଉଥିବାରୁ ଶ୍ରୀକ୍ଷେତ୍ରକୁ ଭକ୍ତମାନଙ୍କ ସୁଅ ଛୁଟିଥାଏ। ଏଥିପାଇଁ ଘଟଣାସ୍ଥଳ ଅର୍ଥାତ୍ ପଞ୍ଚନାୟିକିଆ ଛକ ନିକଟରେ ପୋଲିସର ଏକ ଅସ୍ଥାୟୀ ଚେକ୍ ପୋଷ୍ଟ କରାଯାଇଥିଲା। ଅପରାହ୍ଣ ପ୍ରାୟ ୪ଟା ସମୟ। ପଞ୍ଚନାୟିକଆ ଛକରେ ହୋଟେଲ କରିଥିବା ପୂର୍ଣ୍ଣ ଘରକୁ ଯିବାବେଳେ ହଠାତ୍ ୩/୪ ଦୁର୍ବୃତ୍ତ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ପୂର୍ଣ୍ଣ ପ୍ରାଣବିକଳରେ ଦୌଡୁଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ମାରଣାସ୍ତ୍ରରେ ଚୋଟ ପରେ ଚୋଟ ମାରି ଚାଲିଥିଲେ। ଅସ୍ଥାୟୀ ଚେକ୍ ପୋଷ୍ଟରେ ପୋଲିସ କର୍ମଚାରୀମାନେ ଥିଲେ ମଧ୍ୟ ତାହାକୁ ଦୁର୍ବୃତ୍ତମାନେ ଖାତିର କରି ନ ଥିଲେ। ଏହି ସମୟରେ ପୂର୍ଣ୍ଣଙ୍କୁ ବଞ୍ଚାଇବାକୁ ତାଙ୍କ ଦାଦାପୁଅ ☞ପୃଷ୍ଠା–୨

# ଚନ୍ଦ୍ରୟାନ–୨ର ଉତ୍କ୍ଷେପଣ



ଶ୍ରୀହରିକୋଟା(ଆନ୍ଧ୍ରପ୍ରଦେଶ),୧୪।୭(ପି.ଟି.)

ଜୁଲାଇ ୧୪-୧୫ ରାତ୍ରି ୨ଟା ୫୧ରେ ଭାରତର ଦ୍ୱିତୀୟ ମୁନ୍ ମିଶନ୍ ଚନ୍ଦ୍ରୟାନ–୨କୁ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଉତ୍କ୍ଷେପଣ କରାଯିବା ଲାଗି ରବିବାର ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ଅଧିକ ଓଜନ ବହନକାରୀ ରକେଟ୍ ଜିଏସ୍‌ଏଲ୍‌ଭି-ମେକ୍‌୩ (ବାହୁବଳୀ ଭାବେ ନାମିତ)ଯୋଗେ ଚନ୍ଦ୍ରୟାନ–୨କୁ ସ୍ଥାନୀୟ ସ୍ପେସ୍‌ପୋର୍ଟରୁ ଲଞ୍ଚ୍ କରାଯାଇଛି। ଏହା ୫୪ ଦିନ ପରେ ସେପ୍ଟେମ୍ବର ୬-୭ରେ ଚନ୍ଦ୍ରର ଅନାବିଷ୍କୃତ ଅଞ୍ଚଳ ଦକ୍ଷିଣ ମେରୁରେ ଅବତରଣ କରିବ। ୩ ଅଂଶ ବିଶିଷ୍ଟ ଏହି ସ୍ପେସ୍‌କ୍ରାଫ୍ଟର ଓଜନ ୩,୮୫୦କିଲୋଗ୍ରାମ୍। ଏଥିରେ ଗୋଟିଏ ଅର୍ବିଟର, ଲ୍ୟାଣ୍ଡର ଏବଂ ରୋଭର ସଂଯୁକ୍ତ ହୋଇଛି। ପ୍ରଥମ ଚନ୍ଦ୍ର ଅଭିଯାନ ସଫଳତାର ୧୧ବର୍ଷ ପରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଚନ୍ଦ୍ରୟାନ–୨ ଲଞ୍ଚ୍ କରୁଛି। ଏହି ପ୍ରକଳ୍ପ ପାଇଁ ୯୭୮କୋଟି ଟଙ୍କା ବ୍ୟୟ ହୋଇଛି। ଗତ ସପ୍ତାହରେ ଏଥିପାଇଁ ପୂରା ଦମ୍‌ରେ ପ୍ରସ୍ତୁତି ଚାଲିଥିଲା ଏବଂ ରବିବାର ସକାଳ ୬ଟା ୫୧ରୁ ଅବଗଣନା ଆରମ୍ଭ ହୋଇଥିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଚନ୍ଦ୍ରୟାନ–୨ ଉତ୍କ୍ଷେପଣ ସମୟରେ ଉପସ୍ଥିତ ରହିବା କାର୍ଯ୍ୟକ୍ରମ ରହିଛି। ଇସ୍ରୋ ଏହାର ମହାକାଶ ଗବେଷଣାତ୍ମକ କାର୍ଯ୍ୟ ଆରମ୍ଭ କରିବା ପରଠାରୁ ଚନ୍ଦ୍ରୟାନ–୨ ଉତ୍କ୍ଷେପଣ ଭାରତ ପାଇଁ ଅତ୍ୟନ୍ତ ସମ୍ମାନଜନକ ବିଷୟ ହୋଇଛି। ଚନ୍ଦ୍ରୟାନ–୨ ସଫଳ ହେଲେ ଏ କ୍ଷେତ୍ରରେ ଭାରତ ବିଶ୍ୱର ଚତୁର୍ଥ ରାଷ୍ଟ୍ର ଭାବେ ମାନ୍ୟତା ପାଇବ। ପୂର୍ବରୁ ରୁଷିଆ, ଆମେରିକା ଏବଂ ଚାଇନା ଏ ଦିଗରେ ସଫଳତା ହାସଲ କରିସାରିଛନ୍ତି।

ଚନ୍ଦ୍ରପୃଷ୍ଠରେ ସ୍ପେସ୍‌କ୍ରାଫ୍ଟର ନିରାପଦ ଅବତରଣ ଏକ ଚ୍ୟାଲେଞ୍ଜ୍ ରୂପେ ଉଭା ହୋଇଛି ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ ପ୍ରକାଶ କରିଛନ୍ତି। ଚନ୍ଦ୍ରୟାନ–୨ର ସଫଳତା ପାଇଁ ଶିବନ୍ ଶନିବାର ତିରୁମାଲାର ଭେଙ୍କଟେଶ୍ୱର ମନ୍ଦିର ପରିଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି। ଅନ୍ୟ କୌଣସି ରାଷ୍ଟ୍ର ଏ ପର୍ଯ୍ୟନ୍ତ ଚନ୍ଦ୍ରର ଦକ୍ଷିଣ ମେରୁରେ ମହାକାଶଯାନ ଅବତରଣ କରାଇବାକୁ ସମର୍ଥ ହୋଇପାରି ନାହାନ୍ତି। ଭାରତ ଚନ୍ଦ୍ରର ଅନ୍ଧକାର ତଥା ଦକ୍ଷିଣ ମେରୁରେ ଚନ୍ଦ୍ରଯାନ ଅବତରଣ କରାଇବା ଦ୍ୱାରା ଚନ୍ଦ୍ର ବିଷୟରେ ଅନେକ ନୂଆ ତଥ୍ୟ ମିଳିପାରିବ। ଫଳରେ ଭାରତର ଏଭଳି ଅବଦାନ ସମଗ୍ର ମାନବ ଜଗତ ପାଇଁ ଲାଭପ୍ରଦ ହେବ ବୋଲି ଶିବନ୍ ପ୍ରକାଶ କରିଛନ୍ତି।

## କର୍‌ତାରପୁର କରିଡର: ଭାରତ-ପାକ୍ ମଧ୍ୟରେ ସହମତି

# ଦିନକୁ ୫ ହଜାର ଶ୍ରଦ୍ଧାଳୁ କରିବେ ଭିଜାମୁକ୍ତ ଯାତ୍ରା

ଅମୃତସର,୧୪।୭(ପି.ଟି./ଆଇଏଏନ୍‌ଏସ୍)

ପାକିସ୍ତାନସ୍ଥିତ କର୍‌ତାରପୁର ସାହିବ ଗୁରୁଦ୍ୱାରାକୁ ଭାରତରୁ ଦୈନିକ ୫ ହଜାର ଶ୍ରଦ୍ଧାଳୁ ଭିଜାମୁକ୍ତ ଯାତ୍ରା କରିପାରିବେ। ଭାରତୀୟ ପାସପୋର୍ଟଧାରୀ ଓ ଭାରତର ଦରିଆପାରି ନାଗରିକତ୍ୱ (ଓସିଆଇ) କାର୍ଡଧାରୀଙ୍କ ପାଇଁ ଏହି ସୁବିଧା ବର୍ଷ ସାରା ଉପଲବ୍ଧ ହେବ। ଏନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ସହମତି ପ୍ରକାଶ ପାଇଛି। ସବୁଠୁ ବଡ଼କଥା ହେଲା ଏହି କରିଡରରେ କୌଣସି ଭାରତବିରୋଧୀ କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ ବୋଲି ପାକିସ୍ତାନ ନିଶ୍ଚିତ କରିଛି। ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବ (୧୪୬୯–୧୫୩୯)ଙ୍କ ୫୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ କେନ୍ଦ୍ର ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତନ୍ମଧ୍ୟରୁ ୪.୨ କି.ମି. ଦୀର୍ଘ କର୍‌ତାରପୁର ସାହିବ କରିଡର ନିର୍ମାଣ ଅନ୍ୟତମ। ଏହି କରିଡର ଭାରତର ପଞ୍ଜାବସ୍ଥିତ ଗୁରୁଦାସପୁର ଜିଲାର ଡେରା ବାବା ନାନକ ପୀଠକୁ ପାକିସ୍ତାନର ପଞ୍ଜାବ ପ୍ରଦେଶସ୍ଥିତ କର୍‌ତାରପୁର ସାହିବ୍ ଗୁରୁଦ୍ୱାରା ସହିତ ଯୋଡ଼ିବ। ଫଳରେ ଭାରତରୁ ଶିଖ୍ ଶ୍ରଦ୍ଧାଳୁମାନେ ସେଠାକୁ ଯାଇ ଗୁରୁ ନାନକ ଦେବ ରାବିନଦୀ କୂଳରେ ତାଙ୍କର ଶେଷ ଜୀବନ ବିତାଇଥିବା ପବିତ୍ର ସ୍ଥାନ ଦର୍ଶନ କରିପାରିବେ। କରିଡର ନିର୍ମାଣ କାର୍ଯ୍ୟ ଆସନ୍ତା ଅକ୍ଟୋବର ୩୧ରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି।



କର୍‌ତାରପୁର କରିଡର ନିର୍ମାଣ ପାଇଁ ପାକିସ୍ତାନ ସହ ଦ୍ୱିପାକ୍ଷିକ ଆଲୋଚନା ପରେ ଅଟ୍ଟାରୀ ସୀମାରୁ ଫେରୁଛନ୍ତି ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ଯୁଗ୍ମ ସଚିବ ଏସ୍‌ସିଏଲ୍ ଦାସ (ଡାହାଣରୁ ଦ୍ୱିତୀୟ) ଓ ଅନ୍ୟ ଅଧିକାରୀମାନେ।

ଏହା ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏଥିପାଇଁ ୱାଘା ସୀମାରେ ରବିବାର ଭାରତ-ପାକିସ୍ତାନ ମଧ୍ୟରେ କର୍‌ତାରପୁର କରିଡର ନେଇ ଦ୍ୱିତୀୟ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ୩ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ଆଭ୍ୟନ୍ତରୀଣ ନିରାପତ୍ତା) ଏସ୍.ସି.ଏଲ୍. ଦାସ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବାବେଳେ ସ୍ୱରାଷ୍ଟ୍ର, ବହିର୍ବ୍ୟାପାର ଓ ପ୍ରତିରକ୍ଷା ମନ୍ତ୍ରଣାଳୟର ଅଧିକାରୀମାନେ ସାମିଲ ଥିଲେ। ଏହାସହ ପଞ୍ଜାବ ସରକାର ଏବଂ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଅଧିକାରୀମାନେ ମଧ୍ୟ ବୈଠକରେ ଯୋଗଦେଇଥିଲେ। ସ୍ୱରାଷ୍ଟ୍ର ଯୁଗ୍ମ ସଚିବ ଏସ୍.ସି.ଏଲ୍. ଦାସ ଅଟ୍ଟାରୀରେ ଖବରଦାତାଙ୍କୁ କହିଛନ୍ତି, ବୈଠକରେ ଭାରତ ଦୈନିକ ୫ ହଜାର ଶ୍ରଦ୍ଧାଳୁଙ୍କୁ ଭିଜାମୁକ୍ତ ଯାତ୍ରା ପାଇଁ ଅନୁମତି ଦେବା ଲାଗି ପାକିସ୍ତାନକୁ ଅନୁରୋଧ କରିଥିଲା। ଏହାସହ କେତେକ ସ୍ୱତନ୍ତ୍ର ଅବସରରେ ଅତିରିକ୍ତ ୧୦ ହଜାର ଶ୍ରଦ୍ଧାଳୁଙ୍କୁ ଛାଡ଼ିବାକୁ ଅନୁମତି ମାଗିଥିଲା। କର୍‌ତାରପୁର ସାହିବ୍ ଗୁରୁଦ୍ୱାରାରେ ଯାତ୍ରୀଙ୍କୁ ଆବଶ୍ୟକ ହେଲେ କୂଟନୀତିଜ୍ଞଙ୍କ ଜରିଆରେ ଆଇନଗତ ସହାୟତା ପ୍ରଦାନ ସକାଶେ କନ୍‌ସୁଲାର ଉପସ୍ଥିତି ପାଇଁ ମଧ୍ୟ ଭାରତ ପକ୍ଷରୁ ଦାବି କରାଯାଇଥିଲା। ଯାତ୍ରୀଙ୍କ ନିରାପତ୍ତାକୁ ନେଇ ମଧ୍ୟ ଭାରତୀୟ ପ୍ରତିନିଧି ଦଳ ଚିନ୍ତାବ୍ୟକ୍ତ କରିଥିଲେ। କୌଣସି ପ୍ରକାର ଭାରତ ବିରୋଧୀ ଗତିବିଧି ବା କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ ବୋଲି ପାକିସ୍ତାନ ନିଶ୍ଚିତ କରିଛି। ଆଲୋଚନା ବେଳେ ସୀମା ସେପଟେ ଭିତ୍ତିଭୂମି କ୍ଷେତ୍ରରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକ କଥା ଉଠାଇ ଭାରତର ପ୍ରସ୍ତାବଗୁଡ଼ିକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିପାରିବ ଏବଂ ଶ୍ରଦ୍ଧାଳୁମାନଙ୍କୁ ବ୍ୟକ୍ତିଗତ ବା ଗୋଷ୍ଠୀଗତ ଭାବେ ଯାତ୍ରା କରିବାର ସୁଯୋଗ ଦିଆଯିବ ବୋଲି ପାକିସ୍ତାନ କହିଛି। ସେହିପରି ଶିଖ୍‌ସ ଫର୍ ଜଷ୍ଟିସ୍ (ଏସ୍‌ଏଫ୍‌ଜେ)ର ଖଲିସ୍ତାନ ସମର୍ଥକମାନଙ୍କୁ ଏହି ଐତିହାସିକ ପଦକ୍ଷେପର ଅପବ୍ୟବହାରରୁ ଦୂରେଇ ରଖିବା ଲାଗି ଭାରତ ପକ୍ଷରୁ କରାଯାଇଥିବା ଅନୁରୋଧକୁ ମଧ୍ୟ ପଡ଼ୋଶୀ ଦେଶ ରକ୍ଷା କରିଛି। ଏ ସଂକ୍ରାନ୍ତରେ ପାକିସ୍ତାନୀ ପ୍ରତିନିଧି ଦଳକୁ ଏକ ଡୋଜିୟର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ପଞ୍ଜାବରେ ଆତଙ୍କବାଦକୁ ସମର୍ଥନ କରୁଥିବା ଏହି ଏସ୍‌ଏଫ୍‌ଜେ ଉପରେ ଗତ ୧୦ ତାରିଖରେ ଭାରତ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି। ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମହମ୍ମଦ ଫୈଜାଲ୍ ୱାଘା ସୀମାରେ ଖବରଦାତାଙ୍କୁ କହିଛନ୍ତି, ଅନେକ ପ୍ରସଙ୍ଗରେ ଦୁଇପକ୍ଷ ମଧ୍ୟରେ ସହମତି ପ୍ରକାଶ ପାଇଛି। ଆଗକୁ ଆଉ ଥରେ ବୈଠକ ବସିପାରେ।






> ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
> - ତୁଳସୀ ଦାସ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଦେବେନ୍ଦ୍ର
ପରିବାରବର୍ଗ



ବିମଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ନିର୍ମାଣ କରିଛି ଭୁବନେଶ୍ୱର ସିଟିଟିସି

## 'ଚନ୍ଦ୍ରୟାନ-୨'ର ଓଡ଼ିଶା ଲିଙ୍କ୍

**ଭୁବନେଶ୍ୱର,୧୪।୭(ବ୍ୟୁରୋ)**

ଭାରତର ବହୁ ପ୍ରତୀକ୍ଷିତ ମହାକାଶ ଅଭିଯାନ 'ଚନ୍ଦ୍ରୟାନ-୨' ମହାକାଶ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଥିବାବେଳେ ଏହା ଉପରେ ରହିଛି ସମଗ୍ର ବିଶ୍ୱର ନଜର। ତେବେ ଗର୍ବ ଓ ଗୌରବର ବିଷୟ ହେଲା 'ଚନ୍ଦ୍ରୟାନ-୨' ଅଭିଯାନ ସହ ଯୋଡ଼ିହୋଇଛି ଓଡ଼ିଶା ଲିଙ୍କ୍। 'ମଙ୍ଗଳୟାନ' ପରେ ଏବେ 'ଚନ୍ଦ୍ରୟାନ-୨'ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ୍ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର(ସିଟିଟିସି)। ସୋମବାର ଶ୍ରୀହରିକୋଟାରୁ ଉତ୍କ୍ଷେପଣ ହେବାକୁ ଥିବା ଏହି ବହୁ ପ୍ରତୀକ୍ଷିତ ମହାକାଶ ଯାନ ପାଇଁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ତିଆରି କରିଛି ଭୁବନେଶ୍ୱରସ୍ଥିତ ଉକ୍ତ କେନ୍ଦ୍ରୀୟ ପ୍ରଶିକ୍ଷଣ ସଂସ୍ଥା।

ଚନ୍ଦ୍ରୟାନ ଅଭିଯାନରେ ସିଟିଟିସି ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'ଚନ୍ଦ୍ରୟାନ-୨' ପାଇଁ ଏଠାରେ ବିଭିନ୍ନ କମ୍ପୋନେଣ୍ଟ୍ ବା ଉପାଦାନ ସହ ଲଞ୍ଚ୍ ଭେହିକିଲ୍ ପାଇଁ ୨୨ ପ୍ରକାରର ସାମଗ୍ରୀ ତିଆରି କରାଯାଇଛି। କେବଳ ଏତିକି ନୁହେଁ, ଏହି ମହାକାଶ ଯାନର ଫୁଏଲ୍ ଭାଲ୍ବ ମଧ ତିଆରି କରିଛି ସିଟିଟିସି। ଜିଏସ୍ଏଲ୍ଭି ରକେଟ୍ର କ୍ରାୟୋଜେନିକ୍ ଇଞ୍ଜିନର ବିଭିନ୍ନ ଅଂଶ ସହ ଇନର୍ସିଆଲ ମୋମେଣ୍ଟମ୍ ଏବଂ ନାଭିଗେସନ ଜାଣିବା ପାଇଁ ୭ଟି ସ୍ୱତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ଏଠାରେ ପ୍ରସ୍ତୁତ କରାଯାଇଛି। ଏହି ଜିଏସ୍ଏଲ୍ଭି ଏମ୍କେ-୩ ରକେଟ୍ ଏକ ଅର୍ବିଟର୍ ସହ ଲ୍ୟାଣ୍ଡର୍ 'ବିକ୍ରମ' ଓ ମୁନ୍ରୋଭର୍ 'ପ୍ରଜ୍ଞା' ନେଇ ଚନ୍ଦ୍ର ଅଭିମୁଖେ ଯିବ। ଭୁବନେଶ୍ୱରସ୍ଥ ସିଟିଟିସିର ପରିଚାଳନା ନିର୍ଦ୍ଦେଶକ ଶିବାଶିଷ ମାଇତିଙ୍କ ସୂଚନା ଅନୁଯାୟୀ, ୨୦୧୬ ମସିହାରୁ ଏଠାରେ 'ଚନ୍ଦ୍ରୟାନ-୨' ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ୧୦୦ରୁ ଊର୍ଦ୍ଧ୍ୱ ଇଞ୍ଜିନିୟର ଏବଂ ଅପରେଟର ଦିନରାତି ଏଥିପାଇଁ କାମ କରିଥିଲେ। ଇସ୍ରୋ ସହ ଏନେଇ ଆମେ ଏମ୍ଓୟୁ ସ୍ୱାକ୍ଷର କରିଥିଲୁ। ମଙ୍ଗଳୟାନ ସମୟରେ ବି ଭୁବନେଶ୍ୱର ସିଟିଟିସି ଶାଖା ଗୁରୁ ଦାୟିତ୍ୱ ଗ୍ରହଣ କରିଥିଲା। ସେତେବେଳେ ମହାକାଶ ଯାନର ବହୁ ସାମଗ୍ରୀ ଏଠାରେ ତିଆରି ହୋଇଥିଲା। ମହାକାଶ ଯାନ ତିଆରି କରିବା ପାଇଁ ଆମପାଖରେ ବହୁ ଉଚ୍ଚ କ୍ଷମତାସମ୍ପନ୍ନ ଯନ୍ତ୍ରପାତି ରହିଛି। ଅଭିଜ୍ଞ ଅପରେଟରମାନେ ମଧ ଆମ ସହ ସାମିଲ ହୋଇଛନ୍ତି। ଯାହାବି ଏଠାରେ ତିଆରି ହୋଇଛି ତାହାକୁ ଇସ୍ରୋରେ ଥିବା ସିଟିଟିସି ୟୁନିଟକୁ ପଠାଯାଇଛି। ସେଠାରେ ପ୍ରାୟ ୫୦ଜଣ ବିଶେଷଜ୍ଞ ପୁଣି ଥରେ ସମସ୍ତ ଯନ୍ତ୍ରପାତିର ଯାଞ୍ଚ କରିଛନ୍ତି। ରକେଟ୍ର ଫୁଏଲ୍ କଣ୍ଟ୍ରୋଲ ବା ଇନ୍ଧନ ପରିଚାଳନା କରିବା ଲାଗି ଯେଉଁ ୨୨ ଭାଲ୍ଭ୍ସ ଲାଗିଛି ତାହାକୁ ଆମେ ପ୍ରସ୍ତୁତ କରିଛୁ। ଏଥିସହ ଜିଏସ୍ଏଲ୍ଭି ଏମ୍କେ-୩ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ତଥା ଅଂଶ ଏଠାରେ ତିଆରି କରାଯାଇଛି। ଅର୍ବିଟର୍ର ନାଭିଗେସନ ବା ଦିଗ ଓ ଇନର୍ସିଆଲ ମୋମେଣ୍ଟମ୍ ବା ଗତିବିଧି ଜାଣିବା ପାଇଁ ଆବଶ୍ୟକ ୭ଟି ସୋଲାର୍ ଆରେ ଡ୍ରାଇଭ୍ ଆସେମ୍ବ୍ଲି(ଏସ୍ଏଡିଏ) ମୋଟର ଆମେ ପ୍ରସ୍ତୁତ କରିଛୁ ବୋଲି ମାଇତି କହିଛନ୍ତି।

### 'ପ୍ରଜ୍ଞା'ର ଗୋଡ଼ ତିଆରି କରିବା ଚ୍ୟାଲେଞ୍ଜିଂ ଥିଲା

ମୁନ୍ ରୋଭର୍ 'ପ୍ରଜ୍ଞା' ପାଇଁ ଲିମ୍ବ୍ସ ବା ଗୋଡ଼ ତିଆରି କରିବା ସିଟିଟିସି ପାଇଁ ସବୁଠାରୁ ଅଧିକ ଚ୍ୟାଲେଞ୍ଜିଂ ଥିଲା। ପ୍ରତ୍ୟେକ ଲିମ୍ବ୍ରେ ଗୋଟିଏ ଲେଖାଏଁ ଚକ ଲଗାଯାଇଥିଲା, ଯାହାକି ଚନ୍ଦ୍ର ପୃଷ୍ଠରେ ଚଳାଚଳ କରିବାରେ ଏହା ରୋଭର୍କୁ ସାହାଯ୍ୟ କରିବ। ଏହି ଲିମ୍ବ୍ସକୁ ସ୍ୱତନ୍ତ୍ର ଜ୍ଞାନକୌଶଳ ଓ ଡିଜାଇନ୍ରେ ପ୍ରସ୍ତୁତ କରାଯାଇଛି। 'ପ୍ରଜ୍ଞା' ସଫଳତାର ସହ ଚନ୍ଦ୍ରରେ ଅବତରଣ କରିବା ପରେ ଆମକୁ ଖୁସି ଲାଗିବ ଯେ ଏଥିରେ ଆମେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛୁ। ଏହା କେବଳ ସିଟିଟିସି ପାଇଁ ନୁହେଁ, ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ଏବେ ସିଟିଟିସି ସହ ରାଜ୍ୟର ୧୯ଟି ଏମ୍ଏସ୍ଏମ୍ଇ ସଂସ୍ଥା ଓ ଶିକ୍ଷାନୁଷ୍ଠାନ କାମ କରୁଛନ୍ତି। ସିଭି ରମଣ, ଗ୍ରାମ ତରଙ୍ଗ ଓ ଗ୍ରାମ ବିକାଶ ଭଳି ସଂସ୍ଥା ଏହାର ଅଂଶ ରହିଛନ୍ତି ବୋଲି ମାଇତି କହିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ବାମରା,୧୪।୭(ସ୍ୱ.ପ୍ର.)**

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟ ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ୯ ପକ୍ସୋ ଆକ୍ଟ, ୩୭୬ (୨ଏଫ) ଓ ୩୭୬ ଆଇପିସିରେ ଏକ ମାମଲା (ନଂ. ୯୩/୧୯) ରୁଜୁ କରି ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଇଛି। ଅଭିଯୁକ୍ତ ମହୁଲପାଲି ଥାନା ଖୋଲବିଲୁଙ୍ଗ ଗ୍ରାମର ଶରତ ଟପ୍ପୋଙ୍କୁ ଗିରଫ କରି ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ, କିଛିଦିନ ତଳେ ନାବାଳିକାଙ୍କ ଘରକୁ ତାଙ୍କ ଭାଉଜଙ୍କ ଭାଇ ଶରତ ଟପ୍ପୋ ଆସିଥିଲେ। ଶୁକ୍ରବାର ଶରତ ନାବାଳିକାଙ୍କୁ ବୁଲାଇ ନେବାକୁ କହି ବାଇକ୍ରେ ସାଧପଡ଼ା ଜଙ୍ଗଲକୁ ନେଇଥିଲେ। ନାବାଳିକାଙ୍କ ବିରୋଧ ସତ୍ତ୍ୱେ ଶରତ ସେଠାରେ ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିବା ସହ ମାରପିଟ କରିଥିଲେ। ପୀଡ଼ିତାଙ୍କ ବଡ଼ ଭଉଣୀ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଶରତଙ୍କୁ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ଶର୍ମିଷ୍ଠା ସୁନା ସୂଚନା ଦେଇଛନ୍ତି।

# 'ସଡ଼କ ୨' ଶୁଟିଂ ଖୁବ୍ଶୀଘ୍ର



**ମୁମ୍ବାଇ**

ଅଭିନେତ୍ରୀ ଆଲିଆ ଭଟ୍ଟ 'ସଡ଼କ ୨' ଶୁଟିଂ ପାଇଁ ଖୁବ୍ଶୀଘ୍ର ଉଟି ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ତାଙ୍କ ପିତା ତଥା ଫିଲ୍ମ ନିର୍ମାତା ମହେଶ ଭଟ୍ଟଙ୍କ ଦ୍ୱାରା 'ସଡ଼କ ୨' ନିର୍ମାଣ ହେଉଛି। ତେବେ ଏଥିପାଇଁ ସବୁମତେ ପ୍ରସ୍ତୁତ ହୋଇସାରିଥିବା ଆଲିଆ ସୂଚନା ଦେଇଛନ୍ତି। ସେ ଏହି ପ୍ରକଳ୍ପ ସମ୍ପର୍କିତ ବିଷୟବସ୍ତୁ ରବିବାର ଇନ୍ଷ୍ଟାଗ୍ରାମ୍ରେ ପୋଷ୍ଟ କରିଛନ୍ତି। ଉକ୍ତ ଫିଲ୍ମ ସ୍କ୍ରିପ୍ଟର ସମ୍ମୁଖ ଭାଗର ଫଟୋଗ୍ରାଫ୍ ସେ ଶେୟାର କରିଛନ୍ତି। ଏହାର କାହାଣୀ ରଚନା କରିଛନ୍ତି ମହେଶ ଭଟ୍ଟ। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ପୂଜା ଭଟ୍ଟ, ଆଦିତ୍ୟ ରଏ କପୁର, ସଞ୍ଜୟ ଦତ୍ତ, ଯିଶୁ ସେନ୍ଗୁପ୍ତ, ପ୍ରିୟଙ୍କା ବୋଷ୍ ଏବଂ ଅକ୍ଷୟ ଆନନ୍ଦ। 'ସଡ଼କ ୨' ହେଉଛି ୧୯୯୧ର ହିଟ୍ ଫିଲ୍ମ 'ସଡ଼କ'ର ଦ୍ୱିତୀୟ ଭାଗ। ରୋମାଞ୍ଚକର ପ୍ରେମକାହାଣୀକୁ ନେଇ ଏହି ଫିଲ୍ମ ନିର୍ମିତ। ଏଥିରେ ଅଭିନୟ କରିଥିଲେ ପୂଜା ଭଟ୍ଟ ଓ ସଞ୍ଜୟ ଦତ୍ତ। ୨୦୨୦ ଜୁଲାଇ ୧୦ରେ 'ସଡ଼କ ୨' ରିଲିଜ ହେବାର ଅଛି।

### ସାମାନ୍ୟ ଝଗଡ଼ାରୁ ୨ ଜୀବନ ଗଲା

# ରାତିରେ ସ୍ୱାମୀ, ସକାଳେ ସ୍ତ୍ରୀଙ୍କ ଆତ୍ମହତ୍ୟା

**ଲହୁଣୀପଡା, ୧୪।୭ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ସ୍ୱୟମ୍ବା ପଞ୍ଚାୟତ ସିଲକୁଟା (କୁତେଇକୁଦର) ଗ୍ରାମରେ ସାମାନ୍ୟ ଝଗଡ଼ାକୁ କେନ୍ଦ୍ରକରି ୨ଜଣଙ୍କ ଜୀବନ ଯାଇଛି। ଶନିବାର ରାତିରେ ସ୍ୱାମୀ ଗଣେଶ ସିଂ (୨୪) ଆତ୍ମହତ୍ୟା କରିଛନ୍ତି। ରବିବାର ସକାଳେ ସ୍ତ୍ରୀ ରଜନୀ ସିଂ (୨୨) ଘଟଣା ଜାଣିବା ପରେ ସହି ନ ପାରି ଆତ୍ମହତ୍ୟା କରିଛନ୍ତି। ପୋଲିସ ଦୁଇଜଣଙ୍କ ମୃତଦେହ ଜବତକରି ଲହୁଣୀପଡ଼ାକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ପୋଲିସ ପୃଥକ୍ ପୃଥକ୍ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଗଣେଶ ଗତବର୍ଷ ରଜନୀଙ୍କୁ ବିବାହ କରିଥିଲେ। ଉଭୟେ ଶନିବାର ନିକଟସ୍ଥ ବଡବାଲିଯୋର ହାଟକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ରାଗିଯାଇ ଗଣେଶ ଘରୁ ବାହାରକୁ ପଳାଇ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକ ଖୋଜାଖୋଜି କରି ନିରାଶ ହୋଇଥିଲେ। ରବିବାର ସକାଳେ ଗଣେଶଙ୍କ ସ୍ତ୍ରୀ ରଜନୀ ପୁଣି ଖୋଜିବାକୁ ଯାଇଥିଲେ। ଘରର ଅନତି ଦୂରରେ ଏକ ମହୁଲ ଗଛରେ ଗଣେଶ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଖବରପାଇ ଗାଁ ଲୋକ ମଧ ସେଠାରେ ପହଞ୍ଚିଥିଲେ। ଏହି ସମୟରେ ରଜନୀ କାନ୍ଦିକାନ୍ଦି ସେଠାରୁ ଦୌଡି ପଳାଇ ଯାଇଥିଲେ। କିଛି ସମୟ ପରେ ଅନ୍ୟ ସମ୍ପର୍କୀୟମାନେ ରଜନୀ କୁଆଡ଼େ ଗଲେ ଖୋଜିବାକୁ ଯାଇଥିଲେ। କିଛି ଦୂରରେ ଥିବା ଏକ ଆମ୍ବ ଗଛରେ ନିଜ ଶାଢ଼ି ବେକରେ ବାନ୍ଧି ରଜନୀ ଆତ୍ମହତ୍ୟା କରିଥିବା ଦେଖିଥିଲେ। ଏହି ଘଟଣା ଦେଖି ଗ୍ରାମବାସୀ କେ.ବଲାଙ୍ଗ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାଜିଷ୍ଟ୍ରେଟ ଭାବେ ଲହୁଣୀପଡା ତହସିଲଦାର ଆଲୋକ କୁମାର ଦେହୁରୀଙ୍କ ଉପସ୍ଥିତିରେ ପୋଲିସ ଦମ୍ପତିଙ୍କ ମୃତଦେହ ଜବତ କରିଥିଲା।

## ହଳ କରୁଥିବା ବେଳେ ଚାଷୀଙ୍କ ମୃତ୍ୟୁ

**କିର୍ମିରା,୧୪।୭(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଚନ୍ଦ୍ରପୁର (କୁଟରାଟୁଆଁ) ଗ୍ରାମର ବିପିନ ବୁଢୁଲା (୪୫)ଙ୍କର ହଳ କରୁଥିବା ଅବସ୍ଥାରେ ମୃତ୍ୟୁ ହୋଇଛି। ପୂର୍ବରୁ ବିପିନଙ୍କ ମିରିଗି ରୋଗ ଥିଲା। ଶନିବାର ହଳ କରୁଥିବା ସମୟରେ ସେ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ। ଖେତରେ ସେ ଏକାକୀ ଥିବାରୁ ଅନେକ ସମୟ ପର୍ଯ୍ୟନ୍ତ କେହି ଜାଣିପାରି ନ ଥିଲେ। କିଛି ସମୟ ପରେ ବିପିନଙ୍କ ପୁଅ ଖେତରେ ତାଙ୍କୁ ପଡ଼ିଥିବା ଦେଖି ଲୋକଙ୍କୁ ଖବର ଦେଇଥିଲେ। ତେବେ ସେତେବେଳକୁ ତାଙ୍କ ମୃତ୍ୟୁ ଘଟି ସାରିଥିଲା। ବାଗଡିହି ଫାଣ୍ଡି ଅଧିକାରୀ ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଗୋଡ଼ାଇ ଗୋଡ଼ାଇ...

ଏହି ସମୟରେ ପୂର୍ଣ୍ଣଙ୍କୁ ବଞ୍ଚାଇବାକୁ ତାଙ୍କ ଦାଦାପୁଅ ଭାଇ ପଞ୍ଚୁଆ ଚେଷ୍ଟା କରିଥିଲେ। କିନ୍ତୁ ଦୁର୍ବୃତ୍ତମାନେ ତାଙ୍କୁ ମଧ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ପୂର୍ଣ୍ଣ ଓ ପଞ୍ଚୁଆ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ଟଳି ପଡ଼ିଥିଲେ। ଆକ୍ରମଣ ଖବର ପାଇ କିଛି ସମୟରେ ଘଟଣାସ୍ଥଳରେ ପହଞ୍ଚିଯାଇଥିଲେ ପୂର୍ଣ୍ଣଙ୍କ ଭାଇ କୃଷ୍ଣ। କିନ୍ତୁ ତାଙ୍କୁ ମଧ ଦୁର୍ବୃତ୍ତମାନେ ହତ୍ୟା କରି ସେଠାରୁ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନଙ୍କ ଆତଙ୍କରାଜ ଦେଖି ବଜାରର ଦୋକାନଗୁଡ଼ିକ ପ୍ରାୟତଃ ବନ୍ଦ ହୋଇଯାଇଥିଲା। କିନ୍ତୁ କିଛି ସମୟ ପରେ ମୃତକମାନଙ୍କ ଗାଁ ଓ ଆଖପାଖ ଅଞ୍ଚଳର ବହୁ ଲୋକ ପଟ୍ଟନାୟିକିଆ ଛକରେ ପହଞ୍ଚିଯାଇଥିଲେ। ଏହାପରେ କେତେଜଣ ଉତ୍ତ୍ୟକ୍ତ ଲୋକେ ଛକରେ ଦୁଇଟି କ୍ୟାବିନ୍ ଦୋକାନକୁ ପୋଡ଼ି ଦେଇଥିବାବେଳେ କେତେକ ଦୋକାନରୁ ସାମଗ୍ରୀ ଫିଙ୍ଗାପୋପଡ଼ା କରିଥିଲେ। ତୁରନ୍ତ ଅପରାଧୀମାନଙ୍କୁ ଗିରଫ କରିବା ଦାବିରେ ଲୋକମାନେ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଫଳରେ ଜାତୀୟ ରାଜପଥର ଦୁଇପାର୍ଶ୍ୱର ବହୁ ଦୂରକୁ ଯାନବାହନ ଅଟକି ରହିଥିଲା। ସତ୍ୟବାଦୀ ଥାନା ପୋଲିସ ରାସ୍ତା ଅବରୋଧକାରୀଙ୍କୁ ହଟାଇବାକୁ ଚେଷ୍ଟା କରି ବିଫଳ ହେବା ସହ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲା। ଏପରି କି ନିଆଁ ଲିଭାଇବାକୁ ଯାଉଥିବା ଦମକଳ ଗାଡ଼ିକୁ ମଧ ଲୋକେ ଛାଡ଼ି ନ ଥିଲେ। ପରେ ଏସ୍ପି ଉମାକାନ୍ତ ଦାଶ, ଏଏସ୍ପି ଗାଗାରିନ ମହାନ୍ତି, ପୁରୀ ସଦର ଏସ୍ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ଓ ପିପିଲି ଏସ୍ଡିପିଓ ଦେବଦତ୍ତ ବରାଳ, ସତ୍ୟବାଦୀ ଥାନାଧିକାରୀ ତପନ କୁମାର ରାଉତ ୫ ପ୍ଲାଟୁନ ପୋଲିସ ଫୋର୍ସ ସହ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲେ। ଫଳରେ ରାତି ୯ଟାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହାର ଘଣ୍ଟାଏ ପରେ ପୋଲିସ ୩ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିଲା। ରିପୋର୍ଟ ପ୍ରସ୍ତୁତି ଯାଏ ସତ୍ୟବାଦୀ ପୋଲିସ କୌଣସି ମାମଲା ରୁଜୁ କରି ନ ଥିବାବେଳେ ତଦନ୍ତ ଜାରି ରଖିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**: ଆଜି ତୃତୀୟ ଚତୁର୍ଥ ଓ ଅଷ୍ଟମ ନବମରେ ସମସ୍ତ ଗ୍ରହ ଅବସ୍ଥାନ କରୁଥିବାରୁ ସାଧାରଣ ସମସ୍ୟା ମଧ୍ୟରେ କାର୍ଯ୍ୟ ହାସଲ କରିବେ। ନିକଟରେ ରହୁ ନ ଥିବା ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଏବଂ ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହି ପାରନ୍ତି। ସ୍ୱାର୍ଥସାଧନ ମାନସରେ ନିଜ ଲୋକମାନେ ଅସୁବିଧାରେ ପକାଇବାର ଆଶଙ୍କା ରହିଛି।

**ବୃଷ**: ଧନାଧିପତି ଉପଚୟ ସ୍ଥାନରେ ରହିଥିବାରୁ ଆର୍ଥିକ ସମସ୍ୟା ପାରିବାରିକ ଆବଶ୍ୟକତାକୁ ଅଟକାଇଦେଇପାରେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତି କରିବେ। ସାମାଜିକ କ୍ଷେତ୍ର, ସାଂଗଠନିକ ସ୍ତରରେ ଆପଣଙ୍କ କାର୍ଯ୍ୟଦକ୍ଷତା ଲୋକପ୍ରିୟତାକୁ ବଢ଼ାଇବ।

**ମିଥୁନ**: ଧନାଧିପ ସପ୍ତମ ସ୍ଥାନସ୍ଥ ହେତୁ ଅର୍ଥ ଲାଭ କାରଣରୁ ମନ ଖୁସି ରହିବ। କିନ୍ତୁ ମୃଗଶିରା ନକ୍ଷତ୍ରାଧିପତି ଦୁର୍ବଳ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିପାରେ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ଏକ ଆଧ୍ୟାତ୍ମିକ ପରିବେଶରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ**: ମୁଖଭାବାଧିପତି ରବି ଦ୍ୱାଦଶ ଭାବସ୍ଥ ହେତୁ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ ନ କଲେ କଳହ ଲାଗିବାର ସମ୍ଭାବନା ରହିଛି। ଭୁଲ୍ ବୁଝାମଣା କାରଣରୁ ଅତିପ୍ରିୟ ବନ୍ଧୁଙ୍କ ସହ ମନାନ୍ତର ହୋଇପାରେ। ଘରେ ଅସାବଧାନତାବଶତଃ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଦୂରଯାତ୍ରାର ସୁଯୋଗ ପାଇବା ସହ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି।

**ସିଂହ**: କର୍ମାଧିପତି ଏକାଦଶସ୍ଥ ଯୋଗୁ ଅଟକି ରହିଥିବା କାମଗୁଡ଼ିକୁ ସମ୍ପନ୍ନ କରିବେ। କିନ୍ତୁ ପରିବାରରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ମନକଥା ମନରେ ଗୋପନ ରଖି ପିଠି ଥାପୁଡ଼େଇ କାମ ହାସଲ କରିପାରନ୍ତି। ରାହୁଯୁକ୍ତ ରବି କାରଣରୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**କନ୍ୟା**: ବିଶେଷ କିଛି ଅସୁବିଧା ନ ଥାଇ ମଧ ନିଜ ଲୋକମାନଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସମୟାନୁବର୍ତ୍ତିତା ଓ କାର୍ଯ୍ୟଦକ୍ଷତା ଯୋଗୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆବଶ୍ୟକତାନୁସାରେ ଗୃହୋପକରଣ କ୍ରୟ କରିପାରନ୍ତି। କିନ୍ତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା**: ତୃତୀୟସ୍ଥ ଶନି ଓ ଚନ୍ଦ୍ରଙ୍କ ସମ୍ପର୍କ ଆତ୍ମୀୟମାନଙ୍କ ସାହାଯ୍ୟ ସହଯୋଗରୁ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିପାରିବେ। ତରତର ହୋଇ କିଛି କାମ କରନ୍ତୁ ନାହିଁ, ଯାହାକି କାମକୁ ବିଗାଡ଼ି ଦେଇପାରେ। ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବିଛା**: ମନ ଚାହୁଁଥିବା ପ୍ରକାରେ କାମ ନ ହେବା କାରଣରୁ ମାନସିକ ସ୍ତରରେ ଚିନ୍ତିତ ରହିପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ। ବନ୍ଧୁଙ୍କ ଜରିଆରେ ଆଶା କରୁଥିବା ଖବରଟି ପାଇ ଖୁସି ହେବେ। ମନ ବିରକ୍ତି ହେତୁ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ଧନୁ**: ଯେତେ ଭଲ ହେଲେ ମଧ ଅତୀତର କୌଣସି ଘଟଣା ମନକୁ ବେଶି ବିବ୍ରତ କରିବ। ଯାତ୍ରା କାଳରେ କିମ୍ବା ଜନଗହଳି ରାସ୍ତାରେ ସତର୍କତା ଅଭାବରୁ ଧନହାନି ଘଟିପାରେ। କୌଣସି ପ୍ରିୟବନ୍ଧୁଙ୍କ ଆଗମନ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। କଠିନ ଶ୍ରମ ଯୋଗୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବାର ଆଶଙ୍କା ରହିଛି।

**ମକର**: ବହୁଳ ମାତ୍ରାରେ ଦୁଶ୍ଚିନ୍ତା ଦୂର ହୋଇଥିଲେ ମଧ ନୂଆ ନୂଆ ସମସ୍ୟା ପୁନଶ୍ଚ ମୁଣ୍ଡ ଟେକିପାରେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ନେବାରେ ବହୁତ ବାଧା,ବିଘ୍ନର ସମ୍ମୁଖୀନ ହେବାର ସୂଚନା ରହିଛି।

**କୁମ୍ଭ**: କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତର୍କବିତର୍କ ମଧ୍ୟରେ ମତ ପାର୍ଥକ୍ୟ ଦେଖା ଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବାରୁ କୌଣସି କାମରେ ଆଗଭର ହୋଇପାରିବେ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବାସହ ଲକ୍ଷ୍ୟ ହାସଲ କରିପାରିବେ।

**ମୀନ**: କର୍ମକ୍ଷେତ୍ରରେ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ସମର୍ଥ ହେବେ। ବିବାଦୀୟ ପରିସ୍ଥିତିରେ କିମ୍ବା ମାଲିମକଦ୍ଦମାରେ ସଫଳତା ହାସଲ କରିବେ। ଯଦିଓ ଦେହ ଭଲ ରହିବ ମାତ୍ର ଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। ଆନୁଷ୍ଠାନିକ କିମ୍ବା ଧାର୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

ଆଜି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନୀଳାଦ୍ରି ବିଜେ, ଶିବ ଶୟନୋତ୍ସବ,ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ ସୋମବାର, ଜୁଲାଇ ୧୫, ବିଶ୍ୱ ଯୁବ କୌଶଳ ଦିବସ, ରସଗୋଲା ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ମିଥୁନ ରାଶିର ଘାତବାର, ଚତୁର୍ଦ୍ଦଶୀରଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଦିବା ଘ୬।୫୦ମି. ମଧ୍ୟେ, ଘ୧।୦୫ମି. ଗତେ ଘ୨।୪୩ମି. ମଧ୍ୟେ, ଘ୪।୪୩ମି. ଗତେ ଘ୬।୨୨ମି ମଧ୍ୟେ ଅମୃତବେଳା। ସକାଳ ଘ୮।୨୮ମି. ଗତେ ଘ୧୦।୦୨ମି. ମଧ୍ୟେ ମାହେନ୍ଦ୍ର ବେଳା।


# classifieds Everyday 0674-2580101, 2549302

real estate

**SALE**

ଭୁବନେଶ୍ୱର ରେତଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/-ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

**SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938991256, 8917502591.** D-66731

Plot for sale near SUM, Nuagaon, Ghatikia, Pitapali. 6371209927, 9337008959. D-64981

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66927

2BHK, 3BHK ready to move flats at Hitech Heaven near Godiapokhari Chowk, Bhubaneswar. 9778832554, 9937927876. D-13355

ଭୁବନେଶ୍ୱର KIIT ଜଗନ୍ନାଥ ମନ୍ଦିରଠାରେ ଘରବାରୀ **plot 30'** ରାସ୍ତା, ଇଲେକ୍ଟ୍ରି ଥାଇ ବିକ୍ରିହେବ। **6372824177.** D-66727

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft 650/- 7008045582, 9692003948. D-13401

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508.** D-66729

Urgent for immediate sale. A core house built-up area 1700sqft. Total land 10,000sqft at Nirakarpur, Khorda, may be sold partly. Only Genuine buyer may Contact No: 9777947573, 9938800102. D-13415

**Conversion demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିତୁରୋଡ଼ sideରେ 1200sqft. 6,60,000/-. 9437306208.** D-66728

2BHK fully furnished with modular kitchen apartment sale at Gudiapokhari near KEC. 15 minutes drive from Bhubaneswar and 40 minutes from Puri. Buyer please contact: 9438109040, 8144658008. D-13402

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-67304

ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ **BDA yellowzone plot 30'road,** ଇଲେକ୍ଟ୍ରିସିଟି ଥାଇ **sqft 999/-,** ପିପିଲି **bypass** ପାଖରେ **399/-** ରେ ବିକ୍ରିହେବ। **8917502591.** D-66732

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**LEASE**

**Offering 8000 sqft. open land for lease @ Nuagaon Square, Puri Road, adjacent to NH-203, suitable for warehouse/ garage. Contact: 9611131676, 9437081529.** D-13302

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66600

Rejuvenate and ayurvedic full body massage by smart therapist: 9114402304. D-66599

Full body herbal massage with refreshment, expert therapist. 7381239385, 0674-2540855. D-67301

Experience full body massage with us (expert). Call: 7377048581, 0674-2597822. D-67302

Herbal full body massage by smart/expert therapist. Contact: 8338067247. D-67303

Ayurvedic full body massage ladies & gents smart therapist. 9040900385. D-66926

astrology

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍ରେ। 09521603776 096106-09485. D-13392

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ





## ଜିଲା ଚିଠି ସମ୍ବଲପୁର

# ଅଫିସରଙ୍କ ହାତରେ ମହାନଗର ନିଗମ

୨୦୧୩ରେ ସମ୍ବଲପୁର ମହାନଗର ନିଗମ ଘୋଷଣା ହେଲା। ଇତିମଧ୍ୟରେ ୬ ବର୍ଷ ବିତିଛି। ହେଲେ ନିଗମ କ'ଣ ଏବଂ ଏହାର ରୂପରେଖ କିପରି ତାହା ସହରବାସୀ ଜାଣି ପାରିନାହାନ୍ତି। କାରଣ ମହାନଗର ନିଗମ ଗଠନ ପରେ ଅଫିସର ନିଯୁକ୍ତ ହେଲେ, କିନ୍ତୁ ନିର୍ବାଚନ ହୋଇପାରିଲା ନାହିଁ। ଏଥିଯୋଗୁ ଗୋଟିଏ ପଟେ ଲୋକେ ତାଙ୍କ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେଉଥିବା ବେଳେ ଅନ୍ୟପକ୍ଷେ ସେମାନଙ୍କ ସ୍ୱର ପ୍ରଶାସନ ପାଖରେ ଠିକ୍‌ଭାବେ ପହଞ୍ଚି ପାରିଲା ନାହିଁ। ଜନ ପ୍ରତିନିଧିଙ୍କ ପାଖରେ ଲୋକେ ସେମାନଙ୍କ ଦାବି ଯେପରି ଢଙ୍ଗରେ ଉପସ୍ଥାପନ କରିପାରନ୍ତି, ତାହାକୁ ଜଣେ ଅଫିସରଙ୍କ ପାଖରେ କରିପାରନ୍ତି ନାହିଁ। ଏହିପରି ଅବସ୍ଥା ଗତ ୬ବର୍ଷ ଧରି ଲାଗି ରହିବା ଫଳରେ ସମ୍ବଲପୁର ମହାନଗର ନିଗମରେ ବିକାଶ ବାଧାପ୍ରାପ୍ତ ହୋଇଛି। ଅପରପକ୍ଷରେ ନିର୍ବାଚିତ ପ୍ରତିନିଧି ନ ଥିବାରୁ ଏହା ମତାଧିକାର ପ୍ରତି ଉପହାସ ବୋଲି କୁହାଯାଉଛି। ନିର୍ବାଚନ ନ ହେବା ପଛରେ ପ୍ରଶାସନ ପକ୍ଷରୁ ଆଇନଗତ ସମସ୍ୟାକୁ ଦର୍ଶାଯାଉଛି। ନିର୍ବାଚନ ନ ହେବାର କାରଣ ଯାହା ହେଉନା କାହିଁକି, ଏହାର ପ୍ରଭାବ ସିଧା ଜନସାଧାରଣଙ୍କ ଉପରେ ପଡୁଛି। ନିର୍ବାଚିତ ପ୍ରତିନିଧି ନ ଥିବାରୁ ମହାନଗର ନିଗମ ଅଫିସରଙ୍କ ହାତରେ ପରିଚାଳିତ ହେଉଛି। ତେଣୁ ୱାର୍ଡଗୁଡ଼ିକରେ ଥିବା ବାସ୍ତବ ସମସ୍ୟା ସମାଧାନ ହୋଇପାରୁନାହିଁ। ଲୋକେ ପାଣି, ବିଜୁଳି, ରାସ୍ତା ଆଦି ମୌଳିକ ସମସ୍ୟା ଉପରେ ଅଭିଯୋଗ ମଧ୍ୟ କରିପାରୁନାହାନ୍ତି। ମହାନଗର ନିଗମ ପକ୍ଷରୁ କେବଳ ବଡ଼ ବଡ଼ ପ୍ରକଳ୍ପଗୁଡ଼ିକ ହାତକୁ ନିଆଯାଇ ବିକାଶ ହେଉଥିବା କୁହାଯାଉଛି। ହେଲେ ନିଗମ ଅଧୀନ ଯେଉଁ ୱାର୍ଡକୁ ବି ଗଲେ ଲୋକଙ୍କ ସମସ୍ୟା ଜଳଜଳ ଦେଖାଯାଉଛି। ମହାନଗର ନିଗମରେ ମାନେଶ୍ୱର ଓ ଧନକଉଡ଼ା ବ୍ଲକର ୧୨ ପଞ୍ଚାୟତ ସହ ବୁର୍ଲା ଓ ହୀରାକୁଦ ଏନ୍‌ଏସିକୁ ସାମିଲ କରାଯାଇଛି। ମହାନଗରରେ ସାମିଲ ହେବା ଏକ ଅଭିଶାପ ବୋଲି ଏହି ଲୋକମାନେ କହୁଛନ୍ତି। ପଞ୍ଚାୟତ ବା ଏନ୍‌ଏସି ଅଧୀନରେ ଥିବାବେଳେ ସେମାନେ ସୁବିଧା ସୁଯୋଗ ପାଉଥିଲେ। ଏବେ ତାହା ମିଳୁ ନ ଥିବା ଅଭିଯୋଗ ହେଉଛି। ୨୦୦୮ରେ ସମ୍ବଲପୁର ପୌରପାଳିକା ନିର୍ବାଚନ ହୋଇଥିଲା। ୨୦୧୩ ପର୍ଯ୍ୟନ୍ତ ଜନପ୍ରତିନିଧି ରହିଥିଲେ। ୨୦୧୩ରୁ ୨୦୧୯ ମଧ୍ୟରେ ମହାନଗର ନିଗମର ୨ଥର ନିର୍ବାଚନ ହେବା କଥା। ହେଲେ ଏହା କରାଯାଇ ପାରିଲା ନାହିଁ। ଏହି ସମୟ ମଧ୍ୟରେ ୨୦୧୪ ଓ ୨୦୧୯ରେ ଦୁଇଟି ସାଧାରଣ ନିର୍ବାଚନ ସରିଛି। ୨୦୧୪ ସାଧାରଣ ନିର୍ବାଚନ ସମୟରେ ମହାନଗର ନିଗମ ନିର୍ବାଚନ ହୋଇଥିଲେ ସାଧାରଣ ନିର୍ବାଚନ ଭୋଟ ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା କରି ରାଜନୈତିକ ଦଳଗୁଡ଼ିକ ମହାନଗର ନିର୍ବାଚନ ପାଇଁ ଇଚ୍ଛା ପ୍ରକାଶ କଲେ ନାହିଁ। ନିକଟରେ ରାଜ୍ୟରେ ଅନ୍ୟ ମହାନଗର ନିଗମ ଓ ପୌରପାଳିକାରେ ନିର୍ବାଚନ ହେବ। ଏହିକ୍ରମରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମ୍ବଲପୁର ମହାନଗର ନିଗମର ଜନସଂଖ୍ୟା, ୱାର୍ଡର ସୀମା ନିର୍ଦ୍ଧାରଣ, ସିଟ୍ ସଂରକ୍ଷଣ ଆଦି ବିଷୟରେ ରିପୋର୍ଟ ତଲବ କରାଯାଇଛି। ତେଣୁ ଏଥର ସମ୍ବଲପୁର ମହାନଗର ନିଗମର ନିର୍ବାଚନ ହେବ ବୋଲି ଲୋକେ ଆଶାବାନ୍ଧି ବସିଛନ୍ତି।

– ଶୁଭାଶିଷ ପାଢ଼ୀ

■ ମାଓବାଦୀ କହି ଟଙ୍କା ଆଦାୟ ମହଙ୍ଗା ପଡ଼ିଲା

# ବନ ଅଧିକାରୀଙ୍କ ସମେତ ୩ ଗିରଫ

ବରଗଡ଼ ଅଫିସ୍ / ଭଟଲି, ୧୪।୭ (ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ପୋଲିସ ହାତରେ ୩ନକଲି ମାଓବାଦୀ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ସମ୍ବଲପୁର ବନାଞ୍ଚଳର ଡେପୁଟି ରେଞ୍ଜର ତଥା କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ତେରାଗାଁର ମୂଳ ବାସିନ୍ଦା ବଟକୃଷ୍ଣ ସେଠୀ(୫୯), ବରଗଡ଼ ଜିଲ ଭଟଲି ଗଡ଼ପଡ଼ାର ୨ଭାଇ ଦୋଳଗୋବିନ୍ଦ ସାହୁ ଓରଫ ବାବୁଲୁ(୪୦) ଓ ବଳରାମ ସାହୁ(୨୪)। ସେମାନଙ୍କ ପାଖରୁ ନଗଦ ୧ଲକ୍ଷ ୬୫ହଜାର, ୩ଟି ମୋବାଇଲ ଓ ୨ଟି ସ୍ପ୍ଲେଣ୍ଡର ବାଇକ୍ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ଭଟଲି ଥାନା ପୋଲିସ ଏକ ମାମଲା (ନଂ.୧୩୫/୧୯) ରୁଜୁ କରିଛି।

- ■ ୧ଲକ୍ଷ ୬୫ହଜାର ଟଙ୍କା ଜବତ
- ■ ୨୦୧୪ ମସିହାରୁ ସକ୍ରିୟ ଥିଲେ
- ■ ସରକାରୀ ଅଧିକାରୀ, ଠିକାଦାରଙ୍କୁ ଧମକ ଦେଉଥିଲେ

ରବିବାର ଅପରାହ୍ନ ପ୍ରାୟ ୧ଟା୩୦ରେ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇ କହିଥିଲେ, ଧରାପଡ଼ିଥିବା ନକଲି ମାଓବାଦୀ ଗତ ୨୦୧୪ମସିହାରୁ ଭଟଲି, ଅମ୍ବାଭୋନା ଅଞ୍ଚଳରେ ସରକାରୀ ଅଧିକାରୀ, ଠିକାଦାର ପ୍ରମୁଖଙ୍କୁ ହତ୍ୟା ଧମକ ଦେଇ ଟଙ୍କା ଅସୁଲ କରି ଆସୁଥିଲେ। ଅଶୋକ ଦାଶ ନାମକ ଜଣେ ଠିକାଦାର ଶୁକ୍ରବାର ଭଟଲି ଥାନାରେ ଏ ସମ୍ପର୍କରେ ଏତଲା ଦେବା ପରେ ପୋଲିସ ତନାଘନା ଚଳାଇଥିଲା। ଗିରଫ ଅଭିଯୁକ୍ତମାନେ ଭୟଭୀତ କରି ଇତିମଧ୍ୟରେ ବରଗଡ଼ ଡିଏଫଓଙ୍କଠାରୁ ୫୦ହଜାର, ଲଖନପୁର ରେଞ୍ଜରଙ୍କଠାରୁ ୯୦ହଜାର, ପଦ୍ମପୁର ଫରେଷ୍ଟରଙ୍କଠାରୁ ୧୦ହଜାର, ଠିକାଦାର ମୁନା ମହାପାତ୍ରଙ୍କଠାରୁ ୨ଲକ୍ଷ, ଶୁଭମ ସିଂଙ୍କଠାରୁ ୨ଲକ୍ଷ ୫୦ହଜାର, ପ୍ରଦୀପ ବିଶ୍ୱାଳଙ୍କଠାରୁ ୧ଲକ୍ଷ ୫୦ହଜାର, ବାଉଲସିଂହାରେ ନିର୍ମାଣାଧୀନ ବିପିସିଏଲ ଇଥାନଲ ପ୍ଲାଣ୍ଟର ଠିକାଦାରଙ୍କଠାରୁ ୯୦ହଜାର, ଭଟଲିର କାହ୍ନୁଙ୍କଠାରୁ ୨୫ହଜାର, ହେମନ୍ତଙ୍କଠାରୁ ୫୦ହଜାର, ଭୁକ୍ତାର ପ୍ରେମ ପଟେଲଙ୍କଠାରୁ ୪୦ହଜାର ଏବଂ ଠିକାଦାର ଅଶୋକ ଦାଶଙ୍କଠାରୁ ୨ଟି ପର୍ଯ୍ୟାୟରେ ୫୦ହଜାର ଟଙ୍କା ଲେଖାଏ ନେଇଥିବା ସ୍ୱୀକାର କରିଛନ୍ତି ବୋଲି ଏସପି ଭାମୁ ସୂଚନା ଦେଇଛନ୍ତି।

ଦୀର୍ଘ ୫ ବର୍ଷ ଧରି ଅଭିଯୁକ୍ତମାନେ ନିଜକୁ ମାଓବାଦୀ ପରିଚୟ ଦେଇ ଏଭଳି କାରବାର ଚଳାଇ ଆସୁଥିବାରୁ ସେମାନଙ୍କ ଜାଲରେ ଆଉ କେଉଁମାନେ ପଡ଼ିଛନ୍ତି, ସେ ନେଇ ଅଧିକ ତଦନ୍ତ ଚାଲିଥିବା ଏସ୍‌ପି କହିଥିଲେ। ସେହିପରି ଗିରଫ ଡେପୁଟି ରେଞ୍ଜର ସେଠୀ ପୂର୍ବରୁ ଭଟଲି, ଘେଁସ ବନ ବିଭାଗ ଅଞ୍ଚଳରେ କାର୍ଯ୍ୟରତ ଥିଲେ ଏବଂ ଅନ୍ୟ ୨ଅଭିଯୁକ୍ତଙ୍କ ସହିତ ସମ୍ପର୍କ ସ୍ଥାପନ କରି ସେଥିରେ ତାଙ୍କୁ ସହାୟତା କରି ଆସୁଥିଲେ। ଯେତେବେଳେ ଜିଲାରେ ମାଓବାଦୀ ଗତିବିଧି ପରିଲକ୍ଷିତ ଥିବା ଜଣାପଡ଼େ, ମୁଖ୍ୟତଃ ସେହି ସମୟରେ ଏହି ନକଲି ମାଓବାଦୀ ଠିକାଦାର, ସରକାରୀ ଅଧିକାରୀଙ୍କୁ ଭୟଭୀତ କରି ଏଭଳି ଠକାମୀ କରିଥାନ୍ତି ବୋଲି ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ପି କହିଛନ୍ତି । ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ କ୍ଷୀରସାଗର ନାଏକ, ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ, ଭଟଲି ଥାନା ଅଧିକାରୀ ଦିଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଜବତ ଟଙ୍କା (ଇନ୍‌ସେଟ୍)। ଖବରଦାତା ସମ୍ମିଳନୀରେ ପୋଲିସ ଗିରଫ ଅଭିଯୁକ୍ତଙ୍କୁ ହାଜର କରିଛି।

# ଦେଢ଼ ମାସରେ ୨୦.୩% କମିଛି ବର୍ଷା ପରିମାଣ

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

- ■ ଲଘୁଚାପ ନ ହେଲେ ନିଅଣ୍ଟିଆ ବର୍ଷା ପରିମାଣ ବଢ଼ିବ
- ■ ମରୁଡ଼ି ଆଶଙ୍କା
- ■ ୧୭ରୁ ବର୍ଷା ସମ୍ଭାବନା

ରାଜ୍ୟରେ ଏପର୍ଯ୍ୟନ୍ତ ସ୍ୱାଭାବିକ ବର୍ଷା ହୋଇନାହିଁ। ଚଳିତବର୍ଷ ମୌସୁମୀ ବିଳମ୍ବରେ ଆସିଥିଲେ ମଧ୍ୟ ସ୍ୱାଭାବିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଥିଲା। ଜୁଲାଇ ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ପ୍ରବଳ ବର୍ଷା ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏପର୍ଯ୍ୟନ୍ତ ବର୍ଷାର ଦେଖା ନାହିଁ। ଗୋଟିଏ ଦିନ ବର୍ଷା ହୋଇଗଲେ ଆଉ ୩–୪ଦିନ ବର୍ଷା ହେଉନାହିଁ। ଜୁନ୍ ମାସରେ ୨୧୬.୫ ମିମି ବର୍ଷା ହେବା କଥା। ମାତ୍ର ୧୪୮.୩ ମିମି ବର୍ଷା ହୋଇଥିଲା। ତେବେ ଜୁଲାଇ ମାସରେ କିଛି ମାତ୍ରାରେ ଏହି ନିଅଣ୍ଟିଆ ବର୍ଷା ପରିମାଣ ପୂରଣ ହୋଇଯିବ ବୋଲି ଅନୁମାନ କରାଯାଉଥିଲା। ହେଲେ ଜୁଲାଇ ମାସ ଦ୍ୱିତୀୟ ସପ୍ତାହ ବିତିଯାଇଥିଲେ ମଧ୍ୟ କାଁ ଭାଁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହୋଇଛି। ଜୁନ୍ ମାସରେ ୩୧ପ୍ରତିଶତ କମ୍ ବର୍ଷା ହୋଇଥିବାବେଳେ ଜୁଲାଇ ୧ରୁ ୧୩ତାରିଖ ମଧ୍ୟରେ ୩% ବର୍ଷା ପରିମାଣ କମିଛି। ଜୁନ୍ ୧ରୁ ଜୁଲାଇ ୧୩ତାରିଖ ମଧ୍ୟରେ ବର୍ଷାର ପରିମାଣ ୨୦.୩% କମ୍ ରହିଛି। ଏହି ସମୟ ମଧ୍ୟରେ ରାଜ୍ୟରେ ୩୫୯ମିମି ବର୍ଷା ହେବା କଥା। କିନ୍ତୁ ଏପର୍ଯ୍ୟନ୍ତ ମାତ୍ର ୨୮୬.୧ ମିମି ବର୍ଷା ହୋଇଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ ବିଶେଷଜ୍ଞଙ୍କ କହିବାନୁଯାୟୀ, ଯଦି ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ବଙ୍ଗୋପସାଗରରେ ଲଘୁଚାପ ବଳୟ ସୃଷ୍ଟି ନ ହୁଏ, ତେବେ ନିଅଣ୍ଟିଆ ବର୍ଷା ପରିମାଣ ବଢ଼ିଯିବ। ଆସନ୍ତା ମାସକୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଅନ୍ୟପଟେ ରବିବାର କେବଳ ମାଲକାନଗିରିରେ ୧.୬ ପ୍ରତିଶତ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସୋମବାର ମାଲକାନଗିରି, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଞ୍ଜାମ, ପୁରୀ, ରାୟଗଡ଼ା, ନବରଙ୍ଗପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ବଲାଙ୍ଗୀର, ସୋନପୁର, ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, ଭଦ୍ରକ, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, କେନ୍ଦୁଝରରେ କାଳବୈଶାଖୀ ସହ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ସେହିପରି ଆସନ୍ତା ୧୭ତାରିଖରୁ ପ୍ରବଳ ବର୍ଷା ହେବ ବୋଲି ମଧ୍ୟ ପାଣିପାଗ ପୂର୍ବାନୁମାନ କରିଛି।

■ ସୀମାନ୍ତରେ ଗୁଳି ବିନିମୟ

# ୨ ମାଓବାଦୀ ନିହତ, ଜଣେ ଗିରଫ

ମାଲକାନଗିରି,୧୪।୭ (ଡି.ଏନ.ଏ.)

- ■ ଦୁଇ ଘଣ୍ଟା ଧରି ହୋଇଥିଲା ଗୁଳିଚାଳନା
- ■ ଅଧିକ ତଥ୍ୟ ଦେବାକୁ ମନା କଲା ପୋଲିସ
- ■ ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଜବତ



ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ଦାନ୍ତେୱାଡା ଜିଲାରେ ପୋଲିସ–ମାଓବାଦୀଙ୍କ ମଧ୍ୟରେ ରବିବାର ଗୁଳି ବିନିମୟ ହୋଇଛି। ଏଥିରେ ୨ଜଣ ମାଓବାଦୀ ନିହତ ହୋଇଛନ୍ତି। ଜଣକୁ ଗିରଫ କରାଯାଇଛି। ଖବରରୁ ଜଣାପଡିଛି ଦାନ୍ତେୱାଡା ଜିଲାରେ ମୁତୟନ ହୋଇଥିବା ପୋଲିସ ପକ୍ଷରୁ କିରଣ୍ଡୋଲ ଥାନା ଅନ୍ତର୍ଗତ ଗୁମିଆପାଲ ଜଙ୍ଗଲରେ ଏକ ସ୍ୱତନ୍ତ୍ର ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅପରେଶନ ଚାଲିଥିବା ବେଳେ ଲାଲବାହିନୀ ପକ୍ଷରୁ ଏକ ବଡ ଧରଣର ହିଂସାକାଣ୍ଡ ଘଟାଇବା ନେଇ ଯୋଜନା ଚାଲିଥିବା ଖବର ପୋଲିସକୁ ମିଳିଥିଲା। ଫଳରେ ପୋଲିସ ଅତର୍କିତ ଭାବେ ଜଙ୍ଗଲରେ ଚଢାଉ କରିବାରୁ ଏହା ଦେଖି ମାଓବାଦୀମାନେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ଉଭୟପକ୍ଷଙ୍କ ମଧ୍ୟରେ ୨ଘଣ୍ଟା ଧରି ଗୁଳିଚାଳନା ହେବା ପରେ ପୋଲିସର ଜବାବି କାର୍ଯ୍ୟାନୁଷ୍ଠାନର ମୁକାବିଲା ମାଓବାଦୀମାନେ କରି ପାରି ନ ଥିଲେ। ଫଳରେ ପୋଲିସ ଗୁଳିରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ମହିଳା ଥିବା ଜଣାପଡିଛି। ମୃତ ୨ ମାଓବାଦୀ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ସଦସ୍ୟ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଘଟଣା ସ୍ଥଳରୁ ଜଣେ ମହିଳା ମାଓବାଦୀଙ୍କୁ ଗିରଫ କରାଯାଇଛି। ୨ଟି ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ମୃତ୍ୟୁ ଘଟିଥିବା ମାଓବାଦୀଙ୍କ ପରିଚୟ ମିଳି ନାହିଁ। ଗିରଫ ହୋଇଥିବା ମହିଳା ମାଓବାଦୀଙ୍କ ସମ୍ପର୍କରେ ଅଧିକ ତଦନ୍ତ କରାଯାଉଛି ବୋଲି ଦାନ୍ତେୱାଡା ଏସ୍.ପି. ଅଭିଷେକ ପଲ୍ଲଭ କହିଛନ୍ତି। ଅନ୍ୟପକ୍ଷରେ ଅଧିକ ତଦନ୍ତ ଚାଲିଥିବାରୁ ପୋଲିସ ଗିରଫ ମହିଳା ମାଓବାଦୀଙ୍କ ସମ୍ପର୍କରେ କିଛି କହିବାକୁ ମନା କରିଦେଇଛି।

DAYANAND INSTITUTE
Dhanupali,Sambalpur-768005
Helpline-8763032587[O] 9938895475, 9437158817[Principal]
ADMISSION NOTICE
NTT - 1year regular and correspondence course
Eligibility- +2 & Above (Only Ladies)
B.Ed- NCTE Approved (2years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
PLEASE VISIT US–8 TO 11AM (OFFICE) EVERYDAY

URGENTLY REQUIRED
Shree Sai Higher Secondary School & Degree College
Kurumpuri, Nuapada (Dist.), Odisha-766105
Managed by JHKVC TRUST)
Applications are invited for walk-in-interview for the fallowing posts
+2 TEACHING STAFF:-
Maths, Zoology, Sociology, Political Science, English, Education
+3 TEACHING STAFF:-
Odiya, Hindi, Political Science, Sociology
NON TEACHING STAFF:-
Librarian,Lab attendant (Physics, Chemistry & Biology)
ELIGIBILITY:- Qualification- Minimum Master Degree or more
Experience- Minimum 2years or more
SALARY- Salary is not a constraint for deserving candidates
Contact- Directly attend the interview or Email your resume to the Principal, jhkvctrust@gmail.com, Mob-9938099777 (Chairman), 9658233336 (Prafulla)

■ ବିଜେଡି ଏମ୍‌ପିଙ୍କୁ ନବୀନଙ୍କ ଚିଠି

# ରାଜ୍ୟବାସୀଙ୍କ ଶ୍ରଦ୍ଧାଭାଜନ ହେବାକୁ ପରାମର୍ଶ

ଭୁବନେଶ୍ୱର, ୧୪।୭ (ବ୍ୟୁରୋ)

- ■ ପ୍ରତି ଦୁଇମାସରେ ଦେବେ ରିପୋର୍ଟ କାର୍ଡ
- ■ ସମୀକ୍ଷା ସହ ପରାମର୍ଶ ଦେବେ ସଭାପତି

ବିଧାୟକ ଓ ମନ୍ତ୍ରୀମାନଙ୍କୁ ଶୃଙ୍ଖଳା ଓ ଉତ୍ତରଦାୟିତ୍ୱର ପାଠ ପଢ଼ାଇବା ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ଲୋକ ସଭା ଏବଂ ରାଜ୍ୟ ସଭା ସଦସ୍ୟମାନଙ୍କୁ ରବିବାର ପତ୍ର ଲେଖି ଅନେକ ପରାମର୍ଶ ଦେଇଛନ୍ତି। ଏମ୍‌ପିମାନେ ନିଜର ସଂସଦୀୟ ଦାୟିତ୍ୱ ନିର୍ବାହ କରିବା ସହ ନିଜ ନିଜ ଅଞ୍ଚଳ ବୁଲି ଲୋକଙ୍କ କାର୍ଯ୍ୟ କରୁଛନ୍ତି। ସେମାନେ ଆସନ୍ତା ଅଗଷ୍ଟ ମାସରୁ ପ୍ରତି ଦୁଇ ମାସରେ ଥରେ ୧୦ ତାରିଖ ସୁଦ୍ଧା ନିଜ ରିପୋର୍ଟ କାର୍ଡ ଲିଖିତଭାବେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ରିପୋର୍ଟଗୁଡ଼ିକର ସମୀକ୍ଷା କରାଯିବା ସହ ମୁଖ୍ୟମନ୍ତ୍ରୀ ଏମ୍‌ପିମାନଙ୍କୁ ପରାମର୍ଶ ଦେବା ନେଇ ଚିଠିରେ ଉଲ୍ଲେଖ କରିଛନ୍ତି।

ଏତଦ୍‌ବ୍ୟତୀତ ବିଜେଡି ସଭାପତି ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟବାସୀଙ୍କ ଆଶା, ଆକାଂକ୍ଷା ପୂରଣ ତଥା ସ୍ୱାର୍ଥ, ସ୍ୱାଭିମାନ ପାଇଁ ଦଳର ନିରନ୍ତର ପ୍ରୟାସ ହିଁ ବିଜେଡିକୁ ୫ମଥର ପାଇଁ କ୍ଷମତାସୀନ କରାଇଛି। ଲୋକ ସଭାରେ ମଧ୍ୟ ରାଜ୍ୟରୁ ବିଜେଡି ସର୍ବାଧିକ ଆସନରେ ବିଜୟୀ ହୋଇଛି। ତେଣୁ ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ବିଜେଡିର ଉତ୍ତରଦାୟିତ୍ୱ ସର୍ବାଧିକ ବୋଲି ନବୀନ କହିଛନ୍ତି।

ନିର୍ବାଚନ ପରେ ଦଳୀୟ ଏମ୍‌ପିମାନଙ୍କ ସହ ବିଜେଡି ସଭାପତି ଆଲୋଚନା କରିଥିଲେ। ଏହି ସମୟରେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ଉପସ୍ଥାପନ କରିବା ପାଇଁ ସଦସ୍ୟଙ୍କ ଆଗ୍ରହ ଓ ପ୍ରତିବଦ୍ଧତା ତାଙ୍କୁ ଆନନ୍ଦିତ କରିଥିବା ନବୀନ କହିଛନ୍ତି। ଗତ ଲୋକ ସଭା ନିର୍ବାଚନରେ ପ୍ରଥମଥର ପାଇଁ ଦଳ ପକ୍ଷରୁ ଏକତୃତୀୟାଂଶ ଲୋକ ସଭା ଆସନରେ ମହିଳାଙ୍କୁ ପ୍ରାର୍ଥୀ କରାଯାଇଥିଲା। ରାଜ୍ୟବାସୀ ମଧ୍ୟ ଦଳର ଏହି ନିଷ୍ପତ୍ତିକୁ ସମ୍ମାନ ଦେଇ ବିପୁଳ ସମର୍ଥନ କରିଥିଲେ। ମହିଳା ପ୍ରାର୍ଥୀମାନେ ପାର୍ଲାମେଣ୍ଟରେ ନିଜ ପ୍ରଥମ ପଦାର୍ପଣରେ ରାଜ୍ୟବାସୀଙ୍କ ସ୍ୱାର୍ଥ ଯେଭଳି ଭାବେ ଉପସ୍ଥାପିତ କରିଛନ୍ତି, ତାହା ତାଙ୍କୁ ବେଶ୍ ପ୍ରଭାବିତ କରିଥିବା ନବୀନ କହିଛନ୍ତି। ଉଭୟ ରାଜ୍ୟ ସଭା ଓ ଲୋକ ସଭାରେ ଅଭିଜ୍ଞ ଏବଂ ନବାଗତଙ୍କ ଉପଯୁକ୍ତ ସନ୍ତୁଳନ ରହିଛି। ଏହା ମହିଳା, ଯୁବକ, ସଂରକ୍ଷିତ ବର୍ଗଙ୍କ ସ୍ୱାର୍ଥ ସହ ରାଜ୍ୟର ସାମଗ୍ରିକ କଲ୍ୟାଣ ଏବଂ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗର ସମାଧାନ ବାଟ ଖୋଜିବାରେ ସହାୟକ ହେବ ବୋଲି ବିଜେଡି ସଭାପତି ଆଶାବ୍ୟକ୍ତ କରିଛନ୍ତି। ସେହିଭଳି ଏମ୍‌ପିମାନେ କିଭଳି କାର୍ଯ୍ୟ କଲେ, ରାଜ୍ୟର ସ୍ୱାର୍ଥ ଓ ରାଜ୍ୟବାସୀଙ୍କ କଲ୍ୟାଣ ନିମନ୍ତେ ନିଜକୁ ପୂର୍ଣ୍ଣପ୍ରାଣରେ ଉତ୍ସର୍ଗ କରାଯାଇପାରିବ, ସେ ଦିଗରେ ସେ ନିର୍ଦ୍ଦିଷ୍ଟ ମତାମତ ରଖିବେ ବୋଲି ବିଜେଡି ସଭାପତି କହିଛନ୍ତି। ଏମ୍‌ପି ଭାବେ ସଫଳ ହେବା ସହ ଓଡ଼ିଆ ଜନସାଧାରଣଙ୍କ ଶ୍ରଦ୍ଧାଭାଜନ ହେବା ପାଇଁ ନବୀନ ପଟ୍ଟନାୟକ କାମନା କରିଛନ୍ତି।



FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Gurugobind TVS, Ph: 8260566699; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph: 6370700730, 6370700734. Authorised Dealers: Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph : 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph : 9583860028; Dharmagarh, Gayatri Enterprises, Ph : 9938883405; Belpahar, Sova Automobiles, Ph.: 9238581791; Binka, Chandralata Motors, Ph : 7894255589; Attabira, Swati Auto, Ph : 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph : 9861265188; San Balichuan, Gayatri Motors, Ph : 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph : 9937452169 ; Bhatli, Saraswati Motors, Ph : 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph : 9437210599; Gaisilat, Akankshya Motors, Ph : 9937408645; Jaipatna, Kaveri Motors, Ph : 9178280401;Padampur, Alisha Motors, Ph : 9938110070; Sambalpur, Shakti Motors, Ph : 9337016000; Bamra, Regent Motors, Ph : 9437535172; Kuchinda, Jay Maa Automobiles, Ph : 9437058129; Tarbha : Deosar Motors, Ph : 9439135679 ; Redhakhol : Palak Trading Company, Ph : 7978349822; Saintala : Balaji Motors, Ph : 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph : 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph : 7326933067; Bheden, Mohit Automobiles, Ph : 7008024042; Bangamunda, Binod Auto Work, Ph : 9937526500; Tusura, Shree Laxmi Ganesh Motors, Ph : 9437890955, 9439581200; Bandhabahal, Maa Tarini Automobiles, Ph : 6371909005; Udanbandh, Vinit Automobiles, Ph : 7326042333, 7326042335.
dentsuindia/dha sam/17/19

ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା। ଏବଂ ଝଡ଼ଝଞ୍ଜାକୁ ବାଟ ଛାଡ଼ିଦେବା।
- ଶ୍ରୀମା



# ଅଧିକ ମଦ ପିଆଇବେ

ଓଡ଼ିଶା ବିଧାନସଭାରେ ୧୨ ଜୁଲାଇ ୨୦୧୯ରେ ଉପସ୍ଥାପିତ ଅବକାରୀ ବିଭାଗ ଷ୍ଟାଣ୍ଡିଂ କମିଟିର ସୁପାରିସ ଅନୁଯାୟୀ ରାଜ୍ୟରେ ଅଧିକ ମଦ ବିକ୍ରି ପାଇଁ ବ୍ୟବସ୍ଥା କରାଯିବା ଦରକାର ବୋଲି କୁହାଯାଇଛି। ଏହାପଛର ଲକ୍ଷ୍ୟ ଭାବେ ଦର୍ଶାଯାଇଛି ଯେ, ରାଜ୍ୟର ଅବକାରୀ ଆୟ ବୃଦ୍ଧି କରିବା। ଏଭଳି ସୁପାରିସରେ ଆହୁରି କୁହାଯାଇଛି, ଲାଇସେନ୍ସପ୍ରାପ୍ତ ଯେଉଁ ବ୍ୟବସାୟୀ ମିନିମମ୍ ଗ୍ୟାରେଣ୍ଟି କୋଟା (ଏମ୍‌ଜିକ୍ୟୁ) ଲକ୍ଷ୍ୟ ହାସଲ କରୁଛନ୍ତି ବା ତା'ଠାରୁ ଅଧିକ ମଦ ଉଠାଉଛନ୍ତି, ସେମାନଙ୍କ ଲାଗି ପୁରସ୍କାର ବ୍ୟବସ୍ଥା କରାଯାଉ। ଗୋଟିଏପଟେ ମହିଳା ସଶକ୍ତୀକରଣ ଲାଗି ପଦକ୍ଷେପ ନିଆଯାଉଛି ବୋଲି ଦାବି କରାଯାଉଥିବା ବେଳେ ଅନ୍ୟପଟେ ଏଭଳି ଚିନ୍ତାଧାରା ରାଜ୍ୟ ସରକାରଙ୍କ ଅସଲ ରୂପକୁ ପଦାରେ ପକାଇଛି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ୨୦୧୮ ସେପ୍ଟେମ୍ବରରେ ଏକ ରିପୋର୍ଟ ପ୍ରକାଶ କରିଥିଲା ଯେ, ପ୍ରତିବର୍ଷ ଭାରତରେ ମଦ୍ୟପାନ ଯୋଗୁ ୨ ଲକ୍ଷ ୬୦ ହଜାର ଲୋକଙ୍କ ପ୍ରାଣହାନି ଘଟୁଛି। ଅତ୍ୟଧିକ ମଦ୍ୟପାନ ଲିଭର ସିରୋସିସ୍ ଭଳି ମାରାତ୍ମକ ରୋଗ ସୃଷ୍ଟି କରି ଲୋକଙ୍କ ପ୍ରାଣ ନେଉଥିବା ବେଳେ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା ଦ୍ୱାରା ଅନେକଙ୍କ ଜୀବନ ଯାଉଛି। ଅନ୍ୟପଟେ ଆତଙ୍କବାଦ ଯୋଗୁ ୨୦୧୪ରୁ ୨୦୧୮ ମଧ୍ୟରେ ଦେଶର ସର୍ବାଧିକ ସମ୍ବେଦନଶୀଳ ଜମ୍ମୁ ଓ କଶ୍ମୀରରେ ମାତ୍ର ୧୩୧୫ ଜଣ ଲୋକଙ୍କ ପ୍ରାଣହାନି ଘଟିଥିବା ଏକ ତଥ୍ୟରୁ ଜଣାପଡ଼ିଛି। ଭାରତ ସରକାରଙ୍କ କହିବା ଅନୁଯାୟୀ ଆତଙ୍କବାଦ ହେଉଛି ଏହି ଦେଶର ମୁଖ୍ୟ ଶତ୍ରୁ, ଯାହାର ମୁକାବିଲା ପାଇଁ ଅନେକ ହଜାର କୋଟି ଟଙ୍କା ବାର୍ଷିକ ଖର୍ଚ୍ଚ କରାଯାଉଛି। ଉଭୟ ମଧ୍ୟରେ ତୁଳନାତ୍ମକ ବିଶ୍ଳେଷଣ କଲେ ମଦ୍ୟପାନଜନିତ ପ୍ରାଣହାନି ଆତଙ୍କବାଦ ସମ୍ବନ୍ଧୀୟ ମୃତ୍ୟୁ ସଂଖ୍ୟାଠାରୁ କାହିଁ କେତେ ଗୁଣରେ ଅଧିକ। କେବଳ ସେତିକି ନୁହେଁ, ମଦ ଅନେକ ଗରିବଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ଅବସ୍ଥାକୁ ଟାଣି ନେବା ସହ ପାରିବାରିକ ଅଶାନ୍ତିର ମୂଳ କାରଣ ସାଜୁଛି। ଯାହା ଦ୍ୱାରା ରାଜ୍ୟ ବା ଦେଶରେ ଅର୍ଥନୈତିକ ଓ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି, ତାହାକୁ ବନ୍ଦ କରିଦେବା ସରକାରଙ୍କ ପ୍ରାଥମିକ କାର୍ଯ୍ୟ ହେବା କଥା। ଭାରତରେ ଗୁଜରାଟ, ମିଜୋରାମ, ନାଗାଲାଣ୍ଡ, ଲାକ୍ଷାଦ୍ୱୀପ ଏବଂ ବିହାରରେ ମଦ ବିକ୍ରି ଉପରେ ରୋକ ଲଗାଯାଇଛି। ସେଥିପାଇଁ ଏଗୁଡ଼ିକୁ 'ଡ୍ରାଏ ଷ୍ଟେଟ୍' ଆଖ୍ୟା ଦିଆଯାଇଛି। ହେଲେ ବ୍ୟବସାୟୀମାନେ ବେଆଇନ ଭାବେ ଏହିସବୁ ରାଜ୍ୟରେ ମଦ ଯୋଗାଉଥିବାରୁ ମଦ୍ୟପ ଚଢ଼ାଦରରେ ତାହାକୁ କିଣୁଥିବା ସମସ୍ତେ ଜାଣନ୍ତି। ଏଭଳିସ୍ଥଳେ ଓଡ଼ିଶା କଥା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡୁଛି। ମଦ ବ୍ୟବସାୟ ବଢ଼ାଇବା ଲାଗି ବିଧାନସଭାର ଷ୍ଟାଣ୍ଡିଂ କମିଟି ଦେଇଥିବା ସୁପାରିସକୁ ଦେଖିଲେ ରାଜ୍ୟରେ ସରକାର ଯେମିତି ମଦ ବନ୍ୟା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ବିଧାୟକ ସୁବ୍ରତ ତରାଇ ଏହି କମିଟିର ଅଧ୍ୟକ୍ଷ ଥିବା ବେଳେ ବିଧାୟକ ସୁରେଶ କୁମାର ରାଉତରାୟ, ଚନ୍ଦ୍ରସାରଥି ବେହେରା, ପର୍ଶୁରାମ ଧଡ଼ା, ଜଗନ୍ନାଥ ନାଏକ ଏବଂ ପ୍ରଭୁ ଜାନି ପ୍ରମୁଖ ସଦସ୍ୟ ଅଛନ୍ତି ।

## ତଥାଗତ ସତପଥୀ

ଏଠାରେ ଏହା ମଧ୍ୟ ଦର୍ଶାଯାଇପାରେ ଯେ, ଓଡ଼ିଶାର ପଡ଼ୋଶୀ ରାଜ୍ୟ ଯେଉଁଠାରେ ମଦକୁ ବେଆଇନ ଘୋଷଣା କରାଯାଇ ନାହିଁ, ସେଠାରେ ରାଜସ୍ୱ ବୃଦ୍ଧି ସକାଶେ ମଦର ଦାମ୍‌କୁ ଅଧିକ ରଖାଯାଇଛି। ଉଦାହରଣ ସ୍ୱରୂପ, ଓଡ଼ିଶା ତୁଳନାରେ ପଶ୍ଚିମବଙ୍ଗରେ ମଦ ଦର ପ୍ରାୟ ୪୦ ପ୍ରତିଶତ ଅଧିକ। ସେହିଭଳି ଦିଲ୍ଲୀ, ବମ୍ବେରେ ମଧ୍ୟ ଓଡ଼ିଶାଠାରୁ ଦର ଯଥେଷ୍ଟ ଉଚ୍ଚା ରହୁଛି। ଓଡ଼ିଶାରେ ରାଜସ୍ୱ ଆଦାୟକୁ ବୃଦ୍ଧି କରିବା ଲକ୍ଷ୍ୟରେ ମଦ ବ୍ୟବସାୟୀଙ୍କୁ ପୁରସ୍କାର ଦେବା ଲାଗି କମିଟି ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଏବେ ବେପାରୀମାନେ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିପାରନ୍ତି। ସମାଜରେ ଏକ ଭଲ କାର୍ଯ୍ୟ କରିବା ଲାଗି ଯେତିକି ସହଯୋଗ ମିଳି ନ ଥାଏ, ଖରାପ କାମ ଆପେ ଆପେ ପାଣି ପାଇଯାଇଥାଏ। ସେହି ଦୃଷ୍ଟିରୁ ଦେଖିଲେ, ଅଧିକ ମଦୁଆ ସୃଷ୍ଟି କରିବା ଲାଗି ବ୍ୟବସାୟୀମାନେ ଏବେ ଆଗେଇ ଆସିବାକୁ ପସନ୍ଦ କରିବା ସ୍ୱାଭାବିକ। ଗୋଟିଏ ଗୁଳିରେ ଦୁଇଟି ଶିକାର ଭଳି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ସରକାର ପର୍ଯ୍ୟାପ୍ତ ରାଜସ୍ୱ ପାଇପାରିବେ ଓ ବ୍ୟବସାୟୀ ଲାଭବାନ ହେବେ। କୋଟା ପୂରଣ ଦିଗରେ ବ୍ୟବସାୟୀମାନେ ମଦ ବିକିବାରେ ସକ୍ଷମ ହେଲେ ମଦୁଆଙ୍କ ସଂଖ୍ୟା ଆହୁରି ବଢ଼ିଯିବ। ଏହା ଦ୍ୱାରା ରାଜ୍ୟରେ ସାମାଜିକ ବିଶୃଙ୍ଖଳା ଜନ୍ମିବା ଥୟ। ଏଥିସହିତ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସୁନିଶ୍ଚିତ।

ଏହା ଜଣାଶୁଣା ଯେ, ରାଜ୍ୟ ଏବେ ଋଣ ଭାରରେ ବୁଡ଼ି ରହିଛି। ୨୦୧୯ ଫେବୃୟାରୀରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ଋଣ ପରିମାଣ ଗତ ଆର୍ଥିକବର୍ଷ ଶେଷ ସୁଦ୍ଧା ୮୮ ହଜାର କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ୧ ଲକ୍ଷ କୋଟି ଟଙ୍କାରୁ ଉପରକୁ ଯିବ ବୋଲି ଆକଳନ କରାଯାଇଛି। ଏତେବଡ଼ ଆକାରର ଋଣ ପରିମାଣ ଦେଖିଲେ ଯେକେହି ଆଚମ୍ବିତ ହେବେ। ତେଣୁ ଏହାର ସକାରାତ୍ମକ ସମାଧାନ ପନ୍ଥା ବାହାର କରାଯିବା ଉଚିତ। ସରକାର ସେଥିପ୍ରତି ଦୃଷ୍ଟି ନ ଦେଇ ମଦ ବିକ୍ରି ବଢ଼ାଇବା ଲାଗି ପୁରସ୍କାର ଘୋଷଣାକୁ କାର୍ଯ୍ୟକାରୀ କଲେ ଜନସାଧାରଣଙ୍କ ନିକଟକୁ ଭୁଲ ବାର୍ତ୍ତା ଯିବା ଥୟ। ବିଶେଷକରି ଓଡ଼ିଶାର ଗ୍ରାମାଞ୍ଚଳ ମହିଳାମାନେ ମଦ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି। ସେମାନଙ୍କୁ ଦମନ କରି ମଦ ବ୍ୟବସାୟକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପୋଲିସ ଓ ସାଧାରଣ ପ୍ରଶାସନ ସର୍ବଦା ତତ୍ପର ହେଉଥିବା ଦେଖାଯାଉଛି। ଏଭଳି ପରିସ୍ଥିତିରେ ମଦ ବିକ୍ରିକୁ ଯଦି ଅଧିକ ସହଜ କରିଦିଆଯାଏ, ତେବେ ରାଜସ୍ୱ ବୃଦ୍ଧି ହୋଇପାରେ ; କିନ୍ତୁ ତାହା ସମ୍ପୂର୍ଣ୍ଣ ଭାବେ ମହିଳା ବିରୋଧୀ ପଦକ୍ଷେପ ହେବ। ଗୋଟେପଟେ ନାରୀ ସଶକ୍ତୀକରଣ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ଘୁଷ୍ ଆକାରରେ ଅର୍ଥ ଯୋଗାଇ ଦିଆଯାଉଥିବା ବେଳେ ଅପରପକ୍ଷରେ ସେହି ମହିଳାମାନଙ୍କ ପରିବାରକୁ ତଳିତଳାନ୍ତ କରିଦେବା ଲାଗି ସରକାର ମସୁଧା କରୁଥିବା ସ୍ପଷ୍ଟ ମନେହୁଏ। ଅଧିକ ବିକ୍ରି ପରିବର୍ତ୍ତେ ମଦ ଦରକୁ ଯଥେଷ୍ଟ ବୃଦ୍ଧି କରାଯାଇପାରନ୍ତା। ତତ୍‌ସହିତ ରାସ୍ତା ଓ ଗ୍ରାମାଞ୍ଚଳଠୁ ଦୂରେଇ ରଖି ମଦ ବିକ୍ରି ପାଇଁ ବାର୍ ଲାଇସେନ୍ସ ସହଜ ଉପାୟରେ ଏବଂ ତାହାକୁ ଅନ୍‌ଲାଇନ୍ ବ୍ୟବସ୍ଥା କରାଇ ମଧ୍ୟସ୍ଥଙ୍କ ଭୂମିକାକୁ ସୀମିତ କରାଯାଇପାରିଲେ, ସରକାର ତାଙ୍କ ଲକ୍ଷ୍ୟ ହାସଲ ସହିତ ସାମାଜିକ ଅସ୍ଥିରତାକୁ ଘଟିବାକୁ ଦିଅନ୍ତେ ନାହିଁ। ଦୁଃଖର ବିଷୟ ଯେ, ବିଧାନସଭାର ଅବକାରୀ ଷ୍ଟାଣ୍ଡିଂ କମିଟି ଅନେକ ବିଚାର ପରେ ଦେଇଥିବା ମୂଲ୍ୟବାନ ସୁପାରିସ ସାଧାରଣରେ ଗ୍ରହଣୀୟ ହେଉନାହିଁ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | C | | 2 | | | 8 | | | | | | | |
| | 1 | 4 | 8 | | | | | | | 7 | 9 | | | 6 |
| 5 | | | | 6 | | | | | | | | 2 | | |
| | | | 5 | | E | C | | 1 | 6 | | B | | | |
| 8 | | 2 | | | | | 7 | | | A | 0 | | C | E |
| | E | | | | | D | 5 | | 1 | | | C | | A |
| | | | 6 | 9 | | | | | 4 | 2 | 3 | | | |
| | | | E | | 3 | | 9 | | | 5 | C | B | | 4 |
| 0 | | | | | A | 3 | C | | | | | 8 | 9 | 1 |
| | | A | | 8 | | 0 | 1 | | | D | | | | |
| | | | | 1 | | 5 | B | | C | | 6 | | | |
| 2 | | | A | | 6 | 7 | 3 | | | | | | 0 | 8 |
| | | | | | | | D | | | 4 | | 5 | 3 | |
| 4 | | 1 | 7 | | | A | | C | | 8 | D | 6 | | |
| | 8 | | 0 | 5 | | | | | | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 2 | 6 | 5 | 4 | 0 | D | B | 8 | 7 | 3 | A | C | 1 | E |
| B | E | C | 6 | 8 | 7 | A | 3 | 1 | 0 | D | 9 | 5 | 2 | 4 |
| 3 | 1 | A | C | E | D | 4 | 9 | 7 | 5 | 6 | 2 | 8 | B | 0 |
| 4 | 5 | 8 | A | 2 | 9 | E | 0 | 6 | B | 1 | C | D | 7 | 3 |
| 0 | 7 | D | B | 1 | 3 | C | 5 | 2 | E | 4 | 8 | 9 | 6 | A |
| 1 | A | B | 4 | D | 5 | 0 | 7 | E | 8 | 2 | 6 | 3 | 9 | C |
| 2 | 3 | 4 | 8 | 6 | E | 9 | A | C | D | 7 | 1 | B | 0 | 5 |
| 6 | D | 5 | 9 | 0 | C | 8 | 2 | B | A | E | 3 | 1 | 4 | 7 |
| 7 | 8 | 9 | 1 | 3 | 2 | 5 | D | 4 | C | 0 | B | E | A | 6 |
| C | 0 | E | 7 | B | A | 6 | 1 | 3 | 4 | 9 | 5 | 2 | D | 8 |
| A | 6 | 1 | 2 | C | 4 | B | E | 9 | 3 | 8 | 7 | 0 | 5 | D |
| 5 | 4 | 2 | 3 | A | 8 | 7 | C | 0 | 9 | B | D | 6 | E | 1 |
| 8 | C | 0 | D | 7 | B | 1 | 6 | 5 | 2 | A | E | 4 | 3 | 9 |
| D | 9 | 3 | E | 5 | 1 | 2 | 4 | A | 6 | C | 0 | 7 | 8 | B |
| E | B | 7 | 0 | 9 | 6 | 3 | 8 | D | 1 | 5 | 4 | A | C | 2 |

ଗତକାଲିର ଉତ୍ତର



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

# ଭାରତର ରାଜନୈତିକ ସମୀକରଣ

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ପଣ୍ଡିତ ନେହେରୁଙ୍କ ନେତୃତ୍ୱରେ କଂଗ୍ରେସ ଦଳ (ଭାରତୀୟ ଜାତୀୟ କଂଗ୍ରେସ) ଦେଶର ଶାସନ ଭାର ଗ୍ରହଣ କରିଥିଲା। ସେହି ସମୟରୁ ସର୍ବାଧିକ ୫୭ ବର୍ଷ ୫ ମାସ କାଳ କଂଗ୍ରେସ ଦେଶକୁ ଶାସନ କରିଛି। ନେହେରୁଙ୍କ ପରେ ଲାଲବାହାଦୁର ଶାସ୍ତ୍ରୀ ଏବଂ ତତ୍ପରେ ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱରେ କଂଗ୍ରେସ ନିରବଚ୍ଛିନ୍ନ ଭାବେ ପ୍ରାୟ ୩୦ ବର୍ଷ ଦେଶର ଶାସନର ମଙ୍ଗ ଧରିଛି, କାରଣ ସେ ପର୍ଯ୍ୟନ୍ତ ସର୍ବଭାରତୀୟ ସ୍ତରରେ କଂଗ୍ରେସର ବିକଳ୍ପ କୌଣସି ରାଜନୈତିକ ଦଳର ଆବିର୍ଭାବ ଘଟି ନ ଥିଲା। ଦଳୀୟ ଏକାଧିପତ୍ୟ ହେତୁ ଶାସକ ଦଳର ନାନା ତ୍ରୁଟିବିଚ୍ୟୁତି ଏବଂ କୁଶାସନ ତଥା ପ୍ରିୟାପ୍ରୀତି ତୋଷଣ ଏବଂ କ୍ଷେତ୍ର ବିଶେଷରେ ନାନା ଦୁର୍ନୀତିର ଶିକାର ହୋଇ ଦେଶର ବୌଦ୍ଧିକ ସମାଜ ଇଂଲଣ୍ଡ ତଥା ଅନ୍ୟାନ୍ୟ ପାଶ୍ଚାତ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରର ଅନୁକରଣରେ ସର୍ବଭାରତୀୟ ସ୍ତରରେ କଂଗ୍ରେସର ବିକଳ୍ପ ଭାବେ ଗୋଟିଏ ଶକ୍ତିଶାଳୀ ରାଜନୈତିକ ଦଳ ଅଥବା ସଂଗଠନର ଆବଶ୍ୟକତା ଅନୁଭବ କରୁଥିଲେ। ଏହାଦ୍ୱାରା ଦେଶରେ ଏକ ଦ୍ୱିଦଳୀୟ ଗଣତନ୍ତ୍ର ବ୍ୟବସ୍ଥା ପ୍ରତିଷ୍ଠିତ ହୋଇପାରିବ ଏବଂ ଉଭୟ ଦଳ ପରସ୍ପରର ପ୍ରତିଯୋଗୀ ହୋଇ ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଏକ ଶକ୍ତିଶାଳୀ ବିରୋଧୀ ଦଳ ସର୍ବଦା ଶାସକ ଦଳର ଏକଚ୍ଛତ୍ରବାଦ ବିରୋଧରେ ଜନଗଣଙ୍କ ରକ୍ଷାକବଚ ଭାବେ କାର୍ଯ୍ୟ କରିବ।

ପ୍ରଥମକରି ୧୯୭୭ ସାଧାରଣ ନିର୍ବାଚନରେ ଜନତା ପାର୍ଟି ନାମକ ଏକ ସର୍ବଭାରତୀୟ ରାଜନୈତିକ ମେଣ୍ଟ କଂଗ୍ରେସକୁ ପରାଜିତ କରି ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ ଦେଶର ପ୍ରଥମ ଅଣକଂଗ୍ରେସ ସରକାର ଗଠନ କରିଥିଲା। କିନ୍ତୁ ସଂଗଠନର ବିଭିନ୍ନ ଦଳ ମଧ୍ୟରେ ନୀତିଗତ ଐକ୍ୟ ଏବଂ ପାରସ୍ପରିକ ସଂହତି ନ ଥିବାରୁ ମୋରାରଜୀଙ୍କୁ ୨୮।୭।୭୯ରେ ଇସ୍ତଫା ଦେବାକୁ ପଡ଼ିଲା ଏବଂ ୧୯୮୦ ନିର୍ବାଚନରେ କଂଗ୍ରେସ ପୁନର୍ବାର କ୍ଷମତାକୁ ଫେରିଲା। ଏହାପରେ ୧୯୮୯ ନିର୍ବାଚନରେ ଭି.ପି. ସିଂହଙ୍କ ଜନତା ଦଳ ମେଣ୍ଟ କେନ୍ଦ୍ରରେ ଏକ ଅଣକଂଗ୍ରେସ ସରକାର ଗଠନ କଲା, କିନ୍ତୁ ଦଳୀୟ ସ୍ୱାର୍ଥ ଦୃଷ୍ଟିରୁ ମେଣ୍ଟର ଅନ୍ୟତମ ଅଂଶୀଦାର ଭାଜପା ସମର୍ଥନ ପ୍ରତ୍ୟାହାର କରିନେବାରୁ ଉକ୍ତ ସରକାରର ପତନ ଘଟିଲା। ସେହିପରି ୧୯୯୮ ସାଧାରଣ ନିର୍ବାଚନ ପରେ ନ୍ୟାଶନାଲ ଡେମୋକ୍ରାଟିକ ଆଲାଏନ୍ସ (ଏନ୍‌ଡିଏ) ନାମକ ଗଠବନ୍ଧନ ଅଟଳବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱରେ ସରକାର ଗଠନ କରିଥିଲେ। କିନ୍ତୁ ୧୯୯୯ ମସିହା ମେ ମାସରେ ସହଯୋଗୀ ଏଆଇଏଡିଏମ୍‌କେ ସମର୍ଥନ ପ୍ରତ୍ୟାହାର କରିନେବାରୁ ଉକ୍ତ ମେଣ୍ଟ ସରକାରର ପତନ ଘଟିଲା। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଗଲା ଯେ ସର୍ବଭାରତୀୟ ଦଳଗୁଡ଼ିକର ଶକ୍ତି ବୃଦ୍ଧି ନ ହେଲେ ଆଞ୍ଚଳିକ ଦଳଗୁଡ଼ିକ ଉପରେ ନିର୍ଭର କରି ସରକାର ଗଠନ କରିବା ଦ୍ୱାରା ସେମାନଙ୍କର ଖିଆଲ ଅନୁଯାୟୀ ସରକାରଙ୍କୁ ଚାଲିବାକୁ ପଡ଼ିବ, ନଚେତ୍ ସେମାନେ ସମର୍ଥନ ପ୍ରତ୍ୟାହାର କରି ସରକାରର ପତନ ଘଟାଇବେ।

ସେହି ପ୍ରକ୍ରିୟାରେ ୧୯୯୯ ମସିହାରେ ଭାଜପା ନେତୃତ୍ୱରେ ଏନ୍‌ଡିଏ ମେଣ୍ଟ ଏକ ନିର୍ଭରଯୋଗ୍ୟ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କଲା ଏବଂ ଅଟଳବିହାରୀ ବାଜପେୟୀ ୨୦୦୪ ମସିହା ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପାଞ୍ଚବର୍ଷ କାଳ ପ୍ରଧାନମନ୍ତ୍ରୀ ରହିଲେ। ସେହିପରି ୨୦୦୪ ଏବଂ ୨୦୦୯ ସାଧାରଣ ନିର୍ବାଚନରେ କଂଗ୍ରେସ ନେତୃତ୍ୱରେ ୟୁନାଇଟେଡ୍ ପ୍ରୋଗ୍ରେସିଭ ଆଲାଏନ୍ସ (ୟୁପିଏ) ନାମକ ଗଠବନ୍ଧନ (ମେଣ୍ଟ) ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ମନମୋହନ ସିଂଙ୍କ ପ୍ରଧାନମନ୍ତ୍ରିତ୍ୱରେ ଦୀର୍ଘ ଦଶବର୍ଷ କାଳ ଦେଶର ଶାସନ ଦାୟିତ୍ୱ ତୁଲାଇଛି। ଏହିପରି ଏନ୍‌ଡିଏ ଏବଂ ୟୁପିଏ ଭଳି ଦୁଇଟି ମେଣ୍ଟ ବା ଗଠବନ୍ଧନର କ୍ରମ ଆବିର୍ଭାବ ଦେଶରେ ଏକ ସୁସ୍ଥ ଦ୍ୱିଦଳୀୟ ଗଣତନ୍ତ୍ର ବ୍ୟବସ୍ଥାର ସମ୍ଭାବନା ସୃଷ୍ଟି କରିଛି। ଏହି ଉଭୟ ମେଣ୍ଟ ନିଜ ନିଜର ଆଦର୍ଶ ଏବଂ ଉଦ୍ଦେଶ୍ୟ ସମ୍ବଳିତ ସର୍ବସମ୍ମତ ସମ୍ବିଧାନ ପ୍ରଣୟନ କରି ତାହାଦ୍ୱାରା ପରିଚାଳିତ ହେବା ଉଚିତ। ଯେପରି କି ସଂଗଠନର ବିଭିନ୍ନ ଦଳ ମଧ୍ୟରେ ନୀତିଗତ ଐକ୍ୟ ବଜାୟ ରହିପାରିବ।

୨୦୧୪ ସାଧାରଣ ନିର୍ବାଚନରେ ଭାଜପା ନେତୃତ୍ୱରେ ଏନଡିଏ ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିବା ସହିତ ନରେନ୍ଦ୍ର ମୋଦି ଦେଶର ଜଣେ ସୁଦକ୍ଷ ପ୍ରଧାନମନ୍ତ୍ରୀ ଭାବେ ଆବିର୍ଭୂତ ହୋଇଛନ୍ତି। ତାଙ୍କର ବିଚକ୍ଷଣ ବ୍ୟକ୍ତିତ୍ୱ, ସଂଗଠନ କ୍ଷମତା, ବଳିଷ୍ଠ ନେତୃତ୍ୱ, ସାହସିକତା, ଉଦ୍‌ବୁଦ୍ଧ ଦେଶପ୍ରାଣତା ତଥା ସୁକୌଶଳୀ ପରିଚାଳନାରେ ଦେଶ ଦ୍ରୁତ ଅଭିବୃଦ୍ଧି ପଥରେ ଅଗ୍ରସର ହେଉଛି ବୋଲି ସର୍ବସାଧାରଣରେ ଧାରଣା ସୃଷ୍ଟି ହୋଇଛି। ତାଙ୍କର ନାଟକୀୟ ପ୍ରଚାର ଶୈଳୀ ଏବଂ ଦୃଢ଼ ମନୋଭାବ ଯୋଗୁ ତାଙ୍କ ବିରୋଧରେ ଆଗତ ସମସ୍ତ ସମାଲୋଚନାକୁ ଅତିକ୍ରମ କରିବାର ଅଦ୍ଭୁତ କ୍ଷମତା ରହିଛି। ତା' ଛଡ଼ା ତାଙ୍କର ଦୁର୍ନୀତି ବିରୋଧୀ ଅଭିଯାନ, ସ୍ୱଚ୍ଛ ଭାରତ ମିଶନ, ପି.ଏମ୍ କିଷାନ ଯୋଜନା, ପିଏମ୍ ଆବାସିକ ଯୋଜନା, ଆୟୁଷ୍ମାନ ଭାରତ ମିଶନ, ଉଜ୍ଜ୍ୱଳା ଗ୍ୟାସ୍ ଯୋଜନା ପ୍ରଭୃତି ଲୋକ କଲ୍ୟାଣମୁଖୀ ପ୍ରକଳ୍ପଗୁଡ଼ିକ ତାଙ୍କୁ ଅଭୂତପୂର୍ବ ଲୋକପ୍ରିୟତା ଆଣିଦେଇଛି। ବଡ଼କଥା ହେଲା ଜଣେ ହିନ୍ଦୁତ୍ୱବାଦୀ ପ୍ରଧାନମନ୍ତ୍ରୀ ଭାବେ ଆତ୍ମପ୍ରକାଶ କରି ସେ ଦେଖାଇ ଦେଇଛନ୍ତି ଯେ ନିଜ ଧର୍ମ ପ୍ରତି ଅନୁରକ୍ତ ଥାଇ ମଧ୍ୟ ଜଣେ ପ୍ରଧାନମନ୍ତ୍ରୀ ସହିଷ୍ଣୁତା, ସହାନୁଭୂତି ଏବଂ ସାମ୍ୟ ମନୋଭାବ ଦ୍ୱାରା ଦେଶର ସମସ୍ତ ସମ୍ପ୍ରଦାୟର ଲୋକଙ୍କ ଆସ୍ଥାଭାଜନ ହୋଇପାରନ୍ତି। ବିଶେଷକରି ତଥାକଥିତ ଧର୍ମନିରପେକ୍ଷତା ନାମରେ ଦୀର୍ଘଦିନ ଅବହେଳା ଏବଂ ଅବିଚାରର ଶିକାର ହୋଇଥିବା ଦେଶର ସଂଖ୍ୟାଗରିଷ୍ଠ ହିନ୍ଦୁ ସମ୍ପ୍ରଦାୟ ତାଙ୍କ ମଧ୍ୟରେ ଜଣେ ତ୍ରାଣକର୍ତ୍ତାଙ୍କୁ ଖୋଜି ପାଇଲା ଭଳି ମନେହେଉଛି। ଭବିଷ୍ୟତରେ ଦେଶ ତାଙ୍କଠାରୁ ଅନେକ କିଛି ଆଶା କରୁଛି। କିନ୍ତୁ ତାଙ୍କର ପ୍ରଧାନ ଶତ୍ରୁ ହେଲେ ଦଳ ମଧ୍ୟରେ ସକ୍ରିୟ ଥିବା କେତେକ ଉଦ୍‌ଭ୍ରାନ୍ତ କଠୋରବାଦୀ ଗୋଷ୍ଠୀ, ଯେଉଁମାନେ ଧର୍ମ ନାମରେ ସାମ୍ପ୍ରଦାୟିକ ବିଦ୍ୱେଷ ଏବଂ ବିଶୃଙ୍ଖଳା ସୃଷ୍ଟି କରିଚାଲିଛନ୍ତି।

ମୋଦିଙ୍କ ନେତୃତ୍ୱରେ ପରିଚାଳିତ ଏନ୍‌ଡିଏ ମେଣ୍ଟ ୨୦୧୯ ନିର୍ବାଚନରେ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କରିଛି। ଏନ୍‌ଡିଏ ୩୫୩ ଆସନ ପାଇଥିଲା ବେଳେ ଭାଜପା ଏକକ ଭାବରେ ୩୦୩ ଆସନରେ ଜୟଲାଭ କରିଛି। ଅପରପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ମେଣ୍ଟ ଶୋଚନୀୟ ଭାବେ ପରାଜିତ ହୋଇଛି। ଐତିହାସିକ କଂଗ୍ରେସ ଦଳ ବର୍ତ୍ତମାନ ଅବଲୁପ୍ତି ପଥରେ, ଏଣେ କିନ୍ତୁ ସମଗ୍ର ଦେଶରେ ଏକଚ୍ଛତ୍ରବାଦ ପ୍ରତିଷ୍ଠା ଲକ୍ଷ୍ୟରେ ଭାଜପା ନେତୃତ୍ୱ କ୍ରମାଗତ ଚେଷ୍ଟା ଜାରି ରଖିଛନ୍ତି। ସମଗ୍ର ଦେଶରେ ଭାଜପାର ୧୦ କୋଟିରୁ ଊର୍ଦ୍ଧ୍ୱ ସକ୍ରିୟ ସଦସ୍ୟ ଥିବା ବେଳେ ସର୍ବବୃହତ୍ ଦଳୀୟ ପାର୍ଟି ରହିଛି। ଲୋକ ସଭାରେ ନିରଙ୍କୁଶ କ୍ଷମତା ହାସଲ କଲା ପରେ ଭାଜପା ବର୍ତ୍ତମାନ ରାଜ୍ୟ ସଭାକୁ କବ୍‌ଜା କରିବାକୁ ଅଗ୍ରସର ହେଉଛି। ଦେଶର ଅଧିକାଂଶ ରାଜ୍ୟରେ ଭାଜପା ସମର୍ଥିତ ସରକାର ରହିଛି ଏବଂ ଅବଶିଷ୍ଟ ଯେଉଁ କେତେକ ଅଣଭାଜପା ସରକାର ଅଛନ୍ତି ସେମାନଙ୍କର ପତନ ଅଥବା ଭାଜପାରେ ବିଲୟ ଆସନ୍ନ। ଏଭଳି ଦଳୀୟ ଏକଚ୍ଛତ୍ରବାଦ କାହାରି ପକ୍ଷରେ ଶୁଭଙ୍କର ନୁହେଁ। ଏପରି କି ନରେନ୍ଦ୍ର ମୋଦିଙ୍କ ପାଇଁ ମଧ୍ୟ ନୁହେଁ। କାରଣ କଥାରେ ଅଛି ନିରଙ୍କୁଶ କ୍ଷମତା ଭ୍ରଷ୍ଟାଚାରର ଆମନ୍ତ୍ରକ। ଏଭଳି ଅବାଞ୍ଛିତ ପରିଣତି ହାତରୁ ଦେଶକୁ ରକ୍ଷା କରିବାକୁ ହେଲେ ୟୁପିଏ ମେଣ୍ଟକୁ ଗଣତାନ୍ତ୍ରିକ ପଦ୍ଧତିରେ ସୁସଂଗଠିତ ହେବାକୁ ପଡ଼ିବ, ଯାହାଦ୍ୱାରା ଯୋଗ୍ୟ ନେତୃତ୍ୱର ଆବିର୍ଭାବ ଘଟିବ। ସେଥିପାଇଁ ପ୍ରଥମେ କଂଗ୍ରେସ ଦଳକୁ ପାରିବାରିକ ମାଲିକାନାରୁ ମୁକ୍ତ ହେବାକୁ ପଡ଼ିବ। ଭବିଷ୍ୟତ ହିଁ କହିବ ଦେଶର ଗଣତନ୍ତ୍ର କେଉଁ ପ୍ରକାର ରୂପ ଗ୍ରହଣ କରିବ- ରେଡ୍ ଚାଇନା ଭଳି ଦଳୀୟ ଏକଚ୍ଛତ୍ରବାଦ ଅଥବା ଦ୍ୱିଦଳୀୟ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା।

ପ୍ଲଟ ନଂ. ୫୦୬, ନୟାପଲ୍ଲୀ, ଭୁବନେଶ୍ୱର,
ମୋ-୯୪୩୭୨୮୭୯୬୪



ହରିଶଙ୍କର ମିଶ୍ର

# ପ୍ରଶ୍ନବାଚୀରେ ପଞ୍ଜିକା ସ୍ୱୀକୃତି

ଶ୍ରୀମନ୍ଦିରସ୍ଥ ମୁକ୍ତିମଣ୍ଡପ ପଣ୍ଡିତ ସଭାକୁ ଓଡ଼ିଶାବାସୀ ଧାର୍ମିକ ବିଚାରାଳୟ ଓ ବ୍ୟବସ୍ଥା ସଭା ଭାବେ ଗ୍ରହଣ କରିଥାନ୍ତି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସ୍ଥାୟୀ ସଭାପତିତ୍ୱରେ ଗଠିତ ପଣ୍ଡିତ ସଭା କୌଣସି ଧାର୍ମିକ ସଙ୍କଟରେ ପରାମର୍ଶ ଦେବା ସହ ଶ୍ରୀମନ୍ଦିର ପରିଚାଳନା କମିଟିରେ ଏହାଙ୍କର ପ୍ରତିନିଧିତ୍ୱ ରହିଛି। ବିବିଧ ଶାସ୍ତ୍ର ବିଶାରଦଙ୍କ ମିଳନସ୍ଥଳୀ ଭାବେ ଏହାର ନାମ ଉଚ୍ଚାରଣରେ ସ୍ୱତଃ ଧାର୍ମିକ ଭାବନା ସୃଷ୍ଟି ହୋଇଥାଏ। ମୁକ୍ତିମଣ୍ଡପ ପଣ୍ଡିତ ସଭାର ସିଦ୍ଧାନ୍ତ ଓ ବ୍ୟବସ୍ଥାକୁ ଗଭୀର ବିଶ୍ୱାସ ସହ ଗ୍ରହଣ କରାଯାଉଥିବାରୁ ଏହାଙ୍କ ଦ୍ୱାରା ସ୍ୱୀକୃତ ପଞ୍ଜିକାକୁ ମଧ୍ୟ ତ୍ରୁଟିଶୂନ୍ୟ ମନେ କରାଯାଏ। ମାତ୍ର ଗତ ଦୁଇ ଦଶନ୍ଧି ଧରି ପ୍ରତ୍ୟେକବର୍ଷ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ରହୁଥିବା ଗୁରୁତର ଗାଣିତିକ ତ୍ରୁଟି ସମାଲୋଚିତ ହୋଇ ଆସୁଥିଲେ ବି ପଣ୍ଡିତସଭାରେ କୌଣସି ଜ୍ୟୋତିଷ ବିଶାରଦ ନ ଥିବାରୁ ସେମାନେ ନୀରବ ରହୁଛନ୍ତି। ମାତ୍ର ପଞ୍ଜିକା ଅନୁସରଣକାରୀ ଦ୍ୱନ୍ଦ୍ୱମୁକ୍ତ ହୋଇପାରୁନାହାନ୍ତି। ବେଦର ଛଅଟି ଅଙ୍ଗ ମଧ୍ୟରୁ ଚକ୍ଷୁ ଭାବେ ବିବେଚିତ ଜ୍ୟୋତିଷଶାସ୍ତ୍ରରେ ଗଣିତ ଜ୍ୟୋତିଷକୁ ସିଦ୍ଧାନ୍ତ ଓ ଫଳିତ ଜ୍ୟୋତିଷକୁ ହୋରା କୁହାଯାଏ ଏବଂ ମନୁଷ୍ୟର ଆଚାର, ବ୍ୟବହାର ସଂଯମ ସହ ଶୃଙ୍ଖଳିତ ଓ ନିରାମୟ ଜୀବନଚର୍ଯ୍ୟା ପାଇଁ ଉପାଦେୟ ତଥ୍ୟ ସଂହିତାରୁ ହିଁ ମିଳିଥାଏ। ଗ୍ରହଗଣିତ ଦ୍ୱାରା ଅନ୍ତରୀକ୍ଷରେ ଘୂରି ବୁଲୁଥିବା ଗ୍ରହମାନଙ୍କର ଗତି ସ୍ଥିତି ନିର୍ଣ୍ଣୟ ସହ ପଞ୍ଚାଙ୍ଗ ବ୍ୟାପ୍ତି ଯଥା- ତିଥି, ରାଶି, ନକ୍ଷତ୍ର, ଯୋଗ, କରଣ ଠିକ୍ ନିର୍ଦ୍ଧାରିତ ହେଲେ ପଞ୍ଜିକା ତ୍ରୁଟିଶୂନ୍ୟ ହୋଇଥାଏ। ତେବେ ରାଶି, ନକ୍ଷତ୍ର ଓ ଯୋଗର ବ୍ୟାପ୍ତି ଅୟନାଂଶ ଦ୍ୱାରା ନିର୍ଦ୍ଧାରିତ ହେଉଥିବା ବେଳେ ତିଥି ଓ କରଣର ବ୍ୟାପ୍ତି ପୃଥିବୀସାରା ସର୍ବତ୍ର ସମାନ। ଏହା ପଣ୍ଡିତସଭାକୁ ବାରମ୍ବାର ଅବଗତ କରାଯାଇଥିଲେ ବି ପୂର୍ବବର୍ଷ ଭଳି ଏବର୍ଷ ତାଙ୍କ ଦ୍ୱାରା ସ୍ୱୀକୃତ ରାଧାରମଣ ପ୍ରେସ୍ ଦ୍ୱାରା ପ୍ରକାଶିତ ପଞ୍ଜିକାରେ ଅନେକ ତ୍ରୁଟି ରହିଛି।

ପଣ୍ଡିତସଭା ସ୍ୱୀକୃତ ପଞ୍ଜିକା ବ୍ୟତୀତ ଅନେକ ପୁରାତନ ପଞ୍ଜିକା ଓ ନୂତନ ସୌରବିଜ୍ଞାନ ଆଧାରରେ ଅନେକ ପଞ୍ଜିକା ବଜାରରେ ଉପଲବ୍ଧ ହେଉଛି। ତୁଳନାତ୍ମକ ଭାବେ ଅନ୍ୟ ପଞ୍ଜିକା ଗଣନାରେ ସମତା ରହୁଥିବା ବେଳେ ପଣ୍ଡିତସଭା ସ୍ୱୀକୃତ ପଞ୍ଜିକା ଗଣନାରେ ଭିନ୍ନତା ରହୁଛି। ବର୍ଷାରମ୍ଭ ଅର୍ଥାତ୍ ତା୧୪।୪।୧୯ରିଖରେ ଅନ୍ୟାନ୍ୟ ପଞ୍ଜିକାରେ ନବମୀ ତିଥିର ବ୍ୟାପ୍ତି ଦିନ ଘ୯।୩୫ ପର୍ଯ୍ୟନ୍ତ ଦର୍ଶାଇଥିବା ବେଳେ ପଣ୍ଡିତସଭା ସ୍ୱୀକୃତ ପଞ୍ଜିକାରେ ଦିନ ଘ୯।୧୧ ରହିଛି। ତିଥିର ବ୍ୟାପ୍ତି ଶ୍ରାଦ୍ଧ ଦିବସ ନିରୂପଣ, ମୃତେ ପୁଷ୍କର ଦୋଷ, ନିଷିଦ୍ଧ ଖାଦ୍ୟକୁ ପ୍ରଭାବିତ କରେ ଓ ଅକାଳରେ କୌଣସି କାର୍ଯ୍ୟ ଫଳପ୍ରଦ ହୁଏନାହିଁ। ତେବେ ବର୍ଷାରମ୍ଭରେ ଏଇ ଚବିଶ ମିନିଟ ତଫାତ୍ ଥିବାବେଳେ ବର୍ଷ ମଧ୍ୟରେ ୪୩ ମିନିଟ୍ ଫରକ ମଧ୍ୟ ଦେଖିବାକୁ ମିଳୁଛି। ରାଶି ନକ୍ଷତ୍ର ବ୍ୟାପ୍ତିରେ ଅନ୍ୟ ପଞ୍ଜିକାମାନଙ୍କଠାରୁ ମଧ୍ୟ ଏଥିରେ ଭିନ୍ନତା ରହିଥିବାରୁ ଏହାର ଗଣନା କେତେ ଠିକ୍ ତାହା ବିଚାରଯୋଗ୍ୟ। ଜନ୍ମଜାତକ ପ୍ରସ୍ତୁତିରେ ଗ୍ରହମାନଙ୍କର ସ୍ଥିତି ସହ ଲଗ୍ନ ନିର୍ଣ୍ଣୟ ପାଇଁ ପଞ୍ଜିକା ଅନୁସରଣ କରାଯାଏ। ମାତ୍ର ପଣ୍ଡିତସଭା ସ୍ୱୀକୃତ ରାଧାରମଣ ପ୍ରେସ୍ ପଞ୍ଜିକାନୁଯାୟୀ ସୂର୍ଯ୍ୟୋଦୟ ସହ ଲଗ୍ନ ଭୋଗ ମିଶାଇଲେ ତାହା ପଞ୍ଜିକା ପ୍ରଦତ୍ତ ସୂର୍ଯ୍ୟାସ୍ତ ସମୟଠାରୁ ଢେର୍ ତଫାତ୍ ରହୁଛି।

ଗ୍ରହଚଳନ ଦେଖିଲେ ଶନି ଚଳନ ମକର ରାଶିକୁ ଅନ୍ୟାନ୍ୟ ପଞ୍ଜିକାରେ ତା୨୪।୧।୨୦ରିଖ ଦିବା ଘ୯।୫୬ ରହିଥିବା ବେଳେ ରାଧାରମଣ ପ୍ରେସ୍ ପଞ୍ଜିକାରେ ତା୨୬।୧।୨୦ରିଖ ରାତି ଘ୯।୪୦ ରହିଛି। ବୃହସ୍ପତି ଚଳନ ଅନ୍ୟ ପଞ୍ଜିକାନୁଯାୟୀ ଯଥାକ୍ରମେ ବିଛା ଓ ଧନୁ ରାଶିକୁ ତା୨୨।୪।୧୯ରିଖ ରାତିଘ୧।୧୧ ଓ ତା୪।୧୧।୧୯ରିଖ ନିଶାନ୍ତ ଘ୫।୧୭ ରହିଥିବା ବେଳେ ପଣ୍ଡିତସଭା ସ୍ୱୀକୃତ ପଞ୍ଜିକାରେ ଦିନ ଠିକ୍ ଥାଇ ଯଥାକ୍ରମେ ରାତ୍ରି ଘ୫।୦୪ ଓ ରାତ୍ରି ଘ୯।୧୨ ରହିଛି। ବୃହସ୍ପତିଙ୍କର ପୁନଃ ମକର ରାଶିକୁ ଚଳନ ଅନ୍ୟାନ୍ୟ ପଞ୍ଜିକାରେ ତା୨୯।୩।୨୦୨୦ରିଖ ରାତି ଘ୩।୫୪ ସ୍ଥଳେ ଏହି ପଞ୍ଜିକାରେ ତା୩୦।୩।୨୦୨୦ ଦିବା ଘ୨।୪୧ ରହିଛି। ମଙ୍ଗଳ, ବୁଧ ଓ ଶୁକ୍ରଙ୍କ ଚଳନର ଦିନ ଅନ୍ୟାନ୍ୟ ପଞ୍ଜିକା ସହ ରାଧାରମଣ ପ୍ରେସ୍ ପଞ୍ଜିକାର ସମାନ ଥିଲେ ବି ସମୟରେ ବ୍ୟାପକ ଅମେଳ ରହିଛି। ଅୟନାଂଶରେ ଅମେଳ ଯୋଗୁ ପ୍ରତ୍ୟେକ ସଂକ୍ରାନ୍ତି ଦିନର ରବି ଚଳନ ସମୟ ଦୃକ୍‌ସିଦ୍ଧ ଓ ପାରମ୍ପରିକ ଗଣନାରେ ପ୍ରାୟ ଆଠ ଘଣ୍ଟା ଫରକ ରହୁଛି। ତାତ୍ପର୍ଯ୍ୟପୂର୍ଣ୍ଣ କଥା ଏହିକି ଯେ ଉପରୋକ୍ତ ଗଣନା ତ୍ରୁଟି ସତ୍ତ୍ୱେ ଅନ୍ୟାନ୍ୟ ପଞ୍ଜିକାରେ ପ୍ରଦତ୍ତ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସମୟ ସହ ଏହି ପଞ୍ଜିକା ପ୍ରଦତ୍ତ ସମୟ ସମାନ ରହିବା ଗଣନାର ଭିନ୍ନ ଦିଗକୁ ସୂଚାଉଛି। ପଞ୍ଜିକା ଗଣନା ବା ସଂଶୋଧନ ପାଇଁ ଆବଶ୍ୟକ ପାଣ୍ଡିତ୍ୟର ଅଭାବ ଏହାର ମୁଖ୍ୟ କାରଣ।

ଏହା ସତ୍ୟ ଯେ ପଣ୍ଡିତ ସଭାରେ ଏଥିପାଇଁ କିଛି ବାହାର ବ୍ୟକ୍ତିଙ୍କୁ ସଂଶ୍ଳିଷ୍ଟ କରାଇ ପଞ୍ଜିକା ସଂଶୋଧନ କରାଯାଇଥିବା ପଞ୍ଜିକା ପ୍ରଦତ୍ତ ସଂଶୋଧନକାରୀଙ୍କ ଫଟୋରୁ ସ୍ପଷ୍ଟ ହୋଇଛି। ଆମର ପଣ୍ଡିତ ସଭା ପ୍ରତି ରହିଥିବା ପୂର୍ବାଗ୍ରହକୁ ଉପଯୋଗ କରି କେବଳ ପଞ୍ଜିକା ଶୁଳ୍କ ବିନିମୟରେ ସ୍ୱୀକୃତିପତ୍ର ପ୍ରଦାନ କରାଯାଉଥିବାରୁ ତାହା ଆମକୁ ବିଭ୍ରାନ୍ତ କରାଉଛି। ପଣ୍ଡିତ ସଭା ମଧ୍ୟ ଦକ୍ଷ ଗଣକ ପରିବର୍ତ୍ତେ ପ୍ରକାଶକଙ୍କୁ ଗୁରୁତ୍ୱ ଦେଉଥିବାରୁ କିଛି ବ୍ୟବସାୟୀ ନିଜର ବ୍ୟବସାୟିକ ସଫଳତା ପାଇଁ ଏହାକୁ ଉପଯୋଗ କରୁଛନ୍ତି। ଗଣନାର ଭିନ୍ନତା ସତ୍ତ୍ୱେ ଅର୍ଥ ବିନିମୟରେ ସ୍ୱୀକୃତିପତ୍ର ପ୍ରଦାନ ପଣ୍ଡିତ ସଭାର ଗରିମା ପ୍ରତି ପ୍ରଶ୍ନ ଉଠାଉଥିବା ବେଳେ ପଣ୍ଡିତ ସଭା ଏଥିପାଇଁ ସାମାନ୍ୟ ଯତ୍ନବାନ୍ ନ ହେବା ପରିତାପର ବିଷୟ। ସିଦ୍ଧାନ୍ତ ଦର୍ପଣର ପ୍ରଣେତା ସାମନ୍ତ ଚନ୍ଦ୍ରଶେଖର ଓଡ଼ିଶାରେ ଘଟିଥିବା ନଅଙ୍କ ଦୁର୍ଭିକ୍ଷର କାରଣ ଖୋଜି ଗ୍ରହ ଗଣିତରେ ତା'ର ସମାଧାନ ପାଇଥିଲେ। ଆମର ପୂର୍ବସୂରୀ ଜଳବାୟୁ, କୃଷି ଶସ୍ୟାଦିର ଆୟ, ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଜ୍ୟୋତିଷଶାସ୍ତ୍ର ଆଧାରରେ ନିର୍ଣ୍ଣୟ କରୁଥିଲେ। ଗ୍ରହଗଣନା ନିର୍ଭୁଲ ରହିଲେ ଏହି ଗଣନାଗୁଡ଼ିକ ତ୍ରୁଟିଶୂନ୍ୟ ହୋଇପାରିବ। ଏଭଳି ଏକ ଶାସ୍ତ୍ରକୁ ଅବହେଳା କରାଯିବା ଠିକ୍ ହେଉନାହିଁ। ପଣ୍ଡିତ ସଭା ବର୍ତ୍ତମାନ କିଛି ଜ୍ୟୋତିଷ ଶାସ୍ତ୍ରାନଭିଜ୍ଞ ଅବସରପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ଭବିଷ୍ୟତରେ ମଧ୍ୟ ଠିକ୍ ପଞ୍ଜିକା ସଂଶୋଧନ ଆଶା କରି ହୁଏ ନାହିଁ। ଜଗନ୍ନାଥଙ୍କ ବିବିଧ ବେଶ, ପର୍ବ ସହ ସମସ୍ତ ଶୁଭାଶୁଭ କାର୍ଯ୍ୟ ପାଇଁ ଆମକୁ ପଞ୍ଜିକା ସହାୟକ ହେଉଥିବାରୁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରି ନିର୍ଭୁଲ ଦୃକ୍‌ସିଦ୍ଧ ପଞ୍ଜିକା ପ୍ରସ୍ତୁତ କରାଇବା ଅତ୍ୟାବଶ୍ୟକ ମନେହୁଏ। ମୁକ୍ତି ମଣ୍ଡପ ପଣ୍ଡିତ ସଭା ମଧ୍ୟ ଯୋଗ୍ୟ ଦକ୍ଷ ପଣ୍ଡିତଙ୍କୁ ଆମନ୍ତ୍ରଣ କରି ଏହାର ବ୍ୟବସ୍ଥାସଭାକୁ ସୁପରିଚାଳନା କରିବା ଏକାନ୍ତ ଜରୁରୀ ମନେହୁଏ।

୧୧୩, ଗୁଣ୍ଡିଚା ବିହାର, ସର୍ବୋଦୟ ନଗର,
ପୁରୀ, ମୋ-୭୯୭୮୭୮୫୪୭୮

## ଏଇ ଭାରତରେ

ବିଭିନ୍ନ ଆକୃତିର ନିଶକୁ ନେଇ ଅନେକ ସମୟରେ ଚର୍ଚ୍ଚା ଜୋର ଧରେ। କେତେକ ନିଶ ରଖିବାକୁ ସମ୍ମାନଜନକ ବିଷୟ ବୋଲି ମନେକରନ୍ତି। ମାତ୍ର ରାଜସ୍ଥାନ ଜୟପୁରର ଏକ ସରକାରୀ ବୈଠକରେ ବାରମ୍ବାର ନିଶରେ ହାତ ମାରୁଥିବା ଜଣେ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ସମ୍ପୃକ୍ତ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟସ ଜାରି କରାଯାଇଛି। ସ୍ଥାନୀୟ ଅଜମେରସ୍ଥିତ ଶ୍ରୀନଗର ଉପଖଣ୍ଡରେ ଜୁଲାଇ ୭ରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଏକ ଭିଡିଓ କନ୍‌ଫରେନ୍ସ ଆୟୋଜିତ ହୋଇଥିଲା। ଏଥିରେ ଉପସ୍ଥିତ ଥିବା ସାମାଜିକ ସୁରକ୍ଷା ଅଧିକାରୀ ବିଶାଲ ସୋଲାଙ୍କି ବୈଠକ ଚାଲିଥିବା ସମୟରେ ବାରମ୍ବାର ନିଜ ନିଶରେ ହାତ ମାରିଥିଲେ। ବୈଠକରେ ଉପସ୍ଥିତ ଥିବା ଅନ୍ୟ ବରିଷ୍ଠ ଅଧିକାରୀ ବିଶାଲଙ୍କୁ ଏପରି ନ କରିବାକୁ କହିଥିଲେ। ତେବେ ବିଶାଲ ଏପରି କରିଚାଲିଥିଲେ। ଏନେଇ ଅଭିଯୋଗ ହେବା ପରେ ସମ୍ପୃକ୍ତ ବିଭାଗର ଉପନିର୍ଦ୍ଦେଶକ ଏବେ ବିଶାଲଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସେ କାହିଁକି ନିଶରେ ବାରମ୍ବାର ହାତ ମାରୁଥିଲେ ବୋଲି ନୋଟିସରେ ପ୍ରଶ୍ନ କରାଯାଇଛି। ଏହି ନୋଟିସ୍‌କୁ ନେଇ ଏଠାରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

## ଚିରନ୍ତନୀ

ତେଜଇ ନବୀନ ଯେବେ ଆଜି ସେହି ପରମ୍ପରା ପଥ
ଦିଅ ତାକୁ ଆଶୀର୍ବାଦ ହେଉ ଧନ୍ୟ ହେଉ ସତ୍ୟବ୍ରତ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଜୁଲାଇ ୧୯୯୪

- ଶକ୍ତି ଉଦ୍ୟୋଗ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇଁ ଭାରତ ଓ ଆମେରିକା ମଧ୍ୟରେ ୧୫ଟି ରାଜିନାମା ସ୍ୱାକ୍ଷରିତ।
- ମାଲେସିଆରେ ଆଶ୍ରୟ ନେଇଥିବା କାମ୍ବୋଡିଆର ରାଷ୍ଟ୍ରମୁଖ୍ୟଙ୍କ ପୁତ୍ର ଚକ୍ରବୁଧ ସିହାନୁକଙ୍କୁ ଦେଶ ଛାଡ଼ିବା ପାଇଁ ନିର୍ଦ୍ଦେଶ।

## ସାପ୍ତାହିକ ପଞ୍ଜିକା

ଜୁଲାଇ ୮- ସରକାରଙ୍କ ନିଷ୍ପତ୍ତି ଅନୁସାରେ ଦିଲ୍ଲୀ ଓ ଲକ୍ଷ୍ନୌ ମଧ୍ୟରେ ଚାଲିବାକୁ ଥିବା ତେଜସ୍ ଏକ୍ସପ୍ରେସ୍‌କୁ ଘରୋଇ କମ୍ପାନୀ ହାତରେ ଟେକି ଦିଆଯିବ, ଅର୍ଥାତ୍ ଏହା ହେବ ଦେଶର ପ୍ରଥମ ଘରୋଇ ଟ୍ରେନ୍।

୯- ଏଡିଆର୍ ରିପୋର୍ଟ ଅନୁସାରେ ୨୦୧୬ରୁ ୨୦୧୮ ମଧ୍ୟରେ ଭାଜପା ଶିଳ୍ପ ଜଗତରୁ ଚାନ୍ଦା ଆକାରରେ ୯୧୫ କୋଟିରୁ ଅଧିକ ଟଙ୍କା ପାଇଛି, ଯାହା କଂଗ୍ରେସ ପାଇଥିବା ଚାନ୍ଦାର ୧୬ଗୁଣରୁ ଅଧିକ।

୧୦- ଗୋଆ କଂଗ୍ରେସର ୧୫ ବିଧାୟକଙ୍କ ମଧ୍ୟରୁ ୧୦ ଜଣ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିବାରୁ ଦଳ ପାଇଁ ଏକ ସଂକଟ ସୃଷ୍ଟି ହୋଇଛି।

୧୧- ଆର୍‌ଟିଆଇ କର୍ମୀ ଅମିତ୍ ଜେଠୱା ହତ୍ୟା ମାମଲାରେ ସୌରାଷ୍ଟ୍ରର ପୂର୍ବତନ ଏମ୍‌ପି ଦିନୁ ବୋଘା ସୋଲାଙ୍କିଙ୍କ ସମେତ ୭ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

## ଆମ ସମସ୍ୟା

### ଡାକବାକ୍ସ ନିୟମିତ ଖୋଲାଯାଉ

ମହାଶୟ,

ଗ୍ରାମାଞ୍ଚଳର ଅନେକ ଶାଖା ଡାକଘରେ ଡାକବାକ୍ସ ନାହିଁ। ଡାକଘର ଗ୍ରାମୀଣ ଡାକ ସେବକଙ୍କ ବାସଭବନରେ ଚାଲିଛି। ପୁନଶ୍ଚ ଅନେକ ଡାକବାକ୍ସ ନିୟମିତ ଖୋଲୁ ନ ଥିବାରୁ ପତ୍ର ବହୁ ବିଳମ୍ବରେ ମିଳୁଛି। ଡାକପାଳମାନେ ପ୍ରତ୍ୟହ ଡାକବାକ୍ସ ଖୋଲିବା ନିମନ୍ତେ ଅଧସ୍ତନଙ୍କୁ ବାଧ କରନ୍ତୁ। କେତେଜଣ କର୍ମଚାରୀଙ୍କ ଅଳସୁଆମିରେ ବିଭାଗ ବଦନାମ ହେବା ଠିକ୍ କି ?

ଶ୍ରୀରାମଚନ୍ଦ୍ର ଦାଶ, ଭୋଇନଗର, ଭୁବନେଶ୍ୱର

### ରାସ୍ତା ସମ୍ପ୍ରସାରଣ ହେଉ

କନ୍ଦରପୁରଠାରୁ ଜଗତ୍‌ସିଂହପୁର ଅଣଓସାରିଆ ରାସ୍ତାକୁ ଚାରିଚକିଆରେ ପରିଣତ କରାଯିବା ଦରକାର। ଦୈନିକ ଦୁଇଚକିଆ, ତିନିଚକିଆ ଏବଂ ଚାରିଚକିଆ ଯାନଗୁଡ଼ିକର ଯାତାୟାତରେ ଅସୁବିଧା ହେଉଛି। ପରସ୍ପର ଟ୍ରକ, ବସ୍, ଟେମ୍ପୋ, ଟାଟା ଏସିଇ କଟାଇ ଯିବା ସମ୍ଭବ ହେଉନାହିଁ। ଭବିଷ୍ୟତରେ ଯାନବାହନ ସଂଖ୍ୟା ଆହୁରି ବୃଦ୍ଧି ପାଇବ। ଏପରି ସ୍ଥଳେ ଜୀବନଯାତ୍ରା ଆଦୌ ସହଜ ହେବନାହିଁ। ତେଣୁ ଟେଣ୍ଡର ପ୍ରକ୍ରିୟାରେ ଉଭୟ ପଟୁ କାର୍ଯ୍ୟ ଆରମ୍ଭ କରାଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

> ସେବା ହିଁ ଧର୍ମର ପଥ। ଦୁଃସ୍ଥ, ପୀଡ଼ିତ, ଦୁଃଖୀ ଏବଂ ଅସହାୟ ମଣିଷଙ୍କ ସେବା କରିବାଠାରୁ ଆଉ ବଡ଼ ଧର୍ମ ନାହିଁ। ଏହି ସେବା ଦ୍ୱାରା ଯେଉଁ ଆନନ୍ଦ ମିଳେ ତାହା ଅପାର୍ଥିବ, ତାହା ସ୍ୱର୍ଗୀୟ, ମାତ୍ର ତୁମେ ତାହା ସବୁ ଭୁଲି ଗଲଣି।
>
> - ସତ୍ୟ ସାଇବାବା

## ସଂକ୍ଷେପରେ

### ପ୍ରଥମ ଥର ପାଳନ ହେବ ବିପ୍ଳବୀ ଚକ୍ରଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର,୧୪।୭(ବ୍ୟୁରୋ): ଚଳିତ ବର୍ଷ ପ୍ରଥମ ଥର ପାଇଁ ପାଳନ ହେବାକୁ ଯାଉଛି କନିକାର ପ୍ରଜାନେତା, ପୂର୍ବତନ ବିଧାୟକ ତଥା ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆସନ୍ତା ୧୬ତାରିଖରେ ସୂଚନାଭବନଠାରେ ଏହି ଜୟନ୍ତୀ ଉତ୍ସବ ଆୟୋଜନ ହେବ। ଏହି ଅବସରରେ ୧୬ତାରିଖ ସକାଳ ୯ଟାରେ ରାଜଭବନ ଛକ ନିକଟସ୍ଥ ଚକ୍ରଧରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ। ସନ୍ଧ୍ୟାରେ ସୂଚନାଭବନଠାରେ ହେବାକୁ ଥିବା ସଭାରେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସଭା ପରେ ସୁନାମଧନ୍ୟ ଗାୟକ ଆଶାମୁକୁଳ ବାରିକ ଏବଂ ସାଥୀମାନେ ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିବେ। ବିପ୍ଳବୀ ଚକ୍ରଧର ବେହେରାଙ୍କ ସ୍ମୃତିରକ୍ଷା ପାଇଁ ଗଠିତ 'ଚକ୍ରଧର ସ୍ମୃତି ସମିତି'ର ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଥିଲେ। ଏହି ନିଷ୍ପତ୍ତି ଅନୁଯାୟୀ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ଚଳିତବର୍ଷ ପ୍ରଥମ ଥର ପାଇଁ ଆୟୋଜନ କରାଯାଉଛି।

## ଆଜି କ'ଣ କେଉଁଠି

**ବୌଦ୍ଧ**

- ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ଜିଲାପାଳଙ୍କ ସଦ୍‌ଭାବନା ଗୃହ, ଅପରାହ୍ନ ୪ଟା।

**ବଲାଙ୍ଗୀର**

- ଫଳସାମାଲ ଗ୍ରାମବାସୀଙ୍କ ଦାବିପତ୍ର ପ୍ରଦାନ, ୱେସକୋ ଅଫିସ, ପୂର୍ବାହ୍ନ ୧୦ଟା।

ଦେଓଗାଁ

- ମାଁ ବୁଢ଼ିଆଇଙ୍କ ମୁଖ୍ୟ କାଦୋଯାତ୍ରା, ଜରାସିଂହା, ପୂର୍ବାହ୍ନ ୧୧ଟା।

**ଅତାବିରା**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ବ୍ଲକ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

**ଦେବଗଡ଼**

- ଦ୍ୱିତୀୟ ଦିନ ରଥଟଣା, ପୁରୁଣାଗଡ଼, ଅପରାହ୍ନ ୫ଟା।
- ଗୁରୁପୂର୍ଣ୍ଣିମା ଉତ୍ସବ, ସାଇଧାମ ମନ୍ଦିର, ପ୍ରଧାନପାଟ, ସକାଳ ୭ଟା।

## ସରିଲା ଅଧରପଣା ନୀତି

# ୩ ରଥରେ ଭଙ୍ଗାଗଲା ୯ ଅଧର ହାଣ୍ଡି

ପୁରୀ ଅଫିସ, ୧୪।୭

ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ରବିବାର ସମ୍ପନ୍ନ ହୋଇଛି ଅଧରପଣା ନୀତି। ରଥାରୁଢ଼ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ଛୁଟିଦିନ ଏବଂ ଅନୁକୂଳ ପାଗ ଯୋଗୁ ଲକ୍ଷାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ଅନନ୍ୟ ନୀତି ଦର୍ଶନ କରିଛନ୍ତି।

ତିନିରଥରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଆରମ୍ଭ ହୋଇଥିଲା ଅଧରପଣା ପାଇଁ ପ୍ରସ୍ତୁତି। ସିଂହଦ୍ୱାର ସମ୍ମୁଖ ଛାଉଣୀ ମଠ କୂଅରୁ ପାଣିଆ ଆପଟ ସେବକମାନେ ଗରାରେ ଜଳ ଆଣି ରଥ ଉପରେ ରହିଥିବା ପିତ୍ତଳ ହଣ୍ଡାରେ ଭର୍ତ୍ତି କରିଥିଲେ। ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ଲାଗି ଅଣାଯାଇଥିବା ଛେନା, ଛାଚି, ସର, କଦଳୀ, ଗୋଲମରିଚ, କର୍ପୁର ଓ ଜାଇଫଳ ଆଣି ରଥ ଉପରେ ରଖାଯାଇଥିଲା। ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚତାର ମାଟିରେ ନିର୍ମିତ ତିନୋଟି ଲେଖାଏ ହାଣ୍ଡି ପ୍ରତି ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଖାଯାଇଥିଲା। ଭୋଗ ପୂର୍ବରୁ ଶ୍ରୀଅଧର ଆଗରେ ଖଣ୍ଡେ ଖଣ୍ଡେ ନୂଆ ଗାମୁଛା ଟେରା ବନ୍ଧାଯାଇଥିଲା। ଏହାପରେ ମହାସୁଆରମାନେ ପଣା ପାଇଁ ଆସିଥିବା ସାମଗ୍ରୀ ମିଶାଇ ପଣା ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା ଶେଷ କରିବା ପରେ ଅଧର ହାଣ୍ଡିକୁ ଭଙ୍ଗା ଯାଇଥିଲା। ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଇଥିଲା। ଉକ୍ତ ପଣାକୁ ଦେବଦେବୀ, ଭୂତପ୍ରେତ, କିନ୍ନର ଓ ରାକ୍ଷାସମାନେ ପାଇଥାନ୍ତି ବୋଲି ବିଶ୍ୱାସ ରହିଛି। ରାତି ୮ଟାରେ ଅଧରପଣା ନୀତି ଶେଷ ହେବାକୁ ଥିବା ବେଳେ ଏହା ରାତି ୯ଟା ୨୭ରେ ସରିଥିଲା। ପ୍ରଥମେ ତାଳଧ୍ୱଜ ରଥରେ ୯ଟା ୧୦, ଦର୍ପଦଳନ ରଥରେ ୯ଟା ୧୨ ଏବଂ ଶେଷରେ ନନ୍ଦିଘୋଷ ରଥରେ ୯ଟା ୨୭ରେ ଅଧରପଣା ହାଣ୍ଡି ଭଙ୍ଗା ଯାଇଥିଲା। ଏହି ନୀତି ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ବଡ଼ ଓଡ଼ିଆ ମଠ, ରାଘବ ଦାସ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଦେଇଥିଲେ।

ତେବେ ବିଗତ କିଛିବର୍ଷକୁ ଦେଖିଲେ ଅଧରପଣା ଦିନ ଶ୍ରୀକ୍ଷେତ୍ରରେ ଏତେ ସଂଖ୍ୟାରେ ଭକ୍ତଙ୍କ ଗହଳି ନ ଥାଏ। କିନ୍ତୁ ଚଳିତବର୍ଷ ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଏହି ଅଧରପଣା ନୀତି ଦର୍ଶନ କରିଛନ୍ତି। ଦ୍ୱିତୀୟ ଶନିବାର ଏବଂ ରବିବାର ଛୁଟିଦିନ ଥିବାରୁ ବହୁ ସଂଖ୍ୟକ ଲୋକ ସପରିବାର ପୁରୀରେ ରହିଛନ୍ତି। ତେଣୁ ଅଧରପଣା ନୀତି ଦେଖିବାକୁ ପ୍ରବଳ ଭିଡ଼ ହୋଇଥିଲା ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି।




ଜଗନ୍ନାଥଙ୍କ ରଥରେ ଅଧରହାଣ୍ଡି ଭଙ୍ଗାଯାଉଛି।

## ■ଦକ୍ଷତା ବିକାଶ ପ୍ରଶିକ୍ଷଣ ନୈରାଶ୍ୟଜନକ

# ଚାକିରି ପାଇଛନ୍ତି ମାତ୍ର ୧୯.୫୪%

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ରାଜ୍ୟରେ ଯୁବପିଢ଼ି କିପରି ସହଜରେ ନିଯୁକ୍ତି ପାଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପାଇଁ ସେମାନଙ୍କ ଦକ୍ଷତା ବୃଦ୍ଧି ସକାଶେ ରାଜ୍ୟ ସରକାର 'ସ୍କିଲ୍‌ଡ ଇନ୍ ଓଡ଼ିଶା' ମାଧ୍ୟମରେ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ମାତ୍ର ତାହା କେବଳ କାଗଜକଲମରେ ସୀମିତ ହୋଇ ରହିଯାଇଥିବା ଭଳି ମନେ ହେଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷଣ ପାଇଥିବା ଯୁବପିଢ଼ିଙ୍କ ମଧ୍ୟରୁ ମାତ୍ର ୧୯.୫୪% ଚାକିରି ପାଇବାରେ ସକ୍ଷମ ହୋଇଛନ୍ତି। ବିଧାନସଭାର ବଜେଟ ଅଧିବେଶନରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଦେଇଥିବା ତଥ୍ୟରୁ ଏହା ସ୍ପଷ୍ଟ ପ୍ରମାଣିତ ହୋଇଯାଉଛି। ଭାଜପା ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ନାୟକ କହିଛନ୍ତି ଯେ, ୨୦୧୧-୧୨ ଓ ୨୦୧୮-୧୯ ମଧ୍ୟରେ ୮୫,୮୮୦ ଯୁବପିଢ଼ି ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ(ପିଏଲ୍‌ଟିପି) ମାଧ୍ୟମରେ ପ୍ରଶିକ୍ଷଣ ନେଇଥିଲେ। ହେଲେ ସେମାନଙ୍କ ମଧ୍ୟରୁ ମାତ୍ର ୧୬,୭୭୭(୧୯.୫୪%) ନିଯୁକ୍ତି ପାଇଛନ୍ତି। ୨୦୧୧-୧୨ରେ ମାତ୍ର ୧,୪୬୬(୧୦% )ଯୁବକ ଚାକିରି ପାଇଥିଲେ। ୨୦୧୩-୧୪ରେ ୪.୪୦କୋଟି ଟଙ୍କା ଖର୍ଚ୍ଚରେ ୨୩,୪୨୧ଜଣ ପ୍ରଶିକ୍ଷଣ ନେଇଥିବାବେଳେ ମାତ୍ର ୪,୭୪୪ଜଣ ଚାକିରି ପାଇଥିବା ମନ୍ତ୍ରୀ ଉତ୍ତର ଦେଇଛନ୍ତି। ସେହିପରି ୨୦୧୪-୧୫ରେ ୧୮.୮୭% ଚାକିରି ପାଇଥିବାବେଳେ ପରବର୍ତ୍ତୀ ବର୍ଷ ଏହା ୧୬.୮୧% ପ୍ରତିଶତକୁ ଖସି ଆସିଥିଲା। ମନ୍ତ୍ରୀଙ୍କ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ୨୦୧୬-୧୭ରେ ୨୫ଟି ଜିଲାରୁ ୮,୮୬୨ଜଣ ଯୁବପିଢ଼ି ପ୍ରଶିକ୍ଷଣ ନେଇଥିଲେ। ଯେଉଁଥିପାଇଁ ୭.୫୧କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଆଉ ସେଥିରୁ ମାତ୍ର ୧,୩୪୦ଜଣ ଚାକିରି ପାଇଛନ୍ତି। ୨୦୧୭-୧୮ରେ ମଧ୍ୟ ବହୁ କମ୍ ସଂଖ୍ୟାରେ ନିଯୁକ୍ତି ପାଇଛନ୍ତି। ୨୦୧୮-୧୯ରେ ପିଏଲ୍‌ଟିପି ଜରିଆରେ ୧୩.୮୪କୋଟି ଟଙ୍କା ଖର୍ଚ୍ଚରେ ୯,୦୪୮ ଯୁବପିଢ଼ି ପ୍ରଶିକ୍ଷଣ ନେଇଛନ୍ତି। ଏଥିରୁ ଜଣାପଡୁଛି ଯେ, ସରକାର ଜଣେ ଯୁବକଙ୍କୁ ପ୍ରଶିକ୍ଷଣ ଦେବାକୁ ବାର୍ଷିକ ୧୫ ହଜାର ଟଙ୍କା ଲେଖାଏ ଖର୍ଚ୍ଚ କରୁଛନ୍ତି। ତେବେ ମାତ୍ର ୧ହଜାର(୨.୭୧%) ଚାକିରି ପାଇଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ୫,୫୪୦ ଯୁବପିଢ଼ିଙ୍କୁ ଚାକିରି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି ଯାହାକି ପ୍ରଶିକ୍ଷଣ ପାଉଥିବା ଯୁବକଙ୍କ ସଂଖ୍ୟାର ମାତ୍ର ୨୦.୭୯%। ପ୍ରଶିକ୍ଷଣ ପାଉଥିବା ଯୁବପିଢ଼ିଙ୍କୁ ସେମାନଙ୍କ ବିଭାଗ ଅନୁସାରେ ୫ହଜାରରୁ ୧୦ହଜାର ଟଙ୍କାର ଭତ୍ତା ମଧ୍ୟ ପ୍ରଦାନ କରାଯାଉଛି। ପିଏଲ୍‌ଟିପି କାର୍ଯ୍ୟକ୍ରମରେ ରାଜ୍ୟ ସରକାର ୨୦୧୨-୧୩ ଏବଂ ୨୦୧୮-୧୯ ମଧ୍ୟରେ ୫୦ଟି ଘରୋଇ ସଂସ୍ଥାକୁ ୪୫.୫୨କୋଟି ଟଙ୍କା ପ୍ରଦାନ କରିଛନ୍ତି। ମାତ୍ର ସଫଳତା ହାର ମାତ୍ର ୧୯.୫୪%, ଯାହାକି ଅତ୍ୟନ୍ତ ନୈରାଶ୍ୟଜନକ। ଆଉ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ନିଯୁକ୍ତି ଦକ୍ଷତା ବୃଦ୍ଧି କରିବା ନିମନ୍ତେ ରାଜ୍ୟ ସରକାର ୨୦୧୪-୧୫ରେ ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ(ସିଏମ୍‌ଇଜିପି) ଆରମ୍ଭ କରିଥିଲେ। ଆଉ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୨୦୧୮-୧୯ ସୁଦ୍ଧା ୧୧ଲକ୍ଷ ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖିଥିଲେ। ମାତ୍ର ଏହି କାର୍ଯ୍ୟକ୍ରମ ଜରିଆରେ ୧୦,୩୮,୩୦୧ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇପାରିଛି। ମିଳିଥିବା ସୂତ୍ରରୁ ସରକାର ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ କୋଟି କୋଟି ଟଙ୍କା ଘରୋଇ ସଂସ୍ଥାକୁ ଦେଇଥିଲେ ସୁଦ୍ଧା ଉତ୍ତମ ପ୍ରଶିକ୍ଷଣ ପ୍ରଦାନ କରିବାରେ ଉକ୍ତ ସଂସ୍ଥାଗୁଡ଼ିକ ବିଫଳ ହୋଇଛନ୍ତି। ଏପରି କି ଉକ୍ତ ସଂସ୍ଥା ମଧ୍ୟରୁ ଅନେକଙ୍କ ନିକଟରେ ଆବଶ୍ୟକ ଯନ୍ତ୍ରପାତି, ଲାବୋରେଟୋରି ବ୍ୟବସ୍ଥା ନାହିଁ। ଯାହାଫଳରେ ପ୍ରଶିକ୍ଷଣ ନେଇଥିବା ଯୁବପିଢ଼ି ଚାକିରି ପାଇବାରେ ବିଫଳ ହେଉଛନ୍ତି। ପ୍ରଶିକ୍ଷଣ ନେଇଥିବା ଅନେକ ଯୁବପିଢ଼ିଙ୍କ ଭବିଷ୍ୟତ ଏବେ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ପ୍ରଶିକ୍ଷଣ ପାଇଥିବା ବହୁ ଯୁବପିଢ଼ି ଚାକିରିଟିଏ ପାଇଁ ସହର ମୁହାଁ ହେଉଥିଲେ ମଧ୍ୟ ସେମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ମିଳି ନ ଥିବାରୁ ସେମାନେ ପୁଣି ଗାଁକୁ ଫେରିବାକୁ ବାଧ ହେଉଥିବା ଦେଖିବାକୁ ମିଳୁଛି।

**ପିଏଲ୍‌ଟିପି ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ**

| ବର୍ଷ | ତାଲିମ ପ୍ରଦାନକାରୀ ସଂସ୍ଥାଙ୍କ ସଂଖ୍ୟା | ତାଲିମପ୍ରାପ୍ତ ଯୁବପିଢ଼ିଙ୍କ ସଂଖ୍ୟା | ନିଯୁକ୍ତି ପାଇଥିବା ଯୁବପିଢ଼ିଙ୍କ ସଂଖ୍ୟା | ପ୍ରତିଶତ | ଖର୍ଚ୍ଚ ପରିମାଣ (କୋଟି ଟଙ୍କାରେ) |
|---|---|---|---|---|---|
| ୨୦୧୧-୧୨ | ୩ | ୬୩୭ | ୧୦ | ୧.୫୬ | ତଥ୍ୟ ନାହିଁ |
| ୨୦୧୨-୧୩ | ୨୩ | ୫,୯୫୨ | ୧,୪୬୬ | ୨୪.୬୩ | ୩.୩୧ |
| ୨୦୧୩-୧୪ | ୨୧ | ୨୩,୪୨୧ | ୪,୭୪୪ | ୨୦.୨୫ | ୪.୪ |
| ୨୦୧୪-୧୫ | ୨୫ | ୧୦,୬୦୧ | ୨,୦୦୦ | ୧୮.୮୭ | ୪.୭ |
| ୨୦୧୫-୧୬ | ୩୦ | ୧୩,୧୮୧ | ୨,୨୧୭ | ୧୬.୮୧ | ୪.୦୬ |
| ୨୦୧୬-୧୭ | ୧୩ | ୮,୮୬୨ | ୧,୩୪୦ | ୧୫.୧୨ | ୭.୫୧ |
| ୨୦୧୭-୧୮ | ୨୨ | ୧୪,୧୭୮ | ୪,୦୦୦ | ୨୮.୨୧ | ୭.୭୬ |
| ୨୦୧୮-୧୯ | ୧୭ | ୯,୦୪୮ | ୧,୦୦୦ | ୨.୭୧ | ୧୩.୮୪ |
| ମୋଟ | ୧୫୪ | ୮୫,୮୮୦ | ୧୬,୭୭୭ | ୧୯.୫୪ | ୪୫.୫୨ |

## ନାଗାବଳୀରେ ପର୍ଯ୍ୟଟକଙ୍କ ସଲିଳ ସମାଧି

ରାୟଗଡା ଅଫିସ୍, ୧୪।୭

ସାଙ୍ଗସାଥୀଙ୍କ ସହ ବୁଲିବାକୁ ରାୟଗଡ଼ାକୁ ଆସିଥିଲେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ୨୦ ଜଣ ପର୍ଯ୍ୟଟକ। ହଠାତ୍ ଘଟିଲା ଏକ ଦୁର୍ଘଟଣା। ରାୟଗଡ଼ା ସହର ଉପକଣ୍ଠସ୍ଥ ନାଗାବଳୀ ନଦୀରେ ଗାଧୋଇଲା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ବୁଡ଼ି ଯାଇଥିଲେ। ସମ୍ପର୍କୀୟମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ମୃତକ ହେଲେ ଆନ୍ଧ୍ରପ୍ରଦେଶ ବିଜୟନଗର ଜିଲା ନାଇଡୁପେଟାର କେ.ନାଗେଶ(୧୮)। ଦୀର୍ଘ ଘଣ୍ଟାର ପରିଶ୍ରମ ପରେ ଘଟଣାସ୍ଥଳଠାରୁ ୩୦୦ ମିଟର ଦୂରରୁ ନାଗେଶଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }


**IN THE DEBTS RECOVERY TRIBUNAL AT CUTTACK**

C-71, Sector-7, CDA, Cuttack- 753014 (Odisha)

O.A.No. 40/2019

Utkal Grameen Bank
Stressed Asset Recovery Branch Sambalpur ........ Applicant
-Versus-
**Rena Sah** & Others ........... Defendants

To,
Defendant No. 1: **Renu Sah**, W/o: Late Hemanta Sah
Defendant No. 2: **Prakash Sah**, S/o: Sukadeo Sah
Defendant No. 3: **Pandu Sah**, S/o: Naresh Sah
All are At- Tetelmal, Buromal, Po./Ps./Dist- Jharsuguda, Pin- 768201

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 13,31,734.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 16th day of August, 2019 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 8th day of July, 2019.

Sd/- Registrar
Debts Recovery Tribunal, Cuttack

**IN THE DEBTS RECOVERY TRIBUNAL AT CUTTACK**

C-71, Sector-7, CDA, Cuttack- 753014 (Odisha)

O.A.No. 27/2019

Utkal Grameen Bank
Stressed Asset Recovery Branch Sambalpur........ Applicant
-Versus-
**Bhaktaram Meher** & Others ........... Defendants

To,
Defendant No. 1: **Bhaktaram Meher**, S/o- Dutia Meher
Defendant No. 2: **Dutia Meher**, S/o: Late Mangalu Meher
Defendant No. 3: **Dolamani Meher**, S/o: Late Mangalu Meher
Defendant No.4: **Jagat Meher**, S/o: Dutia Meher All are At- Manpur, Po- Chadeipank, Ps- Ulunda, Dist- Sonepur, Pin- 767002

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 20,35,463.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 16th day of August, 2019 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 8th day of July, 2019.

Sd/- Registrar
Debts Recovery Tribunal, Cuttack

**IN THE DEBTS RECOVERY TRIBUNAL AT CUTTACK**

C-71, Sector-7, CDA, Cuttack- 753014 (Odisha)

O.A.No. 62/2019

Utkal Grameen Bank
Stressed Asset Recovery Branch Sambalpur........ Applicant
-Versus-
**M/s Leo Bricks** & Others ........... Defendants

To,
Defendant No. 1: **M/s. Leo Bricks**, At- Gandhi Chowk, Brajrajnagar, Po- Gandghora, Dist- Jharsuguda, Pin- 768216, Represented by its Partners, Dibya Kishor Sahu and Chitta Ranjan Dash
Defendant No. 2: **Dibya Kishor Sahoo**, S/o: Kamal Lochan Sahoo Partner, M/s. Leo Bricks, At- Remja, Po- Brajrajnagar, Dist- Jharsuguda, Pin- 768216
Defendant No. 3: **Chitta Ranjan Dash**, S/o: Jenamani Dash Partner, M/s. Leo Bricks, At- Telenpali, Po- Brajrajnagar, Dist- Jharsuguda, Pin- 768216
Defendant No. 4: **Sachidananda Rai**, S/o: Shyam Sundar Rai, At-Gandhi Chowk, Brajrajnagar, Po- Gandghora, Dist- Jharsuguda Pin- 768216

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 47,02,038.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 29th day of August, 2019 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 10th day of July, 2019.

Sd/- Registrar Debts Recovery Tribunal, Cuttack

**IN THE DEBTS RECOVERY TRIBUNAL AT CUTTACK**

C-71, Sector-7, CDA, Cuttack- 753014 (Odisha)

O.A.No. 22/2019

Utkal Grameen Bank
Stressed Asset Recovery Branch Sambalpur ........ Applicant
-Versus-
**Kunjalata Amat** & Others ......... Defendants

To,
Defendant No. 1: **Kunjalata Amat**, W/o: Surendra Amat, At- Daldali, Po- Bhasma, Ps- Bhasma, Dist- Sundargarh, Pin- 770019
Defendant No. 2: **Sitaram Majhi**, S/o: Kishore Chandra Majhi, At- Nadisuguda, Po- Remenda, Ps- Bhasma, Dist- Sundargarh, Pin- 770019
Defendant No. 3: **Ramesh Chandra Meher**, S/o: Jugeswar Meher, At- Daldali, Po-Bhasma, Ps- Bhasma, Dist- Sundargarh, Pin- 770019

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 14,85,860.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 16th day of August, 2019 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 8th day of July, 2019.

Sd/- Registrar
Debts Recovery Tribunal, Cuttack

**IN THE DEBTS RECOVERY TRIBUNAL AT CUTTACK**

C-71, Sector-7, CDA, Cuttack- 753014 (Odisha)

O.A.No. 26/2019

Utkal Grameen Bank
Stressed Asset Recovery Branch Sambalpur........ Applicant
-Versus-
**Jogeswar Biswal** & Others ........... Defendants

To,
Defendant No. 1: **Jogeswar Biswal**, S/o: Late Chandramani Biswal, At- Anlakuli, Po- Dholpada, Ps- Riamal, Dist- Deogarh, Pin- 768121
Defendant No. 2: **Debaki Biswal**, D/o: Late Chandramani Biswal, W/o- Udaya Biswal, At/Po/Ps- Riamal, Dist- Deogarh, Pin- 768121
Defendant No. 3: **Ejra Kujur**, S/o: Janas Kujur, At- Sabarapali, Po- Dholpada, Ps- Riamal, Dist- Deogarh, Pin- 768121
Defendant No. 4: **Ramnath Nayak**, S/o: Sambaru Nayak, At- Anlakuli, Po- Dholpada, Ps- Riamal, Dist- Deogarh, Pin- 768121

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 17,52,938.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 16th day of August, 2019 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 8th day of July, 2019.

Sd/- Registrar Debts Recovery Tribunal, Cuttack

**IN THE DEBTS RECOVERY TRIBUNAL AT CUTTACK**

C-71, Sector-7, CDA, Cuttack- 753014 (Odisha)

O.A.No. 41/2019

Utkal Grameen Bank
Stressed Asset Recovery Branch Sambalpur........ Applicant
-Versus-
**Partha Mandar** & Others ........... Defendants

To,
Defendant No. 2: **Md. Sarfraj**, S/o- Md. Farooq, At- Charbhati, Po- Lad, Ps- Kuchinda, Dist- Sambalpur, Pin- 768222
Defendant No. 3: **Paresh Buda**, S/o: Late Jethu Buda, At- B. Jamankira, Po- Boxma, Ps- Kuchinda, Dist- Sambalpur, Pin- 768222
Defendant No. 4: **Purna Buda**, S/o: Late Jethu Buda, At- B. Jamankira, Po- Boxma, Ps- Kuchinda, Dist- Sambalpur, Pin- 768222
Defendant No. 5: **Puspa Mandar**, D/o: Late Jethu Buda, W/o- Partha Mandar, At- Ghudabandhuni, Po- Subarnapali, Ps- Kuchinda, Dist- Sambalpur, Pin- 768222

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 15,24,697.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 16th day of August, 2019 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 8th day of July, 2019.

Sd/- Registrar
Debts Recovery Tribunal, Cuttack

**IN THE DEBTS RECOVERY TRIBUNAL AT CUTTACK**

C-71, Sector-7, CDA, Cuttack- 753014 (Odisha)

O.A.No. 52/2019

Utkal Grameen Bank
Stressed Asset Recovery Branch Sambalpur........ Applicant
-Versus-
**Thandaram Barik** & Others ........... Defendants

To,
Defendant No. 1: **Thandaram Barik**, S/o: Late Brundaban Barik
Defendant No. 2: **Soukilal Barik**, S/o: Late Brundaban Barik
Defendant No. 3: **Kumar Barik**, S/o: Late Brundaban Barik
Defendant No. 4: **Ticket Barik**, S/o: Late Brundaban Barik
Defendant No. 5: **Kirtan Barik**, S/o: Late Brundaban Barik
Defendant No. 6: **Sampati Barik**, S/o: Mohan Barik, All are At-Renda, Po- Daldali, Ps- Bhasma, Dist- Sundargarh, Pin- 770019

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 12,31,842.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 29th day of August, 2019 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 10th day of July, 2019.

Sd/- Registrar
Debts Recovery Tribunal, Cuttack

**IN THE DEBTS RECOVERY TRIBUNAL AT CUTTACK**

C-71, Sector-7, CDA, Cuttack- 753014 (Odisha)

O.A.No. 20/2019

Utkal Grameen Bank
Stressed Asset Recovery Branch Sambalpur ........ Applicant
-Versus-
**M/s. Basanta Rice Industries Private Limited** & Others .... Defendants

To,
Defendant No. 1: **M/s. Basanta Rice Industries Private Limited** Represented by its Managing Director, Raj Krishna Mishra
Defendant No. 2: **Raj Krishna Mishra**, S/o: Harihara Mishra Managing Director M/s. Basanta Rice Industries Private Limited
Defendant No. 3: **Jayantiprava Mishra**, W/o: Ram Chandra Mishra Director, M/s. Basanta Rice Industries Private Limited
Defendant No. 4: **Surya Narayan Mishra**, S/o: Harihara Mishra Director, M/s. Basanta Rice Industries Private Limited
Defendant No. 5: **Harihara Mishra**, S/o: Late Gobinda Mishra
Defendant No. 6: **Rama Chandra Mishra**, S/o: Harihara Mishra
Defendant No. 7: **Binapani Mishra**, D/o: Harihara Mishra
All are At- Thikadarpada, Po./Ps./Dist- Bolangir, Pin- 767001

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 34,64,680.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 16th day of August, 2019 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 8th day of July, 2019.

Sd/- Registrar
Debts Recovery Tribunal, Cuttack



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଗୁଜାତଲ ପୋଖରୀ ହୁଡ଼ାରେ ଚାରାରୋପଣ

ସମ୍ବଲପୁର,୧୪।୭(ବ୍ୟୁରୋ): ସ୍ୱାଧୀନ ଏକତା ମଞ୍ଚ ସଂଗଠନ ଓ ଗୁଜାତଲ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଗ୍ରାମ ପୋଖରୀ ହୁଡ଼ାରେ ଚାରାରୋପଣ କରାଯାଇଛି। ଆମ୍ବ, ନିମ୍ବ, ପିଜୁଳି, ଜାମୁ ଆଦି ଚାରା ରୋପଣ କରାଯାଇଥିଲା। ସଂଗଠନ ସଭାପତି ରାଜୀବ କୁମାର ମିଶ୍ର, ଅକ୍ଷୟ ସୁସାରୀ, ପ୍ରମୋଦ ମାହାନା, ଦୀପକ ସିଂ ଓ ଗ୍ରାମର ରିଙ୍କୁ ଧରୁଆ, ଗୌରାଙ୍ଗ ମେହେର, ସୂର୍ଯ୍ୟକାନ୍ତ ଭୋଇ, ସୁରଜ ଦେହୁରୀ, ବିକାଶ ସିଂ, ଅଜିତ ଭୋଇ, ସୁଧାମୟୀ ଭୋଇ, ପ୍ରିୟଙ୍କା ଧରୁଆ, ପ୍ରୀତି ମହାପାତ୍ର, ସୁସ୍ମିତା ମିର୍ଦ୍ଧା, ରୁବି ଭୋଇ, କଳସ ପ୍ରଧାନ, ପଦ୍ମାବତୀ ଭୋଇ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ବୃକ୍ଷର ଉପକାରିତା ଓ ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା।

### ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଉଲୁଣ୍ଡା, ୧୪।୭(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ବଘାରମୁଣ୍ଡା ନିକଟ ଜଙ୍ଗଲରୁ ରବିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ସୋନପୁର ଥାନା ଅନ୍ତର୍ଗତ କଳାପଥର ଗ୍ରାମର ବାଲ୍ମିକୀ ମୁଣ୍ଡା (୨୫)। ବଘାର ମୁଣ୍ଡାସ୍ଥିତ ନିଜ କାକା ହୁସି ମୁଣ୍ଡାଙ୍କ ଘରେ ସେ ୩ ମାସ ହେବ ରହୁଥିଲେ। ଶନିବାର ସନ୍ଧ୍ୟାରେ ଘରେ କାହାକୁ କିଛି ନ ଜଣାଇ ସେ କୁଆଡେ ଚାଲିଯାଇଥିଲେ। ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ବି ତାଙ୍କ ସନ୍ଧାନ ପାଇ ପାରି ନ ଥିଲେ। ରବିବାର ସକାଳେ ଜଙ୍ଗଲ ଭିତର ଲୁହୁରାମୁଣ୍ଡା ବନ୍ଧ ନିକଟ ଏକ ସାହାଜ ଗଛରେ ବାଲ୍ମିକୀଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ମୃତକଙ୍କ କକାପୁଅ ସମାରୁ ମୁଣ୍ଡା ପୋଲିସକୁ ଖବର ଦେବା ପରେ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏନେଇ ଉଲୁଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଆଇଆଇସି ବି.ବି. ପୁଟା କହିଛନ୍ତି।

# ଆଶା, ଆଶଙ୍କା ଭିତରେ ଦେବଗଡ଼ର ଗଣପର୍ବ

## କଥା କଟାକଟିରେ ସରିଲା କର୍ମକର୍ତ୍ତା ଚୟନ ବୈଠକ

ଦେବଗଡ଼,୧୪।୭(ସ୍ୱ.ପ୍ର.)

୧୯୪୯ ମସିହାରୁ ଆରମ୍ଭ ହୋଇଥିବା ତଥା ରାଜ୍ୟରେ ପ୍ରସିଦ୍ଧିଲାଭ କରୁଥିବା ଦେବଗଡ ଜିଲାର ଗଣପର୍ବ ଭାବେ ପରିଚିତ ସାର୍ବଜନୀନ ଗଣେଶ ପୂଜା ଆୟୋଜନ ପାଇଁ ଆଶଙ୍କା ଦେଖାଦେଉଥିବା ଜଣାପଡିଛି । ତେବେ ପୂଜା ଆୟୋଜନକୁ ଆଉ ୫୦ ଦିନ ବାକି ଥିବାବେଳେ ଲୋକଙ୍କ ମଧ୍ୟରେ ଭିନ୍ନଭିନ୍ନ ମତ ପ୍ରକାଶ ପାଉଛି । ୧୯୯୮ରେ ଏହି ପୂଜାର ସୁବର୍ଣ୍ଣ ଜୟନ୍ତୀ ପାଳନ କରି ବର୍ତ୍ତମାନ ୭୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି।

ଗତ କିଛି ବର୍ଷ ଧରି ପୂଜା ଆୟୋଜନରେ କିଛିନା କିଛି ବାଦ ବିବାଦ ଲାଗି ରହିଥିବାବେଳେ ଗତବର୍ଷ ଏହି ପୁଜା କର୍ମକର୍ତ୍ତା ଚୟନ ହୋଇ ସୁରୁଖୁରୁରେ ପୂଜା ଶେଷ ହୋଇଥିଲା। ତେବେ ସ୍ଥାନୀୟ ଗୋପାଳଜୀ ମନ୍ଦିରେ ଦେବଗଡ ସାର୍ବଜନୀନ ଗଣେଶ ମେଳାର ଗତ ବର୍ଷର ଆୟବ୍ୟୟ ହିସାବ କିତାବ ଏବଂ ନୂତନ କର୍ମକର୍ତ୍ତା ଚୟନ ପାଇଁ ଡାକବାଜିରେ ଡକାହେଇ ରବିବାର ଏକ ବୈଠକ ହୋଇଥିଲା । ସଭାପତି ଧର୍ମେନ୍ଦ୍ର କୁମାର ଦେବତା ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର, କୋଷାଧକ୍ଷ ରାଜେନ୍ଦ୍ର ଆଚାର୍ଯ୍ୟଙ୍କ ସମତେ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଗତବର୍ଷର ଆୟବ୍ୟୟ ହିସାବ ଦେଇଥିଲେ । ଗତବର୍ଷର ପୂଜାରେ ୨୪ଲକ୍ଷ ୫୯ହଜାର ୯ଶହ ଟଙ୍କା ଆୟ ହୋଇଥିବା ବେଳେ ୨୪ଲକ୍ଷ ୩୭ହଜାର ୯ ଶହ ବ୍ୟୟ ହୋଇଛି। ୨୧ ହଜାର ୧ଶହ ଟଙ୍କା ବଳକା ଅଛି ବୋଲି ଉକ୍ତ ବୈଠକରେ ହିସାବ ଦିଆଯାଇଥିଲା।

ପରେ ଚଳିତ ବର୍ଷପାଇଁ ନୂତନ କର୍ମକର୍ତ୍ତା ଚୟନ ପାଇଁ ତିନି ଜଣଙ୍କ ସଭାପତି ପାଇଁ ପ୍ରସ୍ତାବ ଆସିଥିଲା। ପ୍ରଥମ ଧର୍ମେନ୍ଦ୍ର କୁମାର ଦେବତା,ରାଜକିଶୋର ଦାସ ଏବଂ ବାପି କପରଦାରଙ୍କ ନାମ ଉଠିଥିଲା।



ବୈଠକରେ ଉପସ୍ଥିତ ଜନସାଧାରଣ।

କିନ୍ତୁ ନିଜ ନିଜ ଗୋଷ୍ଠୀ ମଧ୍ୟରେ ପୂଜା ଆୟୋଜନକୁ ନେଇ ଛକାପଞ୍ଝା ଚାଲିଥିଲା ଏପରିକି ଉତ୍ତେଜନା ମଧ୍ୟ ହୋଇଥିଲା। କଥା କଟାକଟିରେ ବୈଠକ ସରିଥିଲା। ଫଳରେ ନୂତନ କର୍ମକର୍ତ୍ତା ଚୟନ ହୋଇପାରି ନ ଥିଲା। ତେବେ ପୂଜାକୁ ଆଉ ୫୦ ଦିନ ବାକି ରହିଥିବାବେଳେ ଚଳିତବର୍ଷ ପୂଜା ଆୟୋଜନ କି ମୋଡ ନେଉଛି ସମସ୍ତେ ଉତ୍ସୁକତା ସହ ଚାହିଁ ରହିଛନ୍ତି।

ସୂଚନାଥାଉକି, ବର୍ତ୍ତମାନ ଗଣେଶମେଳାର ଅତୀତ ବ୍ୟୟ ଅଟକଳ ୧୨୬ ଟଙ୍କାରୁ ବଢି ୨୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଛୁଇଁଲାଣି । ଏହି ବ୍ୟୟ ମଧ୍ୟରେ ଲୋକଙ୍କୁ ମାଗଣା ଅନ୍ନଭୋଗ ସହ ଫ୍ରି ସୋ ଅପେରା ଦେଖିବାର ସୁବିଧା କରି ଲୋକଙ୍କ ମନୋରଞ୍ଜନର ସୁବିଧା କରାଯାଇଥାଏ । ଦେବଗଡର ଗଣେଶ ମେଳା ଏକ ସଂସ୍କୃତିକ ସମାରୋହର ବାର୍ତ୍ତା ବହନ କରି ଏହି ଅଞ୍ଚଳର କଳା,ସାହିତ୍ୟିକ, କବି, ଲେଖକମାନଙ୍କୁ ମଧ୍ୟ ଉତ୍ସାହିତ କରି ଭାଇଚାରାର ସନ୍ଦେଶ ଦେଇଥାଏ। ଏଥିପାଇଁ ପ୍ରତିବର୍ଷ କେତୋଟି ସଂସ୍କୃତିକ ଏବଂ ଆଧ୍ୟାତ୍ମିକ ସ୍ମରଣିକା ମଧ୍ୟ ପ୍ରକାଶ ପାଇଥାଏ।

ସେହିପରି ଏହି ମେଳା ଦେଖିବା ପାଇଁ ସବୁ ସମ୍ପ୍ରଦାୟର ଲୋକେ ଆସିଥାନ୍ତି। ଏପରିକି ଗଣେଶପୂଜା ଏବଂ ନୂଆଁଖାଇ ପାଖେପାଖେ ପଡୁଥିବାରୁ ଏହି ପୂଜାର ଆକର୍ଷଣ ଦ୍ୱିଗୁଣିତ ହୋଇଥାଏ। ୰ଟେକଚାନ୍ଦ ଗୋଏଲ ଏବଂ ୰ବୃନ୍ଦାବନ ମିଶ୍ରଙ୍କ ପରେପରେ ପ୍ରାୟ ୩୧ ଜଣ ସଭାପତି ଏବଂ ସମ୍ପାଦକ ଦାୟିତ୍ୱ ନେଇ ମୂଖ୍ୟ କର୍ମକର୍ତାଙ୍କ ସହ ଶହଶହ ସକ୍ରିୟ ସଦସ୍ୟ ପୂଜା ସହିତ ଜଡିତ ରହି ମେଳାର ଶୋଭାବର୍ଦ୍ଧନ କରିବାସହ ଏହି ମେଳାକୁ ଆମରାଜ୍ୟ ମଧ୍ୟରେ ପ୍ରସିଦ୍ଧି ଦେଇପାରିଛନ୍ତି। ଏହି ପୂଜାପାଇଁ ଜିଲା ପ୍ରଶାସନରୁ ଧରି ପୋଲିସ ପ୍ରଶାସନ ସହ ଅନ୍ୟାନ୍ୟ ବିଭାଗ ଅକୁଣ୍ଠିତ ଭାବେ ସହଯୋଗ ମଧ୍ୟ କରିଥାନ୍ତି। ଏହି ମେଳାପାଇଁ ବ୍ୟୟ ଅଟକଳ ଆଶାତୀତ ଭାବେ ବୃଦ୍ଧି ପାଇଥିଲେ ମଧ୍ୟ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଟଙ୍କା ଟିଏ ମଧ୍ୟ ଅନୁଦାନ ମିଳେନାହିଁ।

ବିଗତ ବର୍ଷ ମାନଙ୍କରେ ସାର୍ବଜନୀନ ଗଣେଶ ମେଳା ବାବଦରେ ବିଭିନ୍ନ ପ୍ରକାରର ଅନିୟମିତତା ନେଇ ପୂର୍ବତନ ସଭାପତି ଶୁଶିଳ କୁମାର କପରଦାର ଓ ଅନ୍ୟ କେତେଜଣ ସଦସ୍ୟଙ୍କୁ ନେଇ ଉଚ୍ଚନ୍ୟାୟାଳୟର ଆଶ୍ରୟ ନିଆଯାଇଥିଲା । ଫଳରେ ଉଚ୍ଚନ୍ୟାୟାଳୟଙ୍କ ଆଦେଶ ପତ୍ର ସଂଖ୍ୟା ଡ଼ବ୍ଲୁ ପି(ସି)୩୫୮୩/୧୯ ନମ୍ବରରେ ବିଚାର ନ ହେବା ପର୍ଯ୍ୟନ୍ତ ସ୍ଥଗିତାଦେଶ ରହିଛି । ଉକ୍ତ ରହିତାଦେଶ ଗତ ୨୯/୩/୨୦୧୯ ତାରିଖରେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି ଆଦେଶ ଅବଗତ କରି ନଥିବା ବୈଠକରେ ଜଣାଇଥିଲେ । ଏନେଇ ବୈଠକରେ ନିଷ୍ପତି ନିଆଗଲା ଯେ ସୋମବାର କମିଟି ଜିଲାପାଳଙ୍କୁ ସାକ୍ଷାତ କରି ଏହାର ସମାଧାନ କରାଯିବ ବୋଲି ଜଣାପଡ଼ିଛି। ଦିନକୁ ଦିନ ସାର୍ବଜନୀନ ଗଣେଶ ମେଳାର କର୍ମକର୍ତା ଚୟନକୁ ନେଇ ଯେପରି ଭାବରେ ଦୂଷିତ ହୋଇଯାଉଛି ଏହା ଆଗକୁ କିପରି ରୂପ ଧାରଣ କରିବ ଏ ନେଇ ସ୍ଥାନୀୟ ଶ୍ରଦ୍ଧାଳୁ,ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ୪ ଓଭରବ୍ରିଜ୍, ୬ ଆର୍‌ଓବି ପାଇଁ ପୂର୍ତ୍ତ ବିଭାଗ ଷ୍ଟାଣ୍ଡିଂ କମିଟିର ସୁପାରିସ

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ରାଜ୍ୟର ପ୍ରତି ବ୍ଲକରେ ପୂର୍ତ୍ତ ବିଭାଗ ପକ୍ଷରୁ ଡାକବଙ୍ଗଳା(ଆଇବି) କରାଯାଉ। ବିଭାଗ ପକ୍ଷରୁ ସାରା ରାଜ୍ୟରେ ଥିବା ଆଇବିଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉ। ସେହିପରି ରାଜ୍ୟର ଗ୍ରାମାଞ୍ଚଳରେ ଭାରିଯାନ ଚଳାଚଳ ହେତୁ ରାସ୍ତାଗୁଡ଼ିକ ଖରାପ ହେଉଛି, ତେଣୁ ଜାତୀୟ ରାଜପଥ ମାନର ରାସ୍ତା ନିର୍ମାଣ କରାଯାଉ। ବିଧାନସଭା ପୂର୍ତ୍ତ ବିଭାଗ ଷ୍ଟାଣ୍ଡିଂ କମିଟି ବୈଠକରେ ଏହି ପରାମର୍ଶ ଦିଆଯାଇଛି। ସେହିଭଳି ଓଡ଼ିଶା ବିଧାନସଭାର ପରିଚୟପତ୍ର ଥିବା ଗାଡ଼ିକୁ ବିନା ବାଧାରେ ରାଜ୍ୟରେ ଥିବା ସମସ୍ତ ଟୋଲଗେଟ୍‌ରେ ଛଡ଼ାଯାଉ। ବିଶେଷକରି ପୁରୀ-ଭୁବନେଶ୍ୱର ରାସ୍ତାରେ ଥିବା ପିପିଲି ନିକଟସ୍ଥ ଟୋଲଗେଟ୍‌କୁ ଏହି ନିର୍ଦ୍ଦେଶ ଦେବାକୁ କମିଟି ପକ୍ଷରୁ ସୁପାରିସ କରାଯାଇଛି। ରାଜ୍ୟର ୪ଟି ସ୍ଥାନରେ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ପାଇଁ ଷ୍ଟାଣ୍ଡିଂ କମିଟି ବୈଠକରେ ଆଲୋଚନା ହୋଇଥିବା ବିବରଣୀରୁ ଜଣାପଡିଛି। ଏହି ସ୍ଥାନଗୁଡିକ ହେଉଛି-ଭୁବନେଶ୍ୱରର କଳ୍ପନା ଛକ, ବ୍ରହ୍ମପୁରର ଗେଟ୍ ବଜାର ଛକ, ଖଲ୍ଲିକୋଟ ଛକ ଏବଂ କଟକ ସହର ମଧ୍ୟରେ ଥିବା କାଠଗଡ଼ାସାହି ନିକଟସ୍ଥ ତାରବାଟ ଛକ। ସେହିପରି ରାଜ୍ୟର ୬ଟି ସ୍ଥାନରେ ରେଳ ଓଭର ବ୍ରିଜ(ଆର୍‌ଓବି) ପାଇଁ କମିଟି ବୈଠକରେ ଆଲୋଚନା କରାଯାଇଛି। ଏଗୁଡିକ ହେଉଛି- ଛତିଆ-କଳକରା ମଧ୍ୟରେ ଥିବା ବଇରୀ, ଭଦ୍ରକ ଜିଲାର କେନ୍ଦୁଆପଦା, ଭୁବନେଶ୍ୱରର କଳାରାହାଙ୍ଗ, କଟକର ଶିଖରପୁର, ଟାଙ୍ଗୀ-କପିଳାସ ରୋଡ୍‌ର ଟାଙ୍ଗୀ ଏବଂ ପୁରୀ-କୋଣାର୍କର ସିଦ୍ଧମହାବୀର ଅଞ୍ଚଳ। ଏହାଛଡ଼ା ବାରିପଦାରେ ରିଙ୍ଗ୍‌ରୋଡ୍, ଟ୍ରାଫିକ ଜାମ୍ କମାଇବା ପାଇଁ ଜୟଦେବ ବିହାରରୁ ନନ୍ଦନକାନନ ଯାଏ ଏକ ସମାନ୍ତରାଳ ରାସ୍ତା ନିର୍ମାଣ ପାଇଁ ସୁପାରିସ କରାଯାଇଛି। ସେହିପରି କଟକ ରିଙ୍ଗ୍‌ରୋଡ୍‌ର ମରାମତି ପାଇଁ ପୂର୍ତ୍ତ ବିଭାଗ ଦାୟିତ୍ୱ ନେବା ସମ୍ପର୍କରେ ଆଲୋଚନା ହୋଇଛି, ବର୍ତ୍ତମାନ ଜଳସମ୍ପଦ ବିଭାଗ ଏହି ମରାମତି କାର୍ଯ୍ୟ କରୁଅଛି। ଏହି ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ କାର୍ଯ୍ୟ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କମିଟିରେ ଅମର ଶତପଥୀ, ଶାରଦା ନାୟକ, ତାରାପ୍ରସାଦ ବାହିନୀପତି, ସୁଶାନ୍ତ ରାଉତ, ଜୟନ୍ତ ଷଡ଼ଙ୍ଗୀ ପ୍ରମୁଖ ସଦସ୍ୟ ରହିଛନ୍ତି।

# ୨ଶହ ଔଷଧୀୟ ଚାରାରୋପଣ



ଘେନୁପାଲିରେ ଔଷଧୀୟ ଗଛର ଚାରା ରୋପଣ କରାଯାଉଛି।

ସମ୍ବଲପୁର,୧୪।୭(ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଘେନୁପାଲି ଗ୍ରାମ କୁରମା ଡୁଙ୍ଗୁରୀରେ ରବିବାର ଚାରାରୋପଣ କରାଯାଇଛି। ପଡ଼ିଆବାହାଲ ରେଞ୍ଜ କର୍ମଚାରୀ, ଘେନୁପାଲି ବନ ସୁରକ୍ଷା ସମିତି ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀ ଓ ବନ କର୍ମଚାରୀ ୫ ଶହ ଶାଗୁଆନ ଓ ୨ ଶହ ଔଷଧୀୟ ଚାରା ରୋପଣ କରିଥିଲେ। ପଡ଼ିଆବାହାଲ ଫରେଷ୍ଟର ପ୍ରମୋଦ ମିଶ୍ର ଓ ବନ ସୁରକ୍ଷା ସମିତି ସଭାପତି ସୁନନ୍ଦା ପ୍ରଧାନ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ବନ ସୁରକ୍ଷା ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଅଧିକ ଚାରା ଲଗାଇବା ସହ ସେଗୁଡ଼ିକର ସୁରକ୍ଷା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଛି।

## ବର୍ଷାକାଳୀନ ସାହିତ୍ୟ ଆସର

# 'ସମକାଳୀନ ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତା' ଆଲୋଚନାଚକ୍ର

ସମ୍ବଲପୁର,୧୪।୭(ବ୍ୟୁରୋ)

ସମକାଳୀନ ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତା ଶୀର୍ଷକ ଆଲୋଚନାଚକ୍ର ରବିବାର ଧନକଉଡ଼ା ବରିଷ୍ଠ ନାଗରିକ ଭବନରେ ଅନୁଷ୍ଠିତ ହୋଇଛି। ଧନକଉଡା ବରିଷ୍ଠ ନାଗରିକ ପରିଷଦ ସଭାପତି ରାମନାରାୟଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବର୍ଷାକାଳୀନ ସାହିତ୍ୟ ଆସର ହୋଇଥିଲା। ଏଥିରେ ଡା. ରମାବଲ୍ଲଭ ମିଶ୍ର ମୁଖ୍ୟଅତିଥି, ପ୍ରଫେସର ପଞ୍ଚାନନ ମିଶ୍ର ମୁଖ୍ୟବକ୍ତା ଓ ପ୍ରଫେସର କାଳୀଦାସ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଫେସର ଗିରିଜାଶଙ୍କର ଶର୍ମା ସୂଚନା ଦେଇ କହିଥିଲେ, ସାହିତ୍ୟ ସମାଜର ଦର୍ପଣ ସଦୃଶ। ଦର୍ପଣ ଯେମିତି ପ୍ରତିଛବିର ଭୁଲ, ଠିକ ଦର୍ଶାଇଥାଏ, ଠିକ ସେମିତି ସାହିତ୍ୟ ସମାଜର ଭୁଲ, ଠିକ ସଂଶୋଧନ କରିଥାଏ। ରୀତି, ସବୁଜ ଯୁଗର କବିତା ଓ ସାହିତ୍ୟ ସମାଜଠାରୁ ଦୂରେଇ ଯାଇ କେବଳ ଆତ୍ମତୃପ୍ତି ପ୍ରଦାନ କରୁଥିଲା। ସମକାଳୀନ ସାହିତ୍ୟ ସେମାନଙ୍କଠାରୁ ସମ୍ପୂର୍ଣ୍ଣ ପୃଥକ। ଏହା ଜୀବନଧର୍ମୀ, ବାସ୍ତବଧର୍ମୀ। ତେଣୁ ସମକାଳୀନ ସାହିତ୍ୟର ପ୍ରତିବଦ୍ଧତା ବର୍ତ୍ତମାନ ବହୁରୂପେ ଅନୁଭୂତ ହୁଏ ବୋଲି ବକ୍ତାମାନେ କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ହୋଇଥିଲା। ଡ. ବିକ୍ରମ କୁମାର ଦାସ, ପ୍ରଣତି ପଟ୍ଟନାୟକ, ପ୍ରହଲ୍ଲାଦ ଦାଶ, ସରୋଜ ମହାନ୍ତି, ରାମକୃଷ୍ଣ ସାହୁ କବିତା ପାଠ କରିଥିଲେ।



ଧନକଉଡ଼ା ବରିଷ୍ଠ ନାଗରିକ ଭବନରେ ପ୍ରଫେସର କାଳୀଦାସ ମିଶ୍ର ବକ୍ତବ୍ୟ ପ୍ରଦାନ କରୁଛନ୍ତି।




ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ସଂଘ ବୈଠକରେ ସମ୍ବର୍ଦ୍ଧିତ କର୍ମକର୍ତ୍ତା ଓ ଅତିଥି।

# ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ସଂଘ ବୈଠକ

ସମ୍ବଲପୁର/ଧମା,୧୪।୭ (ବ୍ୟୁରୋ/ଡି.ଏନ୍.ଏ)

ଓଡ଼ିଶା ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ସଂଘ ସମ୍ବଲପୁର ଶାଖାର ବାର୍ଷିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସଂଘ ସଭାପତି ତେଜରାଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦକ ସତ୍ୟନାରାୟଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିବା ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ଦୁର୍ଯ୍ୟୋଧନ ପ୍ରଧାନ, ଡମ୍ବରୁଧର ପ୍ରଧାନ, ମନୋରଞ୍ଜନ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅପରପକ୍ଷେ କର୍ମଚାରୀମାନଙ୍କ ଆର୍‌ଏସିପି ଓ ଏମ୍‌ଏସିପି ମଞ୍ଜୁରି ବିଳମ୍ବ ହୋଇଥିବାରୁ ସଭ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ସେହିପରି ମାସିକ ଦ୍ୱିତୀୟ ଓ ଚତୁର୍ଥ ଶନିବାର ସରକାର ଛୁଟି ଘୋଷଣା କରିଛନ୍ତି। ଛୁଟିଦିନରେ କୌଣସି ସେକ୍ଟର ମିଟିଂ ନ କରିବାକୁ ସଭ୍ୟମାନେ ମତପ୍ରକାଶ କରିଥିଲେ। ଶେଷରେ ସଂଘ ମୁଖ୍ୟ ପରାମର୍ଶଦାତା ଦିଲେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବଗଡ଼ରେ ତିନିଠାକୁରଙ୍କ ବାହୁଡା ଯାତ୍ରା

ଦେବଗଡ,୧୪।୭(ଡି.ଏନ.ଏ)

ରାଜ୍ୟ ତଥା ଦେବଗଡ ଜିଲାର ବିଭିନ୍ନ ସ୍ଥାନରେ ଗତ ୧୨ ତାରିଖରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇସାରିଥିବା ବେଳେ ଦେବଗଡ ସହରର ପୁରୁଣାଗଡ ଠାରେ ଶନିବାର ଶ୍ରୀଗୁଣ୍ଡିଚା ମନ୍ଦିରରୁ ପହଣ୍ଡିରେ ତିନିଠାକୁରଙ୍କୁ ପହଣ୍ଡିରେ ଅଣାଯାଇ ରଥାରଢ କରାଯାଇଥିଲା । ରବିବାର ପ୍ରଥମ ରଥଟଣା ଆରମ୍ଭ ହୋଇଥିବା ବେଳେ ସୋମବାର ମଧ୍ୟ ରଥଟଣା ହେବ । ନିଆର ପରମ୍ପରା ସହ ପ୍ରଥମ ଦିନ ରଥ ଟଣାଯାଇ ଅଧାବାଟ ପର୍ଯ୍ୟନ୍ତ ଅଣାଯାଇଥିଲା । ସୋମବାର ରଥଟଣା ଶେଷ ହେବ । ଓ ମଙ୍ଗଳବାର ଦିନ ତିନିଠାକୁର ପହଣ୍ଡିରେ ଯାଇ ଶ୍ରୀ ଜଗନ୍ନାଥ ମନ୍ଦିରକୁ ବିଜେ କରିବେ । ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା ।



ରବିବାର ଦେବଗଡ଼ ସହରରେ ବାହୁଡା ଯାତ୍ରାର ପ୍ରଥମଦିନ ରଥଟଣା ଯାଉଛି।

# ସମ୍ବଲପୁର ଲାୟନ୍ସ କ୍ଲବର ଶପଥଗ୍ରହଣ ଉତ୍ସବ

ସମ୍ବଲପୁର,୧୪।୭(ବ୍ୟୁରୋ)

ସମ୍ବଲପୁର ଲାୟନ୍ସ କ୍ଲବ ଅଫ୍ ସିଲ୍କର ଶପଥଗ୍ରହଣ ଉତ୍ସବ ଆମ୍ବସଢ଼ା କଣ୍ଟାପାଲି ନିକଟ ଏକ ହୋଟେଲରେ ଅନୁଷ୍ଠିତ ହୋଇଛି। ଦେବେନ୍ଦ୍ର କୁମାର ଲାଠ ଓ ଇଂ. ଅଶୋକ କୁମାର ଜଲାନ ଅତିଥି ଭାବେ ଯୋଗଦେଇ ନୂତନ କର୍ମକର୍ତ୍ତାଙ୍କୁ ଶପଥପାଠ କରାଯାଇଥିଲେ। କ୍ଲବ ସଭାପତି ରମେଶ କୁମାର ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ରାଜେନ୍ଦ୍ର କୁମାର ଶର୍ମା ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ମହେଶ କୁମାର ସିଙ୍ଘାନିଆ ସୂଚନା ପ୍ରଦାନ କରିଥିଲେ। ଉପସଭାପତି ସଞ୍ଜୟ ଗୁପ୍ତା, ମୁକୁନ୍ଦ ଟିବ୍ରିୱାଲ, ଗୋପାଳ ନାରୋଲିଆ, ଯୁଗ୍ମ ସମ୍ପାଦକ ରାଜେଶ କୁମାର ଅଗ୍ରୱାଲ, ସହକୋଷାଧକ୍ଷ ଅନୀଲ ଗୋୟାଙ୍କା, ଓମ୍‌ପ୍ରକାଶ ସାହା, ଶ୍ୟାମସୁନ୍ଦର ପୌଦାର, ନାରାୟଣ ଅଗ୍ରୱାଲ, କିଶୋର ବାଙ୍କା, ମନୋଜ କୁମାର ସିଙ୍ଘାନିଆ, ସିଦ୍ଧେଶ ଅଗ୍ରୱାଲ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁନୀଲ କୁମାର ମସନ୍ଦ ଉତ୍ସବ ସଂଯୋଜନା କରିଥିଲେ। ଲାୟନ୍ସ କ୍ଲବ ଅଫ୍ ସିଲ୍କ ସଭାନେତ୍ରୀ ଆଶା ଲାଠ, ସମ୍ପାଦିକା ମୁନମୁନ ସୌଦାଗର, କୋଷାଧକ୍ଷା ମୀନା ବାଙ୍କା, ମିନାକ୍ଷୀ ଅଗ୍ରୱାଲ, ନିର୍ଦ୍ଦେଶିକା ମନୋରମା ଜଲାନ, ଗାୟତ୍ରୀ ସାହା, ମିନା ସାରଡା ଓ ବିନା ବେଦୀ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ।




ସମ୍ବଲପୁର ଲାୟନ୍ସ କ୍ଲବ ଅଫ୍ ସିଲ୍କର କର୍ମକର୍ତ୍ତାଙ୍କୁ ଇଂ. ଅଶୋକ ଜଲାନ ପୁରସ୍କୃତ କରୁଛନ୍ତି।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### କଟର୍ ମେଶିନ ଚୋରି, ଜଣେ ଗିରଫ

**ରେଙ୍ଗାଲି,୧୪।୭(ଡି.ଏନ୍.ଏ.)-** ସମ୍ବଲପୁର ଜିଲା ଠେଲକଲୋଇ ଥାନା ଲପଙ୍ଗା ରେଲୱେ ଓଭର ବ୍ରିଜ କାମ କରୁଥିବା ଠିକା ସଂସ୍ଥାରୁ ଲୁହା କଟର୍ ମେଶିନ ଚୋରି କରିଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବମାଲୋଇ ଗ୍ରାମର ସଂକୀର୍ତ୍ତନ କିଷାନ (୩୭)। ଏ ନେଇ ପୂର୍ବରୁ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ସଂକୀର୍ତ୍ତନଙ୍କୁ ଗିରଫ କରିବା ସହ କଟର୍ ମେଶିନ ଉଦ୍ଧାର କରିଛି।

### ଜମନକିରା ବ୍ଲକରେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା

**ଜମନକିରା,୧୪।୭ (ଡି.ଏନ୍.ଏ.)-** ସମ୍ବଲପୁର ଜିଲା ଜମନକିରା ବ୍ଲକରେ ରବିବାର ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଶେଷ ହୋଇଛି। ପୂର୍ବାହ୍ନ ସାଢ଼େ ୧୦ ଟାରୁ ଅପରାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ହୋଇଥିଲା। ଜମନକିରା ପ୍ରାଥମିକ ବିଦ୍ୟାଳୟ ଓ ଫାଶିମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳରେ ମୋଟ ୨୫୩ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଫାଶିମାଲରେ ୧୦୮ ଜଣଙ୍କ ମଧ୍ୟରୁ ୧୦୨ ଜଣ ପରୀକ୍ଷା ଦେଇଥିବା ବେଳେ ଜମନକିରାରେ ୧୭୦ ଜଣଙ୍କ ମଧ୍ୟରୁ ୧୫୧ ଜଣ ପରୀକ୍ଷା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜମନକିରା ବିଇଓ ସୁଷମା ନାୟକ ପରିଚାଳନା କରିଥିଲେ। ଏବିଇଓ ସୁଦୀପ୍ତ ନାୟକ, ଦେବକୀ ନାଏକ, ରାହାସ ବିହାରୀ ବାଘଙ୍କ ସମେତ ସମସ୍ତ ସିଆର୍‌ସିସି, ପ୍ରଧାନ ଶିକ୍ଷକ ସହଯୋଗ କରିଥିଲେ।

### ହାତୀ ଆକ୍ରମଣରେ ବୃଦ୍ଧା ଆହତ

**ନାକଟିଦେଉଳ,୧୪।୭ (ଡି.ଏନ୍.ଏ.)-** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜାମୁଯୋରି ପଞ୍ଚାୟତ ଚଡ଼ଚଡ଼ି ଗ୍ରାମର ଉପାସୀ ବେହେରା (୭୦) ରବିବାର ସକାଳେ ଏକ ଜଙ୍ଗଲି ହାତୀ ଆକ୍ରମଣରେ ଆହତ ହୋଇଛନ୍ତି। ଉପାସୀ ଭୋର୍ ସମୟରେ ଗାଁ ମୁଣ୍ଡ ପଡ଼ିଆକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ସେ ଏକ ଛୋଟ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ କିଛିବାଟ ଘୋଷାଡ଼ି ନେଇ ଫୋପାଡ଼ି ଦେଇଥିଲା। ପରିବାର ଲୋକେ ଉପାସୀଙ୍କୁ ଉଦ୍ଧାର କରି ନାକଟିଦେଉଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଛାଡ଼ି ଦିଆଯାଇଛି। ସପ୍ତାହ ହେଲା ଏହି ଛୋଟ ହାତୀଟି ଗୋଠରୁ ଅଲଗା ହୋଇ ଚଡ଼ଚଡ଼ି ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଘୂରି ବୁଲୁଛି। ସନ୍ଧ୍ୟା ହେଲେ ଗାଁ ଭିତରକୁ ପଶିଆସିବା ସହ ଲୋକଙ୍କ ଫସଲ ନଷ୍ଟ କରୁଥିବା ଅଭିଯୋଗ ହେଉଛି।

### ରୁଗୁଡିଖାଲରେ ଷ୍ଟୁଡିଓରୁ ଚୋରି

**ଲୋଇସିଂହା,୧୪।୭ (ଡି.ଏନ.ଏ.)-** ଲୋଇସିଂହା ଥାନା ରୁଗୁଡିଖାଲସ୍ଥିତ ଏକ ଷ୍ଟୁଡିଓରୁ ଶନିବାର ରାତିରେ ଚୋରି ହୋଇଛି। ଲକ୍ଷାଧିକ ଟଙ୍କାର କ୍ୟାମେରା, ଲାଇଟ୍ ଏବଂ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି ବୋଲି ଷ୍ଟୁଡିଓ ମାଲିକ ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଲୋଇସିଂହା ପୋଲିସ ରୁଗୁଡିଖାଲଯାଇ ତଦନ୍ତ କରି ଫେରିଛି।

# ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ଅଭିଯୋଗ

- ଶରୀରରେ ରହିଛି ମାଡ଼ ଚିହ୍ନ
- ଶ୍ରେଣୀଗୃହ ଅପରିଷ୍କାର ହେବାରୁ ମାରିଲେ ଶିକ୍ଷକ
- ଅଭିଯୋଗ ପ୍ରତ୍ୟାହାର ପାଇଁ ଚାପ
- ମାମଲା ରୁଜୁ କରି ଶିକ୍ଷକଙ୍କୁ ଅଟକ ରଖିଛି ପୋଲିସ

**ସମ୍ବଲପୁର,୧୪।୭ (ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା ଉର୍ଦ୍ଦୁ ସ୍କୁଲର ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ଶିକ୍ଷକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଛାତ୍ରଙ୍କ ପରିବାର ପକ୍ଷରୁ ଏ ନେଇ ଧନୁପାଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ହେଲେ ଆପୋସ ବୁଝାମଣା କରି ମାମଲାକୁ ଚପାଇ ଦେବାକୁ ଛାତ୍ରଙ୍କ ପରିବାର ଲୋକଙ୍କ ଉପରେ ଚାପ ପକାଯାଉଥିବା ବେଳେ ପୋଲିସ ଏକ ମାମଲା (ନଂ. ୨୬୬/୧୯) ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତ ଶିକ୍ଷକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିବା ଥାନା ଅଧିକାରୀ କମଳଲୋଚନ ପଣ୍ଡା ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ ଶୁକ୍ରବାର ଛାତ୍ର ଜଣକ ପରିସ୍ରା କରି ଶ୍ରେଣୀଗୃହକୁ



ପୀଡ଼ିତ ଛାତ୍ରଙ୍କ ଜଙ୍ଘରେ ଥିବା ମାଡ଼ ଚିହ୍ନ।

ଯାଇଥିଲେ। ତାଙ୍କ ଗୋଡ଼ରେ କାଦୁଅ ଲାଗିଥିବାରୁ ଶ୍ରେଣୀଗୃହ ଅପରିଷ୍କାର ହୋଇଯାଇଥିଲା। ଏହାକୁ ନେଇ ଶିକ୍ଷକ ମହମ୍ମଦ ମୁଜିଦନ ରହେମାନ ଛାତ୍ରଙ୍କୁ ମାଡ଼ ମାରିଥିଲେ। ପ୍ରଥମେ ବାଡ଼ିରେ ଓ ପରେ ହାତରେ ମାରିଥିଲେ। ଛାତ୍ରଜଣକ ଜୋରରେ କାନ୍ଦିବାରୁ ତୃତୀୟ ଶ୍ରେଣୀରେ ପଢୁଥିବା ତାଙ୍କ ବଡ଼ଭାଇ ପାଖକୁ ଆସିଥିଲେ। ଶିକ୍ଷକଙ୍କୁ ମାଡ଼ ମାରିବାକୁ ସେ ବାରଣ କରିବା ସହ କାହିଁକି ମାରୁଛନ୍ତି ବୋଲି ପଚାରିଥିଲେ। ତେବେ ଶିକ୍ଷକ ଜଣକ ଓଲଟି ଛାତ୍ରଙ୍କୁ ଧମକ ଦେଇଥିଲେ। କାହାକୁ କିଛି କହିବ ନାହିଁ, ଯଦି କହିବ ସୋମବାର ଆହୁରି ମାଡ଼ ଖାଇବ ବୋଲି କହିଥିଲେ। ଏହି ଭୟରେ ଦୁଇଭାଇ ଘଟଣା ସମ୍ପର୍କରେ ସେଦିନ ପରିବାର ଲୋକଙ୍କୁ କିଛି କହି ନ ଥିଲେ। ହେଲେ ଶନିବାର ମାଡ଼ ଖାଇଥିବା ଛାତ୍ର ଜ୍ୱରରେ ପୀଡ଼ିତ ହୋଇଥିଲେ। ପରିବାର ତାଙ୍କୁ ଜିଲା ସଦର ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ଜ୍ୱର ନ କମିବାରୁ ଶରୀରକୁ ଓଦା କପଡ଼ାରେ ପୋଛିବା ସମୟରେ ମାଡ଼ ଚିହ୍ନ ଥିବା ତାଙ୍କ ମା' ଦେଖିବାକୁ ପାଇଥିଲେ। ପଚାରିବାରୁ ଶୁକ୍ରବାର ଘଟଣା ସମ୍ପର୍କରେ ଛାତ୍ର ଜଣକ ସବୁ କଥା କହିଥିଲେ। ଏ ସମ୍ପର୍କରେ ପରିବାର ଲୋକେ ପ୍ରଥମେ ପ୍ରଧାନ ଶିକ୍ଷକଙ୍କୁ ଅଭିଯୋଗ କରିଥିଲେ। ହେଲେ ସେ କୌଣସି ସହଯୋଗ ନ କରିବାରୁ ଥାନାରେ ଅଭିଯୋଗ କରିଛନ୍ତି। ଛାତ୍ରଙ୍କ ମେଡିକାଲ ରିପୋର୍ଟ ପୋଲିସ ନିକଟରେ ଦାଖଲ କରିଛନ୍ତି। ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

# ୪୦ ଲକ୍ଷ ଟଙ୍କା ଠକେଇ ଅଭିଯୋଗ

**ସମ୍ବଲପୁର,୧୪।୭ (ବ୍ୟୁରୋ)**

ତୁମର ୪ କୋଟି ଟଙ୍କା ଲଟେରି ଉଠିଛି। ଏହାକୁ ପାଇବା ପାଇଁ କିଛି ଟଙ୍କା ଜମା କରିବାକୁ ପଡ଼ିବ ବୋଲି କହି ସାଇବର ଅପରାଧୀ ହୀରାକୁଦ ଅଞ୍ଚଳର ଜଣେ ଯୁବକଙ୍କଠାରୁ ୪୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ସାଇବର ଥାନାରେ ଏକ ମାମଲା (ନଂ. ୯/୧୯) ରୁଜୁ କରି ପୋଲିସ ତଦନ୍ତ କରୁଛି। ସାଇବର ଥାନା ଅଧିକାରୀ ଅନିତା ପ୍ରଧାନଙ୍କ କହିବା ଅନୁସାରେ, ଯୁବକଙ୍କ ମୋବାଇଲ ଫୋନକୁ ୨୦୧୮ ଅଗଷ୍ଟ ମାସରେ ଏକ ମେସେଜ ଆସିଥିଲା। ଲଟେରି ଟଙ୍କା ନେବା ପୂର୍ବରୁ କମ୍ପାନୀର କେତେକ ନିୟମ ରହିଛି। ତାହା ପାଳନ କରିବାକୁ ହେବ ବୋଲି ମେସେଜ୍‌ରେ ଉଲ୍ଲେଖ ଥିଲା। ପରେ କେହି ଜଣେ ଫୋନ କରି ବିଭିନ୍ନ ଆଳ ଦେଖାଇ ଯୁବକଙ୍କୁ ଟଙ୍କା ଦାବି କରିଥିଲେ। ବର୍ଷକ ମଧ୍ୟରେ ବିଭିନ୍ନ ସମୟରେ ଅପରାଧୀମାନେ ତାଙ୍କଠାରୁ ୪୦ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏପରିକି ଲଟେରି ଟଙ୍କା ଲୋଭରେ ଯୁବକ ଜଣକ ନିଜ ଗାଡ଼ି, ଜମି, ସୁନାଗହଣା ଆଦି ବିକ୍ରି କରି ସେମାନଙ୍କୁ ଟଙ୍କା ଦେଇଥିଲେ। ତେବେ ସବୁ ଚାଲିଯିବା ପରେ ମଧ କିଛି ନ ମିଳିବାରୁ ଯୁବକଙ୍କର ସନ୍ଦେହ ହୋଇଥିଲା। ପରେ ସେ ସାଇବର ଥାନରେ ଅଭିଯୋଗ କରିଥିଲେ।

### ଆଇକନିକ୍ ପ୍ଲେସ୍ ଅଫ୍ ଇଣ୍ଡିଆ

# ପଶ୍ଚିମ ଓଡ଼ିଶା ପର୍ଯ୍ୟଟନ, ଧାର୍ମିକସ୍ଥଳ ନାମ ନାହିଁ

**ସମ୍ବଲପୁର,୧୪।୭ (ବ୍ୟୁରୋ)**

କେନ୍ଦ୍ର ସରକାର ଆଇକନିକ ପ୍ଲେସ୍ ଅଫ୍ ଇଣ୍ଡିଆରେ ପଶ୍ଚିମ ଓଡ଼ିଶାକୁ ଅଣଦେଖା କରିଥିବା ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା ପ୍ରେସ୍ ବିବୃତି ଅଭିଯୋଗ କରିଛନ୍ତି। ଏ ନେଇ ବିଭିନ୍ନ ମହଲରେ ମଧ ପ୍ରତିକ୍ରିୟା ପ୍ରକାଶ ପାଇଛି। ପଶ୍ଚିମ ଓଡ଼ିଶରେ ହୀରାକୁଦ ଡ୍ୟାମ୍, ହରିଶଙ୍କର, ନୃସିଂହନାଥ, ରାଣୀପୁର, ହୁମା ବକ୍ର ମନ୍ଦିର, ଝରିଆଲ ଭଳି ଅନେକ ତୀର୍ଥସ୍ଥାନ ଓ ପର୍ଯ୍ୟଟନସ୍ଥଳୀ ରହିଥିଲେ ମଧ ଆଇକନିକ୍ ପ୍ଲେସ୍ ଅଫ୍ ଇଣ୍ଡିଆ ତାଲିକାରେ କୌଣସିଟିର ନାମ ନାହିଁ। ଅତି କମ୍‌ରେ ପଶ୍ଚିମ ଓଡ଼ିଶାର ୩ଟି ସ୍ଥାନକୁ ତାଲିକାରେ ସ୍ଥାନ ଦେବାକୁ ହୋତା ଦାବି କରିଛନ୍ତି।

# ବିଜୁ ଜନତା ଦଳର ବୈଠକ

**ସମ୍ବଲପୁର,୧୪।୭ (ବ୍ୟୁରୋ)**

ବିଜୁ ଜନତା ଦଳ (ବିଜେଡି)ର ବୈଠକ ରବିବାର ସନ୍ଧ୍ୟାରେ ଶାନ୍ତିନଗରଠାରେ ଅନୁଷ୍ଠିତ ହୋଇଛି। ନଗର ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ ଦଳୀୟ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ପୂର୍ବତନ ସଭାପତି ଆର୍ତ୍ତତ୍ରାଣ ମିଶ୍ର, ଶ୍ରମିକ ନେତା ଗୋକୁଳ ମେହେର, ଅଶୋକ ସେନାପତି, ମହମ୍ମଦ ସୋନାଉଲ୍ଲା, ତପନ ଗୁରୁ, ରବୀନ୍ଦ୍ର କୁଅଁର, ଭୀମ ସାହୁ, ମହମ୍ମଦ ଅଜିମ ଅଞ୍ଜୁ, ରବୀନ୍ଦ୍ର କୁଅଁର, ବିହାରୀଲାଲ ପଂସାରି, କୁନୁ ସ୍ୱାଇଁ ବିଦେଶୀ ସାନବଡ଼, ରମେଶ ଷଡ଼ଙ୍ଗୀ, ଦେବାଶିଷ ନନ୍ଦ ଆଲୋଚନାରେ ଭାଗ ନେଇଥିଲେ। କାହ୍ନୁଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଗଞ୍ଜେଇ ଜବତ, ଦୁଇ ଅଟକ

**ବୌଦ୍ଧ,୧୪।୭ (ସ୍ୱ.ପ୍ର.)**

ବୌଦ୍ଧ ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ଆମ୍ବଝରୀ ପଞ୍ଚାୟତର ଖଜୁରୀପଡା ଓ ମାତାଗାଡୁ ଅଞ୍ଚଳରେ ଚଢାଉ କରି ୧୪ କେଜି ଗଞ୍ଜେଇ ଓ ୩ଟି ବାଇକ୍ ଜବତ କରାଯାଇଛି। ଏହି ଘଟଣାରେ ଥାନାରେ ଦୁଇଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି।

# ମନ୍ଦିର ପରିସର ସଫା କଲେ ମାରୱାଡି ସମ୍ମେଳନ ସଦସ୍ୟ

**ବାମରା,୧୪।୭ (ସ୍ୱ.ପ୍ର.)**

ବାହୁଡାଯାତ୍ରା ପରେ ଗୋବିନ୍ଦପୁର ଜଗନ୍ନାଥ ମନ୍ଦିର ଯାତ୍ରା ପଡ଼ିଆକୁ ଉତ୍କଳ ପ୍ରାନ୍ତୀୟ ମାରୱାଡି ସମ୍ମେଳନ ପକ୍ଷରୁ ସଫାସୁତୁରା କରାଯାଇଛି। ଏଥିରେ ଆଇଓସିଏଲ୍ ମଧ ସାମିଲ ହୋଇ ବିଭିନ୍ନ ଉପକରଣ ବଣ୍ଟନ କରିଥିଲେ। ବାହୁଡାଯାତ୍ରା ପରେ ଯାତ୍ରା ପଡ଼ିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଥିଲା। ମାରୱାଡି ସମ୍ମେଳନ ସଦସ୍ୟ ରବିବାର ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ପଡ଼ିଆ ଓ ମନ୍ଦିର ପ୍ରାଙ୍ଗଣ ସଫା କରିଥିଲେ। ମାରୱାଡି ସମ୍ମେଳନ ସଭାପତି ସୁନୀଲ ଲାଠଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ବିଷ୍ଣୁ ଅଗ୍ରୱାଲ, ପ୍ରାନ୍ତୀୟ ସଦସ୍ୟ ଜ୍ୟୋତି କୁମାର ଲାଠ, ଉପାଧ୍ୟକ୍ଷ ଦୀପକ ଖଣ୍ଡେଲୱାଲ, ମହାବୀର ଅଗ୍ରୱାଲ, ଗିରି ଅଗ୍ରୱାଲ, ଦିଲୀପ ଅଗ୍ରୱାଲ, ସଞ୍ଜୟ ଖଣ୍ଡେଲୱାଲ, ସୁନୀଲ ଖଣ୍ଡେଲୱାଲ, ଶିବୁ ଅଗ୍ରୱାଲଙ୍କ ସମେତ ଅନ୍ୟ ସଦସ୍ୟମାନେ ସାମିଲ ହୋଇଥିଲେ। ଆଇଓସିଏଲ୍ ଅଧିକାରୀ ତଥା ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ସଂଯୋଜକ ସତ୍ୟପ୍ରକାଶ ସୂର୍ଯ୍ୟବଂଶୀ, ଦୀପକ ଶୁକ୍ଲା, ମନ୍ଦିର ପରିଚାଳନା କମିଟି ସଦସ୍ୟ ଶଶିଭୂଷଣ ସେଠୀ, କୁମାର ଚନ୍ଦ୍ର ପଟେଲ ଓ ଅନ୍ୟାନ୍ୟ ସଭ୍ୟ ଉପସ୍ଥିତ ଥିଲେ। ଗୋବିନ୍ଦପୁର ଥାନା ଅଧିକାରୀ ପ୍ରତାପ କୁମାର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜର ମତାମତ ରଖିଥିଲେ। ଆଇଓସିଏଲ୍ ପକ୍ଷରୁ ମନ୍ଦିର ପ୍ରାଙ୍ଗଣରେ ୨ଟି, ବସଷ୍ଟାଣ୍ଡ ଅଞ୍ଚଳରେ ୨ଟି, ଥାନା ପାଖରେ ୨ଟି ଓ ବାମରା ଷ୍ଟେଶନ ବସ୍ତିରେ ଗୋଟିଏ ରଖାଯାଇଛି। ସମସ୍ତେ ଏହାର ବ୍ୟବହାର କରିବା ପାଇଁ ଅନୁରୋଧ କରାଯାଇଛି। ଏହାସହ ଅଞ୍ଚଳରେ କପଡ଼ା ନିର୍ମିତ କ୍ୟାରି ବ୍ୟାଗ୍ ବଣ୍ଟନ କରାଯାଇ ପ୍ଲାଷ୍ଟିକମୁକ୍ତ ପରିବେଶ ଗଠନ ପାଇଁ ଆହ୍ୱାନ ଦିଆଯାଇଛି।

### ବନ ବିଭାଗ ପକ୍ଷରୁ ବୁର୍ଲାରେ ତାଲିମ ଶିବିର

**ଧମା,୧୪।୭ (ଡି.ଏନ୍.ଏ.)**

ସମ୍ବଲପୁର ବନଖଣ୍ଡ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ଏବଂ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ର ମିଳିତ ଉଦ୍ୟମରେ ଷ୍ଟେଟ ବ୍ୟାଙ୍କ ତାଲିମ କେନ୍ଦ୍ରରେ ଦଶଦିନିଆ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଏଥିରେ ରେଙ୍ଗାଲି, ପଡ଼ିଆବାହାଲ ସଦର ଓ ଧମା ବନାଞ୍ଚଳ ଅଧିନ ଜଙ୍ଗଲ ଉପରେ ନିର୍ଭରଶୀଳ ବନ ସୁରକ୍ଷା ସମିତି ସ୍ୱୟଂ ସହାୟକ ଗୋଷ୍ଠୀର ୨୭ ମହିଳା ଛତୁଚାଷ ଉପରେ ପ୍ରଶିକ୍ଷଣ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ବନଖଣ୍ଡା ଅଧିକାରୀ ସଞ୍ଜିତ କୁମାର ଏବଂ ଅବସରପ୍ରାପ୍ତ ସହକାରୀ ବନ ଅଧିକାରୀ ପଙ୍କଜ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ପରେ ତାଲିମ କେନ୍ଦ୍ର ନିର୍ଦ୍ଦେଶକ ସୌରଭ ରାଏଙ୍କ ନେତୃତ୍ୱରେ ପ୍ରଶିକ୍ଷାର୍ଥୀମାନଙ୍କୁ ନେଇ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।



ରବିବାର ରାତିରେ ସମ୍ବଲପୁର ଝାଡୁଆପଡ଼ା ରଥାରୁଢ଼ ବ୍ରହ୍ମପୁରା ଠାକୁରଙ୍କଠାରେ ଅଧରପଣା ନୀତି ହେଉଛି।

# ବ୍ରହ୍ମପୁରା ଠାକୁରଙ୍କ ନୀଳାଦ୍ରିବିଜେ

- ଅଧରପଣା, ରସଗୋଲା ଭୋଗ ଲାଗିଲା

**ସମ୍ବଲପୁର,୧୪।୭ (ବ୍ୟୁରୋ)**

ସମ୍ବଲପୁରର ସର୍ବ ପୁରାତନ ଝାଡୁଆପଡ଼ା ବ୍ରହ୍ମପୁରା ଠାକୁର ରବିବାର ରାତିରେ ନୀଳାଦ୍ରି ବିଜେ କରିଛନ୍ତି। ଘଣ୍ଟ ବାଦ୍ୟ ଓ ଶଙ୍ଖ ଧ୍ୱନିରେ ମୁଖରିତ ହୋଇଥିଲା ମନ୍ଦିର ପରିସର। ଭକ୍ତଙ୍କ ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି ସହ ରଙ୍ଗିନ ଆତସବାଜିରେ ପ୍ରକମ୍ପିତ ହୋଇଥିଲା ଅଞ୍ଚଳ। ସେବାୟତମାନେ ଧାଡ଼ି ପହଣ୍ଡିରେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ମନ୍ଦିର ଭିତରକୁ ନେଇଥିଲେ। ଗତ ୪ ତାରିଖ ରଥଯାତ୍ରାଠାରୁ ମହାବାହୁଙ୍କ ଅନୁପସ୍ଥିତିରେ ଖାଲି ପଡ଼ିଥିବା ଶ୍ରୀମନ୍ଦିର ଭକ୍ତଙ୍କ ସମାଗମରେ ଗୁଞ୍ଜରିତ ହୋଇଥିଲା। ସନ୍ଧ୍ୟା ୬ଟାରେ ସ୍ୱତନ୍ତ୍ର ଆଳତି ହୋଇଥିଲା। ରଥାରୂଢ଼ ଠାକୁରଙ୍କଠାରେ ମହାଆଳତି ହେବାପରେ ଅଧରପଣା, ରସଗୋଲା ଭୋଗ ଲାଗିଥିଲା। ମନ୍ଦିର ମୁଖ୍ୟ ପୂଜକ ସନ୍ତୋଷ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଗୋପାଳ ପଣ୍ଡା ସହଯୋଗ କରିଥିଲେ। ସେବାୟତ ସୁଧାଂଶୁ ବାବୁ, ପ୍ରିୟରଞ୍ଜନ ପଣ୍ଡା, ସଞ୍ଜୀବ ପାଢ଼ୀ, କ୍ରିଷ୍ଣା ଚନ୍ଦ୍ର ବାବୁ, ପ୍ରଦୀପ ସୁପକାର, ପ୍ରବୀଣ ଦୀକ୍ଷିତ, ହିମାଂଶୁ ପତି, କୈଳାସ ପଣ୍ଡା, ସତ୍ୟନାରାୟଣ ଜେନା, ଧିନା ପ୍ରଧାନ ୧୦୮ ପିତ୍ତଳ ଗଡୁରେ ଅଧରପଣା ନେଇ ଠାକୁରଙ୍କ ସମ୍ମୁଖରେ ଥିବା ହାଣ୍ଡିରେ ଢାଳିଥିଲେ।

# ମାଷ୍ଟର୍ସ ଆଥ୍‌ଲେଟିକ ଆସୋସିଏଶନର ବୈଠକ

**ସମ୍ବଲପୁର,୧୪।୭ (ବ୍ୟୁରୋ)**

ସମ୍ବଲପୁର ଜିଲା ମାଷ୍ଟର୍ସ ଆଥ୍‌ଲେଟିକ ଆସୋସିଏଶନର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ସଭାପତି ଗୋକୁଳଚନ୍ଦ୍ର ଦର୍ଜିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦକ ସଦାଶିବ ପୁରୋହିତ ସଂଘର ବାର୍ଷିକ ବିବରଣୀ ଓ ବଜେଟ ଉପସ୍ଥାପନ କରିଥିଲେ। ଜାତୀୟ କୃତୀ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ହାଇସ୍କୁଲ, ଏମ୍‌ଇ ସ୍କୁଲସ୍ତରୀୟ ଫୁଟବଲ ପ୍ରତିଯୋଗିତା ବିଷୟରେ ସଭ୍ୟମାନେ ଆଲୋଚନା କରିଥିଲେ। ଏଥିସହ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପଡ଼ିଆରେ ପ୍ରଶାସନିକ କୋଠା ନିର୍ମାଣକୁ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ବିରୋଧ କରିଥିଲେ। ଆଗାମୀ ଦିନରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ସଂଗ୍ରାମ କେଶରୀ ସାହାଣୀ, ବିଦ୍ୟାଧର ପ୍ରଧାନ, ସୁକାନ୍ତ ବୋଷ, ଜଗବନ୍ଧୁ ବେହେରା, ମନୋରଞ୍ଜନ ପାଢ଼ୀ, ପ୍ରେମରଞ୍ଜନ ପ୍ରଧାନ, ବିଶ୍ୱମ୍ଭର ବହିଦାର, ସୁବାସ ରାଉତ, ସାହେବ ଖମାରୀ, ଅଶୋକ ସାହୁ ଆଲୋଚନାରେ ଭାଗ ନେଇଥିଲେ। ବରିଷ୍ଠ ସଭ୍ୟ ଡ. ବିଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରମିକ ନେତା ବିଜୟ ମହାନ୍ତିଙ୍କୁ ସ୍ମୃତି ସମ୍ମାନ

**ସମ୍ବଲପୁର,୧୪।୭ (ବ୍ୟୁରୋ)**

### ସ୍ୱାଧୀନତା ସଂଗ୍ରାମୀ ଦୟାନନ୍ଦ ଶତପଥୀ ସ୍ମାରକୀ ବକ୍ତୃତା



ଶ୍ରମିକ ନେତା ବିଜୟ ମହାନ୍ତିଙ୍କୁ ଦୟାନନ୍ଦ ଶତପଥୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

ସ୍ୱାଧୀନତା ସଂଗ୍ରାମୀ, ବାମଣ୍ଡା ପ୍ରଜା ଆନ୍ଦୋଳନର ଆଦ୍ୟ ସଂଗଠକ ତଥା ପଶ୍ଚିମ ଓଡ଼ିଶାରେ ବାମପନ୍ଥୀ ଆନ୍ଦୋଳନର ପୁରୋଧା ଦୟାନନ୍ଦ ଶତପଥୀଙ୍କ ଜୟନ୍ତୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ମୃତି କମିଟି ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ ସଭ୍ୟତା ଓ ସଙ୍କଟ ଶୀର୍ଷକ ଦୟାନନ୍ଦ ଶତପଥୀ ସ୍ମାରକୀ ବକ୍ତୃତା ହୋଇଥିଲା। ପ୍ରଫେସର ଧନେଶ୍ୱର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ସଭ୍ୟତା ସବୁ ସମୟରେ ସଙ୍କଟ ସହିତ ସଂଶ୍ଳିଷ୍ଟ ହୋଇ ରହିଛି। ଆଗାମୀ ଦିନରେ ସଙ୍କଟଗୁଡ଼ିକର ସମାଧାନ ଲାଗି ଗ୍ରହମଣ୍ଡଳୀୟ ମାନବବାଦ (ପ୍ଲାନେଟାରୀ ହ୍ୟୁମାନିଜମ୍)ର ଚିନ୍ତା କରାଯାଉଛି। ସମ୍ପ୍ରତି କେବଳ ଗୋଟିଏ ଗ୍ରହରେ ମାନବ ସଭ୍ୟତାର ବିକାଶ ହୋଇଛି। କିନ୍ତୁ ସୌରମଣ୍ଡଳର ଅନ୍ୟ ଗ୍ରହରେ ସଭ୍ୟତା ନାହିଁ। ମାନବଜାତି, ସଭ୍ୟତା ଓ ସଂସ୍କୃତିର ବିକାଶ ହୋଇଛି। ତାହାକୁ ଚିରସ୍ଥାୟୀ କରି ରଖିବା ସମସ୍ତଙ୍କ ନୈତିକ କର୍ତ୍ତବ୍ୟ। ନଚେତ୍ ଆଗାମୀ ଦିନରେ ତାହା ଲୋପ ପାଇବା ଆଶଙ୍କା ରହିଛି। ଦାର୍ଶନିକ, ବୈଜ୍ଞାନିକ, ବୁଦ୍ଧିଜୀବୀ ଓ ଗବେଷକମାନେ ଗ୍ରହମଣ୍ଡଳୀୟ ମାନବବାଦକୁ ନେଇ ଚର୍ଚ୍ଚା କରିବା ସହ ସମଗ୍ର ପୃଥିବୀକୁ ଗୋଟିଏ ଶାସନାଧୀନ କରି ବିଶ୍ୱ ସରକାରର ପରିକଳ୍ପନା ମଧ କରାଯାଉଛି। କୃଷିର ଜ୍ଞାନ, ଲିପି ଉଦ୍ଭାବନ, ଲୁହାର ବ୍ୟବହାର ପ୍ରଭୃତି ସଭ୍ୟତାର କ୍ରମବିକାଶକୁ ପ୍ରାୟ ୫ ହଜାର ବର୍ଷ ପୁରୁଣା ବୋଲି କୁହାଯାଏ। ସଭ୍ୟତାର କ୍ରମବିକାଶ ପଛରେ ମୁଖ୍ୟତଃ ଭାଷା କହିବା ସାମର୍ଥ୍ୟ, ବସ୍ତୁ ନିର୍ମାଣ କରିବା ଶକ୍ତି, ସାମାଜିକ ପ୍ରବୃତ୍ତି ଓ ବିଚାରଶୀଳ ଦୃଷ୍ଟି ଏବଂ ଚିନ୍ତା ଶକ୍ତି ରହିଛି। ମଣିଷ ହିଁ ନିଜ ସଭ୍ୟତା ଓ ସମାଜକୁ ଗଢ଼ିଛି। ପ୍ରତ୍ୟେକ ଧର୍ମର କେତେକ ତାତ୍ତ୍ୱିକ ମୌଳିକ ଚିନ୍ତାଧାରା ରହିଛି। ତେଣୁ ପ୍ରତ୍ୟେକ ଧର୍ମ ଗୋଟିଏ ସଭ୍ୟତା ସହ ଜଡ଼ିତ ଥିଲା ବୋଲି ପ୍ରଫେସର ଧନେଶ୍ୱର କହିଥିଲେ। କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ସମ୍ବଲପୁର ଏମ୍‌ପି ଭବାନୀ ଶଙ୍କର ହୋତା ସଂଗ୍ରାମୀ ଦୟାନନ୍ଦଙ୍କ ଜୀବନାଦର୍ଶ ବିଷୟରେ ଆଲୋକପାତ କରିଥିଲେ। ସମ୍ପାଦକ ପ୍ରଫୁଲ୍ଲ ହୋତା ପ୍ରାରମ୍ଭିକ ସୂଚନା ଓ ବୋଧରାମ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶ୍ରମିକ ନେତା ତଥା ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତିଙ୍କୁ ଦୟାନନ୍ଦ ଶତପଥୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସରୋଜ କୁମାର ଦାଶ ମାନପତ୍ର ପାଠ କରିଥିଲେ।




ଇନରହ୍ୱିଲ କ୍ଲବ୍ ଶପଥ ଗ୍ରହଣ ଉତ୍ସବରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା।

# ଇନରହ୍ୱିଲ କ୍ଲବ ସଦସ୍ୟଙ୍କ ଶପଥଗ୍ରହଣ ଉତ୍ସବ

**ସମ୍ବଲପୁର,୧୪।୭ (ବ୍ୟୁରୋ)**

ଇନରହୁଇଲ କ୍ଲବ ସମ୍ବଲପୁର ହ୍ୟାଣ୍ଡଲୁମ୍ ସିଟି ସଦସ୍ୟଙ୍କ ଶପଥଗ୍ରହଣ ଉତ୍ସବ ରବିବାର ମହାନଦୀ କ୍ଲବରେ ଅନୁଷ୍ଠିତ ହୋଇଛି। କ୍ଲବ ସଭାପତି ସୂର୍ଯ୍ୟକାନ୍ତି ମେହେରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦିକା ଲକ୍ଷ୍ମୀପ୍ରିୟା ପ୍ରଧାନ ୨୦୧୯-୨୦ ବର୍ଷର କାର୍ଯ୍ୟପନ୍ଥା ବିଷୟରେ ଆଲୋକପାତ କରିଥିଲେ। କ୍ରିଷ୍ଣା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଭ୍ୟା ସୁନୀତା ରଥ, ଲବିନ୍ଦର କୌର, ସୁଜାତା ପାଢ଼ୀ, ଲକ୍ଷ୍ମୀପ୍ରିୟା ଦୋରା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଉତ୍ସବରେ କ୍ଲବର ୪୦ ସଭ୍ୟା ଯୋଗଦେଇଥିଲେ।



"ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

## ସେଲ୍ଫି କର୍ଣ୍ଣର



ଗଜପତି



ମଞ୍ଜିତ୍



ଦିବାସ



ବିଜୟ କୁମାର



ଆଶୁତୋଷ

ସେଲ୍ଫି ଉଠାନ୍ତୁ, ଆପକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ୭ଜଣଙ୍କୁ ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ଭୁବନେଶ୍ୱର ପୁସ୍ତକମେଳାର ୩୫ତମ ପୁରସ୍କାର ବିତରଣ ଉତ୍ସବ ରବିବାର ସ୍ଥାନୀୟ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୭ଜଣଙ୍କୁ ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର ପ୍ରଦାନ କରାଯାଇଛି। ସେଥିମଧ୍ୟରେ ଗଳ୍ପ 'ତାରା ଭର୍ତ୍ତି ଆକାଶ' ପୁସ୍ତକ ପାଇଁ ବିରଜା ରାଉତରାୟ ଓ କବିତା ପୁସ୍ତକ 'ନିଆଁର କୋଲାଜ୍' ପାଇଁ ପ୍ରତୀକ୍ଷା ଜେନାଙ୍କୁ ପୁସ୍ତକମେଳା ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ କଥାକଳିକା ୨୦୧୮ ପୂଜା ପତ୍ରିକାର ଗଳ୍ପ 'ଅଜଣା ସମୁଦ୍ର' ପାଇଁ କ୍ଷୀରୋଦ ପଟ୍ଟନାୟକଙ୍କୁ ରବି ପଟ୍ଟନାୟକ ସ୍ମୃତି ପୁରସ୍କାର ଦିଆଯାଇଛି। ସେହିଭଳି 'ପୁନଶ୍ଚ ବଳିଦତ୍ତ' ପୁସ୍ତକ ପାଇଁ ମହେଶ୍ୱତା ସାହୁଙ୍କୁ ଉତ୍ତମ ଚରଣ ନାୟକ ଗଳ୍ପ ପୁରସ୍କାର, 'ଗୀତ ନା ଗପ' ପୁସ୍ତକ ପାଇଁ ମାନସ ରଞ୍ଜନ ସାମଲଙ୍କୁ ଶିଶୁ ସାହିତ୍ୟ ପୁରସ୍କାର, ଏଥେନାର ରାଜକିଶୋର ଦାସଙ୍କୁ ଶ୍ରେଷ୍ଠ ପ୍ରକାଶକ ଏବଂ ସାମ୍ବାଦିକ ରାଜାରାମ ଶତପଥୀଙ୍କୁ ବରେନ୍ଦ୍ରକୃଷ୍ଣ ଧଳ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ପଶ୍ଚିମା ସାହିତ୍ୟ ପତ୍ରିକା ପ୍ରଦତ୍ତ ସମ୍ମାନ ମଧ୍ୟ ପ୍ରଦାନ କରାଯାଇଥିଲା। 'ବିଧର୍ମୀ' ପୁସ୍ତକ ପାଇଁ ଅରବିନ୍ଦ ଦାସଙ୍କୁ ପଶ୍ଚିମା ଗଳ୍ପ ସମ୍ମାନ, 'ପ୍ରେମର ଦୂର ଗୀତ' ପାଇଁ କେଦାର ମିଶ୍ରଙ୍କୁ ପଶ୍ଚିମା କବିତା ସମ୍ମାନ, 'ସୃଜନ ସ୍ୱପ୍ନ' ପାଇଁ ଡ. ଇନ୍ଦୁପ୍ରଭା ସାମଲଙ୍କୁ ପଶ୍ଚିମା ପ୍ରବନ୍ଧ ସମ୍ମାନ, 'ଡାର୍ଟି ପିକ୍ଚର' ପାଇଁ ରବିନାରାୟଣ ଦାଶଙ୍କୁ ପଶ୍ଚିମା ଉପନ୍ୟାସ ସମ୍ମାନ ଦିଆଯାଇଛି। ସାହିତ୍ୟିକ ସାତକଡ଼ି ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସାହିତ୍ୟିକା ପ୍ରତିଭା ଶତପଥୀ, ଭୁବନେଶ୍ୱର ପୁସ୍ତକମେଳା କମିଟିର ସମ୍ପାଦକ ଅଶୋକ ମହାନ୍ତି ଯୋଗଦେଇ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ।



ମଞ୍ଚାସୀନ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇବାକୁ ଦାନା ନାହିଁ,
ପିନ୍ଧିବାକୁ କନା ନାହିଁ।**

ଗରିବ ହେଲେ ସବୁ ସହିବାକୁ ପଡ଼ିଥାଏ। ପ୍ରତିକୂଳ ପରିସ୍ଥିତି ମଧ୍ୟରେ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡ଼ିଥାଏ। ଦୀନହୀନ ଦରିଦ୍ର ବ୍ୟକ୍ତି ବହୁ ଦୁଃଖକଷ୍ଟରେ ଜୀବିକା ନିର୍ବାହ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖଣ୍ଡକ୍ଷୀରି ପିଇ ଦଉଥା।
ଘୋଡ଼ିଘାଡ଼ି ହୋଇ ଶୋଇଥା।**

ଅଯୋଗ୍ୟ ଅପଦାର୍ଥ ବ୍ୟକ୍ତି କୌଣସି ଗୁଣକୁ ସରି ହୋଇ ନ ଥାନ୍ତି। ଏପରି ବ୍ୟକ୍ତି କୁଟା ଖଣ୍ଡିକ ଦି' ଖଣ୍ଡ କରିବାକୁ ଉଚିତ ମଣି ନ ଥାନ୍ତି। କାମଦାମ ନ କରି ଅଳସରେ ଦିନ ବିତାଇବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଆରାମରେ ଖାଇପିଇ ସମୟ ଅତିବାହିତ କରୁଥିବା ନିକମା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଧୁନିକତା ଭିତରେ ହଜି ଯାଉଛେ ଶଗଡ଼ ଗାଡ଼ି

ସଂଜୀବ କୁମାର ଯୋଷୀ
ଭବାନୀପାଟଣା,୧୪।୭ (ଡି.ଏନ୍.ଏ.)



ଆଧୁନିକତାର ଛାପ୍‌ରେ ଆମର ସଂସ୍କୃତି, ପରମ୍ପରାରେ ଅନେକ ପରିବରତନ ଦେଖିବାକେ ମିଳୁଛେ। ଆଘ ଲୋକ୍ କୃଷି କାଯ୍‌ରେ ନଂଗଲ, ଶଗଡ଼ ଗାଡ଼ିର ବଡ଼ଭାରି ବେଭାର କରୁଥିଲେ। ହେଲେ ଆଧୁନିକ୍ ଯନ୍ତ୍ରପାତି ଆଏଲାଦିନୁ କୃଷି କାଯ୍‌ରେ ଖେତ୍ ଜୁତା, କାଦୋକରା, ଖତ୍ ବୁହା, ଧାନ୍ ଦୁହାରିବାରର ଲାଗି ଟ୍ରାକ୍ଟରର ବେଭାର ହେଉଛେ। ଆଘୋ ଚାଷୀ ଇ ସବୁ କାମ୍‌କାଯ୍ ଲାଗି ଶଗଡ଼ ଗାଡ଼ିର ବେଭାର କରୁଥିଲେ। ସେନ୍‌ତା ଲୋକ୍ କେହେନ୍‌ସି ସାମାନ ନେବାର ଆନ୍‌ବାର, ଝାର ଜଂଗ୍‌ଲୁ କାଠ୍‌ଖୁଁଠ୍, ବାଉଁଶ ଦୁହାରିବାର ଲାଗି ହଲଗାଡ଼ି(ଶଗଡ଼)ର ବେଭାର କରୁଥିଲେ। ଆଘ ଗାଡ଼ିମଟର, ରାସ୍‌ତାଘାଟ ଅଭାବୁ ଲୋକ୍ ଦୁରିଆ ଗାଁଗଁଡ଼ା ଗଲେ ହଲଗାଡ଼ିଥି ଘୂରନି ଖଁଜି ବସବାର ଜାଗାଥି ପୁଆଲ ପାରି ଉପରେ ମସନା, କଁଥା ପକେଇ ବସିକରି ଯାଉଥିଲେ। ସେନ୍‌ତା ବିହାବରପନରେ ବି ଶଗଡ଼ ଗାଡ଼ି ଲୁକ୍‌କର ଗୁଟେନ ଯିବାର ଆଏବାର ଜରିଆ ଥିଲା। ବିହା ଉତାରୁ ଭୁଆସେନ୍‌କେ ଶାଶ୍ ଘରକେ ବଟାବାର ଲାଗି ଘୂରନି ଖଁଜା ଶଗଡ଼ ଗାଡ଼ିକେ ସଜା ଯାଉଥିଲା। ଶଗଡ଼ଥି ଫଁଦା ଯାଉଥିବାର ବଲଦ୍‌ମାନକୁ ବି ବେଁକେ ଘଁଟି ଲଗା ଘାଗରା, ସିଂଘେ ଲାଲ୍ ଫିତା ବାଁଧି ସଜଉଥିଲେ। ଯେତେବେଲେ ଇ ହଲଗାଡ଼ି ଗାଁଖୁଲି କି କେନ୍ ରାସ୍‌ତା ଦେଇ ଯାଉଥିଲା ଲୋକ୍ କାବାଛାଡ଼ନୁ ଦେଖୁଥିଲେ। ବଲଦ୍‌କର ଦମ୍‌ଦମ୍ ଚାଲିକେ ଘଁଟି ଆର ଶଗଡ଼ ଗାଡ଼ିର କେଁକଟର ଶବଦ୍ ଚାଲ୍‌ତି ଲୁକ୍‌କର ମନ୍ ଘିନି ନେଉଥିଲା। ହେଲେ ଆଏଜକାଲି ଜଲସେଚିତ ଅଂଲରେ ଶଗଡ଼ ଗାଡ଼ିର ଭେଲି ବୁଡ଼ିଗଲାବେଲେ କାଁ ଭାଁ ଗାଁଗଁଡ଼ାରେ ହାତ୍‌ଗନ୍ତି ଶଗଡ଼ ଦେଖିବାକେ ମିଲୁଛେ। ସେନ୍‌ତା କଳାହାଣ୍ଡି ଜିଲା ପାହାଡ଼ ଜଂଗଲ ଘେରା ଗୁଟେ ଆଦିବାସୀ ବହୁଲ ଜିଲା ହେଇଥିଲାବେଲେ ଇଠାନେ ଆଗରୁ ରାସ୍‌ତାଘାଟର ବଡ଼ଭାରି ଅସ୍‌ବିଧା ରହିଥିଲା। ଯେନ୍‌ଥିରଲାଗି ଜିଲାର ସବୁ ଗାଁଗଁଡ଼ାଥି ମାଲ ମାଲ ଶଗଡ଼ ଦେଖିବାକେ ମିଲୁଥିଲା। ହେଲେ ଗାଡ଼ିମଟର, ଯନ୍ତ୍ରପାତିର ବେଭାର ଲାଗି ସମାଜରୁ ଶଗଡ଼ ଉଭି ଯିବାକେ ବସଲାନ। ସେନ୍‌ତା କଡ଼ାକଡ଼ି ଜଂଗଲ ଆଇନ୍ ଲାଗି ଗଛ୍‌ଖୁଁଟ ଅଭାବୁ ଚାଷୀ ଆର ଶଗଡ଼ ଗାଡ଼ି ବି ନାଇଁ ତିଆରିବାର। ହୁଏତ ବଛର କେତେଟା ଭିତରେ ଆମର ସମାଜରୁ ଶଗଡ଼ ଗାଡ଼ି ଉଭିଯିବା ଆର ଆମର ଆଗଲାପିଢ଼ି ଶଗଡ଼ ବାବ୍‌ଦେ ବହିଥି ଫଟୋ ଦେଖି ପାଠ୍ ପଢ଼ବେ। ଇ ବାବ୍‌ଦେ ଭବାନୀପାଟଣା ବ୍ଲକ ରିଷିଗାଁର ଚାଷୀ ଶାନ୍ତନୁ କୁମାର ବେହେରାକୁଁ ପଚରାଲାରୁ ଶଗଡ଼ ଗାଡ଼ି ଏହେଦେ ଇତିହାସ ହେଇଗଲାନ। ଅତୀତରେ ଆମର ଜୀବନ୍ ଜୀବ୍‌କା ସଂଗେ ଯୁଡ଼ି ହେଇ ରହିଥିଲା। ଇ ଯନ୍ତ୍ରପାତି ଯୁଗରେ ଶଗଡ଼ଟା ଲୁକ୍‌କର ଲାଗି ଅଦରକାରୀ ପାଲଟିଯାଇଛେ। ଆଘ ଗାଁଗଁଡ଼ା ଯିବାରନୁ ମୂଳ କରି ଝିଁବଟାବାର ତକ୍ ସବୁଥି ଶଗଡ଼ ଗାଡ଼ି ଖୁଜାପଡ଼ୁଥିଲା। ସେନ୍‌ତା ଭବାନୀପାଟଣା ବ୍ଲକ ବାନ୍ଧୋପଲା ଗାଁର ଆରଝନେ ଚାଷୀ ବଟକୃଷ୍ଣ ଠାକୁରକୁଁ ପଚରାଲାରୁ ଆଘ ଚାଷ୍‌ବାସ ଆରମ୍‌ରୁ ଶେଷ୍ ତକ୍ ଶଗଡ଼ ଆର ବଲଦ୍‌ମାନକର ବେଭାର ହେଉଥିଲା। ହେଲେ ଟ୍ରାକ୍ଟର ଆର ଭିନେ ଭିନେ କୃଷି ଯନ୍ତ୍ରପାତି ଆଏଲା ଦିନୁ ହଲଗାଡ଼ି, ବଲଦ୍‌ର ଦରକାର ନାଇଁପଡ଼ବାର। ଚାଷୀ ଟ୍ରାକ୍ଟରରେ କମ୍ ସମିଆରେ ଅଧିକା କାମ୍ କରିପାରୁଛେ। ସେଥିରଲାଗି ଶଗଡ଼ ଗାଡ଼ି ଅଦରକାରୀ ହେବାର ସଂଗେ ସମାଜରୁ ବି ଉଭି ଯିବାକେ ବସଲାନ ବଲିସେ କହିଥିଲେ।


## CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1%।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫0 ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫0% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି
100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ବଶୀକରଣ
ପ୍ରେମ ସମସ୍ୟା
ଗୃହ କ୍ଲେଶ
କୋର୍ଟ କେସ୍
ବ୍ୟବସାୟ
ସ୍ୱାମୀ-ସ୍ତ୍ରୀ କଳି
ମିଆଁ ମଲଖାନ ଜୀ
09870155846

BUSINESS

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
9348274623

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଭାରତରେ ୬୧ ପ୍ରତିଶତ ମୃତ୍ୟୁ ଅଣସଂକ୍ରାମକ ରୋଗ (ଏନ୍‌ସିଡି)ରୁ ହେଉଛି। ଏହାର ପ୍ରତିକାର ଲାଗି ଜାତୀୟ ସ୍ତରରେ ଆନ୍ଦୋଳନର ଆବଶ୍ୟକତା ରହିଛି।
-ଏମ୍. ଭେଙ୍କୟା ନାଇଡୁ, ଉପରାଷ୍ଟ୍ରପତି



# ଜୀବନ ନେଉଛି ଜଳପ୍ରଳୟ

## ଆସାମରେ ୧୧ ମୃତ, ୧୪ ଲକ୍ଷ ବିସ୍ଥାପିତ

- ବିହାର, ପଶ୍ଚିମବଙ୍ଗରେ ସଙ୍ଗିନ ସ୍ଥିତି
- ନେପାଳରେ ୬୦ ମୃତ
- ବାଂଲାଦେଶରେ ୫,୦୦୦ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ଶିବିର ଧ୍ୱସ୍ତ

ନୂଆଦିଲ୍ଲୀ/କାଠମାଣ୍ଡୁ/ଢାକା,୧୪।୭

ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ। କିଛିଦିନ ତଳେ ମୌସୁମୀର ଆଗମନ ପୂର୍ବରୁ ପାଣି ପାଇଁ ହାହାକାର ହେଉଥିବା ଲୋକେ ଏବେ ଲଗାତର ବର୍ଷାରେ ଉବୁଟୁବୁ ହେଉଛନ୍ତି। ମହାରାଷ୍ଟ୍ରରେ ବର୍ଷାବିପ୍ଳାବିତ ଅନେକ ଲୋକଙ୍କ ଘର ଉଜାଡ଼ି ଦେଇଥିବାବେଳେ ଉତ୍ତରରୁ ଉତ୍ତର-ପୂର୍ବ ଯାଏ ଏହାର କରାଳ ରୂପ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ଓ ବିହାର ସମେତ ଆସାମ, ତ୍ରିପୁରା ଏବଂ ମିଜୋରାମ ସବୁଠି ତାଣ୍ଡବ ରଚିଛି ପ୍ରଳୟଙ୍କରୀ ବନ୍ୟା। ଆସାମରେ ୭୨ ଘଣ୍ଟା ମଧ୍ୟରେ ଅନ୍ୟୁନ ୧୧ ଜଣଙ୍କ ଜୀବନ ଯାଇଥିବାବେଳେ ୧୪ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି। ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁ କାନ୍ଥ ଭୁଶୁଡ଼ିପଡ଼ିବାରୁ ୨୦ ଜଣ ଚାପି ହୋଇଯାଇଛନ୍ତି। ବିହାର, ଉତ୍ତରାଖଣ୍ଡ, ତ୍ରିପୁରା ଓ ମିଜୋରାମ କଥା ନ କହିବା ଭଲ। ସେପଟେ ପଡ଼ୋଶୀ ନେପାଳ ଓ ବାଂଲାଦେଶର ଅନେକ ଅଞ୍ଚଳକୁ ମଧ୍ୟ ବନ୍ୟାଜଳ ମାଡ଼ିଯାଇଥିବାରୁ ଚିନ୍ତା ବଢ଼ାଇଦେଇଛି।

ହିମାଳୟରୁ ପ୍ରବାହିତ ବ୍ରହ୍ମପୁତ୍ର ନଦୀରେ ପ୍ରବଳ ବନ୍ୟା ଆସିଛି। ବାଂଲାଦେଶରେ ଲଗାଣ ବର୍ଷା ବ୍ରହ୍ମପୁତ୍ରକୁ ଫୁଲେଇ ଦେଇଛି। ସେଠାରେ ବର୍ଷା ଓ ବନ୍ୟା ଯୋଗୁ ୫,୦୦୦ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ଶିବିର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏହି ନଦୀ ଜଳ ପ୍ରବାହରେ ଆସାମର ୧,୮୦୦ରୁ ଊର୍ଦ୍ଧ୍ୱ ଗ୍ରାମ ଧୋଇ ହୋଇଯାଇଛି। ୩୨ ଜିଲାରୁ ୨୫ ଜିଲାର ବିଭିନ୍ନ ସ୍ଥାନରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ୩ ଦିନ ମଧ୍ୟରେ ୧୧ ଜଣ ଭାସିଯାଇ ପ୍ରାଣ ହରାଇଛନ୍ତି। ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି। ଆସନ୍ତା ୩ ଦିନ ଧରି ଆହୁରି ପ୍ରବଳ ବର୍ଷା ହେବ ବୋଲି କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ଅନେକ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରିଦିଆଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ସ୍ଥିତି ସମୀକ୍ଷା କରି ଆସାମକୁ ସବୁ ପ୍ରକାର ସହଯୋଗ କରାଯିବ ବୋଲି ଘୋଷଣା କରିଛନ୍ତି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜୋର୍‌ଦାର କରାଯାଇଥିବାବେଳେ ବନ୍ୟା ପ୍ରଭାବିତ ଅଞ୍ଚଳରେ ୬୮ଟି ରିଲିଫ୍ କ୍ୟାମ୍ପରେ ୨୦ ହଜାରରୁ ଊର୍ଦ୍ଧ୍ୱ ଆଶ୍ରୟ ନେଇଛନ୍ତି। ଟ୍ରେନ୍ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ପଡ଼ୋଶୀ ତ୍ରିପୁରା ଓ ମିଜୋରାମରେ ବନ୍ୟା ଯୋଗୁ ୧୫ ହଜାର ଲୋକଙ୍କୁ ସୁରକ୍ଷିତ ଶିବିରକୁ ସ୍ଥାନାନ୍ତର କରାଯାଇଛି। ସରକାରୀ ଅଧିକାରୀଙ୍କ ସୂଚନାନୁସାରେ ତ୍ରିପୁରାର ୩୮ ରିଲିଫ୍ କ୍ୟାମ୍ପରେ ୧୨,୦୦୦ରୁ ଊର୍ଦ୍ଧ୍ୱ ଆଶ୍ରୟ ନେଇଛନ୍ତି। ମିଜୋରାମରେ ଖାଓ୍ୱଥଲାଙ୍ଗଟୁଇପୁଇ ଓ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ଯୋଗୁ ୪୦୦ ଲୋକ ବାସଚ୍ୟୁତ ହୋଇଛନ୍ତି। ଏସ୍‌ଡିଆର୍‌ଏଫ୍ ଟିମ୍ ଦୁଇଜଣ ଯୁବକଙ୍କ ମୃତଦେହ ଲାଓ୍ୱଙ୍ଗ୍ ନଦୀରୁ ଉଦ୍ଧାର କରିଛି।

ସେହିପରି ନେପାଳରେ ଲଗାଣ ବର୍ଷା ଓ ତଜ୍ଜନିତ ବନ୍ୟାରେ ୬୦ ଜଣଙ୍କ ଜୀବନ ଗଲାଣି। ବାଗମତୀ, କମଳା, ସପ୍ତକୋଶୀ ଓ ସୁନ୍‌ଖୋଇ ନଦୀରେ ଜଳସ୍ତର ବିପଦ ସଙ୍କେତ ଟପିଛି। ଏଥିରେ ୩୫ ଜଣ ନିଖୋଜ ହୋଇଯାଇଥିବାବେଳେ ୨୫ ଆହତ ହୋଇଛନ୍ତି। କାଠମାଣ୍ଡୁରେ ୧୮୫ ଜଣଙ୍କ ସମେତ ସାରା ଦେଶରେ ୧,୧୦୪ ଜଣଙ୍କୁ ସେନା ପକ୍ଷରୁ ଉଦ୍ଧାର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ପ୍ରାୟ ୩୦ ହଜାର ପୋଲିସଙ୍କୁ ନିୟୋଜିତ କରାଯାଇଛି। ଗଙ୍ଗାନଦୀରେ ବନ୍ୟା ଯୋଗୁ ବିହାରର ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ୬ ଜିଲାସ୍ଥିତ ୨୬ ବ୍ଲକ୍‌କୁ ବନ୍ୟା ପ୍ରଭାବିତ ଘୋଷଣା କରାଯାଇଛି। ପୂର୍ବ ଚମ୍ପାରନ୍, ସୀତାମଢ଼ି, ମଧୁବନୀ, କିଷନଗଞ୍ଜ, ଅରାରିଆ ଓ ଶିଓଧର ଜିଲା ସର୍ବାଧିକ ପ୍ରଭାବିତ ହୋଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବନ୍ୟା ସ୍ଥିତି ସମୀକ୍ଷା କରି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଆସାମସ୍ଥିତ ମୋରିଗାଓଁ ଜିଲାର ଜଳପ୍ଲାବିତ ଏକ ସ୍ଥାନରେ ବାଉଁଶ ଦେଇ ଘରୁ ବାହାରୁଛନ୍ତି ଜଣେ ମହିଳା।



ତ୍ରିପୁରାର ଅଗରତାଲାରେ ବନ୍ୟା ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେଉଛି ଏନ୍‌ଡିଆର୍‌ଏଫ୍।

## ହିମାଚଳରେ କୋଠା ଭୁଶୁଡ଼ି ୩ ମୃତ

### ଭଗ୍ନାବଶେଷ ତଳେ ୧୯ ଫସିଛନ୍ତି

ସିମ୍‌ଲା,୧୪।୭(ପି.ଟି.)

ହିମାଚଳପ୍ରଦେଶ ସୋଲାନ ଜିଲାରେ ପ୍ରବଳ ବର୍ଷାରେ ଏକ ୩ ମହଲା ବିଲ୍ଡିଂ ଭୁଶୁଡ଼ି ୩ ଜଣଙ୍କର ମୃତ୍ୟୁ ହେବା ସହ ଭଗ୍ନାବଶେଷ ତଳେ ୧୯ରୁ ଊର୍ଦ୍ଧ୍ୱ ଲୋକ ରହିଯାଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୧୨ ଜଣ ଯବାନ ରହିଛନ୍ତି। ଶିମଲାଠାରୁ ୫୫ କିମି ଦୂର କୁମାରକଟି-ନହାନ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏହି ବିଲ୍ଡିଂରେ ଏକ ରେସ୍ତୋରାଁ ଚାଲୁଥିଲା। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ ହୋଇଛନ୍ତି। ୧୦ ଜଣଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଡେପୁଟି କମିଶନର କେ.ସି. ଚମନ୍ ଗଣମାଧ୍ୟମକୁ କହିଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ଜଣେ ଯବାନ ଅଛନ୍ତି।



## ପଞ୍ଜାବ ମନ୍ତ୍ରିମଣ୍ଡଳରୁ ସିଦ୍ଧୁଙ୍କ ଇସ୍ତଫା

ଚଣ୍ଡିଗଡ଼,୧୪।୭(ପି.ଟି.)



ପଞ୍ଜାବ ମନ୍ତ୍ରିମଣ୍ଡଳରୁ କଂଗ୍ରେସ ନେତା ନବଜୋତ୍ ସିଂ ସିଦ୍ଧୁ ଇସ୍ତଫା ଦେଇଛନ୍ତି। ଗତ କିଛିଦିନ ହେଲା ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ସହ ତାଙ୍କର ଦ୍ୱନ୍ଦ୍ୱ ଲାଗି ରହିଥିଲା। ଜୁନ୍ ମାସରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ମୁଖ୍ୟମନ୍ତ୍ରୀ ସିଦ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ କାଢ଼ିନେଇଥିଲେ। ଏହାର ୪ ଦିନ ପରେ ଜୁନ୍ ୧୦ରେ ସିଦ୍ଧୁ ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ପାଖକୁ ଇସ୍ତଫାପତ୍ର ପଠାଇଦେଇଥିଲେ, ଯାହାକୁ ସେ ରବିବାର ଟୁଇଟ୍ ମାଧ୍ୟମରେ ଖୁଲାସା କରିଛନ୍ତି।

ସୂଚନାଯୋଗ୍ୟ ଜୁନ୍ ୬ରେ ଅମରିନ୍ଦର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଥିବାବେଳେ ସିଦ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ ବିକାଶ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ କାଢ଼ିନେଇ ତାଙ୍କୁ ଶକ୍ତି ବିଭାଗ ଦେଇଥିଲେ। ଏହାର ଦୁଇଦିନ ପରେ ସିଦ୍ଧୁଙ୍କୁ ବିଭିନ୍ନ ପରାମର୍ଶଦାତା କମିଟିରୁ ବାଦ୍ ଦିଆଯାଇଥିଲା। ଇସ୍ତଫା ସମ୍ପର୍କରେ ସେ ସର୍ବସାଧାରଣରେ ପ୍ରକାଶ ନ କରି ଦଳର ନିଷ୍ପତ୍ତି ଅପେକ୍ଷାରେ ରହିଥିଲେ। ସିଦ୍ଧୁ ଓ ଅମରିନ୍ଦରଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ବରିଷ୍ଠ ନେତା ଅହମଦ ପଟେଲଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରଠାରୁ ସିଦ୍ଧୁ ଓ ତାଙ୍କ ସ୍ତ୍ରୀ ନବଜୋତ୍ କୌର ଗଣମାଧ୍ୟମଠାରୁ ନିଜକୁ ଦୂରେଇ ରଖିଆସୁଥିଲେ।

ପୂର୍ବତନ ଭାଜପା ନେତା ସିଦ୍ଧୁ ୨୦୧୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସରେ ଯୋଗଦେଇଥିଲେ। ଗତ ଲୋକ ସଭା ନିର୍ବାଚନରେ ପଞ୍ଜାବ ସହରାଞ୍ଚଳରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାୟତ୍ତ ଶାସନ ବିଭାଗ ଦାୟିତ୍ୱରେ ଥିବା ସିଦ୍ଧୁଙ୍କୁ ଦୋଷ ଦେଇଥିଲେ।

## ଭାରତ-ପାକ୍ ମଧ୍ୟରେ ୮୦% ସହମତି: ଫୈଜାଲ

**ଲାହୋର,୧୪।୭:** କର୍ତାରପୁର ଚିଠା ରାଜିନାମା ସକେଶ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦ ମଧ୍ୟରେ ୮୦% ସହମତି ପ୍ରକାଶ ପାଇଛି ବୋଲି ରବିବାର ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମହମ୍ମଦ ଫୈଜାଲ ସୂଚନା ଦେଇଛନ୍ତି। ପାକିସ୍ତାନର ୧୩ ଜଣିଆ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ଫୈଜାଲ କହିଛନ୍ତି, ୱାଘାରେ ଦୁଇପକ୍ଷ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି। କରିଡର ଚିଠା ରାଜିନାମା ନେଇ ୮୦% ପ୍ରସଙ୍ଗରେ ସହମତି ପ୍ରକାଶ ପାଇଛି। ପରବର୍ତ୍ତୀ ବୈଠକରେ ଅବଶିଷ୍ଟ ୨୦% ପ୍ରସଙ୍ଗ ନେଇ ସମାଧାନ ହେବ। ତେବେ ଚୂଡ଼ାନ୍ତ ଚିଠା ନେଇ ସହମତି ପ୍ରକାଶ ନ ପାଇବା ଯାଏ ମିଳିତ ବିବୃତି ଜାରି କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି।



- କର୍ତାରପୁର କରିଡର ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା

## ଗୋପାଳ ଚାଓ୍ୱଲାଙ୍କୁ ବାଦ୍ ଦେଲା ପାକ୍

ଲାହୋର,୧୪।୭(ପି.ଟି.)



କର୍ତାରପୁର କରିଡର ନିର୍ମାଣ ସକଶେ ଭାରତ-ପାକିସ୍ତାନ ମଧ୍ୟରେ ଦ୍ୱିତୀୟ ଦ୍ୱିପାକ୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ପାକିସ୍ତାନ ପକ୍ଷରୁ ଯୋଗଦେଇଥିବା ୧୦ ସଦସ୍ୟ ବିଶିଷ୍ଟ କମିଟିରୁ ବିବାଦୀୟ ଶିଖ୍ ନେତା ଗୋପାଳ ସିଂ ଚାଓ୍ୱଲାଙ୍କୁ ବାଦ୍ ଦିଆଯାଇଛି। ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ନେତା ଗୋପାଳଙ୍କୁ ଉକ୍ତ ପ୍ରତିନିଧି ଦଳରେ ସାମିଲ ନ କରିବା ପାଇଁ ପୂର୍ବରୁ ନୂଆଦିଲ୍ଲୀ ଆପତ୍ତି ଉଠାଇଥିଲା।

କର୍ତାରପୁର କରିଡର ନେଇ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଗତ ଏପ୍ରିଲ ୨ରେ ହେବାର ଥିଲା। ପାକିସ୍ତାନ ଶିଖ୍ ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ପିଏସ୍‌ଜିପିସି) ପକ୍ଷରୁ ୧୦ ଜଣିଆ କମିଟିରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀମାନଙ୍କୁ ସାମିଲ କରାଯିବା ପରେ ଭାରତ ପଟୁ ଆଲୋଚନାକୁ ବାତିଲ କରାଯାଇଥିଲା। କମିଟିରେ ଗୋପାଳଙ୍କ ଭଳି ଖଲିସ୍ତାନୀ ବିଚ୍ଛିନ୍ନତାବାଦୀଙ୍କ ଉପସ୍ଥିତି ହଟାଇବା ନେଇ ଇସ୍‌ଲାମାବାଦର ପ୍ରତିକ୍ରିୟାକୁ ନୂଆଦିଲ୍ଲୀ ଅପେକ୍ଷା କରିଥିଲା। ପିଏସ୍‌ଜିପିସିର ସାଧାରଣ ସମ୍ପାଦକ ଗୋପାଳଙ୍କୁ ଏହି କମିଟିରୁ ବାଦ୍ ଦିଆଯାଇଛି ବୋଲି ଇଭାକ୍ୟୁଇ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ (ଇଟିପିବି)ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହାକୁ ଇମ୍ରାନ୍ ଖାନ୍ ସରକାରଙ୍କୁ ଡ୍ୟାମେଜ୍ କଣ୍ଟ୍ରୋଲ ପଦକ୍ଷେପ ବୋଲି ବିଚାର କରାଯାଉଛି।

## ଇଣ୍ଡୋନେସିଆରେ ଭୂକମ୍ପ

**ଜାକର୍ତ୍ତା,୧୪।୭(ଏଏଫ୍‌ପି):** ଇଣ୍ଡୋନେସିଆର ପୂର୍ବଭାଗ ମାଲୁକୁ ଦ୍ୱୀପରେ ରବିବାର ବଡ଼ ଧରଣର ଭୂମିକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୩ ଥିଲା। ଭୟରେ ଲୋକମାନେ ଘରୁ ବାହାରି ରାସ୍ତାକୁ ପଳାଇଆସିଥିଲେ। ଉତ୍ତର ମାଲୁକୁ ପ୍ରଦେଶର ଟେର୍ନାଟେ ସହରର ଦକ୍ଷିଣ-ଦକ୍ଷିଣପଶ୍ଚିମ ଦିଗରେ ୧୬୫ କିମି ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ ଚିହ୍ନଟ କରାଯାଇଛି। ଇଣ୍ଡୋନେସିଆ ଭୂକମ୍ପର କିଛି ସମୟ ପୂର୍ବରୁ ପଶ୍ଚିମ ଅଷ୍ଟ୍ରେଲିଆରେ ୬.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା।

## ବାଂଲାଦେଶର ପୂର୍ବତନ ସାମରିକ ଶାସକ ଏର୍ଶାଦଙ୍କ ପରଲୋକ

ଢାକା,୧୪।୭(ପି.ଟି.)

ବାଂଲାଦେଶର ପୂର୍ବତନ ସାମରିକ ଏକଛତ୍ରବାଦୀ ଶାସକ ହୁସେନ୍ ମହମ୍ମଦ ଏର୍ଶାଦଙ୍କର ରବିବାର ସକାଳେ ଢାକାର ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୯୧ ବର୍ଷ ହୋଇଥିଲା। ସେ ସ୍ତ୍ରୀ ରୌଶନ୍ ଏର୍ଶାଦ ଓ ଦ୍ୱିତୀୟ ସ୍ତ୍ରୀଙ୍କ ପୁଅ ଏବଂ ଅନ୍ୟ ଦୁଇ ପୋଷ୍ୟସନ୍ତାନଙ୍କ ସହ ରହୁଥିଲେ। ଜାତୀୟ ପାର୍ଟି ମୁଖ୍ୟ ତଥା ପାର୍ଲାମେଣ୍ଟରେ ବିରୋଧୀ ଦଳ ନେତା ଏର୍ଶାଦଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜୁନ୍ ୨୨ରେ କମ୍ବାଇନ୍ଡ ମିଲିଟାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।



ପୂର୍ବତନ ସେନାମୁଖ୍ୟ ଏର୍ଶାଦ ୧୯୮୨ରେ ଏକ ସାମରିକ ବିଦ୍ରୋହ ବଳରେ ଦେଶର ଶାସନ କ୍ଷମତା ଅକ୍ତିଆର କରିଥିଲେ। ସେ ୮ ବର୍ଷ ଦେଶକୁ ଶାସନ କରିବା ପରେ ୧୯୯୦ରେ ଗଣତନ୍ତ୍ର ସପକ୍ଷବାଦୀଙ୍କ ଆନ୍ଦୋଳନ ଫଳରେ କ୍ଷମତାରୁ ଓହରିଯାଇଥିଲେ। ବିଭିନ୍ନ ଅଭିଯୋଗରେ ଜେଲ୍ ଯିବାକୁ ପଡିଥିଲା। ଏହା ସତ୍ତ୍ୱେ ସେ ୯୦ ଦଶକର ସବୁଠୁ କ୍ଷମତାଶାଳୀ ରାଜନେତା ଥିଲେ। ସେ ଏକାଧିକ ଥର ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ।

## ଅପରେଶନ୍ ବିଜୟର ୨୦ତମ ବାର୍ଷିକୀ 'ବିଜୟ ଜ୍ୟୋତି' ଜଳାଇଲେ ରାଜନାଥ

ନୂଆଦିଲ୍ଲୀ,୧୪।୭(ପି.ଟି.)

ଅପରେଶନ୍ ବିଜୟର ୨୦ତମ ବାର୍ଷିକୀ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରବିବାର ଜାତୀୟ ଯୁଦ୍ଧ ସ୍ମାରକୀଠାରେ 'ବିଜୟ ଜ୍ୟୋତି' ଜଳାଇଛନ୍ତି। ଏହି ବିଜୟ ଜ୍ୟୋତିକୁ ସେନାର ଏକ ମୋଟରସାଇକ୍ଲିଷ୍ଟ ଟିମ୍ ୧୧ଟି ସହର ଓ ମହାନଗର ପରିକ୍ରମା କରାଇ ୨୬ ତାରିଖ ବିଜୟ ଦିବସରେ ଦ୍ରାସ୍‌ସ୍ଥିତ କାର୍ଗିଲ ଯୁଦ୍ଧ ସ୍ମାରକସ୍ଥଳୀରେ ପହଞ୍ଚାଇବେ। ଯୁଦ୍ଧରେ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ଯବାନମାନଙ୍କୁ ସମ୍ମାନ ଜଣାଇ ପ୍ରତିବର୍ଷ ଜୁଲାଇ ୨୬ରେ କାର୍ଗିଲ ବିଜୟ ଦିବସ ପାଳନ କରାଯାଇଥାଏ। ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଥିବା ଅମର ଯବାନ ଜ୍ୟୋତିଠାରେ ରାଜନାଥ ଓ ସେନାଧ୍ୟକ୍ଷ ଜେନେରାଲ ବିପିନ୍ ରାଓ୍ୱତ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## କିନ୍ନରଙ୍କ ଭିକ୍ଷାବୃତ୍ତିକୁ ଅପରାଧୀକରଣ ବ୍ୟବସ୍ଥା ବିଲ୍‌ରୁ ହଟାଗଲା

ନୂଆଦିଲ୍ଲୀ,୧୪।୭(ପି.ଟି.)

କିନ୍ନର (ଅଧିକାର ସୁରକ୍ଷା) ବିଲ୍, ୨୦୧୯ ଗତ ସପ୍ତାହରେ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ଲାଭ କରିଛି। ତେବେ କିନ୍ନରମାନଙ୍କ ଭିକ୍ଷାବୃତ୍ତିକୁ ଅପରାଧୀକରଣ କରିବା ଲାଗି ବିଲ୍‌ରେ ଥିବା ବିବାଦୀୟ ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ସେହିପରି ସେମାନଙ୍କୁ କିନ୍ନର ଭାବେ ସ୍ୱୀକୃତି ଦେବା ପାଇଁ ଜିଲା ସ୍କ୍ରିନିଂ କମିଟି ପ୍ରମାଣପତ୍ର ଦେବାର ଯେଉଁ ପ୍ରସ୍ତାବ ଥିଲା ତାକୁ ମଧ୍ୟ ବାଦ୍ ଦିଆଯାଇଛି।

ବିଲ୍‌ର ଅନୁଚ୍ଛେଦ ୮ (ଅପରାଧ ଓ ଦଣ୍ଡ)ର ଧାରା ୧୯ ଅନୁଯାୟୀ କିନ୍ନରଙ୍କୁ ବଳପୂର୍ବକ ଭିକ୍ଷାବୃତ୍ତି କିମ୍ବା ଅନ୍ୟ ଅନୁରୂପ କାର୍ଯ୍ୟ କିମ୍ବା ଗୋଡିଶ୍ରମିକ ଭାବେ ନିୟୋଜିତ କଲେ, ଏଥିପାଇଁ ୬ ମାସ ଜେଲ୍‌ଦଣ୍ଡ ବ୍ୟବସ୍ଥା ଥିଲା ଯାହାକୁ ୨ ବର୍ଷକୁ ବଢ଼ାଇବା ସହ ଜରିମାନା ପ୍ରସ୍ତାବ ରହିଛି। ବିଲ୍‌ରୁ ଭିକ୍ଷାବୃତ୍ତି ଶବ୍ଦକୁ ସମ୍ପୂର୍ଣ୍ଣ ହଟାଇ ଦିଆଯାଇଥିବା ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ଇତିହାସର ଆଇନାରେ

**ଜୁଲାଇ ୧୫ର ପ୍ରମୁଖ ଘଟଣା**

୨୦୦୬ ଜୁଲାଇ ୧୫ରେ ଟୁଇଟର ଲଞ୍ଚ୍ କରାଯାଇଥିଲା। ଏହା ହେଉଛି ବିଶ୍ୱର ଏକ ସର୍ବବୃହତ୍ ସୋସିଆଲ ମିଡିଆ ପ୍ଲାଟଫର୍ମ।

୧୯୯୮ ଜୁଲାଇ ୧୫ରେ ଶ୍ରୀଲଙ୍କାର ତାମିଲ ଏମ୍‌ପି ଏସ୍. ଷନ୍ମୁଗନାଥନ୍‌ଙ୍କୁ ହତ୍ୟା କରାଯାଇଥିଲା। ଶ୍ରୀଲଙ୍କା ଗୃହଯୁଦ୍ଧ ଏକ ସଶସ୍ତ୍ର ବିପ୍ଳବ ଭାବରେ କୁଖ୍ୟାତ।

## ବାହୁବଳୀ ରକେଟର ଉତ୍କ୍ଷେପଣ ଦେଖିବେ ଦର୍ଶକ

ଶ୍ରୀହରିକୋଟା,୧୪।୭





ଭାରତର ଚନ୍ଦ୍ର ମିଶନ ଅନ୍ତର୍ଗତ ଚନ୍ଦ୍ରଯାନ-୨ ଜୁଲାଇ ୧୪-୧୫ ୨ଟା ୫୧ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ 'ଇସ୍ରୋ'ର ସତୀଶ ଧାଓ୍ୱନ ମହାକାଶ କେନ୍ଦ୍ରରୁ ଉତ୍କ୍ଷେପଣ କରାଯିବ। ଜିଏସ୍‌ଏଲ୍‌ଭି ମାର୍କ-୩ ବାହୁବଳୀ ରକେଟର ଉତ୍କ୍ଷେପଣ ଦେଖିବା ପାଇଁ ଦର୍ଶକମାନେ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଛନ୍ତି। ଏଠାରେ ୧୦ ହଜାର ଦର୍ଶକ ବସିବାର ସୁବିଧା ରହିଥିବା ଇସ୍ରୋ ପକ୍ଷରୁ କୁହାଯାଇଛି। ଚନ୍ଦ୍ରଯାନ-୨ର ୨୦ ଘଣ୍ଟିଆ କାଉଣ୍ଟ ଡାଉନ୍ ରବିବାର ସକାଳ ୬ଟା ୫୧ରୁ ଆରମ୍ଭ ହୋଇଛି। ଏହାର ଉଚ୍ଚତା ୪୪ ମିଟର ରହିଛି। ଯାହାକି ୧୫ ମହଲା କୋଠା ସହିତ ପ୍ରାୟ ସମାନ ହେବ ବୋଲି କୁହାଯାଉଛି। ଏଥିରେ ଥିବା ଅର୍ବିଟରର ଲମ୍ବ ୨.୫ ମିଟର। ଏହାର ଓଜନ ୩.୮ଟନ୍ ରହିଛି।

ଭାରତୀୟ ମହାକାଶ ବିଜ୍ଞାନର ଜନକ ଡ. ବିକ୍ରମ ଏ. ସରାଭାଇଙ୍କ ନାମାନୁସାରେ ନାମିତ ଲ୍ୟାଣ୍ଡର 'ବିକ୍ରମ' ରୋଭର 'ପ୍ରଜ୍ଞା'କୁ ବହନ କରି ଚନ୍ଦ୍ରର ଦକ୍ଷିଣଭାଗରେ ପାଖାପାଖି ୭୦ଡିଗ୍ରୀ ଅକ୍ଷାଂଶରେ ଅବତରଣ କରିବ। ୨୭କିଲୋଗ୍ରାମ୍ ବିଶିଷ୍ଟ 'ପ୍ରଜ୍ଞା'ର ସଂସ୍କୃତ ଅର୍ଥ ହେଉଛି ଜ୍ଞାନ। ଏଥିରେ ୬ ଚକ ବିଶିଷ୍ଟ ରୋବୋଟିକ୍ ଭେଇକିଲ ରହିଛି। ଏହା ଚନ୍ଦ୍ର ପୃଷ୍ଠରୁ ତଥ୍ୟ ସଂଗ୍ରହ କରିବ। ୫୨ ଦିନ ପରେ ଚନ୍ଦ୍ରପୃଷ୍ଠରେ ପହଞ୍ଚିବ ଉତ୍କ୍ଷେପଣର ୫୨ ଦିନ ପରେ ସେପ୍ଟେମ୍ବର ୬-୭ରେ ଏହା ଚନ୍ଦ୍ରପୃଷ୍ଠର ଦକ୍ଷିଣ ପାର୍ଶ୍ୱରେ ଅବତରଣ କରିବ। ପୃଥିବୀକୁ ଚନ୍ଦ୍ରର ଉତ୍ତର ପାର୍ଶ୍ୱ ଦେଖାଯାଇଥାଏ। ଏହାର ଦକ୍ଷିଣ ପାର୍ଶ୍ୱରେ କମ୍ ଆଲୋକ ପଡୁଥିବାରୁ ଏହା ଅନ୍ଧକାର ଦେଖାଯାଇଥାଏ। ଏହି ଅଞ୍ଚଳରେ ଜଳ ଥିବା ଅଧିକ ସମ୍ଭାବନା ଅଛି।

## ନାଗରାଜଙ୍କୁ ମନାଇବାରେ ମେଣ୍ଟ ବିଫଳ

ବେଙ୍ଗାଲୁରୁ/ମୁମ୍ବାଇ,୧୪।୭(ପି.ଟି.)

ବିଦ୍ରୋହୀ କଂଗ୍ରେସ ବିଧାୟକ ଏମ୍.ଟି.ବି. ନାଗରାଜଙ୍କୁ ମନାଇବାରେ କର୍ନାଟକର ଶାସକ ମେଣ୍ଟ ନେତାମାନେ ବିଫଳ ହୋଇଛନ୍ତି। ରବିବାର ନାଗରାଜ ମୁମ୍ବାଇ ପଳାଇଯିବା ସହ ଇସ୍ତଫା ପ୍ରତ୍ୟାହାର କରିବା ପ୍ରଶ୍ନ ଉଠୁନାହିଁ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ପଦରୁ ଏଚ୍.ଡି. କୁମାରସ୍ୱାମୀ ତୁରନ୍ତ ଇସ୍ତଫା ଦେବା ପାଇଁ ଭାଜପା ଦାବି କରିଛି।

ନାଗରାଜ ଓ ଅନ୍ୟ ବିଦ୍ରୋହୀ ବିଧାୟକମାନଙ୍କୁ ମନାଇ ଦଳକୁ ଫେରାଇ ଆଣିବା ଲାଗି ଶନିବାର କଂଗ୍ରେସ ଓ ଜେଡିଏସ୍ ତରଫରୁ ଜୋରଦାର ଉଦ୍ୟମ ହୋଇଥିଲା। କେ. ସୁଧାକରଙ୍କ ସହ ଆଲୋଚନା ପରେ ନାଗରାଜ ତାଙ୍କ ଇସ୍ତଫା ସମ୍ପର୍କରେ ପୁନର୍ବିଚାର କରିବେ ବୋଲି ସୂଚନା ଦେଇଥିଲେ। ଏହାର କିଛି ସମୟ ପରେ ନାଗରାଜ ମୁମ୍ବାଇ ଯିବା ଲାଗି ଚାର୍ଟାର୍ଡ ବିମାନ ଧରିଥିଲେ। ମୁମ୍ବାଇରେ ପହଞ୍ଚିବା ପରେ ଇସ୍ତଫା ପ୍ରତ୍ୟାହାର କରିବା ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି। ଇସ୍ତଫା ଦେଇଥିବା ସବୁ ବିଧାୟକ ଏକାଠି ଅଛନ୍ତି ଏବଂ ସେମାନେ ନିଷ୍ପତ୍ତିରେ ଅଟଳ ବୋଲି ନାଗରାଜ କହିଛନ୍ତି। ତାଙ୍କ ସହିତ ଭାଜପାର ବରିଷ୍ଠ ନେତା ଆର୍. ଅଶୋକ ଆସିଥିବା ଖବରକୁ ସେ ଖଣ୍ଡନ କରିବା ସହ ସେମାନଙ୍କ ଇସ୍ତଫା ପଛରେ ଗୈରିକ ଦଳର କୌଣସି ଭୂମିକା ନ ଥିବା କହିଛନ୍ତି। ଦିଲ୍ଲୀରେ ଥିବା ସୁଧାକର ମୁମ୍ବାଇ ଆସି ଅନ୍ୟ ବିଦ୍ରୋହୀ ବିଧାୟକମାନଙ୍କ ସହ ଯୋଗଦେବେ ବୋଲି ନାଗରାଜ କହିଛନ୍ତି।

ରାଜ୍ୟର ମେଣ୍ଟ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବାରୁ କୁମାରସ୍ୱାମୀ ତୁରନ୍ତ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ କିମ୍ବା ସୋମବାର ଆସ୍ଥାଭୋଟ ଲୋଡନ୍ତୁ ବୋଲି ରାଜ୍ୟ ଶାଖା ଭାଜପା ପକ୍ଷରୁ ଦାବି କରାଯାଇଛି। ଯଦି ମୁଖ୍ୟମନ୍ତ୍ରୀ ସଙ୍କୋଚ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ମର୍ଯ୍ୟାଦା ଦେଉଥାନ୍ତି ତେବେ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ରାଜ୍ୟ ଭାଜପା ମୁଖ୍ୟ ବି.ଏସ୍. ୟେଦ୍ୟୁରପ୍ପା କହିଛନ୍ତି। କଂଗ୍ରେସ ଓ ଜେଡିଏସ୍‌ର ୧୬ ବିଧାୟକ ଇସ୍ତଫା ଦେଇସାରିଛନ୍ତି। ଏଥିସହିତ ଦୁଇ ସ୍ୱାଧୀନ ବିଧାୟକ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇ ଭାଜପାକୁ ସମର୍ଥନ ଜଣାଇଛନ୍ତି। ତେଣୁ କୁମାରସ୍ୱାମୀ ତୁରନ୍ତ ଆସ୍ଥାଭୋଟ ଲୋଡିବାକୁ ୟେଦ୍ୟୁରପ୍ପା ଆହ୍ୱାନ ଦେଇଛନ୍ତି। ଏହା ସତ୍ତ୍ୱେ ମେଣ୍ଟ ସରକାର ଆସ୍ଥାଭୋଟ ଜିତିବ ବୋଲି କଂଗ୍ରେସ ନେତା ଡି.କେ. ଶିବକୁମାର ଆଶାବାଦୀ ଅଛନ୍ତି। ବିଦ୍ରୋହୀ ବିଧାୟକମାନଙ୍କ ଦାବି ପୂରଣ କରିବା ଲାଗି କଂଗ୍ରେସ ଆଗ୍ରହୀ ଏବଂ ସେମାନେ ଦଳକୁ ଫେରିଆସିବେ ବୋଲି ଶିବକୁମାର କହିଛନ୍ତି। ବିଧାୟକମାନେ କଂଗ୍ରେସ ଟିକେଟରେ ଜିତିଥିଲେ। ସେମାନେ ଆସ୍ଥାଭୋଟ ବିପକ୍ଷରେ ଭୋଟ ଦେଲେ ଗୃହର ସଦସ୍ୟତା ହରାଇବେ ବୋଲି ଶିବକୁମାର ସତର୍କ କରାଇଦେଇଛନ୍ତି।



### କର୍ନାଟକ: କୁମାରସ୍ୱାମୀଙ୍କ ଇସ୍ତଫା ଦାବିକଲା ଭାଜପା

# କୋଲୋନ୍ କ୍ୟାନ୍ସର ଓ ଭେଣ୍ଡି



କୋଲୋନ୍ କ୍ୟାନ୍ସରରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଭେଣ୍ଡି ଉପକାରୀ ସାବ୍ୟସ୍ତ ହୋଇଥାଏ। ୟୁନିଭର୍ସିଟି ଅଫ୍ ଲଣ୍ଡନର ପୁଷ୍ଟିବିଜ୍ଞାନୀମାନେ ଭେଣ୍ଡିର ସ୍ୱାସ୍ଥ୍ୟୋପକାରୀ ଗୁଣ ସମ୍ପର୍କରେ ଗବେଷଣା କରିବା ସମୟରେ ଏ ସମ୍ପର୍କରେ ଜାଣିପାରିଛନ୍ତି। ସେମାନଙ୍କ ଦ୍ୱାରା ସମ୍ପାଦିତ ସଦ୍ୟ ଗବେଷଣାରୁ ଏହା ଜଣାପଡ଼ିଛି। ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଭେଣ୍ଡି ଖାଆନ୍ତି ତେବେ ସେ କୋଲୋନ୍ କ୍ୟାନ୍ସରଠାରୁ ନିଜକୁ ଦୂରେଇ ରଖିପାରିବେ। ତା'ସହ ଏଥିରେ ଆକ୍ରାନ୍ତ ବ୍ୟକ୍ତି କେତେକାଂଶରେ ଉପଶମ ଲାଭ କରିବେ। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଖାଇବା ଦ୍ୱାରା ଶରୀରରେ ଚର୍ବି ଅଂଶ କମିଥାଏ।

# ଯନ୍ତ୍ରଣାରୁ ଉପଶମ ଦେବ ଡିଭାଇସ



କାଲିଫର୍ନିଆରେ ଥିବା ମେଡ୍‌ଟେକ୍ କମ୍ପାନୀ ଅଧୀନ ମାୟୋସାଇନ୍ସ ନାମକ ସଂସ୍ଥାର ଗବେଷକମାନେ ଏକ ଆୟୋଭେରା-ସି କ୍ରାୟୋଆନାଲଜେସିଆ ଡିଭାଇସ ପ୍ରସ୍ତୁତ କରିଛନ୍ତି। ଏହା ଯନ୍ତ୍ରଣା ଲାଘବ କରିବାରେ ଅନେକାଂଶରେ ସହାୟକ ହୋଇପାରିବ। ବିଶେଷଭାବରେ ଆଣ୍ଠୁଗଣ୍ଠି ଯନ୍ତ୍ରଣା କ୍ଷେତ୍ରରେ ଏହା ଉପକାରୀ ସାବ୍ୟସ୍ତ ହେବ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ଡିଭାଇସ୍‌କୁ ଯନ୍ତ୍ରଣା ସ୍ଥାନରେ ବାନ୍ଧିବା ପରେ ସେଥିରେ ସଂଯୁକ୍ତ ସୂକ୍ଷ୍ମ ଛୁଞ୍ଚି କାମ କରିବା ଆରମ୍ଭ କରିଥାଏ। ଯନ୍ତ୍ରଣା ଦ୍ୱାରା ଆକ୍ରାନ୍ତ ସ୍ନାୟୁଗୁଡିକ ଚାରିପଟରେ ଏକ ଥଣ୍ଡା ବଳୟ ସୃଷ୍ଟି କରିଥାଏ। ତା'ପରେ ଛୁଞ୍ଚିରେ ଥିବା ଔଷଧୀୟ ଗୁଣ ଯନ୍ତ୍ରଣା ଲାଘବ କରିଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଭାରତର ଦ୍ୱିତୀୟ ଚନ୍ଦ୍ରାଭିଯାନ







କମଳାକାନ୍ତ ଜେନା

ଯେତେବେଳେ ଆକାଶର ରୁପାଜହ୍ନକୁ ଦେଖେଇ ମାଆ କହେ – 'ଆ ଜହ୍ନମାମୁ ସରଗଶଶୀ, ମୋ କାହ୍ନୁ ହାତରେ ପଡରେ ଖସି', ସେତେବେଳେ ଶିଶୁଟି ଆକାଶକୁ ଅନେଇ ଜହ୍ନକୁ ଛୁଇଁବାର ସ୍ୱପ୍ନ ଦେଖେ। ସେଇ ମୁହୂର୍ତ୍ତରୁ ଚନ୍ଦ୍ର ସହିତ ସମ୍ପର୍କ ସ୍ଥାପନ କରିବାର ପ୍ରୟାସ ଜାରିରହେ। କିଏ ଦେବତା ରୂପରେ ବନ୍ଦନା କରି ଚନ୍ଦ୍ରକୁ ନିଜର କରିବାକୁ ଉଦ୍ୟମ କରେ ତ କିଏ ପୁଣି ଏହି ଖଗୋଳୀୟ ପିଣ୍ଡକୁ ଉପଗ୍ରହର ମାନ୍ୟତା ଦେଇ ତା' ନିକଟରେ ପହଞ୍ଚିବା ପାଇଁ ମହାକାଶଯାନ ନିର୍ମାଣ କରେ। ଚନ୍ଦ୍ରକୁ ଛୁଇଁବାରେ ପ୍ରଥମ ସଫଳ ପୃଥିବୀବାସୀ ହେଉଛନ୍ତି ଆମେରିକାର ନୀଲ ଆର୍ମଷ୍ଟ୍ରଙ୍ଗ୍। ସେ ୧୯୬୯ ମସିହା ଜୁଲାଇ ୨୧ ତାରିଖରେ ଚନ୍ଦ୍ରପୃଷ୍ଠରେ ପ୍ରଥମେ ପାଦ ଦେଇଥିଲେ। ତା' ପରେ ଅର୍ଦ୍ଧ-ଶତାବ୍ଦୀ ବିତିଯାଇଥିଲେ ବି କୌଣସି ଭାରତୀୟ ଚନ୍ଦ୍ରପୃଷ୍ଠରେ ପାଦ ଦେଇନାହାନ୍ତି। କିନ୍ତୁ ଚନ୍ଦ୍ରାଭିଯାନ ପ୍ରକ୍ରିୟାରେ ଭାରତ କିଛି ପାଦ ଆଗକୁ ବଢେଇ ସାରିଛି। ଆଜିକୁ ଏଗାର ବର୍ଷ ତଳେ ଚନ୍ଦ୍ର ନିକଟକୁ ନିଜର ମହାକାଶଯାନ ପଠେଇ ପାରିଛି।

୧୯୫୯ ମସିହା ସେପ୍ଟେମ୍ବର ୧୩ ତାରିଖରେ ରୁଷିଆର 'ଲୁନା-୨' ମହାକାଶଯାନ ପ୍ରଥମେ ଚନ୍ଦ୍ରପୃଷ୍ଠକୁ ଛୁଇଁଥିଲା। ଦୀର୍ଘ ୪୫ ବର୍ଷ ପରେ ୨୦୦୩ ମସିହା ଅଗଷ୍ଟ ୧୫ ତାରିଖରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଭାରତର ଚନ୍ଦ୍ରାଭିଯାନ ସମ୍ପର୍କରେ ଘୋଷଣା କଲେ। ୨୦୦୮ ମସିହାରେ 'ଚନ୍ଦ୍ରଯାନ-୧' ମହାକାଶଯାନରୁ ଭାରତୀୟ ଚନ୍ଦ୍ରାଭିଯାନ ଆରମ୍ଭ ହେଲା। ଏହି ପ୍ରକଳ୍ପରେ ସମୁଦାୟ ୩୮୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୦୮ ମସିହା ଅକ୍ଟୋବର ୨୨ ତାରିଖରେ ଭାରତ ନିଜର ପ୍ରଥମ ମହାକାଶ ଯାନ 'ଚନ୍ଦ୍ରଯାନ-୧' କୁ ପୃଥିବୀର ପ୍ରାକୃତିକ ଉପଗ୍ରହ ଚନ୍ଦ୍ର ଅଭିମୁଖେ ପ୍ରେରଣ କରିଥିଲା। ଏହା ଥିଲା ଏକ ଅର୍ବିଟର ବା ଅନୁସନ୍ଧାନକାରୀ ମହାକାଶଯାନ। ଏହା ଚନ୍ଦ୍ରପୃଷ୍ଠରେ ଅବତରଣ କରି ନ ଥିଲା। ବରଂ ଚନ୍ଦ୍ରପୃଷ୍ଠରୁ ମାତ୍ର ୧୦୦ କି.ମି. ଉଚ୍ଚତାରେ ରହି ଚନ୍ଦ୍ରକୁ ପରିକ୍ରମା କରିଥିଲା। ୧୩୮୦ କେଜିର ଏହି ଚନ୍ଦ୍ରଯାନକୁ 'ଇସ୍ରୋ' ନିର୍ମିତ ୪୪ ମିଟର ଲମ୍ବ ପିଏସ୍‌ଏଲ୍‌ଭି-ଏକ୍ସଏଲ-ସି-୧୧ ରକେଟ ଦ୍ୱାରା ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀସ୍ ଧାୱନ ସ୍ପେଶ୍ ସେଣ୍ଟରରୁ ଉତ୍‌କ୍ଷେପଣ କରାଯାଇଥିଲା। ଆମର ପ୍ରଥମ ଚନ୍ଦ୍ରଯାନ ନଭେମ୍ବର ୮ ତାରିଖରେ ସେଠାରେ ପହଞ୍ଚି ଚନ୍ଦ୍ରକୁ ପରିକ୍ରମା କରିବା ଆରମ୍ଭ କରିଥିଲା। ନଭେମ୍ବର ୧୪ ତାରିଖରେ 'ମୁନ୍ ଇମ୍ପାକ୍ଟ ପ୍ରୋବ୍' ନାମକ ଗୋଟିଏ ଛୋଟ ଯନ୍ତ୍ର ଅର୍ବିଟରରୁ ଅଲଗା ହୋଇ ଚନ୍ଦ୍ରପୃଷ୍ଠରେ ପଡିଲା। ଯୋଜନା ମୁତାବକ ତାହା ଚନ୍ଦ୍ରର ଦକ୍ଷିଣ ମେରୁକୁ ସ୍ପର୍ଶ କରିଥିଲା ଏବଂ ଚନ୍ଦ୍ରପୃଷ୍ଠରେ ଭାରତର ତ୍ରିରଙ୍ଗା ପତକାକୁ ପୋତିଥିଲା। ଏହି 'ଇମ୍ପାକ୍ଟ ପ୍ରୋବ୍' ଚନ୍ଦ୍ରର ମାଧ୍ୟାକର୍ଷଣ ବଳ ସମ୍ପର୍କରେ ଆମକୁ ସୂଚନା ଦେଇଥିଲା। ଯୋଜନା ଥିଲା ଆମର ପ୍ରଥମ ଚନ୍ଦ୍ରଯାନଟି ଦୁଇ ବର୍ଷ ଚନ୍ଦ୍ର ଚାରିପଟେ ବୁଲି ବୁଲି ତଥ୍ୟ ସଂଗ୍ରହ କରିବ। କିନ୍ତୁ ଦୁଃଖର କଥା, ୧୦ ମାସ ୬ ଦିନ ପରେ ୨୦୦୯ ମସିହା ଅଗଷ୍ଟ ୨୮ ତାରିଖରେ ତାହା ଅକାମୀ ହୋଇଗଲା। ତେବେ ଅକାମୀ ହେବା ପୂର୍ବରୁ ଚନ୍ଦ୍ରପୃଷ୍ଠରେ ରହିଥିବା ଜଳ ସମ୍ପର୍କରେ ଆମକୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଦେଇଥିଲା। ଏହି ସୂଚନାକୁ 'ଚନ୍ଦ୍ରଯାନ-୧'ର ବିଶେଷ ସଫଳତା ବୋଲି ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଓ ୟୁରୋପର ଗବେଷଣା ସଂସ୍ଥା 'ଇସା' ମଧ୍ୟ ସ୍ୱୀକାର କରିଛି।

ପ୍ରଥମ ଚନ୍ଦ୍ରଯାନରୁ ଆମର ଯୋଜନା ମୁତାବକ ସମସ୍ତ ସୂଚନା ମିଳିପାରି ନ ଥିଲା। ତେଣୁ ଆଉ ଥରେ ଚନ୍ଦ୍ରଯାନ ପଠେଇବାର ଯୋଜନା ଚାଲିଥିଲା। ଏହାର ନାମ 'ଚନ୍ଦ୍ରଯାନ-୨'। ଏହାର ଖର୍ଚ୍ଚ ଅଟକଳ ରହିଛି ପାଖାପାଖି ୯୭୮ କୋଟି ଟଙ୍କା, ଯାହାକୁ ୨୦୧୯ ଜୁଲାଇ ୧୫ ତାରିଖ ସୋମବାର ରାତି ୨ଟା ୫୧ ମିନିଟ୍‌ରେ ମହାକାଶକୁ ପଠାଇବାର ଚୂଡାନ୍ତ ପ୍ରସ୍ତୁତି ସରିଛି। ମହାକାଶଯାନ ପାଇଁ ୬୦୩ କୋଟି ଓ ଏହାକୁ ବୋହି ନେଉଥିବା ରକେଟ୍ ପାଇଁ ୩୭୫ କୋଟି ଟଙ୍କା ଖର୍ଚ୍ଚ ହେଉଛି। ପ୍ରଥମରୁ ରୁଷିଆ ଏହାର ନିର୍ମାଣ କାର୍ଯ୍ୟରେ ସହାୟତା କରିବ ବୋଲି କହିଥିଲା। ୨୦୧୩ ମସିହାରେ ଏହାକୁ ପଠାଯିବାର ଯୋଜନା ବି ଥିଲା। କିନ୍ତୁ ରୁଷିଆ ଠିକ୍ ସମୟରେ ଆମକୁ ଯନ୍ତ୍ରପାତି ଯୋଗାଇପାରିଲା ନାହିଁ। ତେଣୁ ଏହି ପ୍ରକଳ୍ପରୁ ରୁଷିଆକୁ ବାହାର କରାଯାଇଛି। ଗର୍ବର କଥା, ସମ୍ପୂର୍ଣ୍ଣ 'ଚନ୍ଦ୍ରଯାନ-୨' କୁ ଭାରତ ନିଜେ ତିଆରି କରିଛି। ଏଥିରେ ଅର୍ବିଟର (୨୩୭୯ କେଜି) ରହିବ। ତା' ସହିତ ରୋଭର (୨୭ କେଜି) ଓ ଲ୍ୟାଣ୍ଡର (୧୪୭୧ କେଜି) ବି ରହିବ। ରୋଭରର ନାମ 'ପ୍ରଜ୍ଞା' ଓ ଲ୍ୟାଣ୍ଡରର ନାମ 'ବିକ୍ରମ' ରଖାଯାଉଛି। ସମୁଦାୟ ୩୮୯୦ କେଜିର ଦ୍ୱିତୀୟ ଚନ୍ଦ୍ରଯାନକୁ ଶ୍ରୀହରିକୋଟାର ସତୀଶ ଧାୱନ ଉତ୍‌କ୍ଷେପଣ କେନ୍ଦ୍ରରୁ ଚନ୍ଦ୍ର ନିକଟକୁ ବୋହିନେବା ପାଇଁ ଭାରତୀୟ ବିଶାଳ ରକେଟ 'ଜିଏସ୍‌ଏଲ୍‌ଭି-ଏମ୍‌କେ-୩' ବ୍ୟବହୃତ ହେବ। ଏହା ସେଠାରେ ପହଞ୍ଚିବା ପରେ ଗତଥର ପରି ଅର୍ବିଟର ଚନ୍ଦ୍ରକୁ ପରିକ୍ରମା କରିବ। ଚନ୍ଦ୍ରପୃଷ୍ଠରୁ ଏହାର ଦୂରତା ରହିବ ୧୦୦ କିଲୋମିଟର। ତେବେ ଗତ ଥର ୨ ବର୍ଷ ବୁଲିବାର ଯୋଜନା ଥିଲା। କିନ୍ତୁ ଏଥର ୧ ବର୍ଷ ପାଇଁ ଅର୍ବିଟର ଚନ୍ଦ୍ରକୁ ପରିକ୍ରମା କରିବ। ଏଥରର ରୋଭର ଓ ଲ୍ୟାଣ୍ଡର ବ୍ୟବସ୍ଥା ଭାରତ ପାଇଁ ନୂତନ ପଦକ୍ଷେପ। ଭାରତୀୟ ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କୁ ସମ୍ମାନ ଜଣାଇ ଲ୍ୟାଣ୍ଡର ନାମ 'ବିକ୍ରମ' ରଖାଯାଇଛି। ଏହା ପ୍ରଥମେ ଅର୍ବିଟରଠାରୁ ଅଲଗା ହୋଇ ଚନ୍ଦ୍ରକୁ ପରିକ୍ରମା କରିବ ଏବଂ ନିଜର ସବୁ ଉପକରଣ ଠିକ୍‌ଠାକ୍ ଅଛି କି ନାହିଁ ପରୀକ୍ଷା କରିବ। ତା'ପରେ ଧୀରେ ଧୀରେ ଚନ୍ଦ୍ରପୃଷ୍ଠକୁ ଛୁଇଁବ। ଆସନ୍ତା ସେପ୍ଟେମ୍ବର ୬ କିମ୍ବା ୭ ତାରିଖରେ ଲ୍ୟାଣ୍ଡର 'ବିକ୍ରମ' ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଓହ୍ଲାଇବାର ଯୋଜନା ରହିଛି। ୨୦୧୬ ମସିହାରେ କର୍ଣ୍ଣାଟକର ଚିତ୍ରଦୁର୍ଗା ଜିଲାରେ ୧୦ଟି ବଡ ବଡ ଗାତ ଥିବା ଅଞ୍ଚଳରେ ଲ୍ୟାଣ୍ଡରରେ ସେନ୍‌ସର ଲଗେଇ ୫୧୩ ସେକେଣ୍ଡ ପାଇଁ ଏହାର ଓହ୍ଲାଇବା ପରୀକ୍ଷା କରାଯାଇଥିଲା। ଏହା ଚନ୍ଦ୍ରର ଦକ୍ଷିଣମେରୁ ନିକଟରେ ମଞ୍ଜିନସ୍-ସି ଓ ସିମ୍ପେଲିୟସ୍-ଏନ୍ ନାମକ ଦୁଇଟି ବିରାଟ ଖାଲୁଆ ଅଞ୍ଚଳ ମଝିରେ ଥିବା ଉଚ୍ଚ ଭୂଇଁ ଉପରେ ଓହ୍ଲେଇବ। ଏଯାଏ କୌଣସି ଦେଶର ଯାନ ସେଠାରେ ଅବତରଣ କରିନାହିଁ। ସେଠାରେ ରହି ଏହା ୧୪ ଦିନ ବିଭିନ୍ନ ଗବେଷଣା କରିବ। ତା' ସହିତ ୬-ଚକିଆ ରୋଭରକୁ ମଧ୍ୟ ସେଇ ୧୪ ଦିନ ସେହି ଅଞ୍ଚଳରେ ବୁଲି ବୁଲି ପରୀକ୍ଷା କରିବ। ଏସବୁ କଥା ଭାରତର ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ' ବୁଝୁଛି। ଏହି ଅଭିଯାନ ଚନ୍ଦ୍ରର ଉତ୍ପତ୍ତି ଓ ପୃଥିବୀ ସହିତ ତାହାର ସମ୍ପର୍କ ବିଷୟରେ ଅନେକ ସୂଚନା ଦେଇ ପାରିବ। ତା ସହିତ ଚନ୍ଦ୍ରର ମେରୁ ଅଞ୍ଚଳରେ ବରଫ ରୂପରେ ରହିଥିବା ଜଳ ବିଷୟରେ ଜଣେଇବ।

ଭାରତ ପ୍ରଥମ ଚନ୍ଦ୍ରଯାନକୁ ପଠେଇବା ପରେ ୧୦ ବର୍ଷ ବିତିଗଲାଣି। ତେବେ ଏହାର ଆଂଶିକ ସଫଳତା ପରେ ଆମେ ସମସ୍ତେ ଦ୍ୱିତୀୟ ଚନ୍ଦ୍ରଯାନର ପୂର୍ଣ୍ଣ ସଫଳତାକୁ ଅପେକ୍ଷା କରିରହିଛୁ। କିନ୍ତୁ ଦୁଃଖର କଥା, ବିଭିନ୍ନ ଅସୁବିଧା ସକାଶେ ଦ୍ୱିତୀୟ ଚନ୍ଦ୍ରଯାନର ଉତ୍‌କ୍ଷେପଣ ନିର୍ଘଣ୍ଟ ଘୁଞ୍ଚି ଘୁଞ୍ଚି ଯାଉଥିଲା। ଅନେକ ବିଚାରବିମର୍ଶ ପରେ ୨୦୧୮ ମାର୍ଚ୍ଚ ମାସରେ ଏହାକୁ ପଠେଇବା କଥା ଥିଲା। ପୁଣି କେତେକ ଅସୁବିଧା ହେତୁ ଅକ୍ଟୋବର ମାସରେ ପଠାହେବାର ଯୋଜନା ହେଲା। ପରେ ୨୦୧୯ ଜାନୁୟାରୀ ମାସରେ ଏହାକୁ ପଠାଯିବାର ଆଶା କରାଯାଉଥିଲା। କିନ୍ତୁ ତାହା ମଧ୍ୟ ସମ୍ଭବ ହେଲା ନାହିଁ। ଆଜି ଆମ ଅପେକ୍ଷାର ଅନ୍ତ ହେବ। ଆଜି (୧୫।୦୭।୨୦୧୯) ଭୋରରୁ ଜହ୍ନମାମୁ ଅଭିମୁଖେ ଭାରତର 'ଚନ୍ଦ୍ରଯାନ-୨' ଯାତ୍ରା କରିବ। ୧୯୬୯ ମସିହା ଜୁଲାଇ ୨୦ ତାରିଖରେ ପୃଥିବୀରୁ ମଣିଷ ଯାଇ ଚନ୍ଦ୍ରରେ ପ୍ରଥମେ ପାଦ ଦେଇଥିଲା। ଏହି ଦିବସକୁ ୫୦ ବର୍ଷ ପୂରିବାର ମାତ୍ର ୫ ଦିନ ପୂର୍ବରୁ ଭାରତର ଚନ୍ଦ୍ରଯାନ-୨ ଚନ୍ଦ୍ର ଅଭିମୁଖେ ଯାତ୍ରା କରିବ। ଏହା କିଛି କମ୍ କଥା ନୁହେଁ। ଏହି ମାନବବିହୀନ ଚନ୍ଦ୍ରାଭିଯାନର ସଫଳ ଉତ୍‌କ୍ଷେପଣ ମହାକାଶ ଇତିହାସରେ ଏକ ଅଧ୍ୟାୟ ଯୋଡିବ।

-ଓଡ଼ିଶା ଶିକ୍ଷା ସେବା (ଏ), ସଦସ୍ୟ,
ଓଡ଼ିଶା ବିଜ୍ଞାନ ଏକାଡେମୀ, ସହକାରୀ
ପ୍ରଫେସର, ଭଦ୍ରକ ସ୍ୱୟଂଶାସିତ
ମହାବିଦ୍ୟାଳୟ
ମୋ : ୯୪୩୯୫୦୧୬୫୧

> "ମହାକାଶଯାନ ପାଇଁ ୬୦୩ କୋଟି ଓ ଏହାକୁ ବୋହି ନେଉଥିବା ରକେଟ୍ ପାଇଁ ୩୭୫ କୋଟି ଟଙ୍କା ଖର୍ଚ୍ଚ ହେଉଛି। ପ୍ରଥମରୁ ରୁଷିଆ ଏହାର ନିର୍ମାଣ କାର୍ଯ୍ୟରେ ସହାୟତା କରିବ ବୋଲି କହିଥିଲା। ୨୦୧୩ ମସିହାରେ ଏହାକୁ ପଠାଯିବାର ଯୋଜନା ବି ଥିଲା। କିନ୍ତୁ ରୁଷିଆ ଠିକ୍ ସମୟରେ ଆମକୁ ଯନ୍ତ୍ରପାତି ଯୋଗାଇ ପାରିଲା ନାହିଁ। ତେଣୁ ଏହି ପ୍ରକଳ୍ପରୁ ରୁଷିଆକୁ ବାହାର କରାଯାଇଛି। ଗର୍ବର କଥା, ସମ୍ପୂର୍ଣ୍ଣ 'ଚନ୍ଦ୍ରଯାନ-୨' କୁ ଭାରତ ନିଜେ ତିଆରି କରିଛି। ଏଥିରେ ଅର୍ବିଟର (୨୩୭୯ କେଜି) ରହିବ। ତା' ସହିତ ରୋଭର (୨୭ କେଜି) ଓ ଲ୍ୟାଣ୍ଡର (୧୪୭୧ କେଜି) ବି ରହିବ। ରୋଭରର ନାମ 'ପ୍ରଜ୍ଞା' ଓ ଲ୍ୟାଣ୍ଡରର ନାମ 'ବିକ୍ରମ' ରଖାଯାଇଛି।"

# ଫୁଡ୍ ପଏଜନିଂ



**ଏବେ ବର୍ଷାଦିନ। ଏଣୁତେଣୁ ଖାଦ୍ୟ ଏବଂ ଦୂଷିତପାଣି ସଂସ୍ପର୍ଶରେ ଆସିଲେ ଫୁଡ୍ ପଏଜନିଂ ପରି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଏପରି କି ଏହି ସମସ୍ୟା ଗୁରୁତର ହେଲେ ହସ୍ପିଟାଲରେ ଆଡମିଶନ ହୋଇ ଚିକିତ୍ସିତ ହେବାକୁ ପଡ଼ିପାରେ। ଏହାଠାରୁ ନିଜକୁ କିପରି ଦୂରେଇ ରଖିବେ ସେ ସମ୍ପର୍କରେ ଟିପ୍ସ...**

- ❖ କୌଣସି ଖାଦ୍ୟପଦାର୍ଥ ଖାଇବା ପୂର୍ବରୁ ଭଲ ଭାବରେ ହାତ ଧୁଅନ୍ତୁ। ବାହାରକୁ ହାତ ଯେତେ ପରିଷ୍କାର ଦେଖାଯାଉଥିଲେ ମଧ ହାତର ଉପରିଭାଗରେ ଜୀବାଣୁ ଲୁଚି ରହିଥାଆନ୍ତି। ଅପରିଷ୍କାର ହାତରେ ଖାଦ୍ୟ ଖାଇଲେ ତାହା ଫୁଡ୍ ପଏଜନିଂ ସୃଷ୍ଟି କରିବାର ଆଶଙ୍କା ଅଧିକ ଥାଏ।
- ❖ ଯଦି ଫଳମୂଳ ଖାଉଛନ୍ତି ତେବେ ସେଗୁଡିକୁ ପ୍ରଥମେ ଭଲ ପାଣିରେ ପରିଷ୍କାର ଭାବରେ ଧୁଅନ୍ତୁ।
- ❖ ଖାଦ୍ୟପଦାର୍ଥକୁ ପରିଷ୍କାର ସ୍ଥାନରେ ଘୋଡ଼ାଇ ରଖନ୍ତୁ।
- ❖ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବାସିଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। କାରଣ ଏହା ପେଟଜନିତ ସମସ୍ୟା ସୃଷ୍ଟି କରିଥାଏ।
- ❖ ବାହାରେ ବୁଲିବା ସମୟରେ ଅନେକ ମନଲୋଭା ଖାଦ୍ୟ ଦେଖି ସେଗୁଡ଼ିକୁ ଖାଇବାକୁ ଅନେକେ ଆଶା କରିଥାଆନ୍ତି। ତେବେ ସେଗୁଡିକୁ ଖାଇବା ପୂର୍ବରୁ ତାହାର ଗୁଣବତ୍ତା ସମ୍ପର୍କରେ ଭଲ ଭାବରେ ଅବଗତ ହୁଅନ୍ତୁ।
- ❖ ଯଦି ଖାଦ୍ୟ ଅଳ୍ପ ସମୟ ମଧ୍ୟରେ ଖରାପ ହୋଇଯିବ ବୋଲି ଜାଣିପାରୁଛନ୍ତି ତେବେ ସେପରି ଖାଦ୍ୟକୁ ସାଇତି ନ ରଖି ଫୋପାଡ଼ି ଦିଅନ୍ତୁ।
- ❖ ଯଦି ଫୁଡ୍ ପଏଜନିଂର ଲକ୍ଷଣ ଜାଣିବାକୁ ପାଉଛନ୍ତି ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



# ଶରୀର ସକ୍ରିୟ ରହିଲେ ଇନ୍‌ଫେକ୍‌ଶନ ଆଶଙ୍କା କମ୍ ଥାଏ



ଆମେ ଯଦି ସନ୍ତୁଳିତ ଖାଦ୍ୟ ଖାଇବା ସହ ଉପଯୁକ୍ତ ବିଶ୍ରାମ ନେବା, ତେବେ ଆମେ ଅନେକାଂଶରେ ସୁସ୍ଥ ରହିପାରିବା। ବେଳେବେଳେ ଶରୀରର କାର୍ଯ୍ୟଧାରାରେ ଶିଥିଳତା ପରିଲକ୍ଷିତ ହୋଇଥାଏ। ଏହାଦ୍ୱାରା ଆମକୁ କେତେକ ଶାରୀରିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶରୀର ସବୁବେଳେ ସକ୍ରିୟ ନ ରହିଲେ ଇନ୍‌ଫେକ୍‌ଶନ ପରି ଗୁରୁତର ସମସ୍ୟାର ସମ୍ମୁଖୀନ ହେବା ଯଥେଷ୍ଟ ଆଶଙ୍କା ରହିଛି। ଏପରି ବିଷୟବସ୍ତୁକୁ ନେଇ ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଶରୀର ଅଧିକାଂଶ ସମୟ ଶିଥିଳ ରହୁଥିଲା, ସେମାନଙ୍କ ମଧ୍ୟରୁ ପ୍ରାୟ ୪୦% ବ୍ୟକ୍ତିଙ୍କଠାରେ ଇନ୍‌ଫେକ୍‌ଶନର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ସୁନିଦ୍ରା ପାଇଁ ସ୍ମାର୍ଟ ପାଇଜାମା

ଆଜିକାଲି ଅନେକେ ନିଦ୍ରାଜନିତ ସମସ୍ୟା ସହ ଜଡ଼ିତ। ଆମେ ଆବଶ୍ୟକ ସମୟ ମୁତାବକ ନିଦ୍ରା ନ ଗଲେ ବିଭିନ୍ନ ପ୍ରକାର ଶାରୀରିକ ଅସୁବିଧାର ସମ୍ମୁଖୀନ ହୋଇଥାଉ। ସୁନିଦ୍ରାର ଏକ ସହଜ ଉପାୟ ବିଷୟରେ ନିକଟରେ ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ ମାସାଚୁ୍ୟଟ୍‌ସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ଏହି ବିଶ୍ୱବିଦ୍ୟାଳୟର ଗବେଷକ ତ୍ରିଶା ଆଣ୍ଡ୍ରୁ ଓ ତାଙ୍କ ସାଥୀ ଗବେଷକମାନେ ସ୍ମାର୍ଟ ପାଇଜାମା ଓ ଶାର୍ଟ ପ୍ରସ୍ତୁତ କରିଛନ୍ତି, ଯାହାକୁ ପିନ୍ଧିଲେ ଭଲ ନିଦ ହୋଇଥାଏ। ଏଥିରେ ସ୍ୱୟଂଚାଳିତ ୫ଟି ସେନ୍‌ସର ଲଗାଯାଇଛି ଯାହା ହୃତ୍‌ସ୍ପନ୍ଦନ,ଶ୍ୱାସକ୍ରିୟା ଓ ଶୋଇବାର ଶୈଳୀକୁ ନିରୀକ୍ଷଣ କରିବା ସହ ମାନସିକ ଶାନ୍ତି ଆଣିଥାଏ। ଏହାଫଳରେ ସମ୍ପୃକ୍ତ ବ୍ୟକ୍ତି ଆରାମରେ ଶୋଇପାରିଥାଏ। ତେବେ ଏହି ସ୍ମାର୍ଟ ପାଇଜାମା ଏବଂ ଶାର୍ଟକୁ କିପରି ଆହୁରି ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ କରାଯାଇପାରିବ ସେ ନେଇ ଉକ୍ତ ବିଶ୍ୱବିଦ୍ୟାଳୟର ଗବେଷକମାନେ ଚେଷ୍ଟା ଜାରି ରଖିଛନ୍ତି ବୋଲି ପ୍ରକାଶିତ ସଦ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



“ ବିଦେଶରେ ସରକାରୀ ବଣ୍ଡ ବିକ୍ରି ହେଲେ ଲାଭ କମ୍ ବେଶି କ୍ଷତି ହେବା।
– ମଣ୍ଟେକ ସିଂ ଆହଲୁୱାଲିଆ, ପୂର୍ବତନ ଉପାଧ୍ୟକ୍ଷ, ଯୋଜନା ଆୟୋଗ



“ ଆୟକର ଅଧିକାରୀ କୌଣସି ବ୍ୟକ୍ତି ବିଶେଷଙ୍କ ସୋସିଆଲ ମିଡିଆ କାର୍ଯ୍ୟକଳାପ ଉପରେ ନଜର ରଖିଛନ୍ତି ଏହା ଭାବିବା ଭ୍ରମାତ୍ମକ।
– ପି.ସି. ମୋଦି, ଅଧ୍ୟକ୍ଷ, ସିବିଡିଟି



## ସଂକ୍ଷେପରେ

### ଦୃଷ୍ଟିବାଧିତଙ୍କ ପାଇଁ ଆର୍‌ବିଆଇର ନୂଆ ଆପ୍

#### ନୋଟ ଚିହ୍ନିବା ହେବ ସହଜ

**ନୂଆଦିଲ୍ଲୀ,୧୪-୭:** ନୋଟ ଚିହ୍ନିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ନୂଆ ଆପ୍ଲିକେଶନ ଶୀଘ୍ର ଆଣିବ। ଏହା ଦ୍ୱାରା ଦୃଷ୍ଟିବାଧିତ ଲୋକମାନେ ବିଶେଷ ଭାବେ ଲାଭବାନ ହୋଇପାରିବେ। ବର୍ତ୍ତମାନ ନେଣଦେଣ କ୍ଷେତ୍ରରେ କ୍ୟାଶ ସିଂହଭାଗ ହାସଲ କରିଛି। ୧୦,୨୦,୫୦,୧୦୦, ୨୦୦,୨୦୦, ୫୦୦ ଏବଂ ୨୦୦୦ ଟଙ୍କିଆ ନୋଟ ବର୍ତ୍ତମାନ ପ୍ରଚଳନରେ ରହିଛି। ଏହା ବାଦ ଟଙ୍କାକିଆ ନୋଟ କେନ୍ଦ୍ର ସରକାର ଜାରି କରୁଛନ୍ତି। ଏହି ପଦକ୍ଷେପ ଦ୍ୱାରା ଦୃଷ୍ଟିବାଧିତ ଲୋକମାନେ ଲାଭବାନ ହେବେ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏହି ବର୍ଗର ଲୋକଙ୍କ ସୁବିଧା ଲାଗି ୧୦୦ ଟଙ୍କାରୁ ଅଧିକ ମୂଲ୍ୟର ନୋଟରେ ଇଣ୍ଟାଗ୍ଲିଓ ପ୍ରିଣ୍ଟ ଭିତ୍ତିକ ମାର୍କ ରହିଛି। ବିମୁଦ୍ରୀକରଣ ପରେ ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ ପ୍ରଚଳନରୁ ହଟାଗଲା ପରେ ନୂଆ ଡିଜାଇନ ଏବଂ ସାଇଜର ନୋଟ ବ୍ୟବସ୍ଥା ମଧ୍ୟକୁ ଆସିଛି। ଦୃଷ୍ଟିବାଧିତ ଲୋକମାନେ ବିଭିନ୍ନ ନୋଟକୁ ନେଇ ଚ୍ୟାଲେଞ୍ଜ ସାମ୍ନା କରିବା ପରେ ମୋବାଇଲ ଆପ୍ଲିକେଶନ ଆଣିବା ନେଇ ରହିଥିବା ଆବଶ୍ୟକତାକୁ ରିଜର୍ଭ ବ୍ୟାଙ୍କ ଉପଲବ୍ଧି କରିଥିଲା। ପ୍ରସ୍ତାବିତ ମୋବାଇଲ ଆପରେ ମହାତ୍ମା ଗାନ୍ଧୀ ସିରିଜ ଏବଂ ନୂଆ ମହାତ୍ମା ଗାନ୍ଧୀ ସିରିଜକୁ ଚିହ୍ନିବା ସହଜ ହେବ। ଏହା ଦ୍ୱାରା ଦେଶର ୮୦ ଲକ୍ଷ ଦୃଷ୍ଟିବାଧିତ ଲୋକ ଲାଭବାନ ହୋଇ ପାରିବେ। ଏଭଳି ଏକ ଆପ୍ଲିକେଶନ ଆଣିବା ନେଇ ଆର୍‌ବିଆଇ ୨୦୧୮ ଜୁନରେ ପ୍ରଥମେ କହିଥିଲା।

### ଏଫ୍‌ପିଆଇଙ୍କ ପୁଞ୍ଜି ପ୍ରତ୍ୟାହାର ଧାରା ଜାରି

**ନୂଆଦିଲ୍ଲୀ,୧୪-୭:** ଜୁଲାଇରେ ବିଦେଶୀ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର ଧାରା ଜାରି ରଖିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪୯୫୩ କୋଟି ଟଙ୍କା ଉଠାଇ ନେଇଛନ୍ତି। ଚଳିତ ମାସ ୧ରୁ ୧୨ ତାରିଖ ମଧ୍ୟରେ ଏମାନେ ଇକ୍ୱିଟିରୁ ଏହି ପୁଞ୍ଜି ପ୍ରତ୍ୟାହାର କରିଛନ୍ତି। କିନ୍ତୁ ଡେଟ୍ ବଜାରରେ ଏମାନେ ୮,୫୦୪.୭୮ କୋଟି ନିବେଶ କରିଛନ୍ତି। ଏହାକୁ ବିଚାର କଲେ, ବିଦେଶୀ ନିବେଶକମାନେ ମୋଟାମୋଟି ଭାବେ ଦେଶର ପୁଞ୍ଜି ବଜାରରେ ୩,୫୫୧ କୋଟି ଟଙ୍କା ନିବେଶ କରିଛନ୍ତି। ଚଳିତ ମାସ ୫ ତାରିଖ ପରଠାରୁ ନିବେଶକମାନେ ୫ଟି ସେସନରେ ପୁଞ୍ଜି ପ୍ରତ୍ୟାହାର ଧାରା ଜାରି ରଖିଛନ୍ତି। ଧନୀ ବ୍ୟକ୍ତିଙ୍କ ଉପରେ ସରକାରଙ୍କ ସରଚାର୍ଜ ଲାଗୁ ପ୍ରସ୍ତାବ ରହିଛି। ସେହିଭଳି ବିଦେଶୀ ପୁଞ୍ଜି ଯାହା ଟ୍ରଷ୍ଟ ଏବଂ ଏଓପି ଭାବେ ନିବେଶ ହୋଇଥିବ ତାହା ମଧ୍ୟ ଟିକସ ପରିସରରେ ଆସୁଛି।

### ଜଳ, ପରିମଳ କ୍ଷେତ୍ରରେ ୬.୩ ଲକ୍ଷ କୋଟିର ନିବେଶ ସମ୍ଭାବନା

**ନୂଆଦିଲ୍ଲୀ,୧୪-୭:** ‘ନଲ୍ ସେ ଜଲ୍’ ଯୋଜନା ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ବେଳେ ସାରା ଦେଶରେ ଆଗାମୀ ୫ ବର୍ଷରେ ୬.୩ ଲକ୍ଷ କୋଟି ଟଙ୍କାର ନିବେଶ ସମ୍ଭାବନା ସୃଷ୍ଟି ହୋଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଜେଏମ୍ ଫାଇନାନ୍‌ସିଆଲ ଇନଷ୍ଟିଚ୍ୟୁଶନ ପ୍ରଦାନ କରିଥିବା ରିପୋର୍ଟ ମୁତାବକ ନଲ୍ ସେ ଜଲ୍ ଯୋଜନାରେ ସରକାର ୨୦୨୪ ସୁଦ୍ଧା ପ୍ରତିଘରକୁ ପାଇପ ଜଳ ଯୋଗାଇବା ନେଇ ଲକ୍ଷ୍ୟ ରଖିଛନ୍ତି। ଏହି ଆଧାରରେ ପାଇପ, ଇପିସି, ଜଳ ପରିଚାଳନା, ଭଲ୍‌ଭ, ସିମେଣ୍ଟ ଭଳି ବର୍ଗରେ ଅନ୍ୟ ବର୍ଗରେ ବୃହତ୍ ପରିମାଣର ନିବେଶ ନେଇ ସମ୍ଭାବନା ସୃଷ୍ଟି ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

### ଫ୍ୟୁଚର କଞ୍ଜ୍ୟୁମର ଲିମିଟେଡର ନୂଆ ଉତ୍ପାଦ

**ଭୁବନେଶ୍ୱର,୧୪-୭:** ଫ୍ୟୁଚର କଞ୍ଜ୍ୟୁମର ଲିମିଟେଡ ପକ୍ଷରୁ ଡିଟରଜେଣ୍ଟ ସେଗମେଣ୍ଟରେ ନୂଆ ପ୍ରଡକ୍ଟ ଭୁମ ବଜାରକୁ ଆସିଛି। ଏହାକୁ ଫ୍ୟାଶନ ବିଶେଷଜ୍ଞଙ୍କ ଦ୍ୱାରା ଡିଜାଇନ କରାଯାଇଛି। ଫ୍ୟାବ୍ରିକ କେୟାର ଏବଂ ଲଣ୍ଡ୍ରି ବ୍ରାଣ୍ଡ ବର୍ଗରେ ଉପସ୍ଥିତିକୁ ଦୃଢ କରିବା ଲକ୍ଷ୍ୟରେ କମ୍ପାନୀ ପକ୍ଷରୁ ନୂଆ ପ୍ରଡକ୍ଟକୁ ପ୍ରସ୍ତୁତ କରାଯାଇଛି। ଏହା କପଡାର ଯତ୍ନ କ୍ଷେତ୍ରରେ ବ୍ୟବହାର କରାଯାଇ ପାରିବ। ଏହି ପ୍ରଡକ୍ଟକୁ ଗୁଣବତ୍ତା ବିଶେଷଜ୍ଞଙ୍କ ଦ୍ୱାରା ୧୦୦ ଫ୍ୟାବ୍ରିକ ଉପରେ ପରୀକ୍ଷଣ କରାଯାଇଛି। ଏହା ଫ୍ରଣ୍ଟ ଲୋଡ, ଟପଲୋଡ, ବକେଟ ୱାସ ବର୍ଗରେ ଲକ୍ୱିଡ ମ୍ୟାଟ୍ରିକରେ ଆସୁଛି। ଏହି ପ୍ରଡକ୍ଟର ପ୍ୟାକ ୧୧୯ରୁ ୧୪୯ ଟଙ୍କା ରହିଛି। ଏହା କପଡାର ରଙ୍ଗ ଉପରେ କୌଣସି ପ୍ରଭାବ ପକାଇ ନ ଥାଏ। ଏହି ପ୍ରଡକ୍ଟକୁ ବଜାର ପ୍ରବେଶ କରାଇ ଖୁସି ବୋଲି ଫ୍ୟୁଚର କଞ୍ଜ୍ୟୁମର ଲିମିଟେଡର ଏମ୍‌ଡି ଆଶନୀ ବିୟାନୀ କହିଛନ୍ତି।




# ମାର୍ଚ୍ଚ ସୁଦ୍ଧା ସବୁ ରେଳ ଇଞ୍ଜିନ୍‌ରେ ଜିପିଏସ୍

ଭୁବନେଶ୍ୱର,୧୪-୭(ବ୍ୟୁରୋ)

ରେଳ ମନ୍ତ୍ରଣାଳୟ, ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ସହ ମିଳିତ ହୋଇ ନୂଆ ପ୍ରକଳ୍ପ ରିୟଲ ଟାଇମ୍ ଟ୍ରେନ ଇନ୍‌ଫରମେଶନ ସିଷ୍ଟମ (ଆର୍‌ଟିଆଇଏସ୍) ଆରମ୍ଭ କରିଛି। ଏହା ଦ୍ୱାରା ରେଳୱେ ଏହାର ଇଞ୍ଜିନରେ ଜିପିଏସ୍ ଡିଭାଇସ୍ ଲଗାଇଛି। ବର୍ତ୍ତମାନ ସୁଦ୍ଧା ୪,୨୦୦ ଇଞ୍ଜିନରେ ଏହାର ବ୍ୟବହାର ହୋଇଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସବୁ ରେଳ ଇଞ୍ଜିନରେ ଜିପିଏସ୍ ଲଗାଯିବ ବୋଲି ରେଳ ବୋର୍ଡ ଅଧ୍ୟକ୍ଷ ଭିନୋଦ କୁମାର ଯାଦବ ରବିବାର ସୂଚନା ଦେଇଛନ୍ତି। ୮,୦୦୦ରୁ ୯,୦୦୦ ଇଞ୍ଜିନରେ ଏହି ପଦ୍ଧତି ଲାଗୁ ହେବ। ଏହା ଦ୍ୱାରା ଠିକ୍ ସମୟରେ ଟ୍ରେନ ଚଳାଚଳ କରିବ ଏବଂ ଟ୍ରେନ ଅବସ୍ଥିତି ଜଣା ପଡିବ ବୋଲି ସେ କହିଛନ୍ତି।

ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଫନୀରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ରେଳ ଷ୍ଟେଶନ ଏବଂ କୋଚିଂ ଡିପୋକୁ ସେ ପରିଦର୍ଶନ କରିବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି। ସେହିଭଳି ଭୁବନେଶ୍ୱର ରେଳ ଷ୍ଟେଶନର କ୍ଷୟକ୍ଷତି ତଦାରଖ କରି ଏହାର ଉନ୍ନତୀକରଣ ତଥା ରେଳୱେ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ଭୁବନେଶ୍ୱର ରେଳ ଷ୍ଟେଶନର ମୁଖ୍ୟ ଦ୍ୱାରରେ ନୂଆ ବିଲଡିଂ ସ୍ଥାପନ କରାଯିବ। ଏଠାରେ ଏକ ଉନ୍ନତ ମାନର ଷ୍ଟେଶନ ପ୍ରତିଷ୍ଠା ଲାଗି ଲକ୍ଷ୍ୟ ରଖାଯାଇଛି। ଏଥି ଲାଗି ଭାରତୀୟ ରେଳପଥ ପକ୍ଷରୁ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହେବ। ସମସ୍ତ ପ୍ରକାରର ବୈଷୟିକ ଆବଶ୍ୟକତା ପୂରଣ ହୋଇଥିବା ବେଳେ ଶୀଘ୍ର ଏମ୍‌ଓୟୁ କରାଯିବ। ସେହିଭଳି ଏଠାରେ ଆଉ ୨ ପ୍ଲାଟଫର୍ମ ଯୋଡି ହେବ। ଷ୍ଟେଶନର ଦ୍ୱିତୀୟ ପ୍ରବେଶ ଦ୍ୱାରକୁ ପୁନଃନବୀକରଣ ଏବଂ ଏହାର ଚତୁପାର୍ଶ୍ୱରେ ରାସ୍ତା ସଂଯୋଗୀକରଣ ପାଇଁ ପାଣ୍ଠି ବ୍ୟବସ୍ଥା ହୋଇଛି। ଚଳିତ ବର୍ଷ ୨୦୦ ନିୟୁତ ଟନ୍ ମାଲ ପରିବହନ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଏହାଠାରୁ ଅଧିକ ମାଲ ପରିବହନ ନେଇ ପୂର୍ବତଟ ରେଳପଥ ଆଶାବାଦୀ ଥିବା ସେ ପ୍ରକାଶ କରିଛନ୍ତି।

ସେହିଭଳି ଚାଲୁ ରହିଥିବା ପ୍ରକଳ୍ପଗୁଡିକୁ ଶେଷ କରିବା ଉଦ୍ୟମ ଜାରି ରହିଥିବା ସେ ସ୍ପଷ୍ଟ କରିଛନ୍ତି। ଏଥି ଲାଗି ପାଣ୍ଠିର କୌଣସି ଅଭାବ ରହିବ ନାହିଁ। ରେଳ ପ୍ରକଳ୍ପ ଆଗେଇବାରେ ଜମି ଅଧିଗ୍ରହଣ ଏକ ସମସ୍ୟା ଭାବେ ଉଭା ହେଉଛି। ଏଥି ଲାଗି ରାଜ୍ୟ ସରକାରଙ୍କ ସହ ମିଳିତ ହୋଇ ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି। ଗତବର୍ଷ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ଅନେକ ପାଣ୍ଠି ଖର୍ଚ୍ଚ ହୋଇ ପାରିନାହିଁ। ଚଳିତ ବର୍ଷ ରାଜ୍ୟର ବିଭିନ୍ନ ରେଳ ପ୍ରକଳ୍ପଗୁଡିକୁ ଅଧିକ ପାଣ୍ଠି ଯୋଗାଇ ଦିଆଯାଇଛି। ବିଭିନ୍ନ ସମସ୍ୟାର ସମାଧାନ ସହ ପାଣ୍ଠିର ପୂର୍ଣ୍ଣ ବିନିଯୋଗ ପାଇଁ ଉଦ୍ୟମ ଜାରି ରହିବ। ସେହିଭଳି ଭୁବନେଶ୍ୱରରୁ କଟକକୁ ଅଧିକ ଟ୍ରେନ ଚଳାଚଳ ନେଇ ହୋଇ ଆସୁଥିବା ଦାବିକୁ ଧ୍ୟାନରେ ରଖାଯାଇଛି। ଏହି ଦୁଇ ସ୍ଥାନ ମଧ୍ୟରେ ଏକ ବାଇପାସ ରେଳ ଲାଇନ ପାଇଁ ସର୍ଭେ କାର୍ଯ୍ୟ ଅନୁମୋଦନ କରାଯାଇଛି। ଏହା ହେଲେ ମାଲ ପରିବହନ ସୁଗମ ହେବା ସହ ଯାତ୍ରୀ ସୁବିଧା ତ୍ୱରାନ୍ୱିତ ହେବ ବୋଲି ଯାଦବ କହିଛନ୍ତି।

ଟ୍ରେନ୍ ଟ୍ରାଫିକ ବୃଦ୍ଧି ଯୋଗୁ ଭିତ୍ତିଭୂମି ବିକାଶର ଆବଶ୍ୟକତା ଉପରେ ଯାଦବ ଗୁରୁତ୍ୱାରୋପ କରିଛନ୍ତି। ଯାତ୍ରୀ ସୁବିଧାକୁ ଅଗ୍ରାଧିକାର, ସେପ୍ଟେମ୍ବର ମାସ ସୁଦ୍ଧା ସବୁ ଷ୍ଟେଶନରେ ୱାଇଫାଇ, ଆର୍ଥିକ ବର୍ଷ ଶେଷ ସୁଦ୍ଧା ସବୁ ମୁଖ୍ୟ ଷ୍ଟେଶନ, ପ୍ରମୁଖ ମେଲ୍ ଏବଂ ଏକ୍ସପ୍ରେସ ଟ୍ରେନଗୁଡିକରେ ସିସିଟିଭି କ୍ୟାମେରା ବ୍ୟବସ୍ଥା, ଇ-କ୍ୟାଟରିଂ ଆପ୍, ଇ-ଦୃଷ୍ଟି ଇନ୍ ୱେବସାଇଟ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ୱେବସାଇଟ ଦ୍ୱାରା ଟ୍ରେନର ସମୟ ସାରଣୀ ଓ ଟ୍ରେନରେ ମିଳୁଥିବା ଖାଦ୍ୟର ଗୁଣବତ୍ତା ଓ ମାନ ବିଷୟରେ ଯାତ୍ରୀ ଜାଣି ପାରିବେ।

**ରେଳ ବୋର୍ଡ ଅଧ୍ୟକ୍ଷଙ୍କ ଭୁବନେଶ୍ୱର ଗସ୍ତ**



- ଭୁବନେଶ୍ୱର ରେଳ ଷ୍ଟେଶନର ବିକାଶ ହେବ
- ଯୋଡି ହେବ ଆଉ ୨ ପ୍ଲାଟଫର୍ମ
- ରେଳ ପ୍ରକଳ୍ପ ଲାଗି ପାଣ୍ଠି ଅଭାବ ରହିବନି
- ପ୍ରକଳ୍ପ ଆଗେଇବାରେ ଜମି ଅଧିଗ୍ରହଣ ବାଧକ
- ରାଜ୍ୟ ସହ ମିଳିତ ହୋଇ କାର୍ଯ୍ୟ କରିବାକୁ ଗୁରୁତ୍ୱ
- ଭୁବନେଶ୍ୱର-କଟକ ବାଏପାସ ଲାଇନ ସର୍ଭେକୁ ମଞ୍ଜୁରୀ



## ସାରିକାଙ୍କୁ ବେଷ୍ଟ ଫାଇନାନ୍‌ସିଆଲ୍ ଆଡଭାଇଜର ଆୱାର୍ଡ

ଭୁବନେଶ୍ୱର,୧୪-୭(ବ୍ୟୁରୋ)

ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ଏବଂ ସିଏନ୍‌ବିସି ଟିଭି ୧୮ ପକ୍ଷରୁ ମୁମ୍ବାଇରେ ଅନୁଷ୍ଠିତ ୧୦ ସଂସ୍କରଣ ଫାଇନାନ୍‌ସିଆଲ ଆଡଭାଇଜର ଆୱାର୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶାର ସାରିକା ଅରୁଣ ସାହୁଙ୍କୁ ବେଷ୍ଟ ଫାଇନାନ୍‌ସିଆଲ ଆଡଭାଇଜର ଆୱାର୍ଡ ପ୍ରଦାନ କରାଯାଇଛି। ପୂର୍ବାଞ୍ଚଳର ମହିଳା ବର୍ଗରେ ଏଭଳି ପୁରସ୍କାର ଜିତିବାକୁ ସାରିକା ସକ୍ଷମ ହୋଇଛନ୍ତି। ଉକ୍ତ ଆୱାର୍ଡ ଲାଭ କରି ଅତ୍ୟନ୍ତ ଖୁସି ଏବଂ ଏହା ଆଗକୁ ବଢିବାରେ ପ୍ରେରଣା ଦେବ ବୋଲି ସେ କହିଛନ୍ତି। ସାରିକା ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ମିଣ୍ଟବକ୍ସ ଆଡଭାଇଜରି ଏଲ୍‌ଏଲ୍‌ପିର ପାର୍ଟନର ଭାବେ କାର୍ଯ୍ୟରତ। ନିବେଶକଙ୍କ ଲାଗି ଭାଲ୍ୟୁ ସୃଷ୍ଟି ସହ ପୁଞ୍ଜି ବଜାରରେ ନୂତନ ଧାରା, କୌଶଳ ଏବଂ ସୁଯୋଗ ଦିଗରେ କାର୍ଯ୍ୟ କରୁଥିବା ଆର୍ଥିକ ପରାମର୍ଶଦାତାଙ୍କୁ ସମ୍ମାନିତ କରିବା ଲକ୍ଷ୍ୟରେ ଏଭଳି ଆୱାର୍ଡର ପରିକଳ୍ପନା କରାଯାଇଛି। ସେହିଭଳି ଆର୍ଥିକ ସାକ୍ଷରତା ଦିଗରେ ଯୋଗଦାନ ରଖୁଥିବା ପରାମର୍ଶଦାତାଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ଏଭଳି ଆୱାର୍ଡ ପରିକଳ୍ପନା କରାଯାଇଛି। ମୋଟ ୩୨ ଶୃଙ୍ଖଳାରେ କାର୍ଯ୍ୟକ୍ରମରେ ଆୱାର୍ଡ ପ୍ରଦାନ କରାଯାଇଛି। ଏଥି ଲାଗି ସାରା ଦେଶରୁ ୪୪ ଆବେଦନପତ୍ର ହସ୍ତଗତ ହୋଇଥିଲା। ପୁଞ୍ଜି ବଜାର ମାଧ୍ୟମରେ ସମ୍ପତ୍ତି ସୃଷ୍ଟି ଦିଗରେ ଫାଇନାନ୍‌ସିଆଲ ଆଡଭାଇଜରମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏହି ଶିଳ୍ପର ଅଭିବୃଦ୍ଧି ଦିଗରେ ଆଡଭାଇଜରଙ୍କର ରହୁଥିବା ପ୍ରଚେଷ୍ଟାକୁ ସମ୍ମାନ ଜଣାଇ ଆୱାର୍ଡର ପରିକଳ୍ପନା କରାଯାଇଛି ବୋଲି ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଏବଂ ଆକ୍ଟିଂ ସିଇଓ ଇମତିୟାଜୁର ରହେମାନ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ଭାବେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି)ର ପୂର୍ବତନ ଅଧ୍ୟକ୍ଷ ୟୁ.କେ.ସିହ୍ନା, ଇକ୍ରା ସିଇଓ ନରେଶ ଥକର, ସିଏନ୍‌ବିସି ଟିଭି ୧୮ କାର୍ଯ୍ୟନିର୍ବାହୀ ସମ୍ପାଦକ ଲତା ଭେଙ୍କଟେଶ ପ୍ରମୁଖ ଉପସ୍ଥିତ ଥିଲେ।

## ଇଣ୍ଡିଆନ୍ ଅଏଲର ସ୍ୱଚ୍ଛତା ପକ୍ଷ

ଭୁବନେଶ୍ୱର,୧୪-୭




ସ୍ୱଚ୍ଛତା ପକ୍ଷ ଉପଲକ୍ଷେ ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ ପକ୍ଷରୁ ପୁରୀ ବଡ ଦାଣ୍ଡରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ଅବସରରେ କମ୍ପାନୀ ପକ୍ଷରୁ ଗୁଣ୍ଡିଚା ମନ୍ଦିର, ବଡଦାଣ୍ଡକୁ ସ୍ୱଚ୍ଛ ରଖିବାକୁ ପ୍ରୟାସ କରାଯାଇଥିଲା। କମ୍ପାନୀର ମାନବ ସମ୍ବଳ ଏବଂ ସିଏସ୍‌ଆର୍ ମହାପ୍ରବନ୍ଧକ ଦେବୀ ପ୍ରସାଦ ଶତପଥୀଙ୍କ ତୈଳ ଉଦ୍ୟୋଗର ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀମାନେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ ମଧ୍ୟ ଏଥିରେ ସାମିଲ ହୋଇଥିଲେ। କମ୍ପାନୀର ଏହି ପ୍ରୟାସକୁ ବିଧାୟକ ପ୍ରଶଂସା କରିଥିଲେ। ତେଲ ଉଦ୍ୟୋଗର ଡିଲର, ବିତରକଙ୍କ ସମେତ ୨୦୦ ସ୍ୱେଚ୍ଛାସେବୀଙ୍କ ମହାପ୍ରବନ୍ଧକ ଶତପଥୀ ପରିବେଶ ସ୍ୱଚ୍ଛତାର ଉପାଦେୟତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ବ୍ରାଣ୍ଡ୍ ଫ୍ୟାକ୍ଟ୍ରିରେ ରେଡ ଜୋନ ସେଲ୍

ଭୁବନେଶ୍ୱର,୧୪-୭

BRAND FACTORY BEST BRANDS • SMART PRICES

ବ୍ରାଣ୍ଡ୍ ଫ୍ୟାକ୍ଟ୍ରି ପକ୍ଷରୁ ରେଡ୍ ଜୋନ୍ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଷ୍ଟୋରରେ ସାରା ବର୍ଷ ବିଭିନ୍ନ ଅଫର ପ୍ରଦାନ କରାଯାଉଛି। ରେଡ୍ ଜୋନ୍ ସେଲ୍ ମାଧ୍ୟମରେ ଗ୍ରାହକମାନେ ଗୋଟିଏ ପୋଷାକ କ୍ରୟରେ ଆଉ ୨ଟି ବ୍ରାଣ୍ଡେଡ ପୋଷାକ ମାଗଣାରେ ପାଇପାରିବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଷ୍ଟୋରରେ ଲିକୁପର, ଲିଭାଇସ, ସ୍ପାଏକର, ରେମଣ୍ଡ, ବୁଫାଲୋ, ନାଇକ, ଆଡିଦାସ, କନ୍‌ଭର୍ସ ଏବଂ ଭିଆଇପି ଭଳି ବ୍ରାଣ୍ଡ ପାଇପାରିବେ। ଗ୍ରାହକଙ୍କୁ କ୍ରୟର ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବା ଲାଗି ଗୋଲ୍ଡ ଜୋନ ଏବଂ ପର୍ପଲ ଜୋନ ସେକ୍ସନ ଖୋଲାଯାଇଛି। ଏହି ଜୋନଗୁଡିକରୁ ଆକର୍ଷଣୀୟ ମୂଲ୍ୟରେ ଗ୍ରାହକ ପୋଷାକ କ୍ରୟ କରିବାକୁ ସକ୍ଷମ ହେବେ। ଏହି ସେଲ୍ ଦ୍ୱାରା ଫ୍ୟାସନ ଉତ୍ସବର ଅନୁଭୂତି ଗ୍ରାହକଙ୍କୁ ପ୍ରଦାନ କରିବା ଲାଗି ପଦକ୍ଷେପ ନେଇଥିବା ବ୍ରାଣ୍ଡ ଫ୍ୟାକ୍ଟ୍ରିର ସିଇଓ ସୁରେଶ ସାଧୱାନି କହିଛନ୍ତି। ବର୍ତ୍ତମାନ ବ୍ରାଣ୍ଡ ଫ୍ୟାକ୍ଟ୍ରି ୪୫ ସହରରେ ୯୭ ଷ୍ଟୋର ସହ ସେବା ଯୋଗାଉଛି। ଷ୍ଟୋରଗୁଡିକରେ ପୁରୁଷ, ମହିଳା, ଶିଶୁଙ୍କ ପୋଷାକ ସମେତ ହ୍ୟାଣ୍ଡବ୍ୟାଗ, ଲଗେଜ, ଟ୍ରଲି, ବ୍ୟାକ୍ ପ୍ୟାକ ଏବଂ ଅନ୍ୟାନ୍ୟ ଫ୍ୟାଶନ ସାମଗ୍ରୀ ଲାଭ କରିପାରିବେ।

## ରାଜ୍ୟରେ ରାସାୟନିକ ଶିଳ୍ପ ପାର୍କ ବିକାଶ ସମ୍ଭବ: ନାଲ୍‌କୋ ସିଏମ୍‌ଡି

ଭୁବନେଶ୍ୱର,୧୪-୭




ଇନଷ୍ଟିଚ୍ୟୁଟ ଅଫ୍ କେମିକାଲ ଟେକ୍ନୋଲୋଜି (ଆଇସିଟି) ଭୁବନେଶ୍ୱର କ୍ୟାମ୍ପସ ଦ୍ୱାରା ପ୍ରେରିତ ରାସାୟନିକ ଶିଳ୍ପ କ୍ଲଷ୍ଟର ରାଜ୍ୟର ଶିଳ୍ପାୟନକୁ ଇନ୍ଧନ ଯୋଗାଣ ଦିଗରେ କାର୍ଯ୍ୟକରିବ। ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦ ଶନିବାର ଏହା କହିଛନ୍ତି। ଆଇସିଟି ଭୁବନେଶ୍ୱର କ୍ୟାମ୍ପସରେ ପ୍ରକ୍ରିୟାକରଣ ଇଞ୍ଜିନିୟରିଂରେ ଏକଜିକ୍ୟୁଟିଭ ଏମ୍‌ଟେକ୍ ପ୍ରୋଗ୍ରାମର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇ ଡ.ଚାନ୍ଦ ଶିଳ୍ପ କାର୍ଯ୍ୟନିର୍ବାହୀଙ୍କ ପ୍ରଥମ ବ୍ୟାଚ୍‌କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ଉଦ୍ୟୋଗ ଭିତ୍ତିକ ନିଯୁକ୍ତି ଲାଗି ଆଗଭର ହେବାକୁ ଏଥିରେ ଚାନ୍ଦ ଗୁରୁତ୍ୱାରୋପ କରିଛନ୍ତି।

ଚାନ୍ଦ କହିଛନ୍ତି, ସାରା ଦେଶରେ ଏଭଳି ପାଠ୍ୟକ୍ରମ ପ୍ରଥମଥର ଲାଗି ଆରମ୍ଭ ହୋଇଛି। ରାସାୟନିକ ଶିଳ୍ପ କ୍ଲଷ୍ଟର ସ୍ଥାପନକୁ ଆଇସିଟି ଭୁବନେଶ୍ୱର ପ୍ରୋତ୍ସାହନ କରୁଛି। ଏହା ରାଜ୍ୟର ଶିଳ୍ପ କ୍ଷେତ୍ର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ବିଶେଷ ଭାବେ ସହାୟକ ହୋଇ ପାରିବ। ସେହିଭଳି ରାଜ୍ୟରେ ରାସାୟନିକ ଶିଳ୍ପ ପାର୍କର ବିକାଶ ସମ୍ଭବ ବୋଲି ଚାନ୍ଦ କାର୍ଯ୍ୟକ୍ରମରେ ମତ ରଖିଛନ୍ତି।

ଉଦ୍ୟମଶୀଳତା ଅଭିଯାନ ଉପରେ ଏଥିରେ ଆଇସିଟି କୁଳପତି ପ୍ରଫେସର ଜି.ଡି. ଯାଦବ ଗୁରୁତ୍ୱାରୋପ କରିଥିଲେ। ଆଇଆଇଟି ଖଡଗପୁରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଦାମୋଦର ଆଚାର୍ଯ୍ୟ, ଆଇସିଟି ଆଇଓସି ଭୁବନେଶ୍ୱର ନିର୍ଦ୍ଦେଶକ ବି.ଏନ୍. ଥୋରାଟ, ଆଇଓସିର ଏଚ୍‌ଆର୍ ନିର୍ଦ୍ଦେଶକ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆସିବ ଜାତୀୟ ରିଟେଲ ନୀତି

ନୂଆଦିଲ୍ଲୀ,୧୪-୭

ସରକାର ଆଗାମୀ ଦିନରେ ଏକ ଜାତୀୟ ରିଟେଲ୍ ଆଣିବା ଦିଗରେ ଅଗ୍ରସର ହେଉଛନ୍ତି। ଶିଳ୍ପ ପ୍ରୋତ୍ସାହନ ଏବଂ ଆନ୍ତଃ ବାଣିଜ୍ୟ ବିଭାଗ ପକ୍ଷରୁ ଏ ନେଇ ଶୀଘ୍ର ଏକ ଡ୍ରାଫ୍ଟ ପେପର ପ୍ରସ୍ତୁତ କରାଯିବା ସହ ଅଂଶୀଦାରଙ୍କ ମତାମତ ଲୋଡାଯିବା ନେଇ ଯୋଜନା ପ୍ରସ୍ତୁତ ହୋଇଛି। ଦେଶର ୬୫ ନିୟୁତ କ୍ଷୁଦ୍ର ବ୍ୟବସାୟୀଙ୍କ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରୁଥିବା ଜଣା ପଡିଛି। ଖୁଚୁରା ବ୍ୟବସାୟକୁ ଉତ୍ସାହିତ କରାଯିବା ସହ ଏହି କ୍ଷେତ୍ରରେ ଇଜ ଅଫ୍ ଡୁଇଙ୍ଗ ବିଜନେସକୁ ବଢାଇବା ଦିଗରେ ନୂଆ ନୀତି ସହାୟକ ହେବ ବୋଲି ଆଶା କରାଯାଉଛି। ସେହିଭଳି ଲାଇସେନ୍ସ ପ୍ରଦାନ, ପ୍ରତ୍ୟକ୍ଷ ବିକ୍ରି ଏବଂ ହାଇପର ମାର୍କେଟ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗକୁ ନୂଆ ନୀତିରେ ସରକାର ବିଚାର କରିବେ।

ରିଟେଲ କ୍ଷେତ୍ରର ଅଭିବୃଦ୍ଧି, ଡିଜିଟାଲ କାରବାର ଏବଂ ଭିତ୍ତିଭୂମି ଅସୁବିଧାକୁ କମ୍ କରିବା ଉପରେ ଏଥିର ଗୁରୁତ୍ୱ ଦିଆଯିବ ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏ ନେଇ ବିଚାରବିମର୍ଷ ଶେଷ ହୋଇଥିବା ବେଳେ ନୀତିର ଡ୍ରାଫ୍ଟ ପ୍ରକ୍ରିୟା ଚାଲୁ ରହିଛି। ଯାହା ଶୀଘ୍ର ଅଂଶୀଦାରଙ୍କ ମତାମତ ଲାଗି ଜାରି କରାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ୧୦୦ ଦିନିଆ ଆକ୍ସନ ପ୍ଲାନର ଏହା ଏକ ଅଂଶବିଶେଷ।

## ପିଏନ୍‌ବି ପରେ ଆଲ୍ଲାହାବାଦ ବ୍ୟାଙ୍କକୁ ଠକିଛି ଭୂଷଣ ପାୱାର

ନୂଆଦିଲ୍ଲୀ,୧୪-୭

ପିଏନ୍‌ବି ପରେ ଆଉ ଏକ ରାଷ୍ଟ୍ରାୟତ୍ତ ଆଲ୍ଲାହାବାଦ୍ ବ୍ୟାଙ୍କକୁ ଠକିଛି ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍। ଏହି କମ୍ପାନୀ ୧୭୭୫ କୋଟି ଟଙ୍କାର ଋଣ ଠକେଇ କରିଥିବା ନେଇ ବ୍ୟାଙ୍କ ପକ୍ଷରୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନିକଟରେ ଅଭିଯୋଗ କରାଯାଇଛି। ଷ୍ଟକ୍ ଏକ୍ସଚେଞ୍ଜକୁ ଦେଇଥିବା ନିୟାମକୀୟ ସୂଚନାରେ ଆଲ୍ଲାହାବାଦ୍ ବ୍ୟାଙ୍କ ଦର୍ଶାଇଛି ଯେ, ଏହା ଫରେନ୍ସିକ ଅଡିଟ୍ ଯାଞ୍ଚର ନିଷ୍କର୍ଷ ଏବଂ ସିବିଆଇ ଦ୍ୱାରା ଦରଜ ହୋଇଥିବା ଏତଲା ଭିତ୍ତିରେ ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ୧୭୭୪.୮୨ କୋଟି ଟଙ୍କାର ଋଣ ଠକେଇ କରିଥିବା ଜଣାପଡିଛି। ବ୍ୟାଙ୍କିଙ୍ଗ ପ୍ରଣାଳୀର ଦୁରୁପଯୋଗ କରି ଏହା ନେଇଥିବା ଋଣ ଅର୍ଥକୁ ଅନ୍ୟତ୍ର କାର୍ଯ୍ୟରେ ଲଗାଇଛି ବୋଲି ବ୍ୟାଙ୍କ ଅଭିଯୋଗ କରିଛି।

## ସୋନି ଆଣିଲା ନୂଆ ସାଉଣ୍ଡବାର

ଭୁବନେଶ୍ୱର,୧୪-୭



ସୋନି ଇଣ୍ଡିଆ ପକ୍ଷରୁ ଡଲବି ଆଟମସ ସୁବିଧା ଥିବା ନୂଆ ସାଉଣ୍ଡବାର ଏଚ୍‌ଟି-ଜେଡ୍‌୯ଏଫ୍ ଏବଂ ଏସ୍‌ଏଜେଡ ୯ ବଜାରକୁ ଆସିଛି। ଏହି ପ୍ରଡକ୍ଟ ସାରା ଦେଶରେ ଥିବା ସୋନି ସେଣ୍ଟର, ଗୁରୁତ୍ୱପୂର୍ଣ୍ଣ ଇଲେକଟ୍ରୋନିକ୍ସ ଷ୍ଟୋର ଏବଂ ଇ-କମର୍ସ ଷ୍ଟୋରଗୁଡିକରେ ଉପଲବ୍ଧ ହେବ। ଏଥିଲାଗି ପ୍ରି ବୁକିଂ ଅଫର ମଧ୍ୟ କମ୍ପାନୀ ପ୍ରଦାନ କରିଛି। ଏହି ପ୍ରଡକ୍ଟଗୁଡିକ ସିନେମା ବିଭାଗ ପାଇଁ ଯୁଗାନ୍ତକାରୀ ସାବ୍ୟସ୍ତ ହେବ ବୋଲି ସୋନି ଇଣ୍ଡିଆର ଏମ୍‌ଡି ସୁନୀଲ ନାୟାର କହିଛନ୍ତି। ବର୍ତ୍ତମାନ ଘରେ ଡଲବୀର ଅନୁଭବ ପାଇବା ସହଜ ହେବ ବୋଲି ଡଲବି ଲାବରୋଟୋରିଜର ଆଞ୍ଚଳିକ ବାଣିଜ୍ୟ ନିର୍ଦ୍ଦେଶକ ଅସୀମ ମାଥୁର କହିଛନ୍ତି।

## ଅନ୍ତର୍ଜାତୀୟ ଉଡାଣ ଉପରେ ଏୟାର ଏସିଆର ରିହାତି

ଭୁବନେଶ୍ୱର,୧୪-୭



ଏୟାର ଏସିଆ ପକ୍ଷରୁ ଅନ୍ତର୍ଜାତୀୟ ଉଡାଣ ଉପରେ ଆକର୍ଷଣୀୟ ରିହାତି ଘୋଷଣା କରାଯାଇଛି। ଭୁବନେଶ୍ୱରରୁ ଯାତ୍ରୀମାନେ ବ୍ୟାଙ୍କକ, କୁଆଲାଲମ୍ପୁର ଭଳି ସ୍ଥାନଗୁଡିକୁ ୭୦% ପର୍ଯ୍ୟନ୍ତ ରିହାତିରେ ବିମାନ ଯାତ୍ରା କରିପାରିବେ। ଏବେ ବିମାନ ଯାତ୍ରା ପାଇଁ ଆଗୁଆ ବୁକିଂ କରୁଥିବା ଗ୍ରାହକଙ୍କ ସଂଖ୍ୟା ବଢୁଛି। ଏହି ସେଲ ଦ୍ୱାରା ଯାତ୍ରୀମାନେ ନିଜ ପସନ୍ଦର ସ୍ଥାନକୁ ସୁଲଭ ବଜେଟରେ ଚୟନ କରିପାରିବେ ବୋଲି ଏୟାର ଏସିଆ ଇଣ୍ଡିଆ ସିଓଓ ସଞ୍ଜୟ କୁମାର କହିଛନ୍ତି। ଅଗ୍ରିମ ବୁକିଂ ଯୋଜନା ଏବଂ ଏୟାର ଏସିଆରେ ଯାତ୍ରା ନେଇ ଗ୍ରାହକଙ୍କୁ ଉତ୍ସାହିତ କରାଯାଉଥିବା ସିଓଓ କୁମାର କହିଛନ୍ତି। ଏହି ସେଲ ଚଳିତ ମାସ ୧୫ରୁ ୨୧ ଯାଏ ଚାଲିବ। ଚଳିତବର୍ଷ ଜୁଲାଇ ୨୨ରୁ ୨୦୨୦ ଫେବୃୟାରୀ ଯାଏ ଯାତ୍ରୀ ଏଠାରେ ଯାତ୍ରା ସୁବିଧା ପାଇ ପାରିବେ। ଏୟାର ଏସିଆ ବର୍ତ୍ତମାନ ଦେଶର ୧୯ଟି ସ୍ଥାନକୁ ସେବା ସଂଯୋଗ କରୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

MCL
**Mahanadi Coalfields Limited**
(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Ph. (EPABX) : 0663-2542461 to 469 Website : www.mahanadicoal.in

**GENERAL TENDER NOTICE FOR e-PROCUREMENT**

Mahanadi Coalfields Limited(MCL) is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of MCL (**https://coalindiatenders.nic.in**) as well as on the Central Public Procurement portal of Govt. of India (**http://eprocure.gov.in**). Bids are to be submitted ONLINE on the above e- Procurement portal of MCL by enrolled Bidders. EMD can also be submitted online. Enrollment of Bidders on the e-Procurement portal of MCL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of MCL for enrollment and participation in Tenders.[**Contact details: Tel.-0663-2542264/2542230/ 2542695** (available during office hours only); **email- hlp-eproc.mcl@nic.in**] R-4923

*Give a missed call on toll free number 1800 200 3004 to get our Apps.*





# ଲର୍ଡ୍ସ ଲଢ଼େଇରେ ଇଂଲଣ୍ଡର ବାଜିମାତ୍

**ଲଣ୍ଡନ,୧୪।୭(ପି.ଟି.)**

କ୍ରିକେଟର ଜନକ କୁହାଯାଇଥିବା ଇଂଲଣ୍ଡ ଶେଷରେ ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ରୋମାଞ୍ଚକ ଫାଇନାଲ ମ୍ୟାଚ୍‌ରେ ଇଂଲଣ୍ଡ ସୁପର ଓଭରରେ ନ୍ୟୁଜିଲାଣ୍ଡକୁ ହରାଇ ପ୍ରଥମଥର ପାଇଁ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଛି। ଏଥି ସହିତ ଇଂଲଣ୍ଡର ଦୀର୍ଘ ୪୪ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ଆୟୋଜକ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ରବିବାର ଖେଳାଯାଇଥିବା ରୋମାଞ୍ଚକ ଫାଇନାଲ ମ୍ୟାଚ୍ ଶେଷରେ ଟାଇରେ ଶେଷ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫୦ ଓଭରରେ ୮ ଉଇକେଟ ହରାଇ ୨୪୧ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ଠିକ ୫୦ ଓଭରରେ ସମାନ ୨୪୧ ରନକରି ଅଲଆଉଟ ହୋଇଥିଲା। ଅନ୍ତିମ ଓଭରରେ ବିଜୟ ପାଇଁ ୧୫ ରନ ଆବଶ୍ୟକ ହେଉଥିବା ବେଳେ ଇଂଲଣ୍ଡ ୧୪ ରନ ସଂଗ୍ରହ କରିପାରିଥିଲା। ୯୮ ବଲରୁ ୫ ଚୌକା ଓ ୨ ଛକା ସହ ବେନ୍ ଷ୍ଟୋକ୍ସ ଦ୍ରୁତ ୮୪ ରନ କରି ଇଂଲଣ୍ଡକୁ ପରାଜୟରୁ ରକ୍ଷା କରିଥିଲେ। ମ୍ୟାଚ ଟାଇ ହେବାଫଳରେ ସୁପର ଓଭର ଖେଳା ଯାଇଥିଲା। ଏଥିରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ବିନାକ୍ଷତିରେ ୧୫ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ଗୋଟିଏ ଉଇକେଟ ହରାଇ ସମାନ ୧୫ ରନ କରିଥିଲା। ଶେଷ ବଲରେ ୨ ରନ ନେବାକୁ ଯାଇ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ରନଆଉଟ ହୋଇଥିଲେ। ତେବେ ଅପେକ୍ଷାକୃତ ଅଧିକ ସଂଖ୍ୟାକ ବାଉଣ୍ଡରି ମାରିଥିବାରୁ ଇଂଲଣ୍ଡ ବିଜୟୀ ଘୋଷିତ ହୋଇଥିଲା ଓ ଇଂଲଣ୍ଡର ସ୍ୱପ୍ନ ସାକାର ହୋଇଥିଲା। ଶେଷ ୩ଟି ବିଶ୍ୱକପ୍‌ରେ ଆୟୋଜକ ଦେଶମାନେ ବାଜି ମାରିଛନ୍ତି। ପୂର୍ବରୁ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଟାଇ ହୋଇ ନ ଥିଲା।

୨୪୨ରନ ଆଭରେଜ ଟାର୍ଗେଟର ପିଛା କରି ଇଂଲଣ୍ଡ ଭଲ ଆରମ୍ଭ କରିପାରି ନ ଥିଲା। ଦଳ ମାତ୍ର ୭୧ ରନରେ ଟପ୍ ଅର୍ଡର ଇନ୍‌ଫର୍ମ ୩ ମୂଲ୍ୟବାନ ଉଇକେଟ ହରାଇଥିଲା। ସାରା ଟୁର୍ନାମେଣ୍ଟରେ ଧୂଆଁଧାର ପ୍ରଦର୍ଶନ କରିଥିବା ଦୁଇ ଓପନର ଜାସନ ରୟ ଓ ଜନି ବେୟାରଷ୍ଟୋଙ୍କ ସମେତ ଜୋ ରୁଟ୍ ପ୍ୟାଭିଲିୟନ ଫେରିଥିଲେ। ୩ ଚୌକା ସହ ୨୦ ବଲରୁ ୧୭ ରନ କରିଥିବା ବେଳେ ରୟ ମ୍ୟାଟ୍ ହେନରିଙ୍କ ଅଫ୍ ଷ୍ଟମ୍ପ ବାହାରର ବଲ୍‌କୁ ଖେଳିବାକୁ ଯାଇ ଉଇକେଟ କିପର ଟମ୍ ଲଥାମଙ୍କ ହାତରେ ଧରାପଡି ପ୍ରଥମେ ଆଉଟ ହୋଇଥିଲେ। ଜବରଦସ୍ତ ଫର୍ମରେ ଥିବା ରୁଟ୍ ମାତ୍ର ୭ ରନକରି ଆଉଟ ହେବା ସହ ଘରୋଇ ଦର୍ଶକଙ୍କୁ ନିରାଶ କରିଥିଲେ। ସେ କଲିନ ଡି ଗ୍ରାଣ୍ଡହୋମଙ୍କ ଅଫ୍ ଷ୍ଟମ୍ପ ବାହାରର ଗୁଡ ଲେନ୍ଥ ବଲ୍‌କୁ ଖେଳିବାକୁ ପ୍ରୟାସ କରିଥିଲେ। ବଲ୍ ବ୍ୟାଟ୍‌ର ଇନ୍‌ସାଇଡ୍ ଏଜ୍ ନେଇଥିଲା ଓ ଲଥାମ ଏକ ସହଜ କ୍ୟାଚ ନେଇ ରୁଟ୍‌ଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଏହାପରେ ବେୟାରଷ୍ଟୋ ୩୬ ରନ (୫୫ ବଲ, ୭ ଚୌକା) କରିଥିବା ବେଳେ ଲୋକି ଫର୍ଗୁସନଙ୍କ ଅଫ୍ ଷ୍ଟମ୍ପ ବାହାର ବାଉନ୍ସ ବଲ୍‌କୁ ଜମ୍ପ ଖେଳିବାକୁ ଯାଇଥିଲେ। ତେବେ ବଲ୍ ବ୍ୟାଟ୍ ଭିତର ପଟର ଏଜ୍ ନେଇ ଷ୍ଟମ୍ପରେ ବାଜିଥିଲା। ଫଳରେ ରୁଟ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଧିନାୟକ ଇଅନ ମୋର୍ଗାନଙ୍କ ପାଳି ପାଳି ପଡିଥିଲା। ଭଲ ଫର୍ମରେ ନ ଥିବା ମୋର୍ଗାନ ଜେମ୍ସ ନିଶାମଙ୍କ ୱାଇଡ୍ ଲେନ୍ଥ ବଲ୍‌କୁ ଜୋର୍‌ଦାର ଶଟ୍ ଖେଳିବାକୁ ଯାଇ ପଏଣ୍ଟ ବାଉଣ୍ଡରିରେ ଫର୍ଗୁସନଙ୍କୁ କ୍ୟାଚ୍ ଦେଇଥିଲେ। ଫର୍ଗୁସନ ଏକ ସୁନ୍ଦର କ୍ୟାଚ୍ ନେଇଥିଲେ। ମୋର୍ଗାନ ମନ୍ଥର ବ୍ୟାଟିଂ କରି ୨୨ଟି ବଲର ସମ୍ମୁଖୀନ ହୋଇ ମାତ୍ର ୯ ରନକରି ପ୍ୟାଭିଲିୟନ ଫେରିଥିଲେ। ଇଂଲଣ୍ଡ ୮୪ ରନରେ ଟପ୍ ଅର୍ଡର ୪ ଉଇକେଟ ହରାଇ ବିପଦରେ ପଡିଥିଲା। ଏହାପରେ ପଞ୍ଚମ ଉଇକେଟରେ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ୍ ବଟଲର ଲଢୁଆ ପ୍ରଦର୍ଶନ କରି ୧୨୯ଟି ବଲ୍‌ରୁ ୧୧୦ ରନର ଶତକୀୟ ଭାଗୀଦାରି ସ୍ଥାପନ କରି ସ୍ଥିତି ସମ୍ଭାଳିବା ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ତେବେ ବଟଲର ୬୦ ବଲରୁ ୬ ଚୌକା ସହ ଦ୍ରୁତ ୫୯ ରନ କରି ଫର୍ଗୁସନଙ୍କ ବଲ୍‌ରେ ଏକ୍ସଟ୍ରା କଭର ଉପରେ ଦେଇ ଛକା ମାରିବାକୁ ଯାଇ ବଦଳ ଖେଳାଳି ଟିମ ସାଉଦିଙ୍କ ହାତରେ ଧରା ପଡ଼ିଥିଲେ। ଏହାପରେ ୨ ରନ କରି ଥିବା ବେଳେ କ୍ରିସ୍ ୱୋକ୍ସ ଫର୍ଗୁସନଙ୍କ ବାଉନ୍ସ ବଲ୍‌କୁ ଲମ୍ବା ଶଟ ଖେଳିବାକୁ ଯାଇଥିଲେ। ତେବେ ବଲ ବ୍ୟାଟ୍‌ରେ ଠିକ୍ ରୁପେ ସଂଯୋଗ ନ ହେବା କାରଣରୁ ସେ ଲଥାମଙ୍କ ହାତରେ ଧରା ପଡି ପ୍ୟାଭିଲିୟନ ଫେରିଥିଲେ। ସେହିପରି ଲିୟମ ପ୍ଲଙ୍କେଟ ୧୦ ରନ କରି ଆଉଟ ହୋଇଥିଲେ। ଏହାର ଦୁଇଟି ବଲରେ ଜୋଫ୍ରା ଆର୍ଚର ଖାତ ଖୋଲିବା ପୂର୍ବରୁ ନିଶାମ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ୨ ରନ ନେବାକୁ ଯାଇ ଆଡିଲ ରସିଦ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଇନିଂସର ଶେଷ ବଲ୍‌ରେ ଅନୁରୂପ ଭାବେ ୨ ରନ ନେବାକୁ ଯାଇ ମାର୍କ ଉଡ୍ ବୋଲ୍ଟଙ୍କ ଦ୍ୱାର ରନ୍ ଆଉଟ ହୋଇଥିଲେ। ଫଳରେ ମ୍ୟାଚ୍ ଟାଇ ହୋଇଥିଲା। ଦଳ ଅଲ୍‌ଆଉଟ ହୋଇଥିଲେ ମଧ୍ୟ ବେନ୍ ଷ୍ଟୋକ୍ସ ୮୪ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଫର୍ଗୁସନ ଓ ନିଶାମ ୩ଟି ଲେଖାଏ, ଆର୍ଚର ଓ ଉଡ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ମେଘୁଆ ପାଗରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ନ୍ୟୁଜିଲାଣ୍ଡ ତରଫରୁ ଦୁଇ ଓପନର ମାର୍ଟିନ ଗୁପ୍ଟିଲ ଓ ନିକୋଲ୍ସ ଦେଖିଚାହିଁ ଆରମ୍ଭ କରିଥିଲେ। ଖରାପ ଫର୍ମ ଦେଇ ଗତି କରୁଥିବା ଅଭିଜ୍ଞ ମାର୍ଟିନ ଗୁପ୍ଟିଲ ପ୍ରଥମେ ଆଉଟ ହୋଇଥିଲେ। ୧୮ ବଲରୁ ୨ ଚୌକା ଓ ୧ ଛକା ସହ ୧୯ ରନ କରିଥିବା ଗୁପ୍ଟିଲ କ୍ରିସ୍ ୱୋକ୍ସଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ବ୍ୟାଟ୍‌ରେ ଏଜ୍ ନେଇଥିବା ଭାବି ସେ ରିଭ୍ୟୁ ନେଇଥିଲେ ମଧ୍ୟ କିଛି ଫଳ ହୋଇ ନ ଥିଲା। । ଇନ୍‌ଫର୍ମ ଅଧିନାୟକ କେନ୍ ୱିଲିୟମସନ ଅବଶ୍ୟ ଏହି ହାଇଭୋଲ୍‌ଟେଜ ନିର୍ଣ୍ଣାୟକ ମ୍ୟାଚ୍‌ରେ ଚମକ ଦେଖାଇବାରେ ବିଫଳ ହୋଇଥିଲେ। ଧିମା ଆରମ୍ଭ କରି ୫୩ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ସହ ୩୦ ରନ କରିଥିବା ବେଳେ ସେ ଲିଅମ୍ ପ୍ଲଙ୍କେଟଙ୍କ ବଲ୍‌ରେ ଉଇକେଟକିପର ଜୋସ ବଟଲରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଦ୍ୱିତୀୟ ଉଇକେଟରେ ୱିଲିୟମସନ ଓ ନିକୋଲ୍ସ ୭୪ ରନ ସଂଗ୍ରହ କରିଥିଲେ। ଏହାପରେ ୭୭ ବଲରୁ ୪ ଚୌକା ସହ ୫୫ରନର ଅର୍ଦ୍ଧଶତକୀୟ ପାଳି ଖେଳି ନିକୋଲ୍ସ ଆଉଟ ହୋଇଥିଲେ। ଲାଇନ୍‌ମିସ୍ କରି ନିକୋଲ୍ସ ପ୍ଲଙ୍କେଟଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଭିଜ୍ଞ ରସ୍ ଟେଲର ଫାଇନାଲରେ କିନ୍ତୁ ବିଫଳ ହୋଇଥିଲେ। ୩୧ଟି ବଲ୍ ଖେଳି ମାତ୍ର ୧୫ ରନ କରିଥିବା ବେଳେ ସେ ମାର୍କ ଉଡ୍‌ଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଜେମ୍ସ ନିଶାମ ୨୫ଟି ବଲ ଖେଳି ୩ ଚୌକା ସହ ୧୯ ରନ କରିଥିବା ବେଳେ ମିଡ୍‌ଅନ୍ ଉପରେ ବଡ଼ ଶଟ୍ ଖେଳିବାକୁ ପ୍ରୟାସ କରି ଜୋ ରୁଟ୍‌ଙ୍କୁ କ୍ୟାଚ୍ ଦେଇ ପ୍ଲଙ୍କେଟଙ୍କ ତୃତୀୟ ଶିକାର ହୋଇଥିଲେ। କଲିନ୍ ଡି ଗ୍ରାଣ୍ଡହୋମ ମନ୍ଥର ବ୍ୟାଟିଂ କରି ୨୮ ବଲରୁ ୧୬ ରନ କରିଥିବା ବେଳେ ୱୋକ୍ସଙ୍କ ବଲ୍‌ରେ ମିଡ୍‌ଅନ୍‌କୁ ଜୋରଦାର ଶଟ୍ ଖେଳିଥିଲେ। ତେବେ ବଲ୍ ବ୍ୟାଟ୍‌ର ଏଜ୍ ନେଇ ମିଡ୍ ଅଫ୍ ଅଞ୍ଚଳକୁ ଯାଇଥିଲା ଓ ବଦଳ ଖେଳାଳି ଜେମ୍ସ ଭିନ୍ସ ସହଜ କ୍ୟାଚ ନେଇ ତାଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ୍ ଲଥାମ ୨ ଚୌକା ଓ ୧ ଛକା ସହ ୫୬ ବଲରୁ ୪୭ ରନ କରିଥିବା ବେଳେ ୱୋକ୍ସଙ୍କ ଏକ ଅଫ୍ ଷ୍ଟମ୍ପ ବାହାରର ସ୍ଲୋ ଫୁଲ ଲେନ୍ଥ ବଲ୍‌କୁ ମିଡ ଅଫ୍ ଉପର ଦେଇ ମାରିବାକୁ ଚେଷ୍ଟା କରିଥିଲେ। ବଲ୍ କିନ୍ତୁ ବ୍ୟାଟ୍‌ର ନିମ୍ନରେ ବାଜିଥିଲା ଓ ଭିନ୍ସ ତାଙ୍କ କ୍ୟାଚ ନେଇଥିଲେ। ଷଷ୍ଠ ଉଇକେଟରେ ଲଥାମ ଓ ଗ୍ରାଣ୍ଡହୋମ୍ ଗୁରୁତ୍ୱପୂର୍ଣ୍ଣ ୪୬ ରନ ସଂଗ୍ରହ କରିଥିଲେ। ଏକଦା ଗୋଟିଏ ଉଇକେଟ ହରାଇ ନ୍ୟୁଜିଲାଣ୍ଡ ୧୦୩ ରନ ସଂଗ୍ରହ କରି ଦୃଢ ସ୍ଥିତିରେ ରହିଥିଲା। ତେବେ ନିୟମିତ ଉଇକେଟ ହରାଇ ଦଳ ବଡ଼ ସ୍କୋର ହାସଲ କରିପାରି ନ ଥିଲା। ଇଂଲଣ୍ଡ ବୋଲରମାନେ ଭଲ ବୋଲିଂ କରିଥିଲେ ମଧ୍ୟ ଫାଇନାଲ ଭଳି ନିର୍ଣ୍ଣାୟକ ମ୍ୟାଚ୍‌ରେ ଅତିରିକ୍ତ ୩୦ ରନ ବ୍ୟୟ କରିଥିଲେ। ବୋଲିଂରେ ୱୋକ୍ସ ଓ ପ୍ଲଙ୍କେଟ ୩ଟି ଲେଖାଏ, ଆର୍ଚର ଓ ଉଡ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ଇଂଲଣ୍ଡ ଖେଳାଳିଙ୍କ ବିଜୟ ଉଲ୍ଲାସ ।

## ସ୍କୋର ବୋର୍ଡ

**ନ୍ୟୁଜିଲାଣ୍ଡ ଇନିଂସ**
ଗୁପଟିଲ-ଏଲବିଡବଲ୍ୟୁ-ୱୋକ୍ସ-୧୯
ନିକୋଲ୍ସ-ବୋ-ପ୍ଲଙ୍କେଟ-୫୫
ୱିଲିୟମସନ-କ-ବଟଲର-ବୋ-ପ୍ଲଙ୍କେଟ-୩୦
ଟେଲର-ଏଲବିଡବଲ୍ୟୁ-ଉଡ୍-୧୫
ଲାଥାମ-କ-ଭିନ୍ସ(ଅ)-ବୋ-ୱୋକ୍ସ-୪୭
ନିଶାମ-କ-ରୁଟ୍-ବୋ-ପ୍ଲଙ୍କେଟ-୧୯
ଗ୍ରାଣ୍ଡହୋମ-କ-ଭିନ୍ସ(ଅ)-ବୋ-ୱୋକ୍ସ-୧୬
ସାଣ୍ଟନର-ନଟଆଉଟ-୫
ହେନରି-ବୋ-ଆର୍ଚର-୪
ବୋଲ୍ଟ-ନଟଆଉଟ-୧
ଅତିରିକ୍ତ-୩୦
ମୋଟ(୮ ଉଇକେଟ, ୫୦ ଓଭର) ୨୪୧।
ଉଇକେଟ ପତନ: ୧/୨୯, ୨/୧୦୩, ୩/୧୧୮, ୪/୧୪୧, ୫/୧୭୩, ୬/୨୧୯, ୭/୨୩୨, ୮/୨୪୦।

**ବୋଲିଂ(ଇଂଲଣ୍ଡ)**
ୱୋକ୍ସ ୯-୦-୩୭-୩
ଆର୍ଚର ୧୦-୦-୪୨-୧
ପ୍ଲଙ୍କେଟ ୧୦-୦-୪୨-୩
ଉଡ୍ ୧୦-୧-୪୯-୧
ରଶିଦ ୮-୦-୩୯-୦
ଷ୍ଟୋକ୍ସ ୩-୦-୨୦-୦।

**ଇଂଲଣ୍ଡ ଇନିଂସ**
ଜାସନ ରୟ-କ-ଲଥାମ-ବୋ-ହେନରି-୧୭
ବେୟାରଷ୍ଟୋ-ବୋ-ଫର୍ଗୁସନ-୩୬
ରୁଟ୍-କ-ଲଥାମ-ବୋ-ଗ୍ରାଣ୍ଡହୋମ୍-୭
ମୋର୍ଗାନ-କ-ଫର୍ଗୁସନ-ବୋ-ନିଶାମ-୯
ଷ୍ଟୋକ୍ସ-ନଟଆଉଟ-୮୪
ବଟଲର-କ-ସୌଦି-ବୋ-ଫର୍ଗୁସନ-୫୯
ୱୋକ୍ସ-କ-ଲଥାମ-ବୋ-ଫର୍ଗୁସନ-୨
ପ୍ଲଙ୍କେଟ-କ-ବୋଲ୍ଟ-ବୋ ନିଶାମ-୧୦
ଜୋଫ୍ରା ଆର୍ଚର-ବୋ-ନିଶାମ-୦
ଅଦିଲ ରଶିଦ୍-ରନ ଆଉଟ-୦
ମାର୍କ ଉଡ୍-ରନଆଉଟ-୦
ଅତିରିକ୍ତ-୧୭
ମୋଟ: (୫୦ ଓଭର, ଅଲଆଉଟ) ୨୪୧।
**ଉଇକେଟ ପତନ:** ୧/୨୮, ୨/୫୯, ୩/୭୧, ୪/୮୬, ୫/୧୯୬, ୬/୨୦୩, ୭ /୨୨୦, ୮/୨୨୭, ୯/୨୪୦,୧୦/୨୪୧।

**ବୋଲିଂ (ନ୍ୟୁଜିଲାଣ୍ଡ)**
ଟ୍ରେଣ୍ଟ ବୋଲ୍ଟ ୧୦-୦-୬୭-୦
ମ୍ୟାଟ୍ ହେନରି ୧୦-୨-୪୦-୧
କଲିନ ଡି' ଗ୍ରାଣ୍ଡହୋମ୍ ୧୦-୨-୨୫-୧
ଲୋକି ଫର୍ଗୁସନ ୧୦-୦-୫୦-୩
ଜେମ୍ସ ନିଶାମ ୭-୦-୪୩-୩
ମିଚେଲ ସାଣ୍ଟନର ୩-୦-୧୧-୦।

## ବିଶ୍ୱକପରେ ଇଂଲଣ୍ଡ
୧୯୭୫(ଇଂଲଣ୍ଡ): ସେମିଫାଇନାଲ
୧୯୭୯(ଇଂଲଣ୍ଡ): ରନର୍ସଅପ୍
୧୯୮୩(ଇଂଲଣ୍ଡ): ସେମିଫାଇନାଲ
୧୯୮୭(ଭାରତ/ପାକିସ୍ତାନ): ରନର୍ସଅପ୍
୧୯୯୨(ଅଷ୍ଟ୍ରେଲିଆ/ନ୍ୟୁଜିଲାଣ୍ଡ): ରନର୍ସଅପ୍
୧୯୯୬(ଭାରତ/ପାକିସ୍ତାନ/ଶ୍ରୀଲଙ୍କା): କ୍ୱାର୍ଟର ଫାଇନାଲ
୧୯୯୯(ଇଂଲଣ୍ଡ/ୱେଲ୍ସ): ଗ୍ରୁପ ପର୍ଯ୍ୟାୟ
୨୦୦୩(ଦକ୍ଷିଣ ଆଫ୍ରିକା): ଗ୍ରୁପ ପର୍ଯ୍ୟାୟ
୨୦୦୭(ୱେଷ୍ଟଇଣ୍ଡିଜ): ସୁପର ଏଇଟ
୨୦୧୧(ଭାରତ/ଶ୍ରୀଲଙ୍କା /ବାଂଲାଦେଶ): କ୍ୱାର୍ଟର ଫାଇନାଲ
୨୦୧୫(ଅଷ୍ଟ୍ରେଲିଆ/ନ୍ୟୁଜିଲାଣ୍ଡ): ଗ୍ରୁପ ପର୍ଯ୍ୟାୟ
୨୦୧୯(ଇଂଲଣ୍ଡ/ୱେଲ୍ସ): ଚାମ୍ପିୟନ

| ବିଶ୍ୱକପ୍‌ରେ ଅଧିନାୟକ ଭାବେ ସର୍ବାଧିକ ରନ |
|---|
| ୫୭୮: କେନ୍ ୱିଲିୟମସନ(ନ୍ୟୁଜିଲାଣ୍ଡ), ୨୦୧୯ |
| ୫୪୮: ମାହେଲା ଜୟବର୍ଦ୍ଧନେ(ଶ୍ରୀଲଙ୍କା), ୨୦୦୭ |
| ୫୩୯: ରିକି ପଣ୍ଟିଂ(ଅଷ୍ଟ୍ରେଲିଆ), ୨୦୦୭ |
| ୫୦୭: ଆରୋନ ଫିଞ୍ଚ(ଅଷ୍ଟ୍ରେଲିଆ), ୨୦୧୯ |




**କିମ୍ବଦନ୍ତୀଙ୍କ ସମାହାର**

ମ୍ୟାଚ ପୂର୍ବରୁ ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନଙ୍କ ସହ କରମର୍ଦ୍ଦନ କରୁଛନ୍ତି ସଚିନ ତେନ୍ଦୁଲକର। ବ୍ରାଇନ ଲାରା ଓ ଶେନ ୱର୍ନ।

ଟ୍ରାଫାଲଗାର ସ୍କୋୟାରରେ ଦର୍ଶକମାନେ ବଡ଼ ସ୍କ୍ରିନ୍ ମାଧ୍ୟମରେ ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଫାଇନାଲକୁ ଉପଭୋଗ କରୁଛନ୍ତି।

"ଆଇସିସି ବିଶ୍ୱକପ୍ ଲିଗ୍ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ବିପକ୍ଷ ପରାଜୟ ଆମକୁ ହତୋତ୍ସାହିତ କରିବା ପରିବର୍ତ୍ତେ ଜାଗ୍ରତ କରାଇ ଦେଇଥିଲା
–ଜାସନ ରୟ, ଇଂଲଣ୍ଡ କ୍ରିକେଟର



"ରିଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ କ୍ରିକେଟ ଦଳ ପାଇଁ ବହୁ ମୂଲ୍ୟବାନ ସେମାନଙ୍କର ଠିକଣା ଉପଯୋଗ ଆବଶ୍ୟକ।
–ଗୌତମ ଗମ୍ଭୀର, ପୂର୍ବତନ କ୍ରିକେଟର



## ସଂକ୍ଷେପରେ

### ଜୁନିୟର ଶୁଟିଂ ବିଶ୍ୱକପ୍
### ଦ୍ୱିତୀୟ ଦିବସରେ ଭାରତକୁ ୬ ପଦକ

**ନୂଆଦିଲ୍ଲୀ, ୧୪।୭ (ପି.ଟି.):** ଜର୍ମାନୀର ସୁଲ୍ଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଜୁନିୟର ୱାର୍ଲ୍ଡ କପ୍ ରାଇଫଲ/ପିସ୍ତଲ/ଶଟ୍‌ଗନ୍ ଚାମ୍ପିୟନଶିପ୍‌ରେ ରବିବାର ଦ୍ୱିତୀୟ ଦିବସରେ ଭାରତ ଦୁଇ ସ୍ୱର୍ଣ୍ଣ ସମେତ ୬ଟି ପଦକ ହାସଲ କରିଛି। ଫଳରେ ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ଭାରତର ମୋଟ ପଦକ ସଂଖ୍ୟା ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସହ ୧୧ରେ ପହଞ୍ଚିଛି। ରବିବାର ଅନୁଷ୍ଠିତ ପୁରୁଷ ୫୦ ମିଟର ପିସ୍ତଲରେ ଭାରତର ଗୌରବ ରାଣା ଏବଂ ଅର୍ଜୁନ ସିଂ ଚିମା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ। ରାଣା ୬୦ ଶଟ୍‌ପରେ ୫୫୩ ସ୍କୋର କରିଥିବାବେଳେ ଚିମା ୫୫୧ ସହ ଦ୍ୱିତୀୟ ହୋଇଥିଲେ। ଏହି ଦୁଇଜଣ ବିଜୟବୀର ସିଦ୍ଧୁ (୫୪୭)ଙ୍କ ସହିତ ମୋଟ ୧୬୫୧ ସ୍କୋର କରି ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରତିଯୋଗିତାରେ ବିଜୟବୀରଙ୍କର ଏହା ହେଉଛି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ଶନିବାର ପ୍ରଥମ ଦିବସରେ ସେ ୨୫ ମିଟର ପିସ୍ତଲ ଟିମ୍ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ମହିଳା ୫୦ ମିଟର ପିସ୍ତଲରେ ପ୍ରିୟା ରାଘବନ ୫୩୫ ସ୍କୋର କରିବା ସହ ରୌପ୍ୟ ଓ ବିଭୂତି ଭାଟିଆ ୫୩୧ ପଏଣ୍ଟ ସହ ବ୍ରୋଞ୍ଜ ପାଇଥିଲେ। ଏହି ଦୁଇଜଣ ଆହୁରି ମଧ ହର୍ଷଦା ନିଥାଭେ (୪୯୧)ଙ୍କ ସହ ମୋଟ ୧୫୫୭ ସ୍କୋର କରି ଟିମ୍ ରୌପ୍ୟ ଜିତିଥିଲେ।

### ପୁଣି ବଢ଼ିବ ଆଇପିଏଲ ଦଳ ସଂଖ୍ୟା

**ମୁମ୍ବାଇ, ୧୪।୭:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଫ୍ରାଞ୍ଚାଇଜ ସଂଖ୍ୟା ପୁଣି ଥରେ ବୃଦ୍ଧିପାଇବାର ସମ୍ଭାବନା ସୃଷ୍ଟି ହାଇଛି। ଅହମ୍ମଦାବାଦ୍‌ର ଆଦାନୀ ଗ୍ରୁପ, ପୁଣେର ଆରପିଜି ସଞ୍ଜୀବ ଗୋୟଙ୍କା ଗ୍ରୁପ, ରାଞ୍ଚି-ଜାମସେଦପୁରର ଟାଟାଙ୍କ ସହ ଅନ୍ୟ କିଛି କର୍ପୋରେଟ ହାଉସ ଆଇପିଏଲ ଫ୍ରାଞ୍ଚାଇଜ କିଣିବାକୁ ଇଚ୍ଛୁକ। ଏଣୁ ପୁଣି ଥରେ ଆଇପିଏଲ ଦଳ ସଂଖ୍ୟା ୮ରୁ ୧୦ ବୃଦ୍ଧି କରାଯାଇପାରେ। ୮ ବର୍ଷ ପୂର୍ବେ ଅର୍ଥାତ୍ ୨୦୧୧ରେ ବିସିସିଆଇ ସମାନ କାର୍ଯ୍ୟ କରିଥିଲା। ବହୁ ବିବାଦ ଉପୁଜିବାରୁ ଦୁଇ ବର୍ଷ ମଧ୍ୟରେ ବିସିସିଆଇ ନିଷ୍ପତ୍ତି ବଦଳାଇଥିଲା। ଏହାସତ୍ତ୍ୱେ ବିସିସିଆଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି।






ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍ ପାଇଁ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଭିତରେ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଏହାକୁ ରଙ୍ଗିନ ଆଲୋକରେ ସଜ୍ଜିତ କରାଯାଇଛି।

# ଆଜି ପହଞ୍ଚିବେ ୫ ଦଳ: ମଙ୍ଗଳବାର ଅଭ୍ୟାସ

## ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ୍

**କଟକ ଅଫିସ,୧୪।୭**

ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ କ୍ରୀଡ଼ାର ୨୧ତମ ସଂସ୍କରଣ ନିମନ୍ତେ ସ୍ଥାନୀୟ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ସମ୍ପୂର୍ଣ୍ଣ ପ୍ରସ୍ତୁତ। ପ୍ରତିଯୋଗିତା ସ୍ଥଳର ପାରିପାର୍ଶ୍ୱିକ ପରିସ୍ଥିତି ମଧ୍ୟ ଏହି ବଡ଼ ଟୁର୍ନାମେଣ୍ଟ ନିମନ୍ତେ ପ୍ରସ୍ତୁତ ହୋଇସାରିଲାଣି । ଅଳ୍ପ କିଛି କାମ ବାକି ରହିଛି, ଯାହା ଖୁବ କମ ସମୟରେ ଶେଷ ହୋଇଯିବ ବୋଲି ରାଜ୍ୟ କ୍ରୀଡ଼ା ବିଭାଗର କମିଶନର ତଥା ସଚିବ ବିଶାଲ କୁମାର ଦେବ ରବିବାର ପରିଦର୍ଶନ କରିବା ଅବସରରେ କହିଛନ୍ତି। ଅନ୍ୟପକ୍ଷରେ ସୋମବାର ୫ଟି ଦଳ ଭୁବନେଶ୍ୱରରେ ପହଞ୍ଚିବେ। ଏହି ଦଳଗୁଡ଼ିକ ହେଲା ୱେଲସ୍, ଇଂଲଣ୍ଡ, ଦକ୍ଷିଣଆଫ୍ରିକା, ଅଷ୍ଟ୍ରେଲିଆ ଓ ମାଲେସିଆ । ଖେଳାଳିମାନଙ୍କ ରହଣି ନିମନ୍ତେ ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମ ଓ ସ୍ୟାଣ୍ଡିସ ଟାୱାରରେ ବ୍ୟବସ୍ଥା ହୋଇଛି। ମ୍ୟାଚ୍ ଅଫିସିଆଲମାନଙ୍କ ନିମନ୍ତେ ଗୋପାଳପୁରସ୍ଥିତ ପାଲ ହାଇଟ୍ସ ମନ୍ତ୍ରାରେ ହୋଇଛି ରହଣୀ ବ୍ୟବସ୍ଥା। ମଙ୍ଗଳବାର ବଳକା ଦଳଗୁଡ଼ିକ ପହଞ୍ଚିବା ସହ ଅଭ୍ୟାସ ନିମନ୍ତେ ବାରବାଟୀ ଷ୍ଟାଡିୟମ ପରିସରସ୍ଥ ସଚିନ ତେନ୍ଦୁଲକର ଇନଡୋର ହଲକୁ ଆସିବେ। ସଚିନ ତେନ୍ଦୁଲକର ଇନଡୋର ହଲରେ ମଧ୍ୟ ପ୍ରସ୍ତୁତି ଶେଷ ହୋଇଛି। ରବିବାର ପରିଦର୍ଶନ ସମୟରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଆର୍ . ଭିନୀଲ କ୍ରୀଷ୍ଣା, ଜିଲାପାଳ ଭବାନୀ ଶଙ୍କର ଚଇନି, ସିଏମ୍‌ସି କମିଶନର ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ପହଞ୍ଚିଲା ପ୍ରତିଯୋଗିତା ଟେବୁଲ

ପ୍ରତିଯୋଗିତା ସ୍ଥାନରେ ରବିବାର ଅନ୍ତର୍ଜାତୀୟ ସ୍ତରର ଟେବୁଲ ପହଞ୍ଚିଛି । ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ଭିତରେ ମୋଟ ୧୧ଟି ଟେବୁଲ ପଡ଼ିବ। ଏହା ଭିତରୁ ୭ଟିରେ ପ୍ରତିଯୋଗିତା ହେବା ବେଳେ ୪ଟି ଟେବୁଲ ମ୍ୟାଚ୍ ପୂର୍ବର ପ୍ରସ୍ତୁତି ନିମନ୍ତେ ଖେଳାଳିମାନେ ବ୍ୟବହାର କରିପାରିବେ । ଅନ୍ୟପକ୍ଷରେ ସଚିନ ତେନ୍ଦୁଲକର ଇନଡୋର ହଲରେ ଅଭ୍ୟାସ ନିମନ୍ତେ ୬ଟି ଟେବୁଲ ପକାଯିବ ବୋଲି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସୂଚନା ଦେଇଛନ୍ତି ।

### ଭାରତୀୟ ଦଳ ଘୋଷିତ

ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ରବିବାର ଉଭୟ ପୁରୁଷ ଓ ମହିଳା ଭାରତୀୟ ଦଳ ଘୋଷଣା କରାଯାଇଛି। ଘରୋଇ ପରିବେଶରେ ଭାରତ ଅଧିକ ପଦକ ଜିତିବାର ଆଶା ଏଥର ରହିଛି ବୋଲି ଫେଡେରେଶନ ପକ୍ଷରୁ କୁହାଯାଇଛି । ପୁରୁଷ ଦଳରେ ଅଛନ୍ତି ମେଲବୋର୍ନ ରାଜ୍ୟଗୋଷ୍ଠୀ କ୍ରୀଡ଼ା–୨୦୦୬ ସଂସ୍କରଣର ସ୍ୱର୍ଣ୍ଣ ପଦକ ବିଜେତା ଏ. ଶରଥ କମଲ । ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୩୨ତମ ସ୍ଥାନରେ ଥିବା ଶରଥ ଉଦ୍‌ଘାଟନୀ ଦିବସରେ ଖେଳାଯିବାକୁ ଥିବା ପୁରୁଷ ଦଳଗତ ବିଭାଗ ତଥା ହୋମ ଆସୋସିଏଶନ କପ୍‌ରେ ଭାରତୀୟ ଦଳର ନେତୃତ୍ୱ ନେବେ । ଅଭିଜ୍ଞ ତଥା ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୨୪ତମ ସ୍ଥାନରେ ଥିବା ଜି. ସାଥିୟାଁ ମଧ୍ୟ ଏହି ଦଳରେ ଅଛନ୍ତି । ଏହାଛଡ଼ା ଏ. ଅମଲରାଜ, ହରମିତ ଦେଶାଇ, ମାନଭ ଠାକର ଭାରତୀୟ ପୁରୁଷ ଦଳରେ ସ୍ଥାନ ପାଇଛନ୍ତି । ଭାରତୀୟ ଟେବୁଲ ଟେନିସ କ୍ରୀଡ଼ାର ଗୋଲ୍ଡେନ ଗାର୍ଲ କୁହାଯାଉଥିବା ମନିକା ବାତ୍ରାଙ୍କ ନେତୃତ୍ୱରେ ଭାଗ ନେବ ଜାତୀୟ ମହିଳା ଦଳ। ଗତ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ମନିକାଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହି ଆସିଛି । ମହିଳା ଦଳରେ ମଧୁରିକା ପାଟକର, ସୁତୀର୍ଥ ମୁଖାର୍ଜୀ, ଅର୍ଚ୍ଚନା କାମାଥ, ଆହିକା ମୁଖାର୍ଜୀ ରହିଛନ୍ତି ।

**ଭାରତୀୟ ଦଳ**

| ପୁରୁଷ | ମହିଳା |
|---|---|
| ଏ ଶରଥ କମଲ | ମନିକା ବାତ୍ରା |
| ଜି ସାଥିୟାଁ | ମାଧୁରିକା ପାଟକର |
| ଏ ଅମଲରାଜ | ସୁତୀର୍ଥ ମୁଖାର୍ଜୀ |
| ମାନଭ ଠାକର | ଅର୍ଚ୍ଚନା କାମାଥ |
| ହରମୀତ ଦେଶାଇ | ଆହିକା ମୁଖାର୍ଜୀ |

| ୭ ବିଭାଗରେ ହେବ ପ୍ରତିଯୋଗିତା |
|---|
| ହୋମ ଆସୋସିଏଶନ କପ୍ (ପୁରୁଷ ଦଳଗତ ବିଭାଗ) |
| ଇଣ୍ଡିଆ କପ୍ (ମହିଳା ଦଳଗତ ବିଭାଗ) |
| ସିଙ୍ଗାପୁର କପ୍(ପୁରୁଷ ସିଙ୍ଗଲ୍ସ ବିଭାଗ) |
| ଓସେନିଆ କପ୍(ମହିଳା ସିଙ୍ଗଲ୍ସ) |
| ହଂକଂ କପ୍(ପୁରୁଷ ଡବଲ୍ସ) |
| କାନାଡା କପ(ମହିଳା ଡବଲ୍ସ) |
| ଗର୍ନସି କପ୍( ମିକ୍ସଡ ଡବଲ୍ସ) |

# ଭିନେଶଙ୍କୁ ଲଗାତର ୨ୟ ସ୍ୱର୍ଣ୍ଣ

**ଇସ୍ତାନବୁଲ, ୧୪।୭ (ପି.ଟି.)**

ତାରକା ଭାରତୀୟ କୁସ୍ତିଯୋଦ୍ଧା ଭିନେଶ ଫୋଗଟ୍ ଏଠାରେ ଚାଲିଥିବା ୟାସାର ଡୋଗୁ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରବିବାର ଅନୁଷ୍ଠିତ ମହିଳା ୫୩ କିଗ୍ରା ବିଭାଗରେ ଭିନେଶ ୯–୫ରେ ରୁଷିଆର ଏକଟ୍ରିନା ପୋଲେଶ୍ଚୁକଙ୍କୁ ପରାସ୍ତ କରି ପୋଡିୟମ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ ଭିନେଶଙ୍କ ଏହା ୨ୟ ସ୍ୱର୍ଣ୍ଣ ପଦକ। ଏଥିପୂର୍ବରୁ ଗତ ସପ୍ତାହରେ ସ୍ପେନରେ ଅନୁଷ୍ଠିତ ହୋଇଥିବା ଗ୍ରାଁପ୍ରି ଟୁର୍ନାମେଣ୍ଟରେ ମଧ୍ୟ ସେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଏକଟ୍ରିନାଙ୍କୁ ହରାଇବା ପରେ ଭିନେଶ ମହିଳା ବିଭାଗରେ ଭାରତ ପାଇଁ ୩ୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାଙ୍କ ପୂର୍ବରୁ ୫୦ କିଗ୍ରା ବର୍ଗରେ ସୀମା ଓ ୫୯ କିଗ୍ରାରେ ମଞ୍ଜୁ ପୋଡିୟମ ଶୀର୍ଷରେ ରହିଥିଲେ। ସେହିଭଳି ଆଘାତଜନିତ ସମସ୍ୟାରୁ ମୁକୁଳିଥିବା ସାକ୍ଷୀ ମଲିକ କିନ୍ତୁ ପଦକ ରାଉଣ୍ଡକୁ ପ୍ରବେଶ କରିବାରେ ବଞ୍ଚିତ ହୋଇଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ହାରିଥିବା ସାକ୍ଷୀଙ୍କୁ ବ୍ରୋଞ୍ଜ ପଦକ ମ୍ୟାଚ୍ ପାଇଁ ସୁଯୋଗ ମିଳିଥିଲା। କିନ୍ତୁ ରିପେଜ୍ ରାଉଣ୍ଡରେ ମଧ୍ୟ ସେ ରୁଷିଆର ଓଲିଆନ ତୁକୁରନୋଭାଙ୍କଠାରୁ ହାରି ନିରାଶ କରିଥିଲେ। ପୁରୁଷ ଫ୍ରି–ଷ୍ଟାଇଲରେ ରାହୁଲ ଆୱରେ ୬୧ କିଗ୍ରା ଓଜନ ବର୍ଗରେ ୪–୧ରେ ତୁର୍କୀର ମୁନିର ଅକତାସଙ୍କୁ ହରାଇ କ୍ୟାରିୟରର ପ୍ରଥମ ର୍ୟାଙ୍କିଙ୍ଗ ସିରିଜ ଟାଇଟଲ ଜିତିଛନ୍ତି। ଦୀପକ ପୁନିଆ (୮୬ କିଗ୍ରା)ରୌପ୍ୟ ଏବଂ ସୁମିତ୍ (୧୨୫ କିଗ୍ରା) ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି।



ଖୁସି ମୁହୂର୍ତ୍ତରେ ଭିନେଶ ଫୋଗଟ୍ (ମଝି) ।

# ହାମିଲଟନଙ୍କୁ ରେକର୍ଡ ଟାଇଟଲ

**ସିଲ୍‌ଭରଷ୍ଟୋନ୍, ୧୪।୭**

ମର୍ସିଡିଜର ଲୁଇସ୍ ହାମିଲଟନ ରେକର୍ଡ ୬ଷ୍ଠ ଥର ବ୍ରିଟିଶ ଫର୍ମୁଲଓ୍ୱାନ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ଏଠାରେ ଜିମ୍ କ୍ଲାର୍କ ଏବଂ ଆଲେନ୍ ପ୍ରୋଷ୍ଟସ ୫ଥର ଲେଖାଏଁ ବିଜୟ ହାସଲ କରି ରେକର୍ଡର ଅଧିକାରୀ ଥିଲେ। ରବିବାର ରେସ୍‌ରେ ବିଶ୍ୱଚାମ୍ପିୟନ ଡ୍ରାଇଭର ହାମିଲଟନ ଏକ ସେଫ୍ଟି କାର୍‌ର ଫାଇଦା ଉଠାଇ ଟିମ୍‌ମେଟ୍ ଭାଲ୍‌ଟେରୀ ବୋଟାସଙ୍କୁ ଅତିକ୍ରମ କରିବାରେ ସଫଳ ହୋଇଥିଲେ। ଚଳିତ ସିଜନରେ ଏପର୍ଯ୍ୟନ୍ତ ଅନୁଷ୍ଠିତ ୧୦ରାଉଣ୍ଡ ରେସ୍‌ରେ ହାମିଲଟନଙ୍କ ଏହା ହେଉଛି ୭ମ ବିଜୟ। ଫଳରେ ବ୍ରିଟେନ ଡ୍ରାଇଭର ୬ଷ୍ଠ ବିଶ୍ୱ ଟାଇଟଲ ନିକଟତର ହୋଇଛନ୍ତି। ଚାମ୍ପିୟନଶିପ୍ ଷ୍ଟାଣ୍ଡିଂରେ ସେ ତଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୋଟାସଙ୍କଠାରୁ ୩୯ ପଏଣ୍ଟ ବ୍ୟବଧାନରେ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ନିଜ ସ୍ଥିତିକୁ ସୁଦୃଢ଼ କରିପାରିଛନ୍ତି। ହାମିଲଟନଙ୍କ କ୍ୟାରିୟରର ଏହା ହେଉଛି ମୋଟ ୮୦ତମ ଟାଇଟଲ। ରବିବାର ରେସ୍‌ରେ ରେଡ୍‌ବୁଲ୍‌ର ପିଏରେ ଗାସ୍‌ଲି ଏବଂ ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ପଛରେ ପକାଇ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ତୃତୀୟ ହୋଇଥିଲେ। ଟପ୍ ଟେନ୍‌ରେ ସ୍ଥାନ ପାଇଥିବା ଅନ୍ୟମାନେ ଯଥାକ୍ରମେ ହେଲେ କାର୍ଲୋସ ସେଞ୍ଜ ଜୁନିୟର(ମ୍ୟାକଲରେନ), ଡାନିଏଲ ରିକାର୍ଡୋ(ରେନଲ୍ଟ), କିମି ରାଇକୋନେନ (ଆଲ୍‌ଫା ରୋମିଓ), ଡାନିଲ୍ କ୍ୟାଟ୍(ଟୋରୋ ରୋସୋ) ଏବଂ ନିକୋ ହକେନବର୍ଗ (ରେନଲ୍ଟ)। ରୋମାଞ୍ଚଭରା ବ୍ରିଟିଶ ଗ୍ରାଁ ପ୍ରିରେ ମାକ୍ସ ଭର୍ଷ୍ଟାପେନ୍ ଏବଂ ସେବାଷ୍ଟିଆନ ଭେଟେଲଙ୍କ ମଧ୍ୟରେ ଧକ୍କା ସବୁଠାରୁ ଉଲ୍ଲେଖନୀୟ ଘଟଣା।




# ତୁର୍କୀ ଟୁର୍‌ରେ ଯିବ ଭାରତ

**ନୂଆଦିଲ୍ଲୀ, ୧୪।୭ (ପି.ଟି.)**

ଭାରତୀୟ ୧୯ବର୍ଷରୁ କମ୍ ଫୁଟ୍‌ବଲ ଦଳ ତୁର୍କୀ ଟୁର୍‌ରେ ଯିବ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଏଏଫ୍‌ସି ୧୯ ବର୍ଷରୁ କମ୍ ଚାମ୍ପିୟନଶିପ୍ କ୍ୱାଲିଫାୟର୍ସ ଲାଗି ପ୍ରସ୍ତୁତିର ଅଂଶବିଶେଷ ସ୍ୱରୂପ ଏହି ଟୁର୍‌ର ଆୟୋଜନ କରଯାଇଛି। ତୁର୍କୀ ଟୁର୍ ବେଳେ ଭାରତ ଚଳିତ ମାସ ୧୯ରୁ ୨୭ ମଧ୍ୟରେ ଜୋର୍ଡାନ୍ ଓ ଓମାନର ୧୯ବର୍ଷରୁ କମ୍ ଜାତୀୟ ଦଳ ସହିତ ଏବଂ କାର୍ଟେପେଠାରେ ସ୍ଥାନୀୟ କ୍ଲବ କୋକାଲିସ୍‌ପର ବିପକ୍ଷରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବ। ମୁଖ୍ୟ କେଚ୍ ଫ୍ଲଏଡ୍ ପିଣ୍ଟୋ କହିଛନ୍ତି, ଆମେ ଯଥାସମ୍ଭବ ଅଧିକ ଅନ୍ତର୍ଜାତୀୟ ମାଚ ଖେଳିବା ଯୋଜନା କରିଛୁ। ଏହା ଦ୍ୱାରା ଆମ ପ୍ରଦର୍ଶନରେ ଉନ୍ନତି ଘଟିବ। ପଶ୍ଚିମ ଏସୀୟ ଦେଶ ଦଳଗୁଡ଼ିକ ବିପକ୍ଷରେ ପରିଖିନେବା କ୍ଷେତ୍ରରେ ତୁର୍କୀ ଟୁର୍ ଆମ ପାଇଁ ଏକ ଉତ୍ତମ ପ୍ଲାଟଫର୍ମ। ଆସନ୍ତା ନଭେମ୍ବରରେ ୧୯ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସ ଅନୁଷ୍ଠିତ ହେବ। ଏହାପୂର୍ବରୁ ଶ୍ରେଷ୍ଠ ଦଳ ଗଢ଼ିବାକୁ ହେବ। ଦଳର ଖେଳ ଷ୍ଟାଇଲକୁ ସୁଦୃଢ଼ କରିବାକୁ ହେବ ବୋଲି ସେ କହିଛନ୍ତି।

## ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସୁବାସଚନ୍ଦ୍ର ପଟ୍ଟନାୟକ**
ନୂଆବଜାର, କଟକ
ତିରୋଧାନ: ୦୨।୦୭।୨୦୧୨
ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ (ନୀଳାଦ୍ରିବିଜେ)
ପାପା,
ସାତବର୍ଷ ଚାହୁଁ ଚାହୁଁ ବିତିଗଲା। ତୁମର ସ୍ନେହ, ଶ୍ରଦ୍ଧା, ନିତି, ଆଦର୍ଶ ଆମମାନଙ୍କର ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପତ୍ନୀ: ମନି, ପୁଅ: ବୁବୁ, ଶୁବୁ, ବୋହୂ: ବେବି, ପିଙ୍କି, ନାତି, ନାତୁଣୀ: ପୁପୁଲି, ରାହି, ରିଷି।
ଧ-୧୩୧୯୦

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରମିଳା ପାତ୍ର/ଶତପଥୀ (ପମି)**
ମହାଦେବ ନଗର, ଭୁବନେଶ୍ୱର
ତିରୋଧାନ: ୦୧।୦୭।୨୦୧୫
ଆଜିର ତିଥିରେ ୪ ବର୍ଷ ତଳେ ତୁମେ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲ। ସ୍ୱର୍ଗଦ୍ୱାରରେ ତୁମର ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା। ସୃଷ୍ଟିର ଏହି ନିଷ୍ଠୁର ସତ୍ୟକୁ କାହିଁକି କେଜାଣିଗ୍ରହଣ କରିପାରୁନୁ। ଯେତିକି ଲୁହ ତୁମେ ଦେଇ ଚାଲିଗଲ ଆମ ସମସ୍ତଙ୍କ ପାଇଁ, ସାରା ଜୀବନ ବି କାନ୍ଦିଲେ ହୁଏତ ସରିବ ନାହିଁ। ଅଧାବାଟରେ ହାତ ଛାଡ଼ି ମାନ କରି ଚାଲିଗଲ। ଏମିତି କ'ଣ କିଏ କରେ? ସ୍ୱଶରୀରରେ ତୁମକୁ ଦେଖିବା ଏ ଜନ୍ମରେ ଅସମ୍ଭବ। କିନ୍ତୁ ତୁମର ତ୍ୟାଗ, କର୍ମ, ଆଦର୍ଶ ସ୍ମୃତିର ରୂପାଜନ୍ମ ହୋଇ ରହିଗଲା। ଯାହାକି ତୁମକୁ ଆମ୍ଭମାନଙ୍କ ନିକଟରେ ଚିର ସ୍ମରଣୀୟ କରି ରଖିବ।
ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପରିବାର ଓ ବନ୍ଧୁବର୍ଗ, କିଟି, ଲିକୁ, ବବି, ମକର ଇତ୍ୟାଦି।
ଧ-୧୩୨୩୮

**ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ମଣିଚରଣ ସାହୁ**
(ଦତ୍ତାତ୍ରେୟ ପ୍ରଭୁ ଆଶ୍ରିତ ବାନପ୍ରସ୍ଥୀ)
ଅପର୍ତ୍ତିବିନ୍ଧା, ଭଦ୍ରକ
ଆବିର୍ଭାବ: ୨୦।୦୯।୧୯୩୫
ତିରୋଧାନ: ୦୫।୦୭।୨୦୧୯
ଆଜି ଏକାଦଶାହ ଅବସରରେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇଦେଇ ଆରପାରିକୁ ଚାଲିଗଲ। ଯେଉଁଠି ଥାଅ, ଭଲରେ ଥାଅ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମେଶ୍ୱରଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।
ଧ-୧୩୪୯୧



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଜୁଲାଇ ୧୫/୨୦୧୯ Sambalpur, Monday, July 15 / 2019

# ସାଇନ୍‌ବୋର୍ଡରେ ସୀମିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ

**ବଲାଙ୍ଗୀର ଅଫିସ,୧୪ା୭**

ବଲାଙ୍ଗୀର ରାଜେନ୍ଦ୍ର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟଭାବେ ଉନ୍ନୀତ କରାଯାଇଥିବା ନେଇ ଗତ ମାର୍ଚ୍ଚ ୨ତାରିଖରେ ଦିନ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ଏଥିପୂର୍ବରୁ ଜାନୁୟାରୀ ୨୪ ତାରିଖରେ ବଲାଙ୍ଗୀରଠାରେ ଆୟୋଜିତ ବିଜୁ ଯୁବବାହିନୀର ଆଞ୍ଚଳିକ ଯୁବ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜେନ୍ଦ୍ର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସରକାର ସକାରାତ୍ମକ ଚିନ୍ତା କରୁଥିବା ନେଇ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଘୋଷଣା ଏବଂ ଉଚ୍ଚଶିକ୍ଷା ବିଭାଗର ନୋଟିସ୍ ପରେ ବଲାଙ୍ଗୀରବାସୀଙ୍କ ଦୀର୍ଘଦିନର ଦାବି ଶୀଘ୍ର ପୂରଣ ହେବ ବୋଲି ଆଶା କରାଯାଇଥିଲା। ଏଭଳି ଘୋଷଣା ପରେ ରାତାରାତି ରାଜେନ୍ଦ୍ର କଲେଜ ମୁଖ୍ୟଗେଟ୍ ଏବଂ ରାଜେନ୍ଦ୍ର କଲେଜ ପ୍ରଶାସନିକ ଭବନରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଲେଖା ଥିବା ସାଇନ୍ ବୋର୍ଡ ଲଗାଯାଇଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ନୋଟିସ୍‌ର ଇତିମଧ୍ୟରେ ୪ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଛି। ହେଲେ ରାଜେନ୍ଦ୍ର ମହାବିଦ୍ୟାଳୟର ବର୍ତ୍ତମାନ ସ୍ଥିତି ଓ ମାନ୍ୟତା କ'ଣ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉଚ୍ଚଶିକ୍ଷା ବିଭାଗ ନୋଟିସ୍ ଅନୁସାରେ ଗେଜେଟ୍ ନୋଟିଫିକେଶନ୍ ହେବା ପରେ ଏହି କଲେଜଟି ବିଶ୍ୱବିଦ୍ୟାଳୟ ଭାବେ କାର୍ଯ୍ୟ କରିବ ବୋଲି କୁହାଯାଇଥିଲା। ଗତ ୪ମାସ ଭିତରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ନେଇ କୌଣସି ଗେଜେଟ୍ ନୋଟିଫିକେସନ୍ ହୋଇ ନ ଥିବା ଜଣାପଡ଼ିଛି । ଫଳରେ ଏହି କଲେଜଟି ଏବେ ସାଇନ୍‌ବୋର୍ଡ ବିଶ୍ୱବିଦ୍ୟାଳୟ ଭାବେ ପରିଣତ ହୋଇଛି । ୨୦୧୯-୨୦ ଶିକ୍ଷା ବର୍ଷ ଆରମ୍ଭ ହୋଇଯାଇଛି । ଛାତ୍ରୀଛାତ୍ରଙ୍କ ନାମଲେଖା ପରେ ପାଠପଢ଼ା ଆରମ୍ଭ ହେଲାଣି। ଏବେ ରାଜେନ୍ଦ୍ର କଲେଜରେ ବିଶ୍ୱବିଦ୍ୟାଳୟ ଲେଖାଥିବା ସାଇନ୍‌ବୋର୍ଡ ଲଗାଯାଇଥିବାରୁ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି । ଚଳିତ ଶିକ୍ଷାବର୍ଷରୁ ଏହି ଘୋଷିତ ବିଶ୍ୱବିଦ୍ୟାଳୟରେ ଓଏସ୍‌ଡି କିମ୍ବା କୁଳପତିଙ୍କ ନିଯୁକ୍ତି ହୋଇନାହିଁ। ନିର୍ବାଚନ ପୂର୍ବରୁ ସରକାରୀ ଦଳ ମାଇଲେଜ ନେବା ପାଇଁ ତରବରିଆ ଭାବେ ରାଜେନ୍ଦ୍ର ସ୍ୱୟଂଶାସିତ କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା କରାଯାଇଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି । ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଶାର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ଓ ପଶ୍ଚିମ ଓଡ଼ିଶାର ଏହା ହେଉଛି ସର୍ବପୁରାତନ ମହାବିଦ୍ୟାଳୟ । ସରକାରୀ ଅବହେଳା ଯୋଗୁଁ ଏହି ଶିକ୍ଷାନୁଷ୍ଠାନ ଢ଼େର ପଛରେ ପଡ଼ିଯାଇଛି। ଏଠାରେ ଅଧ୍ୟାପକ ଅଭାବଜନିତ ସମସ୍ୟା ଯୋଗୁଁ ଶୈକ୍ଷିକ ବାତାବରଣ ଢ଼େର ପ୍ରଭାବିତ ହେଉଛି । କଲେଜରେ ୭୫ ଅଧ୍ୟାପକ ପଦବୀରୁ ୪୩ ଖାଲି ପଡ଼ିଛି । ମାତ୍ର ୩୨ଟି ଅଧ୍ୟାପକରେ ଏହି କଲେଜ ଚାଲିଛି । ସେଥିମଧ୍ୟରୁ ଅର୍ଥନୀତି ବିଭାଗରେ ୬ ପଦବୀରେ ଜଣେ ବି ଅଧ୍ୟାପକ ନାହାନ୍ତି । ଶିକ୍ଷା ବିଭାଗରେ ଅଧ୍ୟାପକ ନାହାନ୍ତି। ଇଂରାଜୀ ବିଭାଗରେ ୬ରୁ ୨ ଅଧ୍ୟାପକ ରହିଛନ୍ତି । ଗଣିତରେ ୩ରୁ ଜଣେ ଅଧ୍ୟାପକ ଅଛନ୍ତି। ରସାୟନ ବିଜ୍ଞାନରେ ୮ ପଦବୀରୁ ୪ଟି ଖାଲି ପଡ଼ିଛି । ପଦାର୍ଥ ବିଜ୍ଞାନ ବିଭାଗରେ ୭ରୁ ୨ ଅଧ୍ୟାପକ ଅଛନ୍ତି। ଏଭଳି ପ୍ରାୟ ସବୁ ବିଭାଗରେ ପଦବୀ ଖାଲିପଡ଼ିଛି। କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି । ଏହା ସହିତ ଅଣଶିକ୍ଷା କର୍ମଚାରୀରେ ୮୨ ପଦବୀରୁ ୩୫ ପଦବୀ ଖାଲି ପଡ଼ିଛି। ଏଭଳି ସ୍ଥିତିରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଅତିଥି ଅଧ୍ୟାପକ ଭରସାରେ ଚାଲିଛି। ରାଜେନ୍ଦ୍ର ମହାବିଦ୍ୟାଳୟ ଏବେ ୭୫ ବର୍ଷର ପ୍ରମୁଖ ଶିକ୍ଷାନୁଷ୍ଠାନ। ହେଲେ ଏହି ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ବିକାଶ ହୋଇନାହିଁ । ଏବେ ଜିଲାବାସୀ ଏହି ଅବହେଳିତ ଶିକ୍ଷାନୁଷ୍ଠାନର ହୀରକ ଜୟନ୍ତୀ ପାଳନ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ଏହା କେବଳ ଏକ ସାଇନ୍ ବୋର୍ଡ ବିଶ୍ୱବିଦ୍ୟାଳୟ ଭାବେ ଝୁଲି ରହିଥିବାରୁ ଜିଲାବାସୀ ଓ ଶିକ୍ଷାପ୍ରେମୀଙ୍କୁ ବ୍ୟଥିତ କରୁଛି ।



ରାଜେନ୍ଦ୍ର କଲେଜ ଏବେ ସାଇନ୍‌ବୋର୍ଡ ବିଶ୍ୱବିଦ୍ୟାଳୟ ।

- ୭୫ ବର୍ଷରେ ବି ପୂରଣ ହୋଇନି ଆଶା
- ଗେଜେଟ୍ ନୋଟିଫିକେଶନ୍ ହୋଇନାହିଁ
- ୨୦୧୯-୨୦ ଶିକ୍ଷାବର୍ଷ ଆରମ୍ଭ
- କଲେଜରେ ୭୫ ଅଧ୍ୟାପକ ପଦବୀରୁ ୪୩ ଖାଲି

## ସଂକ୍ଷେପରେ

### ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା, ୭ ଗିରଫ

**କେନ୍ଦୁଝର, ୧୪ା୭ (ସ୍ୱ.ପ୍ର.):** ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲାର ଦୁର୍ଗମ ଅଞ୍ଚଳରେ ଆଜିବି ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ବସା ବାନ୍ଧି ରହିଛି। ଏହାକୁ ନେଇ ହତ୍ୟା ଭଳି ବିଭିନ୍ନ ଅପରାଧ ସଂଘଟିତ ହେଉଛି। ଶନିବାର ରାତିରେ ସଦର ଥାନା ଅଧୀନ ସେଣ୍ଡକାପ ଗ୍ରାମରେ ଗୁଣି ସନ୍ଦେହକୁ ନେଇ ଦୀନବନ୍ଧୁ ମୁଣ୍ଡା ନାମକ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯିବା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ରବିବାର ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜବତ କରି ତଦନ୍ତ କରିବାପରେ ଘଟଣା ସହ ଜଡ଼ିତ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କୁ ଥାନାରେ ରଖି ପଚରାଉଚରା କରାଯାଉଛି। ଘଟଣା ସମ୍ପର୍କରେ ପରିବାର ଲୋକେ କହିଛନ୍ତି ଯେ, ଶନିବାର ସନ୍ଧ୍ୟାରେ ୭ରୁ ଅଧିକ ଲୋକ ନିଶାସକ୍ତ ଅବସ୍ଥାରେ ଆସି ଦୀନବନ୍ଧୁଙ୍କୁ ଘରୁ କିଛି ଦୂରକୁ ଡାକି ନେଇଯାଇଥିଲେ। ସେମାନେ ଟାଙ୍ଗିଆ ଓ ଲାଠିରେ ତାଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଦୀନବନ୍ଧୁଙ୍କ ଝିଅ ସେଠାକୁ ଧାଇଁଯିବାରୁ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରି ଘଉଡାଇ ଦେଇଥିଲେ। ଆକ୍ରମଣକାରୀଙ୍କୁ ଡରି ଘଟଣାସ୍ଥଳକୁ ଆଉ କେହି ଯାଇ ନ ଥିଲେ। ରବିବାର ସକାଳେ ଦୀନବନ୍ଧୁଙ୍କ ମୃତଦେହ ଏକ ଘର ଭିତରେ ପଡ଼ିଥିବା ପରିବାର ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପୂର୍ବାହ୍ନରେ ପହଞ୍ଚି ମୃତଦେହ ଜବତ କରି ତନାଘନା ଆରମ୍ଭ କରିଥିଲା। ଘଟଣାର ପ୍ରାଥମିକ ତଦନ୍ତ ପରେ ଗୁଣିଗାରେଡ଼ିକୁ ନେଇ ହତ୍ୟାକାଣ୍ଡ ଘଟିଥିବା ସଦର ଏସଡିପିଓ ପି.ଜେ.ଟପୋ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟଚାଲାଣ କରାଯିବ। ଅଭିଯୁକ୍ତମାନେ କହିଛନ୍ତି ଯେ, ଦୀନବନ୍ଧୁ ଗୁଣିଗାରେଡ଼ି କରୁଥିବାରୁ ମଶାଣିରୁ ହାଡ ଆଣି ଘରେ ରଖି ପୂଜାପାଠ କରୁଥିଲେ। ଏହି କାରଣରୁ ଗାଁର ଅନେକ ଲୋକ ଜ୍ୱର ଆଦି ରୋଗରେ ପଡୁଥିବା ସନ୍ଦେହ କରାଯାଉଥିଲା। ଏନେଇ ଆଗରୁ ମଧ୍ୟ ଗାଁରେ ବିବାଦ ଦେଖାଦେଇଥିଲା। ଦୀନବନ୍ଧୁ ପୂଜା ପାଠ ବନ୍ଦ ନ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିଥିବା ପୋଲିସକୁ କହିଛନ୍ତି। ଅନ୍ୟପକ୍ଷେ ଦୀନବନ୍ଧୁଙ୍କ ପରିବାର ଅଭିଯୁକ୍ତଙ୍କ ଏଭଳି ଆରୋପକୁ ଅସ୍ୱୀକାର କରିଛନ୍ତି।

# ରାଜପଥ କଡ଼ରୁ ନବଜାତ ଶିଶୁପୁତ୍ର ଉଦ୍ଧାର

**ପୁରୁଣାକଟକ,୧୪ା୭(ଡି.ଏନ.ଏ)**

ବୌଦ୍ଧ ଜିଲା ପୁରୁଣାକଟକ ଥାନା ଚାରିଛକ-ଫୁଲବାଣୀ ପୂର୍ତ୍ତ ବିଭାଗ ରାସ୍ତାର ଡିଗସିରା ରାସ୍ତାକଡ ବୁଦାମୂଳରୁ ଶନିବାର ବିଳମ୍ବିତ ରାତ୍ରିରେ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି । ସୂଚନା ଅନୁସାରେ, ଏହି ଥାନା ଅନ୍ତର୍ଗତ ଲୁଣିବାହାଲ ପଞ୍ଚାୟତ ତାଳପଦର ଗ୍ରାମର ରୋହିତ ପ୍ରଧାନ ଫୁଲବାଣୀରୁ ବ୍ୟବସାୟ ସାରି ନିଜ ଗାଡିରେ ଘରକୁ ଫେରୁଥିଲେ । ଏହି ସମୟରେ ଡିଗସିରା ନିକଟସ୍ଥ ରାସ୍ତାକଡ ବୁଦାମୂଳରୁ ଏକ ଶିଶୁ କାନ୍ଦୁଥିବା ଶୁଣି ଅଟକିଥିଲେ ଏବଂ ସେଠାରୁ ନବଜାତ ଶିଶୁପୁତ୍ରଟିକୁ ଉଦ୍ଧାର କରି ରାତି ପ୍ରାୟ ୧୨ଟାରେ ପୁରୁଣାକଟକ ମେଡିକାଲରେ ପହଞ୍ଚିଥିଲେ। ସେଠାରେ ଡାକ୍ତର ରବିନାରାୟଣ ପରମାଣିକ ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଘଟଣା ସମ୍ପର୍କରେ ପୁରୁଣାକଟକ ଆଇଆଇସି ଜ୍ୟୋତ୍ସ୍ନା କାଉଁରୀଙ୍କୁ ସୂଚନା ଦେଇଥିଲେ। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲା। ରବିବାର ସକାଳୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ପୁରୁଣାକଟକ ମେଡିକାଲରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହିତ ଶିଶୁଟିକୁ ବୌଦ୍ଧ ନେଇଥିଲେ। ଶିଶୁପୁତ୍ରର ସ୍ୱାସ୍ଥ୍ୟାବସ୍ଥା ଠିକ୍‌ଥିବା ବେଳେ ଓଜନ ୨ କେଜି ୩ଶହ ଗ୍ରାମ ରହିଛି। ମେଡିକାଲ ଆସିବା ସମୟରେ ନବଜନ୍ମିତ ଶିଶୁର ନାଭି ଲାଗିଥିବା ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଏହି ଥାନା ଅନ୍ତର୍ଗତ ମାଧପୁର ଯୋଗୀପଥର ନିକଟସ୍ଥ ଜାତୀୟ ରାଜପଥ କଡରୁ ଏକ ନବଜାତ ଶିଶୁର ମୃତଦେହ ଉଦ୍ଧାର ହୋଇଥିଲା। ଗତ ଜାନୁୟାରୀ ୩ତାରିଖରେ ଜାତୀୟ ରାଜପଥର ଲୁଣିବାହାଲ ନିକଟସ୍ଥ ବିଲଇଘାଇ ପୋଲତଳୁ ମଧ୍ୟ ଆଉ ଏକ ନବଜାତ ଶିଶୁ କନ୍ୟା ଉଦ୍ଧାର ହୋଇଥିଲା।


ନବଜାତ ଶିଶୁପୁତ୍ର ।

# ଡାକ୍ତରଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ତତ୍ପରତା

**ଭୁବନେଶ୍ୱର, ୧୪ା୭(ବ୍ୟୁରୋ)**

ପଶ୍ଚିମବଙ୍ଗରେ ଜଣେ ଡାକ୍ତରଙ୍କୁ ଦୁର୍ବ୍ୟବହାର କରାଯିବା ଘଟଣାର ପ୍ରଭାବ ସାରା ଦେଶରେ ଆନ୍ଦୋଳନ ସୃଷ୍ଟି କରିଥିଲା। ଆନ୍ଦୋଳନ ଏତେ ତୀବ୍ରତର ହୋଇଥିଲା ଯେ, ଦେଶର ପ୍ରତ୍ୟେକ ରାଜ୍ୟରେ ଡାକ୍ତରମାନେ ଏହି ଘଟଣାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଥିଲେ। ଏହି ସମୟରେ କେନ୍ଦ୍ର ସରକାର ଡାକ୍ତରମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଘଟଣାକୁ ଦୃଷ୍ଟିରେ ରଖି ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କ ସୁରକ୍ଷା ଲାଗି କେନ୍ଦ୍ର ସରକାର ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଚିଠି ଦିଆଯାଇଛି। ଅନ୍ୟପଟେ ଏହି ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଭଲରେ ଦେଖି ଯାହା ଆବଶ୍ୟକ ତାକୁ କାର୍ଯ୍ୟକାରୀ କରିବୁ। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଡାକ୍ତରମାନଙ୍କ ସୁରକ୍ଷା ଲାଗି ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିବା ସେ କହିଛନ୍ତି।

ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ଡାକ୍ତରମାନେ ବିଭିନ୍ନ ସମୟରେ ଅସାମାଜିକ ବ୍ୟକ୍ତିଙ୍କ ଆକ୍ରମଣର ଶିକାର ହେଉଥିବାରୁ ସମ୍ବେଦନଶୀଳ ଡାକ୍ତରଖାନା ଓ କାର୍ଯ୍ୟରତ ଡାକ୍ତରମାନଙ୍କ ସୁରକ୍ଷା ଲାଗି ତାଲିମପ୍ରାପ୍ତ ସୁରକ୍ଷାବଳ ମୁତୟନ ଆବଶ୍ୟକ ହୋଇପଡ଼ିଛି। ତେଣୁ ଯେଉଁସବୁ ଡାକ୍ତରଖାନାକୁ ଅଧିକ ସଂଖ୍ୟାରେ ରୋଗୀ ଆସୁଛନ୍ତି ସେଠାରେ ସିସିଟିଭି ଲଗାଇବା, ଅତ୍ୟାଧୁନିକ ସୁରକ୍ଷା ସରଞ୍ଜାମ ସହ ୨୪ ଘଣ୍ଟିଆ କୁଇକ୍ ରିଆକ୍ସନ୍ ଟିମ୍ (କ୍ୟୁଆରଟି) ମୁତୟନ ରଖିବାକୁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ସେହିପରି ସୁରକ୍ଷା ବ୍ୟବସ୍ଥାର ମନିଟରିଂ ପାଇଁ ଉନ୍ନତ ଜ୍ଞାନକୌଶଳ ସମ୍ପନ୍ନ କଣ୍ଟ୍ରୋଲ ରୁମ୍ ରହିବ। ରୋଗୀଙ୍କ ସମ୍ପର୍କୀୟଙ୍କ ଛଡା ଅନ୍ୟ କାହାରିକୁ ମେଡିକାଲ ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ। ଡାକ୍ତରଖାନା କର୍ମଚାରୀଙ୍କୁ ଦୁର୍ବ୍ୟବହାର କଲେ ଡାକ୍ତରଖାନା ପକ୍ଷରୁ ଦୁର୍ବ୍ୟବହାରକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯିବ। ଚିକିତ୍ସା ଅବହେଳାର ତଦାରଖ ଲାଗି ନୋଡାଲ ଅଫିସର ନିଯୁକ୍ତି କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି ଖାଲି ପଡିଥିବା ଡାକ୍ତର ଏବଂ ଅନ୍ୟ ପଦବୀ ପୂରଣ ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଛି। ସମ୍ବେଦନଶୀଳ ଡାକ୍ତରଖାନାଗୁଡ଼ିକ ଲାଗି କେନ୍ଦ୍ରୀୟ କଣ୍ଟ୍ରୋଲ୍ ରୁମ୍ ସ୍ଥାପନ ସହିତ ଏଠାରେ ଅତ୍ୟାଧୁନିକ ଯୋଗାଯୋଗ ବ୍ୟବସ୍ଥା ରଖିବାକୁ କୁହାଯାଇଛି।

### ବାର୍‌ହା ପଲ ପୁଣି ପହ୍ଲାଘାରି ନଷ୍ଟ କଲେ

**ଲୋଇସିଂହା,୧୪ା୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ଗ୍ରାମର କେତେକ ଚାଷୀଙ୍କ ପହ୍ଲାଘାରିକୁ ପୁଣି ବାର୍‌ହା ପଲ ପଶି ନଷ୍ଟ କରିଥିବା ଅଭିଯୋଗ ହୋଇଛି। ତରଭା ବ୍ଲକ ରାଣୀସର୍ଡା ପଞ୍ଚାୟତ ଅଧୀନ କୁମୁଣ୍ଡେ ଗ୍ରାମର ଶୁଭ୍ରାଂଶୁ ମହାକୁର, ଶଶିକାନ୍ତ ମହାକୁର, ଜୟଲାଲ ପଧାନ, ସକାଳୁ ବିଶି ନନ୍ଦି ତ୍ରିପାଠୀ ପ୍ରମୁଖ ଚାଷୀଙ୍କ ପହ୍ଲା ଘାରିରେ ଶୁକ୍ରବାର ରାତିରେ ବାର୍‌ହା ପଲ ପଶି ମାଡି ଦଳି ନଷ୍ଟ କରି ଦେଇଛନ୍ତି। ପହ୍ଲା ପକାଇବା ପାଇଁ ଚାଷୀଙ୍କ ପାଖରେ ଆଉ ବିହନ ନ ଥିବାରୁ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି। ନଷ୍ଟ ବିହନ କେଉଁଠୁ ଭରଣା କରିବେ ସେ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବନ ବିଭାଗ ପକ୍ଷରୁ ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବାକୁ ଦାବି ହୋଇଛି।

### ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

**ଲୋଇସିଂହା,୧୪ା୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ପଞ୍ଚାୟତ ଅଧୀନ ତଥା ଲୋଇସିଂହା ଥାନା ଅନ୍ତର୍ଗତ ଗଣ୍ଡପାଲି ଗ୍ରାମର ଜଣେ ବୃଦ୍ଧ ହାତୀ ଆକ୍ରମଣରେ ରବିବାର ଗୁରୁତର ହୋଇଛନ୍ତି। ସେ ହେଲେ ଗୋକୁଳ ବାଗ(୬୫)। ତାଙ୍କ ବାମ ଗୋଡ ଭାଙ୍ଗିଛି । ପରିବାର ଏବଂ ଗ୍ରାମାବାସୀ ତାଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରିଛନ୍ତି। ଗୋକୁଳ ସବୁଦିନ ପରି ରବିବାର ସକାଳ ସାଢେ ୬ଟାରେ ନିତ୍ୟକର୍ମ ସାରିବା ପାଇଁ କୁଲାରି ନାଳକୁ ଯାଇଥିଲେ। ହେଲେ ସେଠାରେ ଥିବା ହାତୀପଲଙ୍କୁ ଦେଖି ନ ପାରି ବୃଦ୍ଧ ଗୋକୁଳ ସେମାନଙ୍କ ହାବୁଡରେ ପଡିଯାଇଥିଲେ । ଗୋଟିଏ ହାତୀ ତାଙ୍କୁ ଶୁଣ୍ଢରେ ଧକ୍କା ମାରିବାରୁ ସେ ଗୋଟିଏ ବୁଦାରେ ଯାଇ ପଡିଥିଲେ। ଏହାପରେ ଆଉ ହାତୀପଲ ଦେଖି ନ ପାରିବାରୁ ସେ ବର୍ତ୍ତି ଯାଇଥିଲେ। ପରେ ତାଙ୍କ ଚିତ୍କାର ଶୁଣି ସେହି ଅଞ୍ଚଳକୁ ସକାଳୁ ସକାଳୁ ନିତ୍ୟକର୍ମ ସାରିବାକୁ ଯାଉଥିବା ଗ୍ରାମବାସୀ ରୁଣ୍ଡ ହୋଇଯାଇଥିଲେ। ଏହାପରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବଲାଙ୍ଗୀର ନିଆଯାଇଥିଲା। ଅନ୍ୟପକ୍ଷେ ସେହି ଆଖପାଖରେ ୪ଟି ହାତୀ ରହିଥିବାରୁ ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ବନବିଭାଗ କର୍ମଚାରୀ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ସହ ହାତୀପଲକୁ ଘଉଡାଇ ଥିଲେ। ବନ ବିଭାଗ ପକ୍ଷରୁ ହାତୀ ଆକ୍ରମଣରେ ଆହତ ଗୋକୁଳଙ୍କ ଚିକିତ୍ସା ଖର୍ଚ୍ଚ ବହନ କରାଯିବା ସହ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ସରପଞ୍ଚ ଗଣେଶ ସାହୁ ଦାବି କରିଛନ୍ତି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



“ ଚନ୍ଦ୍ରୟାନ-୨ ଭାରତର ସବୁଠାରୁ ସମ୍ମାନଜନକ ମିଶନ।

-ଡ. କେ. ଶିବମ୍,
ଇସ୍ରୋ ଅଧ୍ୟକ୍ଷ

## ସଂକ୍ଷେପରେ

### ଆକାଉଣ୍ଟ ହ୍ୟାକ୍ କରି ୧୮ ଲକ୍ଷ ଠକେଇ ଘଟଣା
### ଅଭିଯୁକ୍ତଙ୍କୁ ଠାବ କଲା ପୋଲିସ

ବରଗଡ଼ ଅଫିସ୍,୧୪।୭
ବରଗଡ଼ ସହରସ୍ଥିତ ଭଟଲି ଛକର ଏକ ବାଇକ୍ ସୋ ରୁମ ଆକାଶ ମୋଟର୍ସର ଡାଇରେକ୍ଟର ଆକାଶ କୁମାର ଅଗ୍ରୱାଲଙ୍କ ଆକାଉଣ୍ଟ ହ୍ୟାକ୍ କରି ୧୮ ଲକ୍ଷ ଠକେଇ ଘଟଣାରେ ପୋଲିସକୁ ସଫଳତା ମିଳିଥିବା ସୂଚନା ମିଳିଛି । ଏହି ସାଇବର କ୍ରାଇମ୍ର ଅଭିଯୁକ୍ତଙ୍କୁ ଠାବ କରାଯାଇଥିବା ବେଳେ କିଛି ଅଭିଯୁକ୍ତ ପୋଲିସ ଜାଲରେ ପଡ଼ିଥିବା ନେଇ ଚର୍ଚ୍ଚା ଚାଲିଛି । ଏ ସମ୍ପର୍କରେ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀଙ୍କୁ ପଚାରିବାରୁ ତଦନ୍ତ ବାଧାପ୍ରାପ୍ତ ହେବା ଆଶଙ୍କା କରି ସେ ନେଇ କିଛି କହି ନ ଥିଲେ ଏବଂ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ପ୍ରକାଶ କରିଥିଲେ। ପ୍ରକାଶଥାଉକି, ଗତ ୨ତାରିଖରେ ଆକାଶ ମୋଟର୍ସର ଡାଇରେକ୍ଟର ଅଗ୍ରୱାଲଙ୍କ ୨ଟି ଆକାଉଣ୍ଟକୁ ହ୍ୟାକ୍ କରି ଅଭିଯୁକ୍ତମାନେ ୧୮ଲକ୍ଷ ଟଙ୍କା ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର କରି ନେଇଥିଲେ । ଏ ନେଇ ଅଗ୍ରୱାଲ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ଏହାର ଅଧିକ ତଦନ୍ତ ଚଳାଇଛି ।

### ଲରମ୍ଭା କଲେଜରେ ଯୋଗ ପ୍ରଶିକ୍ଷଣ ଶିବିର

ଅତାବିରା, ୧୪।୭ (ଡି.ଏନ.ଏ)
ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ଭା କଲେଜ ପରିସରରେ ଏକ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ଡ. ନରେନ୍ଦ୍ର କୁମାର ବେହେରା ଯୋଗ ଶିବିର ଉଦଘାଟନ କରିଥିଲେ । ପ୍ରଶିକ୍ଷକ ସୁଶୀଲ ମହାକୁର ଛାତ୍ରୀଛାତ୍ରମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଅଧାପିକା ଜୟ କୁମାରୀ ମିଶ୍ର, ଅଧାପକ ପବିତ୍ର ମାହାଣା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗର ଛାତ୍ରୀମାନେ ଯୋଗଭ୍ୟାସ କରିଥିଲେ । କଲେଜରେ ଜଣେ ଦକ୍ଷ ସ୍ଥାୟୀ ଯୋଗ ପ୍ରଶିକ୍ଷକ ନିଯୁକ୍ତି କରିବା ପାଇଁ ଛାତ୍ରୀଛାତ୍ରମାନେ ଦାବି କରିଥିଲେ । ତିନି ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଶିବିରରେ ଭାଗ ନେଇଥିଲେ ।

### ଲଖମରା କ୍ଲଷ୍ଟରରେ ବନ ମହୋତ୍ସବ

ପଦ୍ମପୁର, ୧୪।୭ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ ଲଖମରା କ୍ଲଷ୍ଟର ଧୁମାଭଟା ସେବାଶ୍ରମ ପରିସରରେ ୭୦ ତମ ବନ ମହୋତ୍ସବ ପାଳିତ ହୋଇଛି । ଏହି ଉପଲକ୍ଷେ ସିଆରସିସି ସୁବାଷ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଏକ ସଚେତନତା ସଭା ହୋଇଥିଲା । ଏଥିରେ ପଦ୍ମପୁର ରେଞ୍ଜର ପ୍ରମୋଦ ସାହୁ, ବନପାଳ ପ୍ରଶାନ୍ତ ବାଗ, ବନରକ୍ଷୀ ତରଣୀସେନ ପ୍ରଧାନ ଯୋଗଦାନ କରି ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ୧୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦାନ କରି ପରିବେଶ ସମ୍ବନ୍ଧୀୟ ଏକ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେବାଶ୍ରମର ପ୍ରଧାନସେବକ ଚନ୍ଦ୍ରମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଆଶ୍ରମ ପରିସରରେ ବୃକ୍ଷରୋପଣ କରାଯାଇଥିଲା ।

## ଜେଲ୍ କଲୋନୀ ମାର୍କେଟ କମ୍ପ୍ଲେକ୍ସ
# ଖତ ଖାଉଛି, ନଜର ନାହିଁ

ବରଗଡ଼ ଅଫିସ,୧୪।୭



ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଜେଲ କଲୋନୀ ମାର୍କେଟ୍ କମ୍ପ୍ଲେକ୍ସ ।

ଆଶ୍ରୟ ନେବା ପାଇଁ ଜାଗାଟିଏ ମିଳୁନାହିଁ । ଫଳରେ ଲୋକେ ଖୋଲା ଆକାଶତଳେ ଜୀବନ ବିତାଉଛନ୍ତି। ଛୋଟ ବ୍ୟବସାୟ କରିବା ପାଇଁ ଦୋକାନଟିଏ ମଧ୍ୟ ମିଳୁ ନାହିଁ। ଏଥିପାଇଁ କାହାକୁ ହାତଗୁଞ୍ଜା ଦେବାକୁ ପଡୁଥିବାବେଳେ ଦୋକାନ ନ ମିଳିଲେ ଫୁଟ୍ପାଥ୍ରେ ବେପାର କରିବାକୁ ପଡୁଛି। ଅନ୍ୟପଟେ ବରଗଡ଼ ସବ୍ଜେଲ ସମ୍ମୁଖରେ ଦୀର୍ଘବର୍ଷ ହେଲା ଏକ ମାର୍କେଟ୍ କମ୍ପ୍ଲେକ୍ସ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବାବେଳେ ସେଥିପ୍ରତି ଜନ ପ୍ରତିନିଧି କିମ୍ବା ପ୍ରଶାସନର ଦୃଷ୍ଟି ପଡୁନାହିଁ । ପୌର ଓ ଜେଲ କର୍ତ୍ତୃପକ୍ଷ ମଧ୍ୟ ଏଥିପ୍ରତି ଚୁପ୍ ବସିଛନ୍ତି। କୁଆଡ଼େ ଏହି ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣକୁ ନେଇ ବିବାଦ ଉପୁଜିଥିଲା ଏବଂ ବିବାଦର ସମାଧାନ ନ ହେବା ଯୋଗୁ ନିର୍ମାଣ ହେବା ଦିନଠାରୁ ଉକ୍ତ ମାର୍କେଟ୍ କମ୍ପ୍ଲେକ୍ସ ଅକାମୀ ହୋଇ ପଡ଼ି ରହିଛି। ଅପରପକ୍ଷେ ସ୍ଥାନୀୟ ଟାଉନ ଥାନା ଓ ସବ୍ଜେଲ ମଝିରେ ରହିଥିବା ଏହି ମାର୍କେଟ୍ କମ୍ପ୍ଲେକ୍ସରେ ରାତିବେଳା ଆପରାଧିକ କାର୍ଯ୍ୟକଳାପ ଚାଲୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି ।

ସୂଚନା ଅନୁସାରେ, ଲୋକଙ୍କୁ ବ୍ୟବସାୟିକ ସୁଯୋଗ ଦେବା ଉଦ୍ଦେଶ୍ୟରେ ଜେଲ କଲୋନୀ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। ଏଠାରେ ୧୨ଟି ଦୋକାନ ଗୃହ ନିର୍ମିତ ହୋଇଛି । ମାତ୍ର ଏବେ ସବୁ ଦୋକାନ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ୪ଟି ଦୋକାନ ଗୃହର କବାଟ ଚୋରି ହୋଇସାରି ଥିବାବେଳେ ଅନ୍ୟ ଗୃହର କବାଟରେ ମଧ୍ୟ କଳଙ୍କି ଲାଗି ତାହା ନଷ୍ଟ ହେବାରେ ଲାଗିଛି। କଥା ସେତିକିରେ ସରିନାହିଁ। ଅବ୍ୟବହୃତ ହୋଇ ପଡ଼ିଥିବା ଯୋଗୁ ଉକ୍ତ ମାର୍କେଟ୍ କମ୍ପ୍ଲେକ୍ସ ଅପରାଧୀଙ୍କ ଆଡ୍ଡାସ୍ଥଳ ପାଲଟିଛି । ଥାନା ସମ୍ମୁଖରେ ମାର୍କେଟ୍ କମ୍ପ୍ଲେକ୍ସ ଥିଲେ ସୁଦ୍ଧା ଗତ କିଛିବର୍ଷ ତଳେ ଉକ୍ତ ମାର୍କେଟ୍ କମ୍ପ୍ଲେକ୍ସର ଏକ ଦୋକାନ ଗୃହରେ ହତ୍ୟାକାଣ୍ଡ ଘଟିଥିଲା । ତଥାପି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚେତା ପଶିନାହିଁ । ମାର୍କେଟ୍ କମ୍ପ୍ଲେକ୍ସର ପୁନରୁଦ୍ଧାର କଥା ଦୂରେ ଥାଉ, ଏପର୍ଯ୍ୟନ୍ତ ମାର୍କେଟ୍ କମ୍ପ୍ଲେକ୍ସକୁ କାର୍ଯ୍ୟକ୍ଷମ କରାଯାଇ ପାରିନାହିଁ ।

ଅନ୍ୟପଟେ ଏହି କମ୍ପ୍ଲେକ୍ସ ପାଖାପାଖି କେତେକ ସ୍ଥାନରେ ସଟ୍ଟା ଜୁଆ, ଗଞ୍ଜେଇ ଆଦି ନିଶା କାରବାର ଚାଲୁଥିବା ଅଭିଯୋଗ ହୋଇଛି । ଆଉ ଏଭଳି କାରବାର ଯୋଗୁ ସହରରେ ଆପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଥିବା ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି। ଅସୁରକ୍ଷିତ ଓ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଏହି ମାର୍କେଟ୍ କମ୍ପ୍ଲେକ୍ସର କିଛି ଅଂଶକୁ କେତେକ ଛୋଟିଆ ବେପାରୀ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ତାହା ସେମାନଙ୍କୁ ରୋଜଗାର ଦେଉଛି ସତ, ମାତ୍ର ମାର୍କେଟ୍ କମ୍ପ୍ଲେକ୍ସଟି ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ନ ପାରି ତାହା ଆପରାଧିକ ଆଡ୍ଡାସ୍ଥଳ ପାଲଟିବା ଚିନ୍ତାର ବିଷୟ ପାଲଟିଛି । ଉକ୍ତ ମାର୍କେଟ୍ କମ୍ପ୍ଲେକ୍ସର ପୁନରୁଦ୍ଧାର ତଥା କାର୍ଯ୍ୟକ୍ଷମ ଦିଗରେ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ମଧ୍ୟ ଏଠାରେ ଅପରାଧ ଘଟିବା ଆଶଙ୍କାକୁ ଏଡ଼ାଇ ଦେଇ ହେଉନାହିଁ ।

## କଥାକାର ମନୋହର ସାହୁଙ୍କ ଜୟନ୍ତୀ ପାଳିତ

ଘେଁସ,୧୪।୭(ଡି.ଏନ.ଏ)

ସୋହେଲା ବ୍ଲକ ଘେଁସ ବୈଦିକ ମଣ୍ଡପରେ ରବିବାର କଥାକାର ମନୋହର ସାହୁ ଜୟନ୍ତୀ ପାଳିତ ହୋଇଯାଇଛି । ଅଭିମନ୍ୟୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମିଜୀ ସୁରେଶ୍ୱରାନନ୍ଦ ସରସ୍ୱତୀ ମୁଖ୍ୟଅତିଥି, ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା, ଘେଁସ ରେଞ୍ଜର ରେବତି ରଞ୍ଜନ ଯୋଷୀ, ସଂସଦର ସଭାପତି ଅଶୋକ କୁମାର ପୂଜାହାରୀ, ସମ୍ପାଦକ ଶୁଶାନ୍ତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିନୋଦ ବିହାରୀ ମେହେର ସଭା ପରିଚାଳନା କରିଥିଲେ । ଏହି ଅବସରରେ ବିଶିଷ୍ଟ ସାମାଜିକ କର୍ମୀ ଡୋଲାମଣି ପଟେଲ ଏବଂ ବିଶିଷ୍ଟ କଥା ସାହିତ୍ୟିକ ଭବାନୀ ପଧାନଙ୍କୁ ମନୋହର ସମ୍ମାନ୨୦୧୯ ରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଅପରାହ୍ନରେ ଏକ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବହୁ ସଂଖ୍ୟାରେ ଭଗବତପ୍ରେମୀ ଯୋଗ ଦେଇଥିଲେ । ସୁବାଷ ମେହେର, ଶୋଭାଚନ୍ଦ୍ର ପଧାନ, ସୁରେନ୍ଦ୍ର ମୋହନ ସାହୁ, ପ୍ରିୟବ୍ରତ ସାହୁ, ଦୟାନିଧି ପଟେଲଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ଭଗବତପ୍ରେମୀ ସହଯୋଗ କରିଥିଲେ ।



ମନୋହର ସାହୁ ଜୟନ୍ତୀ ଅବସରରେ ସତସଙ୍ଗ କାର୍ଯ୍ୟକ୍ରମ ।

## ପଶ୍ଚିମ ଓଡ଼ିଶାର ଆଦିକବି ଯୁଗ ଦାସ ଶୀର୍ଷକ ଜାତୀୟ ସମ୍ମାନ




ଯୁଗ ଦାସଙ୍କ ଜାତୀୟ ସମ୍ମାନରେ ମଞ୍ଚାସୀନ ଅତିଥିବୃନ୍ଦ ।

ପାଇକମାଲ, ୧୪।୭(ଡି.ଏନ.ଏ)

ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ଓ ନୃସିଂହନାଥ ମନ୍ଦିର ଟ୍ରଷ୍ଟ ସହାୟତାରେ ରବିବାର ପାଇକମାଲର ପଶ୍ଚିମ ଓଡିଶା (କୋଶଳାଞ୍ଚଳ)ର ଆଦିକବି ଯୁଗ ଦାସଙ୍କ ଉପରେ ଜାତୀୟ ସମ୍ମାନ ନୃସିହଂନାଥ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଖଗେଶ୍ୱର ସାହିତ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ କୋଶଳ ସମ୍ବନୟ କମିଟି ଅଧକ୍ଷ ମନୋରଞ୍ଜନ ସିଂ ବରିହା ସଭାପତିତ୍ୱ କରିଥିଲେ । ଗାନ୍ଧୀ ସ୍ମୃତି ପାଠାଗାର ଅଧକ୍ଷ ଅରୁଣ ମହାନ୍ତି ମୁଖ୍ୟଅତିଥି, ଡା. ମାନଭଞ୍ଜନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅଶୋକ ବହିଦାର ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦୋନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଡା. ସୁଶାନ୍ତ କୁମାର ବିଶି, ପଶ୍ଚିମ ଓଡିଶାର ଚୈତନ୍ୟ ଦାସ ଏବଂ ଡା. ମାନଭଞ୍ଜନ ପ୍ରଧାନ ପ୍ରମୁଖ କବି ଯୁଗଦାଙ୍କ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ବ୍ୟଙ୍ଗକବି ମନୋରଞ୍ଜନ ସାହୁ ସଭାପତିତ୍ୱ କରିଥିବା ବେଳେ ମନୋରଞ୍ଜନ ସିଂ ବରିହା, ମାନଭଞ୍ଜନ ପ୍ରଧାନ, ଡା. କେଶରଞ୍ଜନ ପ୍ରଧାନ, ଡା. ଭକ୍ତ ପୁରନ ସାହୁ, ଡା. ସଂଘମିତ୍ରା ମିଶ୍ର, ଡା. ସୁଶାନ୍ତ କୁମାର ବିଶୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ, ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର, ଗବେଷକ ଏବଂ ଶତାଧିକ ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ । ଡା. ସରୋଜ କୁମାର ନାୟକ, ବିଜୟ କୁମାର ପ୍ରଧାନ, ସନ୍ତୋଷ ସିଂ ଠାକୁର, ଚିତ ରଞ୍ଜନ ସରାପ, ମହେଶ୍ୱର ସାହୁ, ଦୁର୍ଗାଶିଷ ପଟ୍ଟନାୟକ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ଯଜ୍ଞେଶ୍ୱର ରଥ, ଜୟ ପ୍ରକାଶ ସତପଥୀ ପ୍ରମୁଖ ସହଯୋଗ କରିଥିଲେ । ଦୁଃଖୀରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରକ୍ତଦାନ ଶିବିର, ୩୭ ୟୁନିଟ ସଂଗ୍ରହ

ପଦ୍ମପୁର, ୧୪।୭ (ଡି.ଏନ.ଏ)

ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରକୁ ଥାନା ଅଧିକାରୀ ମାନସ ରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉଦଘାଟନ କରିଥିଲେ । ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟା ମନ୍ଦିର ପରିଚାଳନା କମିଟି ସଭାପତି ଆଶିଷ କୁମାର ମିଶ୍ର, ସମାଜସେବୀ ନିରୋଜ ଦୋରା, ଉପଦେଷ୍ଟା କମିଟି ସଭାପତି ପ୍ରିତିଶ ବହିଦାର, ସମ୍ପାଦକ ହିତେଶ ଅଗ୍ରୱାଲ, ସୁନୀଲ ଅଗ୍ରୱାଲ ଅତିଥି ଭାବେ ଉପସ୍ଥିତ ଥିଲେ । ଉଦଘାଟନୀ ଉତ୍ସବକୁ ଅଞ୍ଜନ କୁମାର ପ୍ରଧାନ ସଂଯୋଜନା କରିଥିଲେ । ଶିବିରରେ ମୋଟ ୩୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

## ସମସ୍ୟା ଘେରରେ ବରପାଲି ଦୈନିକ ବଜାର

ବରପାଲି, ୧୪।୭ (ଡି.ଏନ.ଏ)

ବରପାଲି ସହର ଭିତରେ ବସୁଥିବା ଦୈନିକ ବଜାର ସମସ୍ୟା ଘେରରେ ରହିଛି। ଏହି ବ୍ଲକର ବିଭିନ୍ନ ପ୍ରାନ୍ତରୁ ବହୁ ଚାଷୀ ଓ ବେପାରୀ ପନିପରିବା ଏଠାକୁ ଆଣି ବେପାର କରିଥାନ୍ତି । ପ୍ରତିଦିନ ସକାଳୁ ବଜାର ବସିଥାଏ । ଏହା ଉପରେ ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରୀପାଲି, ଚିନାଜୁରି ଆଦି ଅଞ୍ଚଳର ବେପାରୀ ନିର୍ଭରଶୀଳ । ସକାଳ ୫ଟାରୁ ସେମାନେ ହଟଲିକୁ ପରିବା ନେବାକୁ ଆସିଥାନ୍ତି। ଚାଷୀଙ୍କ ପରିବା ବଜାରକୁ ପହଞ୍ଚିବା ମାତ୍ରେ ତାକୁ ମୂଳଚାଲ କରି ନେଇଯାନ୍ତି। ଫଳରେ ବାକି ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଘଟିବା ବେଳେ ତାହା ସହରର ଖାଉଟି ଉପରେ ପଡିଥାଏ । ଏହି ବଜାରକୁ ସ୍ଥାନୀୟ ଏନଏସି ରକ୍ଷଣାବେକ୍ଷଣ କରୁଛି। ଏନଏସି ଚାଷୀଙ୍କଠାରୁ ଟିକସ ଆଦାୟ କରିବା ପାଇଁ ଜଣଙ୍କୁ ଠିକା ସୂତ୍ରରେ ଦେଇଛନ୍ତି । କିନ୍ତୁ ଦୁର୍ଭାଗ୍ୟ କଥା ଚାଷୀଙ୍କ ବସିବା ପାଇଁ ତାଙ୍କୁ ଆବଶ୍ୟକ ଜାଗା ଟିକିଏ ମଧ ମିଳୁନାହିଁ । ଫଳରେ ସେମାନେ ବାଧ ହୋଇ ଶସ୍ତା ଦରରେ ନିଜ ଜିନିଷ ବିକ୍ରି କରି ଚାଲିଯାଆନ୍ତି। ବଜାର ଭିତରେ ଏନଏସି ପକ୍ଷରୁ ବେପାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ପିଣ୍ଡି ଓ ଘର ତିଆରି ହୋଇଥିବା ବେଳେ ତାହା କାମରେ ନୁହେଁ । ବେପାରୀମାନେ ପିଣ୍ଡିରେ ନ ବସି ବାହାରେ ପସରା ମେଲାଇ ବସୁଥିବାରୁ ରାସ୍ତା ସଙ୍କୁଚିତ ହୋଇ ସମସ୍ୟା ସୃଷ୍ଟି କରୁଛି । ସେହିପରି ବଜାର ଭିତରକୁ ପ୍ରବେଶ ପଥରେ ମାଂସ କଟା ଯାଉଥିବା ଯୋଗୁ ଅସୁବିଧା ହେଉଛି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଏ ନେଇଏନଏସି କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

## ନିର୍ସଗ ନିବାସରେ ବୃକ୍ଷରୋପଣ

ପାଇକମାଲ,୧୪।୭(ଡି.ଏନ.ଏ)

ପାଇକମାଲ ନୃସିଂହନାଥ ରାସ୍ତାରେ ଥିବା ନିର୍ସଗ ନିବାସ ଠାରେ ରବିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛ । ଏ ନେଇ ନିବାସର ପ୍ରତିଷ୍ଠାତା ସ୍ୱର୍ଗତ ଅଲେଖ ପାତ୍ର ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିପୀଠ ପରିସରରେ ଚାଷୀ ନେତା ଲିଙ୍ଗରାଜଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା । ଏଥିରେ ପ୍ରକୃତିବନ୍ଧୁ ମୀନକେତନ ସାହୁ, ସେବାଶ୍ରୀ ପାତ୍ର, ଅବନୀ ପାତ୍ର, ପ୍ରଣବ ଅନୁରାଗ, ଇଶା ଇପ୍ସିତା, ଟେକଚାନ୍ଦ ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ, ଅମିତାଭ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ ଉପକାରିତା ଉପରେ କହିବା ସହ ବୃକ୍ଷଚାରା ରୋପଣ କରିଥିଲେ । ଶେଷରେ ଲିଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଦର୍ଶ ସ୍କୁଲ ଅଭିଭାବକଙ୍କ ବୈଠକ

ପଦ୍ମପୁର, ୧୪।୭ (ଡି.ଏନ.ଏ)

ପଦ୍ମପୁର ରାଜବୋରାସମ୍ବର ବ୍ଲକ ଅନ୍ତର୍ଗତ ବାନ୍ଧୁପାଲିରେ ଥିବା ଆଦର୍ଶ ବିଦ୍ୟାଳୟରେ ଅଭିଭାବକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ଅଧକ୍ଷ ଜିତେନ୍ଦ୍ରିୟ ପ୍ରଧାନ ଓ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ। ଅଭିଭାବକ ପ୍ରଶାନ୍ତ ମିଶ୍ର ସଭାପତିତ୍ୱ କରିଥିଲେ । ସଭାରେ ନୂତନ ବିଜ୍ଞାନ ଶିକ୍ଷକ ନାରାୟଣ ବଘାଲଙ୍କୁ ସ୍ୱାଗତ କରାଯାଇଥିଲା । ସେହିପରି ବିଦ୍ୟାଳୟର ବିଭିନ୍ନ ସମସ୍ୟା ଆଲୋଚନା କରି ସମାଧାନ ପାଇଁ ସରକାରଙ୍କୁ ଜଣାଇବାକୁ ନିଷ୍ପତ୍ତି ନିଆଯାଇଥିଲା । ଶେଷରେ ଶିକ୍ଷକ ନାରାୟଣ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଛାତ୍ରୀ ନିବାସ ପରିସରରେ ୨ଶହ ଚାରାରୋପଣ



ଛାତ୍ରୀନିବାସ ପରିସରରେ ବୃକ୍ଷଚାରା ରୋପଣ କରାଯାଉଛି ।

ଭଟଲି,୧୪।୭(ଡି.ଏନ.ଏ)

ଭଟଲି ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟର ୟୁଜିସି ଛାତ୍ରୀ ନିବାସ ପରିସରରେ ରବିବାର ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଅଧାପକ ଶ୍ୟାମଲାଲ ନାୟକଙ୍କ ଅଧକ୍ଷତାରେ ଏକ ବୈଠକ ଛାତ୍ରୀ ନିବାସରେ ହୋଇଥିଲା । ପ୍ରତ୍ୟେକ ବର୍ଷ ଅତି କମ୍ରେ ଜଣେ ମଣିଷ ୫ଟି ଗଛ ଲଗାଇବା ଏବଂ ସେଗୁଡିକର ଉପଯୁକ୍ତ ଯତ୍ନ ନେବା ଉଚିତ ବୋଲି ମତପ୍ରକାଶ ପାଇଥିଲା । ଭଟଲି ରେଞ୍ଜର ଫରେଷ୍ଟର ସୁଦାମ ଜଗଦଲା ଯୋଗଦେଇ ସମସ୍ତେ ବ୍ୟାପକ ଜଙ୍ଗଲ ସୃଷ୍ଟି ଦିଗରେ ମନ ବଳାଇବାକୁ ଅନୁରୋଧ କରିଥିଲେ । ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଅଧାପକ ରବି ପଣ୍ଡା, ଲାଇବ୍ରେରିଆନ୍ ରସାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଛାତ୍ରୀ, ଅଧାପକ ଏବଂ ଅତିଥିମାନେ ମିଶି ଛାତ୍ରୀ ନିବାସ ପରିସରରେ ବିଭିନ୍ନ ପ୍ରକାରର ୨୦୦ ଚାରା ରୋପଣ କରିଥିଲେ ।

## ବିସିଏରେ ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା

### ସ୍ନେହା ଅଗ୍ରୱାଲ କଲେଜ ଟପ୍ପର

ବରଗଡ଼ ଅଫିସ୍,୧୪।୭

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ୨୦୧୬-୧୯ ଶିକ୍ଷାବର୍ଷ ପାଇଁ ବିସିଏ ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ବିକାଶ ଶିକ୍ଷାନୁଷ୍ଠାନ ସମୁହ ଅନ୍ତର୍ଗତ ବିକାଶ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟର ବିସିଏ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି। ବିସିଏ ବିଭାଗର ସ୍ନେହା ଅଗ୍ରୱାଲ ସର୍ବାଧିକ ୮୧.୬୩ ମାର୍କ ରଖି ଶୀର୍ଷରେ ଥିବାବେଳେ ପି. ଭବ୍ୟଶ୍ରୀ ୮୧.୧୯, ଏମ. ଚିନ୍ମୟ ନାୟକ ୮୧.୦୪, ସ୍ୱର୍ଣ୍ଣ ମେହେର ୮୦.୬୭, ଅନିକେତ ଶର୍ମା ୮୦.୪୮ ପ୍ରତିଶତ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ୫ଜଣ ଛାତ୍ରୀଛାତ୍ର ଫାଷ୍ଟ କ୍ଲାସ ଅନର୍ସ ୱିଥ୍ ଡିଷ୍ଟିଙ୍କସନ ପାଇଥିବା ବେଳେ ୭ଜଣ ଛାତ୍ରୀଛାତ୍ର ଫାଷ୍ଟକ୍ଲାସ ୱିଥ୍ ଅନର୍ସ ଏବଂ ୧୪ଜଣ ଛାତ୍ରୀଛାତ୍ର ଫାଷ୍ଟକ୍ଲାସ ହାସଲ କରିଛନ୍ତି । ବିବିଏ ଏବଂ ବିସିଏର ୨୦ଜଣ ଛାତ୍ରୀଛାତ୍ର ଚଳିତବର୍ଷ ଆଇବିଏମ, ଟିସିଏସ୍, ଇନଫୋସିସ୍, ୱିପ୍ରୋ ଏବଂ କ୍ୟାପଜେମିନି ଭଳି ସଂସ୍ଥାରେ ନିଯୁକ୍ତି ପାଇଥିବା ଅନୁଷ୍ଠାନର ଡାଇରେକ୍ଟର (ଆଡ୍ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ପ୍ରକାଶ କରିଛନ୍ତି । ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ଅନ୍ତର୍ଗତ ବିକାଶ ସ୍କୁଲ ଅଫ୍ ବିଜିନେସ ମ୍ୟାନେଜମେଣ୍ଟର ବିବିଏ ଓ ବିସିଏ ପାଠ୍ୟକ୍ରମରେ ଗୁଣାତ୍ମକ ମାନର ଶିକ୍ଷାଦାନ ସହିତ କ୍ୟାରିୟର ମ୍ୟାନେଜମେଣ୍ଟ ସେଣ୍ଟର ମାଧ୍ୟମରେ ଔଦ୍ୟୋଗିକ ସଫଳତା ନିମନ୍ତେ ଶିକ୍ଷାଦାନ ପ୍ରଦାନ ହିଁ ସଫଳତାର ଚାବିକାଠି ବୋଲି ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା କହିଛନ୍ତି । ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



ସ୍ନେହା ଅଗ୍ରୱାଲ



ପି. ଭବ୍ୟଶ୍ରୀ



ଏମ. ଚିନ୍ମୟ ନାୟକ



ସ୍ୱର୍ଣ୍ଣ ମେହେର



ଅନିକେତ ଶର୍ମା

## ଭଡ଼ାଘରେ ଚାଲିଛି ମନମୁଣ୍ଡା ଉପ ଡାକଘର

### ଅଫିସ୍ ପାଇଁ ଉଦ୍ଦିଷ୍ଟ ଜାଗା ଜଙ୍ଗଲ ପାଲଟିଛି

ମନମୁଣ୍ଡା, ୧୪।୭ (ଡି.ଏନ.ଏ)

ମନମୁଣ୍ଡା ଉପଡାକଘର ପାଇଁ ଜାଗା ଆବୋରା ଯାଇଛି । ହେଲେ କାମ କରା ନ ଯିବାରୁ ଉକ୍ତ ସ୍ଥାନ ଜଙ୍ଗଲ ପାଲଟିଥିବା ଦେଖିବାକୁ ମିଳିଛି । ବୌଦ୍ଧ ଜିଲା ମନମୁଣ୍ଡା ଉପଡାକଘର ଆରମ୍ଭ ଦିନରୁ ଭଡା ଗୃହରେ ଚାଲିଛି। ନିଜସ୍ୱ କାର୍ଯ୍ୟାଳୟ ଗୃହ ନିମାଣ କରିବା ପାଇଁ ମନମୁଣ୍ଡା ଡାକ୍ତରଖାନା ସାମନା ଏନଏଚ-୫୭ କଡରେ ବିଭାଗ ତରଫରୁ ଜାଗା ନିଆଯାଇଛି। ସେଠାରେ ବିଭାଗର ଫଳକ ସହ ଉକ୍ତ ପ୍ଲଟ ନଂ. ୩୨୭ରେ ସିମେଣ୍ଟ କାନ୍ଥ ବାଡ ମଧ ନିର୍ମାଣ ସରିଛି । ପ୍ଲଟ ନେବାର ଆଜକୁ ପ୍ରାୟ ୨୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଯିବ । ହେଲେ ଅଦ୍ୟାବଧି କାର୍ଯ୍ୟାଳୟ ନିର୍ମାଣ ହୋଇ ପାରିନାହିଁ । ସେଠାରେ ଲଟାବୁଟା ସହ ଶାଗୁଆନ ଭଳି ମୂଲ୍ୟବାନ ଗଛମାନ ବଡ ବଡ ହୋଇ ଜଙ୍ଗଲ ପାଲଟି ଯାଇଛି । ଏ ସମ୍ପର୍କରେ ଡାକଘର ସୁପରିଣ୍ଟେଣ୍ଡେଣ୍ଟଙ୍କ ପ୍ରତିକ୍ରିୟା ଜାଣିବାକୁ ଫୋନ କରାଯିବା ସତ୍ତ୍ୱେ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା ।




ଉପଡାକଘର ପାଇଁ ଉଦ୍ଦିଷ୍ଟ ଜାଗା ଜଙ୍ଗଲ ପାଲଟିଛି ।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ବିନିକାରେ ଲୋକ ଅଦାଲତ

**ବିନିକା,୧୪।୭(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବିଚାର ବିଭାଗୀୟ ଅଦାଲତରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସିଭିଲ ଜଜ୍ ଜୁନିୟର ଡିଭିଜନ ଜଗଦୀଶ ଚନ୍ଦ୍ର ଜେନା ୨ଟି ଗୁରୁତ୍ୱପୂର୍ଣ୍ଣ ମକଦମାର ଫଇସଲା କରିଥିଲେ । ଅନୁଷ୍ଠିତ ଅଦାଲତ ପରିଚାଳନା କାର୍ଯ୍ୟକ୍ରମରେ ସ୍ଥାନୀୟ ଓକିଲ ସଂଘର କର୍ମକର୍ତ୍ତାଙ୍କ ସମେତ ବିନିକା କୋର୍ଟର ମୁଖ୍ୟ କିରାଣୀ ବାବୁଲାଲ ପଣ୍ଡା, ଦିନେଶ ମେଣ୍ଡେଲି, ଉମାଶଙ୍କର ସାହୁ, ଜଗନ୍ନାଥ ପଧାନ, ଚନ୍ଦ୍ର ଶେଖର କର୍ଣ୍ଣ, ଆଶିଷ ପଧାନ ପ୍ରମୁଖ ସହଯୋଗ କରିଥିଲେ ।

### ବାଉଁଶୁଣୀ-ଗୁନ୍ଦୁଲିଆ ରାସ୍ତା ଶୋଚନୀୟ

**ବାଉଁଶୁଣୀ, ୧୪।୭ (ଡି.ଏନ.ଏ):** ବୌଦ୍ଧ ବ୍ଲକ ବାଉଁଶୁଣୀରୁ ଗୁନ୍ଦୁଲିଆକୁ ଯାଉଥିବା ରାସ୍ତା ଶୋଚନୀୟ ହୋଇ ପଡିରହିଛି । ସେହି ରାସ୍ତା ଉପରେ ୧୫ରୁ ୨୦ ଗ୍ରାମବାସୀ ନିର୍ଭର କରନ୍ତି । ଏବେ ସେହି ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଗଲାଣି। ଫଳରେ ଛୋଟ ଶିଶୁ ପାଠପଢ଼ିବା ପାଇଁ ଯିବା ଆସିବା କଷ୍ଟକର ହୋଇପଡୁଛି । ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୁନ୍ଦୁଲିଆରୁ ୨ କିମି କାର୍ଯ୍ୟ ହେବା ପରେ ୩ମାସ ହେବ ବନ୍ଦ ରହିଛି। ତୁରନ୍ତ ଉକ୍ତ ରାସ୍ତା କାମ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

### କଣ୍ଟାମାଳ ବ୍ଲକ କଳାକାର ସଂଘର ନୂତନ କମିଟି ଗଠିତ: ବକେୟା ଭତ୍ତା ପ୍ରଦାନ ପାଇଁ ଦାବି

**ମନମୁଣ୍ଡା, ୧୪।୭ (ଡି.ଏନ.ଏ):** କଣ୍ଟାମାଳ ବ୍ଲକ କଳାକାର ସଂଘର ନୂତନ କମିଟି ରବିବାର ଗଠିତ ହୋଇଛି । ଖଟଖଟିଆ ଶିବ ମନ୍ଦିର ପ୍ରାଙ୍ଗଣ ଉପଦେଷ୍ଟା ରାମହରି ପ୍ରଧାନଙ୍କ ଆବହକତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ସଭାପତି ଭାବେ ବରିଷ୍ଠ କଳାକାର ଲିଙ୍ଗରାଜ ପ୍ରଧାନ, ଉପସଭାପତି ପଞ୍ଚାନନ ଅମାତ, ସମ୍ପାଦକ ଫକୀର ଚରଣ ପ୍ରଧାନ, କାର୍ଯ୍ୟକାରୀ ସଦସ୍ୟ ଭାବେ ଗଦାଧର ସାଲମା, ରୁଦ୍ର ମେହେର, ବେଦବ୍ୟାସ ମଲ୍ଲିକ, ସଞ୍ଜୟ କବାଟ, କର୍ପୁଚନ ଦେବତା ପ୍ରମୁଖଙ୍କୁ ସର୍ବସମ୍ମତିକ୍ରମେ ମନୋନିତ କରାଯାଇଛି । ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ହିତାଧିକାରୀ ୫୨ ଜଣଙ୍କ ମଧ୍ୟରୁ ୩୨ ଜଣ ସଭ୍ୟ ଉପସ୍ଥିତ ଥିଲେ । ମାସିକ ୧୨୦୦ ହିସାବରେ ୬ ମାସର ଭତ୍ତା ଅଦ୍ୟାବଧି ମିଳି ନ ଥିବାରୁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା । ତୁରନ୍ତ ସେସବୁ ପ୍ରଦାନ କରିବାକୁ ପ୍ରଶାସନକୁ ଜଣାଇବା ସକାଶେ ପ୍ରସ୍ତାବ ଗୃହୀତ ହୋଇଥିଲା । ଠିକ ସମୟରେ ଭତ୍ତା ମିଳିଲେ କଳାକାରମାନେ କଳା ପ୍ରତି ଆଗ୍ରହ ଦେଖାଇ ସଂସ୍କୃତିକୁ ବଜାୟ ରଖିପାରିବେ ବୋଲି ସଭାପତି ଲିଙ୍ଗରାଜ ପ୍ରଧାନ ମତବ୍ୟକ୍ତ କରିଥିଲେ ।

### ଗଞ୍ଜେଇ ଜବତ, ଦୁଇ ଅଟକ

**ବୌଦ୍ଧ,୧୪।୭(ସ୍ୱ.ପ୍ର):** ବୌଦ୍ଧ ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ଆମ୍ବଝରୀ ପଞ୍ଚାୟତର ଖଜୁରୀପଡା ଓ ମାତାଗାଡୁ ଅଞ୍ଚଳରେ ଚଢାଉ କରି ୧୪ କେଜି ଗଞ୍ଜେଇ ଓ ୩ଟି ବାଇକ୍ ଜବତ କରାଯାଇଛି। ଏହି ଘଟଣାରେ ଥାନାରେ ଦୁଇଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ତେବେ ଗଞ୍ଜେଇ କାରବାରରେ ଆହୁରି ଅନେକ ଅଭିଯୁକ୍ତ ବାହାରେ ରହିଥିବାରୁ ପୋଲିସ ଅଭିଯୁକ୍ତଙ୍କ ପରିଚୟ ଓ କୌଣସି ତଥ୍ୟ ପ୍ରଦାନ କରିବାକୁ ମନା କରିଦେଇଛି ।

# ପରିବା ଦର ଆକାଶଛୁଆଁ

**ସୋନପୁର,୧୪।୭(ନି.ପ୍ର.)**

ବର୍ଷାଋତୁ ଆସି ଯାଇଥିଲେ ହେଁ ସୁବର୍ଣ୍ଣପୁର ଜିଲାରେ ପନିପରିବା ଦର ହ୍ରାସ ପାଉନି। ଏଥିଯୋଗୁଁ ଖାଉଟିଙ୍କ ଚିନ୍ତା ବଢିବାରେ ଲାଗିଛି। ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପରିବା ଉତ୍ପାଦନ ହ୍ରାସ ପାଇଥିବାରୁ ଏଭଳି ଦର ବୃଦ୍ଧି ଘଟିଥିବା କୁହାଯାଉଛି। ଅତ୍ୟଧିକ ଉତ୍ତାପ ଯୋଗୁଁ ପରିବା ଗଛର ପତ୍ରଗୁଡିକ ପୋଡି ଯାଇଥିଲା। ତେଣୁ ଆଷାଢ ମାସ ଶେଷ ହେବାକୁ ବସିଥିବା ବେଳେ ଜିଲାରେ ପରିବା ଦର ଆକାଶ ଛୁଆଁ ରହିଛି। ଦର କମି ନ ଥିବାରୁ ଲୋକେ କେତେ ପରିମାଣରେ ଓ କେଉଁ ପରିବା କିଣିବେ ସେ ନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। ୩୦୦ଟଙ୍କା ନେଇ ପରିବା ମାର୍କେଟକୁ ଗଲେ ମଧ ବ୍ୟାଗ୍ ଭର୍ତ୍ତି ହେଉନାହିଁ। ଜିଲାରେ ଚଳିତ ବର୍ଷ ତାପମାତ୍ରା ରେକର୍ଡ ୪୫ଡିଗ୍ରୀ ଅତିକ୍ରମ କରିବା ପରେ ବାଇଗଣ, ଭେଣ୍ଡି, କୁନ୍ଦୁରି, ପୋଟଳ, କଲରା, ଜହ୍ନି ଓ ବିମ୍ବ ଆଦି ଗଛଗୁଡିକର ପତ୍ର ପୋଡି ଯାଇଛି। ତେଣୁ ବର୍ତ୍ତମାନ ସୁଦ୍ଧା ଦୁର୍ବଳ ଗଛରେ ଫୁଲ ଆସୁନାହିଁ କିମ୍ବା ଫଳ ହେଉନାହିଁ। ଏଥିଯୋଗୁଁ ବଜାରରେ ପନିପରିବାର ଅଭାବ ଦେଖାଦେଇଛି। ଖାଉଟିଙ୍କ ଚାହିଦାକୁ ନେଇ ଏବେ ଜିଲାର ପ୍ରାୟ ସବୁ ହାଟ ଓ ମାର୍କେଟରେ କିଲୋ ପ୍ରତି ମୂଲ୍ୟ ପରିବର୍ତ୍ତେ ୨୫୦ଗ୍ରାମର ମୂଲ୍ୟ ଡାକ ଶୁଭୁଛି। ସାଧାରଣତଃ ଜିଲାର ବ୍ଲକ, ନଦୀ କୂଳବର୍ତ୍ତୀ ଅଞ୍ଚଳ ଓ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଞ୍ଚଳରୁ ସୁବର୍ଣ୍ଣପୁର ସହରକୁ ଶାଗ ଓ ପରିବା ଆସିଥାଏ।



ମଝିପଡା ମାର୍କେଟ୍‌ରେ ଜଣେ ବ୍ୟବସାୟୀ ପରିବା ପସରା ମେଲାଇଛନ୍ତି ।

ମାତ୍ର ଉକ୍ତ ଅଞ୍ଚଳରୁ ପରିବା ଆମଦାନୀ ହ୍ରାସ ପାଇଥିବା ବେଳେ ରାଜ୍ୟ ବାହାରୁ ମଧ ଆବଶ୍ୟକ ପରିବା ବଜାରକୁ ଆସିନାହିଁ ବୋଲି ମଝିପଡା ମାର୍କେଟର ପରିବା ବ୍ୟବସାୟୀ କାର୍ତ୍ତିକେଶ୍ୱର ମହାଲିକ କୁହନ୍ତି। ସେହିଭଳି ସହରସ୍ଥିତ ବଡବଜାର ଅଞ୍ଚଳର ସୁଜାତା ମେହେର କୁହନ୍ତି, ଆଷାଢ ମାସର ପରିବା ଦର ପୂର୍ବବର୍ଷର ସବୁ ରେକର୍ଡକୁ ଭାଙ୍ଗି ଦେଇଛି। ଗୋଟିଏ ପଟେ ଜଳସେଚନର ଅଭାବ ଓ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜିଲାରେ ପରିବା ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ତେବେ ଦରବୃଦ୍ଧି ପାଇଁ ରଥଯାତ୍ରା ସମୟରେ ନିରାମିଷାଶୀ ଲୋକେ ସବୁଠୁ ଅଧିକ ହଇରାଣ ହେଉଥିବା କହିଥିଲେ ଶାନ୍ତିନଗର ଅଞ୍ଚଳର ଗୃହିଣୀ ମମତା ପୃଷ୍ଟି । କାରଣ ପରିବା ଦର ଅଧିକ ଯୋଗୁଁ ଆମିଷାଶୀ ଲୋକମାନେ ମାଛ, ମାଂସ ଓ ଅଣ୍ଡାରେ କାମ ଚଳାଇ ଦେଉଛନ୍ତି । ସେହିଭଳି ମଙ୍ଗଳବାର ମାର୍କେଟର ପରିବା ବ୍ୟବସାୟୀ ବୁଧୁବାରୀ ବର୍ଛାଟ କୁହନ୍ତି ପ୍ରଚଣ୍ଡ ଗ୍ରୀଷ୍ମ ପରେ ପରେ ଜଳାଭାବ ପାଇଁ ଦର ବୃଦ୍ଧି ପାଇଛି। ମୌସୁମୀ ଉଭାନ ହୋଇଯାଇଛି। ତେବେ ବର୍ଷା ହେଲେ ଗ୍ରାମାଞ୍ଚଳରୁ ଉତ୍ପାଦିତ ବର୍ଷାଦିନିଆ ପନିପରିବା ଆସନ୍ତା ୧୫ରୁ ୨୦ ଦିନ ମଧ୍ୟରେ ବଜାରରେ ଉପଲବ୍ଧ ହେବ। ଅନ୍ୟପକ୍ଷରେ କଳାପଥର ଅଞ୍ଚଳର ଉପେନ୍ଦ୍ର ମେହେର କୁହନ୍ତି, ପରିବା ଦର ଆକାଶଛୁଆଁ ଯୋଗୁଁ ତାଙ୍କ ମୁଣ୍ଡରେ ଚିନ୍ତା ବଢ଼ିଯାଇଛି। ସେ ଜଣେ ଶ୍ରମଜୀବୀ ହୋଇଥିବା ବେଳେ ଝିଅର ବାହାଘର ଭୋଜି ପାଇଁ ୨ହଜାର ଟଙ୍କା ନେଇ ମଝିପଡା ଦୈନିକ ମାର୍କେଟକୁ ଆସିଥିଲେ । ମାତ୍ର ସେତିକି ଟଙ୍କା ପରିବା କିଣିବା ପାଇଁ ଅଣ୍ଟିଲାନି। ସେ କଣ କରିବେ ଚିନ୍ତାରେ ଅଛନ୍ତି। ରବିବାର ମାର୍କେଟରେ ଜହ୍ନି କିଲୋ ୬୦ଟଙ୍କା, ଝୁଡଙ୍ଗ ୬୦ଟଙ୍କା, କାକୁଡି ୪୦ଟଙ୍କା,

**ପୋଟଳ ୬୦କୁ କଙ୍କାଲଙ୍କା ୧୦୦ ଟଙ୍କା**

ବାଇଗଣ ୪୦ଟଙ୍କା, ବିଲାତି ୫୦ଟଙ୍କା, ପୋଟଳ ୫୦ଟଙ୍କା, ଭେଣ୍ଡି ୪୦ଟଙ୍କା, କୁନ୍ଦୁରି ୪୦ଟଙ୍କା, କାଙ୍କଡ ୬୦ଟଙ୍କା, ଗାଜର ୪୦ଟଙ୍କା, ବିଟ୍ ୪୦ଟଙ୍କା, କଲରା ୭୦ଟଙ୍କା, କଞ୍ଚା କଦଳୀ ୪୦ଟଙ୍କା, ସାରୁ ୪୦ଟଙ୍କା, ଅମୃତ ଭଣ୍ଡା ୪୦ଟଙ୍କା, ବିମ୍ବ ୭୦ଟଙ୍କା, ଲାଉ ୩୦ଟଙ୍କା, କେପ୍‌ସିକମ ୮୦ଟଙ୍କା, ଅଦା ୧୬୦ଟଙ୍କା ଓ କଙ୍କାଲଙ୍କା ୧୦୦ଟଙ୍କା। ଚଳିତମାସ ବାହାଘର, ବ୍ରତଘର ଓ ବିଭିନ୍ନ ପର୍ବପର୍ବାଣି ପଡୁଥିବାରୁ ଲୋକେ ପରିବା ଦରକୁ ନେଇ ଚିନ୍ତାରେ ପଡିଛନ୍ତି। ଆବଶ୍ୟକ ପରିମାଣରେ ପନିପରିବା ମିଳୁ ନ ଥିବା ଏବଂ ପରିବହନ ବାବଦକୁ ଅଧିକ ଖର୍ଚ୍ଚ ହେଉଛି ବୋଲି ପରିବା ବ୍ୟବସାୟୀମାନେ କହିଛନ୍ତି। ଅନ୍ୟପକ୍ଷେ ଚାଷୀଙ୍କଠାରୁ କମ୍ ଦରରେ ପରିବା କିଣି ବ୍ୟବସାୟୀମାନେ ଖାଉଟିଙ୍କୁ ଚଢା ଦରରେ ବିକୁଥିବା ମଧ୍ୟ ଅଭିଯୋଗ ହେଉଛି। ପନିପରିବା ଦର ବୃଦ୍ଧି ଓ ନିୟନ୍ତ୍ରଣ ସମ୍ପର୍କରେ ପୌର ପରିଷଦର ନିର୍ବାହୀ ଅଧିକାରୀ ଡ. ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କୁ ଯୋଗାଯୋଗ କରିବାରେ ଆଗାମୀ ଦିନରେ ପନିପରିବା ଦର ନିୟନ୍ତ୍ରଣ କରିବାକୁ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି। ଜିଲା ପ୍ରଶାସନ ଓ ପୌର ପ୍ରଶାସନ ସହରରେ ପନିପରିବା ଦର ନିର୍ଦ୍ଧାରଣ କରିବା ଜରୁରୀ ହୋଇପଡିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

# ମିନାବଜାର ପରିଚାଳକଙ୍କ ଭାଇଙ୍କୁ ଛୁରାମାଡ଼

## ୬୦ ହଜାର ଟଙ୍କା ଲୁଟ, ଥାନାରେ ଅଭିଯୋଗ

**ବୌଦ୍ଧ,୧୪।୭(ସ୍ୱ.ପ୍ର)**

ବୌଦ୍ଧରେ ରଥଯାତ୍ରା ଅବସରରେ ପଡିଥିବା ମୀନାବଜାରର ପରିଚାଳକଙ୍କ ଭାଇଙ୍କୁ ଦୁର୍ବୃତ୍ତ ଛୁରା ମାଡ କରି ୬୦ ହଜାର ଟଙ୍କା ଲୁଟି ନେଇଥିବା ବୌଦ୍ଧ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ କରୁଛି । ସୂଚନା ମୁତାବକ, ରଥଯାତ୍ରା ଅବସରରେ ବୌଦ୍ଧ ଷ୍ଟାଡିୟମ ପଡିଆରେ ଅବଦୁଲ ମହସୀନ ଖାଁଙ୍କ ବଡ ଭାଇ ମିନାବଜାର ପକାଇଥିଲେ। ଗତ ଶନିବାର ରାତିରେ ମୀନାବଜାର ବନ୍ଦ ହେବା ପରେ ଅବଦୁଲ ହିସାବପତ୍ର ସାରି ଘରକୁ ଫେରୁଥିଲେ । ଏହି ସମୟରେ ଷ୍ଟାଡିୟମ ଗେଟ ନିକଟରେ ୨୦ରୁ ୨୫ଜଣ ଯୁବକ ତାଙ୍କୁ ଘେରିଯାଇ ମାଡ ମାରିବା ସହିତ ପେଟରେ ଛୁରୀ ଭୁସି ଦେଇଥିଲେ। ପରେ ତାଙ୍କ ପାଖରେ ଥିବା ୬୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଅବଦୁଲଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡିଛି। ଉଲ୍ଲେଖନୀୟ, ମୀନାବଜାରରେ ଲାଗିଥିବା ଦୋକାନରେ ସ୍ଥାନୀୟ ବାପୁଜୀନଗରର ବସ୍ତିର କେତେକ ଯୁବକ ଗଣ୍ଡଗୋଳ କରୁଥିବାବେଳେ ଅବଦୁଲ ପହଞ୍ଚି ସେମାନଙ୍କୁ ମନା କରିଥିଲେ । ସେହି ରାଗରେ ପୂର୍ବ ଯୋଜନା ଅନୁଯାୟୀ ତାଙ୍କୁ ଆକ୍ରମଣ କରାଯାଇ ଟଙ୍କା ଛଡାଇ ନିଆଯାଇଥିବା ଆହତ ଅବଦୁଲ ପ୍ରକାଶ କରିଛନ୍ତି । ଏ ନେଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ପଚାରିବାରୁ କହିଛନ୍ତି ଯେ, ଅବଦୁଲ ଓ ଅନ୍ୟମାନେ ବାପୁଜୀ ନଗରର କେତେକଙ୍କୁ ମାଡ ମାରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଉଭୟ ପକ୍ଷର ଏତଲା ଅନୁଯାୟୀ ଥାନାରେ ପୃଥକ୍ ୨ଟି ମାମଲା (ନଂ.୧୫୨/୧୯ ଓ ନଂ.୧୫୩/୧୯) ରୁଜୁ ହୋଇଥିବା କହଁର ପ୍ରକାଶ କରଛନ୍ତି ।

# ବିନା ସୂଚନା ଫଳକରେ ମାଟିକାମକୁ ଗାଁ ଲୋକଙ୍କ ବିରୋଧ

**ତଳଗାଁ, ୧୪।୭(ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଲୁଣିବାହାଲ ପଞ୍ଚାୟତର ଘଣ୍ଟପାଲି-ଯୁବରାଜପୁର ରାସ୍ତାରେ ବିନା ସୂଚନା ଫଳକରେ ରାସ୍ତା କାମ କରାଯାଉଥିବାରୁ ଗ୍ରାମବାସୀ ବିରୋଧ କରିବା ସହ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗତ ବୁଧବାର ଜଣେ ଠିକାଦାର ଉକ୍ତ ରାସ୍ତାରେ ଟ୍ରାକ୍ଟର ଦ୍ୱାରା ମାଟି ଓ ମୁରୁମ ପକାଉଥିବା ଦେଖି ଗ୍ରାମବାସୀ ଏହାକୁ ବନ୍ଦ କରିବାକୁ କହିଥିଲେ । କିନ୍ତୁ ଠିକାଦାର ଜଣକ ଲୋକଙ୍କ କଥାକୁ ଖାତିର ନ କରି ରାସ୍ତାରେ ମାଟି ପକାଇଥିଲେ । ବର୍ଷାଦିନ ଯୋଗୁ ଉକ୍ତ ରାସ୍ତାରେ ମାଟି ପକାଇବା ଦ୍ୱାରା ଗ୍ରାମବାସୀ ଯିବା ଆସିବାରେ ନାହିଁ ନ ଥିବା ହଇରାଣ ହେବେ । ଏ ନେଇ ସେମାନେ ହରଭଙ୍ଗା ବିଡିଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ହରଭଙ୍ଗା ବିଡିଓ ରବିନ୍ଦ୍ର କୁମାର ଶତପଥିଙ୍କୁ ପଚାରିବାରୁ ଗ୍ରାମର କିଛି ଲୋକ ଆସି ଏ ବିଷୟରେ ଅଭିଯୋଗ କରିଛନ୍ତି । ଅଭିଯୋଗର ତଦନ୍ତ କରି ପଦକ୍ଷେପ ନିଆଯିବ ନିଆଯିବ ବୋଲି ସେ କହିଥିଲେ ।

# ରିଜର୍ଭ ପୋଲିସ ପଡ଼ିଆରେ ବୃକ୍ଷରୋପଣ

**ସୋନପୁର,୧୪।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ପୋଲିସ ତରଫରୁ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ରବିବାର ସାମୂହିକ ବୃକ୍ଷରୋପଣ କରାଯାଇଛି । ଏସ୍‌ପି ଦେବୀ ପ୍ରସାଦ ଦାଶ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସୋନପୁର ଏସ୍‌ଡିପିଓ ମିହିର କୁମାର ପଣ୍ଡା, ଡିଏସପି ଆଣ୍ଟୋନି ତିର୍କୀ, ଆରଆଇ ଅମରେନ୍ଦ୍ର ପାଣିଗ୍ରାହୀ ସର୍ଜେଣ୍ଟ ବିଶ୍ୱାନାଥ ଜେନା, ରତ୍ନାକାର ବାଘ, ଆନନ୍ଦଲାଲ ରଥ, ସୁଶିଲ କୁମାର ସାହୁ, ହାବିଲଦାର ଓ କନଷ୍ଟେବଳ ସଂଘର ଜିଲା ସଭାପତି କୁମୁଦ ରଞ୍ଜନ ମେହେର, ଜ୍ୟୋତିରଞ୍ଜନ ମିଶ୍ର, ଭବାନୀ ଓତା, ବୈଠାରୁ ସହୁ, ଶରତ ସାହୁ, ଅମିତ ପଟ୍ଟନାୟକ, ମନୋଜ ପଣ୍ଡା ଓ ପ୍ରଫୁଲ୍ଲ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ପି ବୃକ୍ଷରୋପଣ କରୁଛନ୍ତି।

# କୁଞ୍ଚାପାଲି ଆଶ୍ରମ ସ୍କୁଲରେ ବନମହୋତ୍ସବ

**ଅମରପାଲି, ୧୪।୭ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଞ୍ଚାପାଲି ଆଶ୍ରମ ସ୍କୁଲ ପରିସରରେ ବନମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ସନ୍ତୋଷ ଭୋଇ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍କୁଲର ଶିକ୍ଷକ ମାନସ ରଞ୍ଜନ କଲେତ, ଗିରିଧାରୀ ନାଏକ, ପୁରୁଷୋତ୍ତମ ମେଣ୍ଡିଲି ପ୍ରମୁଖ ବୃକ୍ଷରୋପଣର ତାତ୍ପର୍ଯ୍ୟ ଉପରେ ମତବ୍ୟକ୍ତ କରିଥିଲେ। ସମସ୍ତଙ୍କୁ ବୃକ୍ଷରୋପଣ କରିବା ପାଇଁ ଉପଦେଶ ଦେଇଥିଲେ। ସଭାପରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା କରାଯାଇଥିଲା। ଏହାପରେ ସ୍କୁଲ ପରିସରରେ ପିସ୍ତା ବାଦାମ, ରାଧାଚୁଡା, ନିମ୍ବ, ଜାମୁ ଆଦି ବୃକ୍ଷରୋପଣ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ଲୀଳାବତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱପ୍ନ ସାଗର ତାଣ୍ଡି, ଶମ୍ଭୁ ଭୋଇ, ଶିବରାମ ପଧାନ, ରଞ୍ଜିତ ସେଠୀ ଓ ନନ୍ଦକିଶୋର ଦାସ ପ୍ରସ୍ତୁତ ସହଯୋଗ କରିଥିଲେ।





ଆବାସ ମେଳାରେ ମଞ୍ଚାସୀନ ଅତିଥି।

## ବିନିକା ବ୍ଲକରେ ଆବାସ ମେଳା

# ୧୯୫ ଜଣଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

**ବିନିକା,୧୪।୭(ଡି.ଏନ୍.ଏ.)**

ବିନିକା ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ଆବାସ ମେଳା-୧୯ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଜନା, ସମନ୍ୱୟ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇଥିଲେ । ଅତିରିକ୍ତ ଜିଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଶରତ ଚନ୍ଦ୍ର ପଣ୍ଡା, ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ତହସିଲଦାର ଅଲେଖ ଘୁଟାଙ୍କ ଉପସ୍ଥିତିରେ ଅନୁଷ୍ଠିତ ମେଳାରେ ସଭାପତିତ୍ୱ କରିଥିଲେ ବିଡିଓ ବିଶ୍ୱ ରଞ୍ଜନ ମଲ୍ଲିକ। ଧାର୍ଯ୍ୟ ସମୟରେ ଆବାସ ଯୋଜନାରେ ଗୃହ ନିର୍ମାଣ କରି ସରକାରୀ ଘୋଷିତ ଫାଇଦା ହାସଲ କରିବାକୁ ମନ୍ତ୍ରୀ ବେହେରା ହିତାଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ପଣ୍ଡା କହିଥିଲେ ଯେ, ଚଳିତ ବର୍ଷ ପାଇଁ ବ୍ଲକର ୩୯୪୮ଜଣଙ୍କୁ ଆବାସ ଯୋଜନାରେ ସାମିଲ କରାଯିବ। ପରେ ମନ୍ତ୍ରୀ ବେହେରା ବ୍ଲକ ଅନ୍ତର୍ଗତ ୧୩ପଞ୍ଚାୟତରର ୧୯୫ ହିତାଧିକାରୀଙ୍କୁ ଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ଏଥିସହ ୫୨ଜଣଙ୍କୁ ମଧୁବାବୁ ପେନସନ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଜାତୀୟ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୫ଜଣ ହିତାଧିକାରୀ ୨୦ହଜାର ଲେଖାଏଁ ପ୍ରୋତ୍ସାହନ ଏବଂ ଆଉ ଜଣେ ହିତାଧିକାରୀ ୫୦ହଜାର ବିବାହ ସହାୟତା ଅନୁକମ୍ପା ରାଶି ପାଇଥିଲେ । ଏହି ଅବସରରେ ବସୁନ୍ଧରା ଯୋଜନାରେ ଭୂମିହୀନ ୧୫ଜଣଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯାଇଥିଲା ।

# ଗଣେଶ୍ୱର ହାଇସ୍କୁଲ ରୌପ୍ୟ ଜୟନ୍ତୀ ପାଇଁ ପ୍ରସ୍ତୁତି

**ଉଲୁଣ୍ଡା, ୧୪।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଶ୍ରୀଗଣେଶ୍ୱର ଉଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଭିଭାବକ, ଶିକ୍ଷକ ସଂଘ ସଭାପତି କୈଳାସ ଚନ୍ଦ୍ର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବହୁ ସଂଖ୍ୟାରେ ପ୍ରାକ୍ତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରଧାନଶିକ୍ଷକ ଶ୍ରୀଧର ବାଘଙ୍କ ପ୍ରାରମ୍ଭିକ ସୂଚନା ପରେ ରୌପ୍ୟ ଜୟନ୍ତୀ ଉତ୍ସବକୁ କିପରି ସଫଳତାର ସହ ସମାପନ କରାଯିବ ତାହା ଉପରେ ଆଲୋଚନା କରାଯାଇଥିଲା। ଏହା ସହିତ ଉତ୍ସବକୁ ଆସନ୍ତା ନଭେମ୍ବରରେ ପାଳନ କରିବା ନେଇ ସ୍ଥିର କରାଯାଇଥିଲା। ଏହି ଅବସରରେ ଏକ କମିଟି ଗଠନ କରାଯାଇଥିଲା। ଅନୁଷ୍ଠାନର ପୂର୍ବତନ ଛାତ୍ର ବନମାଳୀ ପଣ୍ଡା ସଭାପତି, ବିଶ୍ୱେଶର ସାହୁ ଉପସଭାପତି, ହରିଶଙ୍କର ପୁରୋହିତ ସମ୍ପାଦକ, ହୃଷିକେଶ ଭୋଇ ଯୁଗ୍ମ ସମ୍ପାଦକ ଏବଂ ତ୍ରିବିକ୍ରମ ଭୋଇ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ କମିଟିରେ କୈଳାସ ଚନ୍ଦ୍ର ପୁରୋହିତ, ଶ୍ରୀଧର ବାଘ, ସରୋଜ ପାଢୀ, ଆଦିତ୍ୟ ପୁରୋହିତ, ଦେବକୀ ନନ୍ଦନ ମିଶ୍ର, ଅଶୋକ ପଣ୍ଡା ପ୍ରମୁଖ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଦିଲୀପ କୁମାର ସାହୁ, ରୋହିତ ଦଣ୍ଡସେନା, ଭାସ୍କର ରଣା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସରୋଜ ପାଢି ଧନ୍ୟବାଦ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଧାନଶିକ୍ଷକ ଓ ପ୍ରାକ୍ତନ ଛାତ୍ରମାନେ ।

## ପରଶାସନର ପରତିଶ୍ରୁରତିକେ ୬ ମାସ ବିତଲା

# ସରକାରୀ ସାହାଯ୍ ଆଶ୍‌ରେ ମଗଶିର

**ବିନିକା ,୧୪।୭(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା-ରାମପୁର ମୁଖିଆ ରାସ୍‌ତାରେ ଗଲା ତା୨୯।୧୨।୨୦୧୮ରେ ଗୁଟେ ବଡ଼ଭାରି ଦୁରଘଟନା ହେଇଥିଲା। ଇ ଦୁରଘଟନାରେ ସିଂଘିଯୁବା ପଁଚେତ୍ ଅଧୀନ ଅସୁରଗଡ଼ ଗାଁର ମଗଶିର ଭରାସାଗର(୨୮)କଁର ଭୁଜନି ହାତ୍‌ଗୋଡ଼ ଭାଂଗି ଯାଇଥିଲା। ପୀଡ଼ିତ ମଗଶିରକଁର କହେବାର ହିସାବେ ସେ ତା୨୯।୧୨।୨୦୧୮ ସଖାଲର ୮ ବଜେ ଶିବଶକ୍ତି ରାଇସ୍ ମିଲକେ କାମ୍‌କରି ଗଲାବେଲେ ରାସ୍‌ତା ତରେ ଠିଆ ହେଇଥିଲେ। ଇ ସମିଆରେ ସିଂଘିଯୁବା ଫାଲୁ ଗୁଟେ ଟାଟା ଏସିଇ (ଗାଡ଼ି.ନଂ. ଓଡି-୦୩-୨୭୮୮) ତାହାକୁ ଫଛଫାଲୁ ପିଟି ଦେଇଥିଲା। ଦୁରଘଟନା ବାବ୍‌ଦେ ଖବର ପାଇ ଅସୁରଗଡ଼ ଗାଁବାସୀ ଘଟନା ଥଲରେ ପୁହୁଁଚି ଥିଲେ। ଗାଁବାସୀ ଦୁରଘଟନାରେ ଆହତ୍ ମଗଶିରକଁର ଚିକିତ୍ସା ଆର କ୍ଷତିପୂରନ୍ ଦାବି କରବାର ସଂଗେ ରାସ୍‌ତା ରୋକ୍ କରିଥିଲେ। ସେ ସମିଆର ବିନିକା



ପରିବାର ସଂଗେ ପୀଡିତ ମଗଶିର।

ଥାନା ଅଧିକାରୀ କଲ୍ୟାଣୀ ହେହେରା ରାସ୍‌ତା ରୋକ୍ କରିଥିବାର ଲୁକ୍‌କୁ ବୁଝାସୁଝା କରି ରେଡକ୍ରସରୁ ଆହତ୍‌କୁଁ ଚିକିତ୍ସା ଲାଗି ସାହାଯ୍ ଦିଆଯିବା ବଲି କଥା ଦେଇଥିଲେ। ହେଲେ ଦୁଖର କଥା ଘଟନାକେ ୬ ମାସ ବିତିଯାଇଥିଲେ ବି ପୀଡ଼ିତ ମଗଶିରକୁଁ ରେଡକ୍ରସରୁ ସାହାଯ୍ ଟଁକା ନାଇଁ ମିଳିପାରି। ଏହେଦେ ମଗଶିର ଟଁକା ପଏସା ଅଭାବୁ ଚିକିତ୍ସିତ ନାଇଁ ହେଇପାରି ଘରେ ପଡ଼ିରହିଛନ୍। ଇଆଡ଼େ ମଗଶିରକଁର ଘରର ଗୁଟେ ବଲି କମାନିଆଁ ଲୋକ୍ ହେଇଥିଲାବେଲେ ତାକର ଉପରେ ୫ ପରାନୀ କୁଟୁମ ନିରଭର କରୁଛନ୍। ହେଲେ ସେ ପଡ଼ିରହିଲାରୁ କୁଟୁମବସିଆ ଅଭାବ ଅନାଟନ ଲାଗି ବଡ଼ା ଗୁଲଗୁଲା ହେଉଛନ୍। ଘରେ ଶଶୁର ଖାଡ଼ିଆ ଭରାସାଗର(୬୫), ଶାଶୁ ଶିତୟା ଭରାସାଗର(୬୦), ବଡ଼ ପୁଓ ରୋହିତ(୬) ରହିଥିଲାବେଲେ ଏହେଦେ ଇ ସମକର ବୋଝ ମଗଶିରକଁର ମାଏକିନା ସଂଯୁକ୍ତା ଉପରେ ଲଦି ହେଇଛେ। ଇଆଡ଼େ ପରିବାର ଲୋକ୍ ମଗଶିରକଁର ଚିକିତ୍ସା ଲାଗି ଘରର ଖୁରିଗିନାଠାନୁ ଗହନାଗାଁଠି ତକ୍ ବିକାଭଂଗା କରି ସରବ୍‌ସୁଆଁତ୍ ହେଇଯାଇଛନ୍। ଏହେଦେ ପରିବାରଟା ଉପେ ଶୂଇନ୍ ହେଇ ସରକାରୀ ସାହାଯ୍‌କେ ଟାକିଥିଲାବେଲେ ସଂଯୁକ୍ତା ଗାଁରେ ମାଗିଯାଚି ପରିବାରର ପେଟ୍ ପାଲୁଛନ୍। ଇ ଦୁଖି ଗରିବ୍ ପରିବାରକେ ଜିଲା ପରଶାସନ ଦୁରୁଷ୍ଟି ଦେଇ ସବୁପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ଅସୁରଗଡ଼ ଗାଁର କନିଷ୍ଠ ହରିପାଲ, ରାହାସ ଭରାସାଗର, ମର୍ଦ୍ଦରାଜ ବାରିକ, ଗଙ୍ଗାଧର ହରିପାଲ ପରମୁଖ ଗାଁବାସୀ ଦାବି କରିଛନ୍।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ଘର ନିର୍ମାଣକୁ ନେଇ ବିବାଦ, ବିଡିଓଙ୍କୁ ଅଭିଯୋଗ

**ଲୋଇସିଂହା,୧୪।୭(ଡି.ଏନ.ଏ.):** ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ତେନ୍ତୁଲିଖୁଣ୍ଟି ଗ୍ରାମର ଉମେଶ ପଧାନ ନାମକ ଜଣେ ବ୍ୟକ୍ତିଙ୍କ ଘର ଆଗରେ ଥିବା ସରକାରୀ ଜମିରେ ଅନ୍ୟ ଜଣେ ବ୍ୟକ୍ତି ଅନଧିକାର ଭାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରୁଛନ୍ତି। ଏହାକୁ ନେଇ ଗାଁରେ ବିବାଦ ସୃଷ୍ଟି ହୋଇଛି । ତେବେ ଏହି ଗୃହ ନିର୍ମାଣ ବାବଦ ବିଲ୍ ବନ୍ଦ କରିବାକୁ ବିଡିଓଙ୍କୁ ଅନୁରୋଧ କରାଯାଇଛି। ଅଭିଯୋଗ ଅନୁସାରେ, ଉମେଶଙ୍କ ଘର ନିକଟରେ ପ୍ରଧାନମନ୍ତ୍ରୀ ସଡକ ଯାଇଛି । ଏହା ନିକଟରେ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ମଧ ରହିଛି । ହେଲେ ଗ୍ରାମର ଜଣେ ବ୍ୟକ୍ତି ଚଳିତ ଆର୍ଥିକ ବର୍ଷରେ ପଞ୍ଚାୟତରୁ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଘର ନିଜ ପ୍ଲଟରେ ନିର୍ମାଣ ନ କରି ଉକ୍ତ ସରକାରୀ ଜମିରେ ନିର୍ମାଣ କରୁଛନ୍ତି। ଏହା ଫଳରେ ଉମେଶଙ୍କ ପରିବାର ଭବିଷ୍ୟରେ ସମସ୍ୟାର ସମ୍ମୁଖୀନ ହେବେ । ଗାଁ ସ୍କୁଲ କାମରେ ମଧ ଏହା ଅସୁବିଧା ସୃଷ୍ଟି କରିବ ବୋଲି ବିଡିଓଙ୍କୁ ଅଭିଯୋଗ କରାଯାଇଛି।

### ସ୍ୱଳ୍ପ ବୃଷ୍ଟିପାତ: ମରୁଡ଼ି ଆଶଙ୍କାରେ ଚାଷୀ

**ଟିକ୍ରାପଡା,୧୪।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା, ଜୁରାବନ୍ଧ, ଝିଙ୍କିଡୁଙ୍ଗୁରି, କରମତଲା ପଞ୍ଚାୟତ ଅଞ୍ଚଳରେ ଆଶାନୁରୂପ ବୃଷ୍ଟିପାତ ନ ହେବା ଫଳରେ ମରୁଡି ପରିସ୍ଥିତିର ଆଶଙ୍କା ପ୍ରକାଶ ପାଇଛି। କ୍ଷେତରେ ପାଣି ନ ଥିବାରୁ ଜମି ପ୍ରସ୍ତୁତି କାର୍ଯ୍ୟ ଏ ଯାଏ ଆରମ୍ଭ ହୋଇ ପାରିନାହିଁ। ଚାଷ କାର୍ଯ୍ୟ ବିଳମ୍ବିତ ହୋଇଛି । ମୁଗ, ବିରି ଆଦି ବୁଣିବା ସମ୍ଭବ ହୋଇପାରୁ ନାହିଁ । ବର୍ଷା ଅଭାବରୁ ବୁଣା ଧାନ ଓ ପହ୍ଲାସବୁ ବଢି ପାରୁନାହିଁ। କପା ଗଛସବୁ ମରିବା ଅବସ୍ଥାକୁ ଆସିଗଲାଣି । ମରୁଡି ଆଶଙ୍କାରେ ଚାଷୀ ନିରାଶ ହୋଇପଡିଛନ୍ତି।

### ବିନିକାରେ ଲୋକ ଅଦାଲତ

**ବିନିକା,୧୪।୭(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବିଚାର ବିଭାଗୀୟ ଅଦାଲତରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସିଭିଲ ଜଜ୍ ଜୁନିୟର ଡିଭିଜନ ଜଗଦୀଶ ଚନ୍ଦ୍ର ଜେନା ୨ଟି ଗୁରୁତ୍ୱପୂର୍ଣ୍ଣ ମକଦ୍ଦମାର ଫଇସଲା କରିଥିଲେ । ଅନୁଷ୍ଠିତ ଅଦାଲତ ପରିଚାଳନା କାର୍ଯ୍ୟକ୍ରମରେ ସ୍ଥାନୀୟ ଓକିଲ ସଂଘର କର୍ମକର୍ତ୍ତାଙ୍କ ସମେତ ବିନିକା କୋର୍ଟର ମୁଖ୍ୟ କିରାଣୀ ବାବୁଲାଲ ପଣ୍ଡା, ଦିନେଶ ମେଣ୍ଡେଲି, ଉମାଶଙ୍କର ସାହୁ, ଜଗନ୍ନାଥ ପଧାନ, ଚନ୍ଦ୍ର ଶେଖର କର୍ଣ୍ଣ, ଆଶିଷ ପଧାନ ପ୍ରମୁଖ ସହଯୋଗ କରିଥିଲେ ।

### ଗଞ୍ଜେଇ ଜବତ, ଦୁଇ ଅଟକ

**ବୌଦ୍ଧ,୧୪।୭(ସ୍ୱ.ପ୍ର):** ବୌଦ୍ଧ ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ଆମ୍ଭଝରୀ ପଞ୍ଚାୟତର ଖଜୁରୀପଡା ଓ ମାତାଗାଡୁ ଅଞ୍ଚଳରେ ଚଢାଉ କରି ୧୪ କେଜି ଗଞ୍ଜେଇ ଓ ୩ଟି ବାଇକ୍ ଜବତ କରାଯାଇଛି। ଏହି ଘଟଣାରେ ଥାନାରେ ଦୁଇଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ତେବେ ଗଞ୍ଜେଇ କାରବାରରେ ଆହୁରି ଅନେକ ଅଭିଯୁକ୍ତ ବାହାରେ ରହିଥିବାରୁ ପୋଲିସ ଅଭିଯୁକ୍ତଙ୍କ ପରିଚୟ ଓ କୌଣସି ତଥ୍ୟ ପ୍ରଦାନ କରିବାକୁ ମନା କରିଦେଇଛି ।

# ପରିବା ଦର ଆକାଶଛୁଆଁ

**ସୋନପୁର,୧୪।୭(ନି.ପ୍ର.)**

ବର୍ଷାଋତୁ ଆସି ଯାଇଥିଲେ ହେଁ ସୁବର୍ଣ୍ଣପୁର ଜିଲାରେ ପନିପରିବା ଦର ହ୍ରାସ ପାଉନି। ଏଥିଯୋଗୁଁ ଖାଉଟିଙ୍କ ଚିନ୍ତା ବଢିବାରେ ଲାଗିଛି। ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପରିବା ଉତ୍ପାଦନ ହ୍ରାସ ପାଇଥିବାରୁ ଏଭଳି ଦର ବୃଦ୍ଧି ଘଟିଥିବା କୁହାଯାଉଛି। ଅତ୍ୟଧିକ ଉତ୍ତାପ ଯୋଗୁଁ ପରିବା ଗଛର ପତ୍ରଗୁଡିକ ପୋଡି ଯାଇଥିଲା। ତେଣୁ ଆଷାଢ ମାସ ଶେଷ ହେବାକୁ ବସିଥିବା ବେଳେ ଜିଲାରେ ପରିବା ଦର ଆକାଶ ଛୁଆଁ ରହିଛି। ଦର କମି ନ ଥିବାରୁ ଲୋକେ କେତେ ପରିମାଣରେ ଓ କେଉଁ ପରିବା କିଣିବେ ସେ ନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। ୩୦୦ଟଙ୍କା ନେଇ ପରିବା ମାର୍କେଟକୁ ଗଲେ ମଧ ବ୍ୟାଗ୍ ଭର୍ତ୍ତି ହେଉନାହିଁ। ଜିଲାରେ ଚଳିତ ବର୍ଷ ତାପମାତ୍ରା ରେକର୍ଡ ୪୫ଡିଗ୍ରୀ ଅତିକ୍ରମ କରିବା ପରେ ବାଇଗଣ, ଭେଣ୍ଡି, କୁନ୍ଦୁରି, ପୋଟଳ, କଲରା, ଜହ୍ନି ଓ ବିମ୍ବ ଆଦି ଗଛଗୁଡିକର ପତ୍ର ପୋଡି ଯାଇଛି। ତେଣୁ ବର୍ତ୍ତମାନ ସୁଦ୍ଧା ଦୁର୍ବଳ ଗଛରେ ଫୁଲ ଆସୁନାହିଁ କିମ୍ବା ଫଳ ହେଉନାହିଁ। ଏଥିଯୋଗୁଁ ବଜାରରେ ପନିପରିବାର ଅଭାବ ଦେଖାଦେଇଛି। ଖାଉଟିଙ୍କ ଚାହିଦାକୁ ନେଇ ଏବେ ଜିଲାର ପ୍ରାୟ ସବୁ ହାଟ ଓ ମାର୍କେଟରେ କିଲୋ ପ୍ରତି ମୂଲ୍ୟ ପରିବର୍ତ୍ତେ ୨୫୦ଗ୍ରାମର ମୂଲ୍ୟ ଡାକ ଶୁଭୁଛି। ସାଧାରଣତଃ ଜିଲାର ବ୍ଲକ, ନଦୀ କୂଳବର୍ତ୍ତୀ ଅଞ୍ଚଳ ଓ ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଅଞ୍ଚଳରୁ ସୁବର୍ଣ୍ଣପୁର ସହରକୁ ଶାଗ ଓ ପରିବା ଆସିଥାଏ। ମାତ୍ର ଉକ୍ତ ଅଞ୍ଚଳରୁ ପରିବା ଆମଦାନୀ ହ୍ରାସ ପାଇଥିବା ବେଳେ ରାଜ୍ୟ ବାହାରୁ ମଧ ଆବଶ୍ୟକ ପରିବା ବଜାରକୁ ଆସିନାହିଁ ବୋଲି ମଝିପଡା ମାର୍କେଟର ପରିବା ବ୍ୟବସାୟୀ କାର୍ତ୍ତିକେଶ୍ୱର ମହାଳିକ କୁହନ୍ତି। ସେହିଭଳି ସହରସ୍ଥିତ ବଡବଜାର ଅଞ୍ଚଳର ସୁଜାତା ମେହେର କୁହନ୍ତି, ଆଷାଢ ମାସର ପରିବା ଦର ପୂର୍ବବର୍ଷର ସବୁ ରେକର୍ଡକୁ ଭାଙ୍ଗି ଦେଇଛି। ଗୋଟିଏ ପଟେ ଜଳସେଚନର ଅଭାବ ଓ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜିଲାରେ ପରିବା ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ତେବେ ଦରବୃଦ୍ଧି ପାଇଁ ରଥଯାତ୍ରା ସମୟରେ ନିରାମିଷାଶୀ ଲୋକେ ସବୁଠୁ ଅଧିକ ହଇରାଣ ହେଉଥିବା କହିଥିଲେ ଶାନ୍ତିନଗର ଅଞ୍ଚଳର ଗୃହିଣୀ ମମତା ପୃଷ୍ଟି । କାରଣ ପରିବା ଦର ଅଧିକ ଯୋଗୁଁ ଆମିଷାଶୀ ଲୋକମାନେ ମାଛ, ମାଂସ ଓ ଅଣ୍ଡାରେ କାମ ଚଳାଇ ଦେଉଛନ୍ତି । ସେହିଭଳି ମଙ୍ଗଳବାର ମାର୍କେଟର ପରିବା ବ୍ୟବସାୟୀ ବୁଧୁବାରୀ ବର୍ଛାଟ କୁହନ୍ତି ପ୍ରଚଣ୍ଡ ଗ୍ରୀଷ୍ମ ପରେ ପରେ ଜଳାଭାବ ପାଇଁ ଦର ବୃଦ୍ଧି ପାଇଛି। ମୌସୁମୀ ଉଭାନ ହୋଇଯାଇଛି। ତେବେ ବର୍ଷା ହେଲେ ଗ୍ରାମାଞ୍ଚଳରୁ ଉତ୍ପାଦିତ ବର୍ଷାଦିନିଆ ପନିପରିବା ଆସନ୍ତା ୧୫ରୁ ୨୦ ଦିନ ମଧ୍ୟରେ ବଜାରରେ ଉପଲବ୍ଧ ହେବ। ଅନ୍ୟପକ୍ଷରେ କଳାପଥର ଅଞ୍ଚଳର ଉପେନ୍ଦ୍ର ମେହେର କୁହନ୍ତି, ପରିବା ଦର ଆକାଶଛୁଆଁ ଯୋଗୁଁ ତାଙ୍କ ମୁଣ୍ଡରେ ଚିନ୍ତା ବଢିଯାଇଛି। ସେ ଜଣେ ଶ୍ରମଜୀବୀ ହୋଇଥିବା ବେଳେ ଝିଅର ବାହାଘର ଭୋଜି ପାଇଁ ୨ହଜାର ଟଙ୍କା ନେଇ ମଝିପଡା ଦୈନିକ ମାର୍କେଟକୁ ଆସିଥିଲେ । ମାତ୍ର ସେତିକି ଟଙ୍କା ପରିବା କିଣିବା ପାଇଁ ଅଣ୍ଟିଲାନି। ସେ କଣ କରିବେ ଚିନ୍ତାରେ ଅଛନ୍ତି। ରବିବାର ମାର୍କେଟରେ ଜହ୍ନି କିଲୋ ୬୦ଟଙ୍କା, ଝୁଡଙ୍ଗ ୬୦ଟଙ୍କା, କାକୁଡି ୪୦ଟଙ୍କା,



ମଝିପଡା ମାର୍କେଟ୍‌ରେ ଜଣେ ବ୍ୟବସାୟୀ ପରିବା ପସରା ମେଲାଇଛନ୍ତି ।

**ପୋଟଳ ୬୦କୁ କଞ୍ଚାଲଙ୍କା ୧୦୦ ଟଙ୍କା**

ବାଇଗଣ ୪୦ଟଙ୍କା, ବିଲାତି ୫୦ଟଙ୍କା, ପୋଟଳ ୫୦ଟଙ୍କା, ଭେଣ୍ଡି ୪୦ଟଙ୍କା, କୁନ୍ଦୁରି ୪୦ଟଙ୍କା, କାଙ୍କଡ ୬୦ଟଙ୍କା, ଗାଜର ୪୦ଟଙ୍କା, ବିଟ୍ ୪୦ଟଙ୍କା, କଲରା ୭୦ଟଙ୍କା, କଞ୍ଚା କଦଳୀ ୪୦ଟଙ୍କା, ସାରୁ ୪୦ଟଙ୍କା, ଅମୃତ ଭଣ୍ଡା ୪୦ଟଙ୍କା, ବିମ୍ବ ୭୦ଟଙ୍କା, ଲାଉ ୩୦ଟଙ୍କା, କେପ୍‌ସିକମ ୮୦ଟଙ୍କା, ଅଦା ୧୬୦ଟଙ୍କା ଓ କଞ୍ଚାଲଙ୍କା ୧୦୦ଟଙ୍କା। ଚଳିତମାସ ବାହାଘର, ବ୍ରତଘର ଓ ବିଭିନ୍ନ ପର୍ବପର୍ବାଣି ପଡୁଥିବାରୁ ଲୋକେ ପରିବା ଦରକୁ ନେଇ ଚିନ୍ତାରେ ପଡିଛନ୍ତି। ଆବଶ୍ୟକ ପରିମାଣରେ ପନିପରିବା ମିଳୁ ନ ଥିବା ଏବଂ ପରିବହନ ବାବଦକୁ ଅଧିକ ଖର୍ଚ୍ଚ ହେଉଛି ବୋଲି ପରିବା ବ୍ୟବସାୟୀମାନେ କହିଛନ୍ତି। ଅନ୍ୟପକ୍ଷେ ଚାଷୀଙ୍କଠାରୁ କମ୍ ଦରରେ ପରିବା କିଣି ବ୍ୟବସାୟୀମାନେ ଖାଉଟିଙ୍କୁ ଚଢା ଦରରେ ବିକୁଥିବା ମଧ୍ୟ ଅଭିଯୋଗ ହେଉଛି। ପନିପରିବା ଦର ବୃଦ୍ଧି ଓ ନିୟନ୍ତ୍ରଣ ସମ୍ପର୍କରେ ପୌର ପରିଷଦର ନିର୍ବାହୀ ଅଧିକାରୀ ଡ. ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କୁ ଯୋଗାଯୋଗ କରିବାରେ ଆଗାମୀ ଦିନରେ ପନିପରିବା ଦର ନିୟନ୍ତ୍ରଣ କରିବାକୁ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି। ଜିଲା ପ୍ରଶାସନ ଓ ପୌର ପ୍ରଶାସନ ସହରରେ ପନିପରିବା ଦର ନିର୍ଦ୍ଧାରଣ କରିବା ଜରୁରୀ ହୋଇପଡିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

# ମିନାବଜାର ପରିଚାଳକଙ୍କ ଭାଇଙ୍କୁ ଛୁରାମାଡ଼

## ୬୦ ହଜାର ଟଙ୍କା ଲୁଟ, ଥାନାରେ ଅଭିଯୋଗ

**ବୌଦ୍ଧ,୧୪।୭(ସ୍ୱ.ପ୍ର)**

ବୌଦ୍ଧରେ ରଥଯାତ୍ରା ଅବସରରେ ପଡିଥିବା ମୀନାବଜାରର ପରିଚାଳକଙ୍କ ଭାଇଙ୍କୁ ଦୁର୍ବୃତ୍ତ ଛୁରା ମାଡ କରି ୬୦ ହଜାର ଟଙ୍କା ଲୁଟି ନେଇଥିବା ବୌଦ୍ଧ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ କରୁଛି । ସୂଚନା ମୁତାବକ, ରଥଯାତ୍ରା ଅବସରରେ ବୌଦ୍ଧ ଷ୍ଟାଡିୟମ ପଡିଆରେ ଅବଦୁଲ ମହସୀନ ଖାଁଙ୍କ ବଡ ଭାଇ ମିନାବଜାର ପକାଇଥିଲେ। ଗତ ଶନିବାର ରାତିରେ ମୀନାବଜାର ବନ୍ଦ ହେବା ପରେ ଅବଦୁଲ ହିସାବପତ୍ର ସାରି ଘରକୁ ଫେରୁଥିଲେ । ଏହି ସମୟରେ ଷ୍ଟାଡିୟମ ଗେଟ ନିକଟରେ ୨୦ରୁ ୨୫ଜଣ ଯୁବକ ତାଙ୍କୁ ଘେରିଯାଇ ମାଡ ମାରିବା ସହିତ ପେଟରେ ଛୁରୀ ଭୁସି ଦେଇଥିଲେ। ପରେ ତାଙ୍କ ପାଖରେ ଥିବା ୬୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଅବଦୁଲଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡିଛି। ଉଲ୍ଲେଖନୀୟ, ମୀନାବଜାରରେ ଲାଗିଥିବା ଦୋକାନରେ ସ୍ଥାନୀୟ ବାପୁଜୀନଗରର ବସ୍ତିର କେତେକ ଯୁବକ ଗଣ୍ଡଗୋଳ କରୁଥିବାବେଳେ ଅବଦୁଲ ପହଞ୍ଚି ସେମାନଙ୍କୁ ମନା କରିଥିଲେ । ସେହି ରାଗରେ ପୂର୍ବ ଯୋଜନା ଅନୁଯାୟୀ ତାଙ୍କୁ ଆକ୍ରମଣ କରାଯାଇ ଟଙ୍କା ଛଡାଇ ନିଆଯାଇଥିବା ଆହତ ଅବଦୁଲ ପ୍ରକାଶ କରିଛନ୍ତି । ଏ ନେଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ପଚାରିବାରୁ କହିଛନ୍ତି ଯେ, ଅବଦୁଲ ଓ ଅନ୍ୟମାନେ ବାପୁଜୀ ନଗରର କେତେକଙ୍କୁ ମାଡ ମାରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଉଭୟ ପକ୍ଷର ଏତଲା ଅନୁଯାୟୀ ଥାନାରେ ପୃଥକ୍ ୨ଟି ମାମଲା (ନଂ.୧୫୨/୧୯ ଓ ନଂ.୧୫୩/୧୯) ରୁଜୁ ହୋଇଥିବା କହଁର ପ୍ରକାଶ କରଛନ୍ତି ।

## ବିନା ସୂଚନା ଫଳକରେ ମାଟିକାମକୁ ଗାଁ ଲୋକଙ୍କ ବିରୋଧ

**ତଳଗାଁ, ୧୪।୭(ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଲୁଣିବାହାଲ ପଞ୍ଚାୟତର ଘଣ୍ଟପାଲି-ଯୁବରାଜପୁର ରାସ୍ତାରେ ବିନା ସୂଚନା ଫଳକରେ ରାସ୍ତା କାମ କରାଯାଉଥିବାରୁ ଗ୍ରାମବାସୀ ବିରୋଧ କରିବା ସହ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗତ ବୁଧବାର ଜଣେ ଠିକାଦାର ଉକ୍ତ ରାସ୍ତାରେ ଟ୍ରାକ୍ଟର ଦ୍ୱାରା ମାଟି ଓ ମୁରୁମ ପକାଉଥିବା ଦେଖି ଗ୍ରାମବାସୀ ଏହାକୁ ବନ୍ଦ କରିବାକୁ କହିଥିଲେ । କିନ୍ତୁ ଠିକାଦାର ଜଣକ ଲୋକଙ୍କ କଥାକୁ ଖାତିର ନ କରି ରାସ୍ତାରେ ମାଟି ପକାଇଥିଲେ । ବର୍ଷାଦିନ ଯୋଗୁ ଉକ୍ତ ରାସ୍ତାରେ ମାଟି ପକାଇବା ଦ୍ୱାରା ଗ୍ରାମବାସୀ ଯିବା ଆସିବାରେ ନାହିଁ ନ ଥିବା ହଇରାଣ ହେବେ । ଏ ନେଇ ସେମାନେ ହରଭଙ୍ଗା ବିଡିଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ହରଭଙ୍ଗା ବିଡିଓ ରବିନ୍ଦ୍ର କୁମାର ଶତପଥିଙ୍କୁ ପଚାରିବାରୁ ଗ୍ରାମର କିଛି ଲୋକ ଆସି ଏ ବିଷୟରେ ଅଭିଯୋଗ କରିଛନ୍ତି । ଅଭିଯୋଗର ତଦନ୍ତ କରି ପଦକ୍ଷେପ ନିଆଯିବ ନିଆଯିବ ବୋଲି ସେ କହିଥିଲେ ।

# ରିଜର୍ଭ ପୋଲିସ ପଡ଼ିଆରେ ବୃକ୍ଷରୋପଣ

**ସୋନପୁର,୧୪।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ପୋଲିସ ତରଫରୁ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ରବିବାର ସାମୂହିକ ବୃକ୍ଷରୋପଣ କରାଯାଇଛି । ଏସ୍‌ପି ଦେବୀ ପ୍ରସାଦ ଦାଶ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସୋନପୁର ଏସ୍‌ଡିପିଓ ମିହିର କୁମାର ପଣ୍ଡା, ଡିଏସପି ଆଣ୍ଟୋନି ତିର୍କୀ, ଆରଆଇ ଅମରେନ୍ଦ୍ର ପାଣିଗ୍ରାହୀ ସର୍ଜେଣ୍ଟ ବିଶ୍ୱନାଥ ଜେନା, ରତ୍ନାକର ବାଘ, ଆନନ୍ଦଲାଲ ରଥ, ସୁଶିଲ କୁମାର ସାହୁ, ହାବିଲଦାର ଓ କନଷ୍ଟେବଳ ସଂଘର ଜିଲା ସଭାପତି କୁମୁଦ ରଞ୍ଜନ ମେହେର, ଜ୍ୟୋତିରଞ୍ଜନ ମିଶ୍ର, ଭବାନୀ ଓତା, ବୈଠାରୁ ସହୁ, ଶରତ ସାହୁ, ଅମିତ ପଟ୍ଟନାୟକ, ମନୋଜ ପଣ୍ଡା ଓ ପ୍ରଫୁଲ୍ଲ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ପି ବୃକ୍ଷରୋପଣ କରୁଛନ୍ତି।

## କୁଞ୍ଜାପାଲି ଆଶ୍ରମ ସ୍କୁଲରେ ବନମହୋତ୍ସବ

**ଅମରପାଲି, ୧୪।୭ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଞ୍ଜାପାଲି ଆଶ୍ରମ ସ୍କୁଲ ପରିସରରେ ବନମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ସନ୍ତୋଷ ଭୋଇ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍କୁଲର ଶିକ୍ଷକ ମାନସ ରଞ୍ଜନ କଲେତ, ଗିରିଧାରୀ ନାଏକ, ପୁରୁଷୋତ୍ତମ ମେଣ୍ଡିଲି ପ୍ରମୁଖ ବୃକ୍ଷରୋପଣର ତାତ୍ପର୍ଯ୍ୟ ଉପରେ ମତବ୍ୟକ୍ତ କରିଥିଲେ। ସମସ୍ତଙ୍କୁ ବୃକ୍ଷରୋପଣ କରିବା ପାଇଁ ଉପଦେଶ ଦେଇଥିଲେ। ସଭାପରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା କରାଯାଇଥିଲା। ଏହାପରେ ସ୍କୁଲ ପରିସରରେ ପିସ୍ତା ବାଦାମ, ରାଧାଚୁଡା, ନିମ୍ବ, ଜାମୁ ଆଦି ବୃକ୍ଷରୋପଣ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ଲୀଳାବତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱପ୍ନ ସାଗର ତାଣ୍ଡି, ଶମ୍ଭୁ ଭୋଇ, ଶିବରାମ ପଧାନ, ରଞ୍ଜିତ ସେଠୀ ଓ ନନ୍ଦକିଶୋର ଦାସ ପ୍ରସ୍ତୁତ ସହଯୋଗ କରିଥିଲେ।



ଆବାସ ମେଳାରେ ମଞ୍ଚାସୀନ ଅତିଥି।

## ବିନିକା ବ୍ଲକରେ ଆବାସ ମେଳା

# ୧୯୫ ଜଣଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

**ବିନିକା,୧୪।୭(ଡି.ଏନ୍.ଏ.)**

ବିନିକା ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ଆବାସ ମେଳା-୧୯ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଜନା, ସମନ୍ୱୟ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇଥିଲେ । ଅତିରିକ୍ତ ଜିଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଶରତ ଚନ୍ଦ୍ର ପଣ୍ଡା, ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ତହସିଲଦାର ଅଲେଖ ଘୁଟାଙ୍କ ଉପସ୍ଥିତିରେ ଅନୁଷ୍ଠିତ ମେଳାରେ ସଭାପତିତ୍ୱ କରିଥିଲେ ବିଡିଓ ବିଶ୍ୱ ରଞ୍ଜନ ମଲ୍ଲିକ। ଧାର୍ଯ୍ୟ ସମୟରେ ଆବାସ ଯୋଜନାରେ ଗୃହ ନିର୍ମାଣ କରି ସରକାରୀ ଘୋଷିତ ଫାଇଦା ହାସଲ କରିବାକୁ ମନ୍ତ୍ରୀ ବେହେରା ହିତାଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ପଣ୍ଡା କହିଥିଲେ ଯେ, ଚଳିତ ବର୍ଷ ପାଇଁ ବ୍ଲକର ୩୧୯୮ଜଣଙ୍କୁ ଆବାସ ଯୋଜନାରେ ସାମିଲ କରାଯିବ। ପରେ ମନ୍ତ୍ରୀ ବେହେରା ବ୍ଲକ ଅନ୍ତର୍ଗତ ୧୩ପଞ୍ଚାୟତରର ୧୯୫ ହିତାଧିକାରୀଙ୍କୁ ଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ଏଥିସହ ୫୨ଜଣଙ୍କୁ ମଧୁବାବୁ ପେନସନ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଜାତୀୟ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୫ଜଣ ହିତାଧିକାରୀ ୨୦ହଜାର ଲେଖାଏଁ ପ୍ରୋତ୍ସାହନ ଏବଂ ଆଉ ଜଣେ ହିତାଧିକାରୀ ୫୦ହଜାର ବିବାହ ସହାୟତା ଅନୁକମ୍ପା ରାଶି ପାଇଥିଲେ । ଏହି ଅବସରରେ ବସୁନ୍ଧରା ଯୋଜନାରେ ଭୂମିହୀନ ୧୫ଜଣଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯାଇଥିଲା ।

# ଗଣେଶ୍ୱର ହାଇସ୍କୁଲ ରୌପ୍ୟ ଜୟନ୍ତୀ ପାଇଁ ପ୍ରସ୍ତୁତି

**ଉଲୁଣ୍ଡା, ୧୪।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଶ୍ରୀଗଣେଶ୍ୱର ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଭିଭାବକ, ଶିକ୍ଷକ ସଂଘ ସଭାପତି କୈଳାସ ଚନ୍ଦ୍ର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବହୁ ସଂଖ୍ୟାରେ ପ୍ରାକ୍ତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରଧାନଶିକ୍ଷକ ଶ୍ରୀଧର ବାଘଙ୍କ ପ୍ରାରମ୍ଭିକ ସୂଚନା ପରେ ରୌପ୍ୟ ଜୟନ୍ତୀ ଉତ୍ସବକୁ କିପରି ସଫଳତାର ସହ ସମାପନ କରାଯିବ ତାହା ଉପରେ ଆଲୋଚନା କରାଯାଇଥିଲା। ଏହା ସହିତ ଉତ୍ସବକୁ ଆସନ୍ତା ନଭେମ୍ବରରେ ପାଳନ କରିବା ନେଇ ସ୍ଥିର କରାଯାଇଥିଲା। ଏହି ଅବସରରେ ଏକ କମିଟି ଗଠନ କରାଯାଇଥିଲା। ଅନୁଷ୍ଠାନର ପୂର୍ବତନ ଛାତ୍ର ବନମାଳୀ ପଣ୍ଡା ସଭାପତି, ବିଶ୍ୱେଶର ସାହୁ ଉପସଭାପତି, ହରିଶଙ୍କର ପୁରୋହିତ ସମ୍ପାଦକ, ହୃଷିକେଶ ଭୋଇ ଯୁଗ୍ମ ସମ୍ପାଦକ ଏବଂ ତ୍ରିବିକ୍ରମ ଭୋଇ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ କମିଟିରେ କୈଳାସ ଚନ୍ଦ୍ର ପୁରୋହିତ, ଶ୍ରୀଧର ବାଘ, ସରୋଜ ପାଢୀ, ଆଦିତ୍ୟ ପୁରୋହିତ, ଦେବକୀ ନନ୍ଦନ ମିଶ୍ର, ଅଶୋକ ପଣ୍ଡା ପ୍ରମୁଖ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଦିଲୀପ କୁମାର ସାହୁ, ରୋହିତ ଦଣ୍ଡସେନା, ଭାସ୍କର ରଣା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସରୋଜ ପାଢି ଧନ୍ୟବାଦ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଧାନଶିକ୍ଷକ ଓ ପ୍ରାକ୍ତନ ଛାତ୍ରମାନେ ।

## ପରଶାସନର ପରତିଶୁରତିକେ ୬ ମାସ ବିତଲା

# ସରକାରୀ ସାହାଯ୍ ଆଶ୍‌ରେ ମଗଶିର

**ବିନିକା ,୧୪।୭(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା-ରାମପୁର ମୁଖିଆ ରାସ୍ତାରେ ଗଲା ତା୨୯।୧୨।୨୦୧୮ରେ ଗୁଟେ ବଡ଼ଭାରି ଦୁରଘଟନା ହେଇଥିଲା। ଇ ଦୁରଘଟନାରେ ସିଂଘିଯୁବା ପଁଚେତ୍ ଅଧୀନ ଅସୁରଗଡ଼ ଗାଁର ମଗଶିର ଭରାସାଗର(୨୮)କଁର ଭୁଜନି ହାତ୍‌ଗୋଡ଼ ଭାଂଗି ଯାଇଥିଲା। ପୀଡ଼ିତ ମଗଶିରକଁର କହେବାର ହିସାବେ ସେ ତା୨୯।୧୨।୨୦୧୮ ସଖାଲର ୮ ବଜେ ଶିବଶକ୍ତି ରାଇସ୍ ମିଲକେ କାମ୍‌କରି ଗଲାବେଳେ ରାସ୍ତା ତରେ ଠିଆ ହେଇଥିଲେ। ଇ ସମିଆରେ ସିଂଘିଯୁବା ଫାଲୁ ଗୁଟେ ଟାଟା ଏସିଇ (ଗାଡ଼ି.ନଂ. ଓଡି-୦୩-୨୭୮୮) ତାହାକୁ ଫଛ୍‌ଫାଲୁ ପିଟି ଦେଇଥିଲା। ଦୁରଘଟନା ବାବ୍‌ଦେ ଖବର ପାଇ ଅସୁରଗଡ଼ ଗାଁବାସୀ ଘଟନା ଥଲରେ ପୁହୁଁଚି ଥିଲେ। ଗାଁବାସୀ ଦୁରଘଟନାରେ ଆହତ୍ ମଗଶିରକଁର ଚିକିତ୍ସା ଆର କ୍ଷତିପୂରନ୍ ଦାବି କରବାର ସଂଗେ ରାସ୍ତା ରୋକ୍ କରିଥିଲେ। ସେ ସମିଆର ବିନିକା ଥାନା ଅଧିକାରୀ କଲ୍ୟାଣୀ ହେହେରା ରାସ୍ତା ରୋକ୍ କରିଥିବାର ଲୁକ୍‌କୁ ବୁଝାସୁଝା କରି ରେଡକ୍ରସରୁ ଆହତ୍‌କୁଁ ଚିକିତ୍ସା ଲାଗି ସାହାଯ୍ ଦିଆଯିବା ବଲି କଥା ଦେଇଥିଲେ। ହେଲେ ଦୁଖର କଥା ଘଟନାକେ ୬ ମାସ ବିତିଯାଇଥିଲେ ବି ପୀଡ଼ିତ ମଗଶିରକୁଁ ରେଡକ୍ରସରୁ ସାହାଯ୍ ଟଁକା ନାଇଁ ମିଳିପାରି। ଏହେଦେ ମଗଶିର ଟଁକା ପଏସା ଅଭାବୁ ଚିକିତ୍ସିତ ନାଇଁ ହେଇପାରି ଘରେ ପଡ଼ିରହିଛନ୍। ଇଆଡ଼େ ମଗଶିରକଁର ଘରର ଗୁଟେ ବଲି କମାନିଆଁ ଲୋକ୍ ହେଇଥିଲାବେଳେ ତାକର ଉପରେ ୫ ପରାନୀ କୁଟୁମ ନିରଭର କରୁଛନ୍। ହେଲେ ସେ ପଡ଼ିରହିଲାରୁ କୁଟୁମବସିଆ ଅଭାବ ଅନାଟନ ଲାଗି ବଡ଼ା ଗୁଲଗୁଲା ହେଉଛନ୍। ଘରେ ଶଶୁର ଖାଡ଼ିଆ ଭରାସାଗର(୬୫), ଶାଶୁ ଶିତୟା ଭରାସାଗର(୬୦), ବଡ଼ ପୁଓ ରୋହିତ(୬) ରହିଥିଲାବେଳେ ଏହେଦେ ଇ ସମକର ବୋଝ ମଗଶିରକଁର ମାଏକିନା ସଂଯୁକ୍ତା ଉପରେ ଲଦି ହେଇଛେ। ଇଆଡ଼େ ପରିବାର ଲୋକ୍ ମଗଶିରକଁର ଚିକିତ୍ସା ଲାଗି ଘରର ଖୁରିଗିନାଠାନୁ ଗହନାଗାଁଠି ତକ୍ ବିକାଭଂଗା କରି ସରବ୍‌ସୁଆଁତ୍ ହେଇଯାଇଛନ୍। ଏହେଦେ ପରିବାରଟା ଉପେ ଶୁଇନ୍ ହେଇ ସରକାରୀ ସାହାଯ୍‌କେ ଟାକିଥିଲାବେଳେ ସଂଯୁକ୍ତା ଗାଁରେ ମାଗିଯାଚି ପରିବାରର ପେଟ୍ ପାଲୁଛନ୍। ଇ ଦୁଖି ଗରିବ୍ ପରିବାରକେ ଜିଲା ପରଶାସନ ଦୁରୁଷ୍ଟି ଦେଇ ସବୁପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ଅସୁରଗଡ଼ ଗାଁର କନିଷ୍ଠ ହରିପାଲ, ରାହାସ ଭରାସାଗର, ମର୍ଦ୍ଦରାଜ ବାରିକ, ଗଙ୍ଗାଧର ହରିପାଲ ପରମୁଖ ଗାଁବାସୀ ଦାବି କରିଛନ୍।



ପରିବାର ସଂଗେ ପୀଡିତ ମଗଶିର।



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଶୁଦ୍ଧିକ୍ରିୟା ଭୋଜି ଖାଇ ୧୫ରୁ ଊର୍ଦ୍ଧ୍ୱ ଅସୁସ୍ଥ

**ନୂଆପଡା ଅଫିସ,୧୪।୭-** ସ୍ଥାନୀୟ କୋଟେନଚୁଆଁ ଗ୍ରାମପଞ୍ଚାୟତର ସିଆଲଟି ଗାଁର ଏକ ଶୁଦ୍ଧିକ୍ରିୟା ଭୋଜି ଖାଇ ୧୫ରୁ ଊର୍ଦ୍ଧ୍ୱ ଲୋକ ଅସୁସ୍ଥ ହୋଇପଡିଛନ୍ତି । ଅସୁସ୍ଥମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ସିଆଲଟି ଗାଁର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କର ଶୁଦ୍ଧିକ୍ରିୟା ଭୋଜି ହୋଇଥିଲା। ଏଥିରେ ଏହି ଗାଁ ସମେତ ଆଖପାଖ ଗାଁର ବହୁ ଲୋକ ଯୋଗଦେଇଥିଲେ। ଠିକ ସନ୍ଧ୍ୟାରେ ଭୋଜି ଖାଇଥିବା ଲୋକମାନଙ୍କ ସ୍ୱାସ୍ଥ୍ୟ ଖରାପ ହେବାରେ ଲାଗିଲା। ଜଣକ ପରେ ଜଣଙ୍କୁ ଝାଡାବାନ୍ତି ହୋଇଥିବାରୁ ହସ୍ପିଟାଲକୁ ନିଆଯାଇଥିଲା। ଅସୁସ୍ଥଙ୍କ ମଧ୍ୟରେ ବୁଧନୀ ମାଝି (୬୫), ଦେବକୀ ମାଝି (୫୪), ପଦ୍ମନୀ ମାଝି (୧୫), ପିଲାବାଇ ମାଝି (୩୬), ନରସିଂ ମାଝି (୨୮), କାଲୁ ମାଝି (୭୦)ଙ୍କ ଅବସ୍ଥା ଗୁରତର ହୋଇପଡିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରିବା ପରେ ସମସ୍ତଙ୍କ ଅବସ୍ଥାରେ ଉନ୍ନତି ଘଟିଛି । ଏହା କୌଣସି ଖାଦ୍ୟରେ ବିଷକ୍ରିୟା ଯୋଗୁ ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି ।



### କେଗାଁ ମୁଖ୍ୟ ରାସ୍ତାରେ ଫାଟ, ବଢୁଛି ଦୁର୍ଘଟଣା

**କେଗାଁ,୧୪।୭ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ଗୋଲାମୁଣ୍ଡାଠାରୁ କେଗାଁ ମୁଖ୍ୟରାସ୍ତା ଚପ୍ରିଆ ସାନଚେରଗାଁ ନାଳ ବ୍ରିଜକୁ ଲାଗିଥିବା କଂକ୍ରିଟ ରାସ୍ତାରେ ବଡ ଫାଟ ସୃଷ୍ଟି ହୋଇଛି। ଦୀର୍ଘ ୧୦ ବର୍ଷ ତଳେ ଚପ୍ରିଆ ସାନଚେରଗାଁ ନାଳ ଉପରେ ନୂତନ ବ୍ରିଜ ନିର୍ମାଣ ହୋଇଥିଲା। ସେତେବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ରିଜକୁ ଲାଗି କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା। କିନ୍ତୁ ଉକ୍ତ କଂକ୍ରିଟ ରାସ୍ତାରେ ବର୍ତ୍ତମାନ ବଡ ଫାଟ ସୃଷ୍ଟି ହୋଇଥିବାରୁ ଦିନକୁ ଦିନ ଦୁର୍ଘଟଣା ବଢିବାରେ ଲାଗିଛି। କଂକ୍ରିଟ ରାସ୍ତାରେ ଫାଟ ହୋଇଥିବାରୁ ନିତିଦିନ ଯାଉଥିବା ମୋଟରସାଇକେଲ ଓ ସାଇକେଲ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି। ଉକ୍ତ ରାସ୍ତା ଦେଇ ସ୍ଥାନୀୟ କଲେଜ ଓ ସ୍କୁଲକୁ ଯାଉଥିବା ବେଳେ ଅନେକ ସମୟରେ ଛାତ୍ରୀଛାତ୍ର ମଧ ଦୁର୍ଘଟଣାର ଶିକାର ହେଉଛନ୍ତି । ଦୀର୍ଘ ଦିନ ତଳେ କଂକ୍ରିଟ ଉପରେ ପିଚୁ ଦେଇ ତାହାର ମରାମତି କରାଯାଇଥିଲେ ମଧ ତାହା ଅଳ୍ପ ଦିନରେ ଉଠି ଯାଇଥିବାରୁ ବର୍ତ୍ତମାନ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ଉକ୍ତ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ଥିବା ବେଳେ ପୂର୍ତ୍ତ ବିଭାଗର ଅନେକ ପଦାଧିକାରୀ ଉକ୍ତ ରାସ୍ତା ଦେଇ ଯାଉଥିଲେ ମଧ ଉକ୍ତ ଫାଟ ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷର ଦାନା ବାନ୍ଧୁଛି । ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନବ କିଶୋର ବେହେରାଙ୍କୁ ପଚାରିବାରୁ ଯଥାଶୀଘ୍ର ରାସ୍ତା ମରାମତି କରାଯିବ ବୋଲି କହିଥିଲେ ।

### ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଯାତ୍ରୀ
# ଅବହେଳିତ ନୂଆପଡ଼ା ରେଳଷ୍ଟେଶନ

**ନୂଆପଡ଼ା ଅଫିସ,୧୪।୭**

ଦେଶରେ ବର୍ତ୍ତମାନ ସରକାର ହାଇଟେକ (ବୁଲେଟ) ଟ୍ରେନ ଚଳାଇବା କାର୍ଯ୍ୟ କରୁ ଥିବାବେଳେ ସ୍ୱାଧୀନତା ସମୟର ନୂଆପଡା ରେଳ ଷ୍ଟେଶନ ମୂକସାକ୍ଷୀ ଭଳି ସବୁ ଦେଖି ରହୁଛି । ଆଜି ବି ଏଠାରେ ଯାତ୍ରୀମାନଙ୍କୁ ମୌଳିକ ସୁବିଧା ଉପଲବ୍ଧ ହେଉନାହିଁ । କେତେ ଅଧିକାରୀ, ମନ୍ତ୍ରୀ ନେତାଙ୍କ ପରିବର୍ତ୍ତନ ହେଉଛି । ହେଲେ ନୂଆପଡା ରେଳ ଷ୍ଟେଶନ ଆଜି ବି ଅବହେଳିତ ହୋଇ ରହିଛି। ଏହାକୁ ନେଇ ନୂଆପଡାବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢି ଚାଲିଛି ।

ନୂଆପଡା ରାଜ୍ୟର ଏକ ଉପାନ୍ତ ତଥା ଛତିଶଗଡ ସୀମାନ୍ତରେ ରହିଛି। ରାଜ୍ୟ ରାଜଧାନୀକୁ ଯୋଗାଯୋଗ କରିବାକୁ ହେଲେ ୫ ଶହ କି.ମି. ଦୂର ବସ୍ କିମ୍ବା ଟ୍ରେନରେ ଯିବାକୁ ହୋଇଥାଏ। ସେହିଭଳି ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ଜାଗାକୁ ଯିବାକୁ ହେଲେ କେବଳ ଟ୍ରେନ ହିଁ ଏକମାତ୍ର ଭରସା ରହିଥାଏ। ଏଥିରେ ବି ଏହା ଜିଲା ସଦର ମହକୁମା ସତ୍ତ୍ୱେ ଏଠାରେ କୌଣସି ପ୍ରକାର ସୁବିଧା ନ ଥିବାରୁ ଯାତ୍ରୀଙ୍କ ଆବାଗମନରେ ବାଧା ସୃଷ୍ଟି ହେଉଛି। ଏହା ଜିଲା ସଦର ମହକୁମାଠାରୁ ୪ କି. ମି. ଦୂର ବରଗଡ ଜିଲା ରାସ୍ତାରେ ରହିଛି। ଏଥିସକାଶେ ବହୁ ସମୟରେ ଯିବା ଆସିବା କରିବା ପାଇଁ ଠିକ ଭାବେ ଯାନବାହନର ଅସୁବିଧା ହୋଇଥାଏ । ଏହି ରାସ୍ତାରେ ବିଜୁଳି ବ୍ୟବସ୍ଥା ନ ଥିବାବେଳେ ଭାଲୁ, ହାତୀ ଭଳି ବନ୍ୟଜନ୍ତୁ ଭୟ ରହିଛି । ଷ୍ଟେଶନରେ ଯାତ୍ରୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । କ୍ୟାଣ୍ଟିନର ସୁବିଧା ଥିଲେ ମଧ୍ୟ ଏହା ରାତିରେ ବନ୍ଦ ରହୁଥିବାରୁ ଯାତ୍ରୀ ଭୋକ ଉପାସରେ ଏଠାରେ ରହୁଥିବା ଦେଖିବାକୁ ମିଳିଥାଏ । ପୁରୀ- ଦୁର୍ଗ ଏକ୍ସପ୍ରେସ ଭଳି ଗୋଟିଏ ଦୁଇଟା ଏକ୍ସପ୍ରେସ ଟ୍ରେନକୁ ଛାଡି ଦେଲେ ବାକି କୌଣସି ଏକ୍ସପ୍ରେସ ଟ୍ରେନର ରହଣି ନ ଥିବାରୁ ଯାତ୍ରୀ ବାଧ୍ୟ ହୋଇ ୧୦ କି.ମି. ଦୂର ଖରିଆରରୋଡକୁ ଖର୍ଚ୍ଚାନ୍ତ ହୋଇ ଯାଇଥାନ୍ତି । ବର୍ତ୍ତମାନ ଷ୍ଟେଶନର ପୁନରୁଦ୍ଧାର ନାଁରେ କିଛି କାମ ଚାଲିଛି । ଏହାକୁ ରାଜ୍ୟ ବାହାର ଠିକା କମ୍ପାନୀଙ୍କୁ ଦେଇ ଅଧିକାରୀ ଏବଂ ଯନ୍ତ୍ରୀ ମାଲାମାଲ ହେଉଥିବାବେଳେ ସ୍ଥାନୀୟ ଶ୍ରମିକଙ୍କୁ କୌଣସି କାମରେ ମଧ୍ୟ ନିୟୋଜିତ କରାଯାଉ ନ ଥିବା ଦେଖାଯାଉଛି । କେବଳ ଜିଲା ହେଡକ୍ୱାର୍ଟର ବୋଲି ବିଭିନ୍ନ ସମୟରେ ଡିଆରଏମ/ଏଡିଆରଏମ ଭଳି ଉପରିସ୍ଥ ଅଧିକାରୀମାନେ ଆସି ଉପର ଠାଉରିଆ ଦେଖିଯାଉଥିବା ଅଭିଯୋଗ ହେଉଛି । ଅଧିକାରୀମାନଙ୍କୁ ନୂଆପଡା ସହରବାସୀଙ୍କ ତରଫରୁ ବାରମ୍ବାର ଦାବିପତ୍ର ପ୍ରଦାନ କରାଯାଉଥିଲେ ହେଁ ଅଧିକାରୀ ପକେଟରେ ପୁରାଇ ନେଉଛନ୍ତି ସିନା କୌଣସି ସୁଫଳ ମିଳୁ ନ ଥିବା କୁହାଯାଉଛି । ଉଲ୍ଲେଖ ଯୋଗ୍ୟ ଯେ, ନିକଟରେ ଏଡିଆରଏମ ନୂଆପଡା ରେଳ ଷ୍ଟେଶନ ଗସ୍ତ କରି ଫେରିଯାଇଥିଲେ। ସେ ଏଠିକାର ରାସ୍ତା ଦୋହରିକରଣ ଦେଖିବା ଅବସରରେ ନୂଆପଡାବାସୀଙ୍କ ତରଫରୁ ଦାବିପତ୍ର ଗ୍ରହଣ କରିଥିଲେ । ଲୋକେ ଏଠିକାର କିଛିଟା ଉନ୍ନତି ହେବ ବୋଲି ଆଶା କରୁଛନ୍ତି । ହେଲେ ଆଗକୁ ଏଠିକାର କେତେ ଦୂର ଉନ୍ନତି ସାଧନ ହେଉଛି ଦେଖିବାକୁ ବାକି ରହିଲା ବୋଲି ଲୋକେ ଆଲୋଚନା କରୁଛନ୍ତି ।



ରେଳ ବିଭାଗ ଅଧିକାରୀମାନେ ନୂଆପଡା ରେଳ ଷ୍ଟେଶନ ବୁଲି ଦେଖୁଛନ୍ତି । (ଫାଇଲ ଫଟୋ )

# କୋମନା ଥାନାରେ ପ୍ରେମୀଯୁଗଳଙ୍କ ହାତଗଣ୍ଠି ପଡ଼ିଲା

**ନୂଆପଡା ଅଫିସ/କୋମନା, ୧୪।୭**

ସାଧାରଣତଃ ପ୍ରେମୀ ଯୁଗଳ ଘରୁ ସମସ୍ତଙ୍କ ମୁହଁରେ ଧୂଳି ଦେଇ ଚମ୍ପଟ ମାରିଥାନ୍ତି । ହେଲେ ଶେଷରେ ପୋଲିସ ହାତରେ ଧରାପଡିଯାଇଥାନ୍ତି । ପୋଲିସ ନିକଟରେ ସବୁ କଥା ପଦାକୁ ଆସିବା ପରେ ପରସ୍ପରକୁ ଗ୍ରହଣ କରିବା ଏବଂ ବିବାହର ହାତଗଣ୍ଠି ପଡିବା ଭଳି ଘଟଣା କୋମନା ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ସ୍ଥାନୀୟ ଦେଓଦର୍ହା ମେଗା ପ୍ରକଳ୍ପରେ ବହୁ ଯୁବତୀଯୁବକ କାମ କରୁଥିଲେ । ତନ୍ମଧ୍ୟରୁ ଦେବଗଡ ଜିଲା ପିଲଣ୍ଡା ଗ୍ରାମର ଟଙ୍କଧର ମଲ୍ଲିକ ନାମକ ଜଣେ ଯୁବକ ଶ୍ରମିକ ଭାବେ କାମ କରିଆସୁଥିଲେ । ସେଠାରେ କାମ କରୁଥିବା ସ୍ଥାନୀୟ ସୁଚିତା ଚିନ୍ଦା ନାମକ ଜନୈକ ଯୁବତୀଙ୍କ ସହ ପ୍ରେମ ସମ୍ପର୍କରେ ପଡ଼ିଥିଲେ । ଏହାକୁ ଦୁଇ ପରିବାର ମଧ୍ୟରେ ବହୁ ଟଣାଓଟରା ହେବା ପରେ କଥା ଥାନାକୁ ଗଲା । ସେଠାରେ ପୋଲିସ ହସ୍ତକ୍ଷେପ କରି ବହୁ ସମୟ ଧରି ବିଚାର ବିମର୍ଷ କରି ଦୁହିଁଙ୍କ ସମାଧାନ କରିଥିଲା । ଦୁହେଁ ଦୁହିଁଙ୍କୁ ବିବାହର ବନ୍ଧନରେ ବାନ୍ଧିହେବା ସକାଶେ ଏକ ଶୁଭ ମୁହୂର୍ତ୍ତ ଆସିଥିଲା । ଦୁହେଁ ହାତଗଣ୍ଠିରେ ଯୋଡିହେଲେ। ଥାନାରୁ ଯାଇ ସ୍ଥାନୀୟ ବୈଷ୍ଣୋଦେବୀ ମନ୍ଦିରରେ ଉଭୟେ ପରସ୍ପରକୁ ବରଣମାଳା ଦେଇ ସ୍ତ୍ରୀ- ସ୍ୱାମୀ ଭାବରେ ଗ୍ରହଣ କରିଥିଲେ। ଏହି ଦୃଶ୍ୟ ଦେଖିବାକୁ ସହରର ବହୁ ଲୋକ ରୁଣ୍ଡ ହୋଇଥିଲେ।


ସ୍ଥାନୀୟ ବୈଷ୍ଣୋଦେବୀ ମନ୍ଦିରରେ ଉଭୟେ ସ୍ତ୍ରୀସ୍ୱାମୀଙ୍କ ଅନ୍ୟମାନେ ।

### ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସମସ୍ୟା
# ଆନ୍ଦୋଳନ ପାଇଁ ସଜବାଜ

**ନୂଆପଡା ଅଫିସ/କୋମନା,୧୪।୭**

ନୂଆପଡା ଜିଲା ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସ୍ଥାପିତ ଥିବା ଜଣେମାତ୍ର ଡାକ୍ତରଙ୍କୁ ଅନ୍ୟତ୍ର ବଦଳି ହେବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଶୂନ୍ୟ ହୋଇପଡିଛି । ଡାକ୍ତର ସମସ୍ୟା ଯୋଗୁ ଜନଅସନ୍ତୋଷ ବଢିବାରେ ଲାଗିଛି। ଏଥିପାଇଁ ଅଞ୍ଚଳବାସୀ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି। ଶନିବାର ସନ୍ଧ୍ୟାରେ ଭେଲା ପଞ୍ଚାୟତ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗକୁ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ପ୍ରଥମେ ଜିଲା କାର୍ଯ୍ୟାଳୟକୁ ଯାଇ ଜିଲା କର୍ତ୍ତୃପକ୍ଷଙ୍କୁ ଅନଗତ କରିବା ପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ନୂଆପଡା ଜିଲାର ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏକ ଅଗ୍ରଣୀ ସ୍ୱାସ୍ଥ୍ୟ କେନ୍ଦ୍ର । ସ୍ୱାଧୀନତା ପରବର୍ତ୍ତୀ ସମୟରୁ ଏହା ୩୦/୪୦ଖଣ୍ଡ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛି । ଏହା ଉପରେ ସୁନାବେଡା ଅଭୟାରଣ୍ୟ ସମେତ ଅଗ୍ରେନ, ଢୋର୍ଲାମୁଣ୍ଡା, ଛତା, ଝଗ୍ରାହୀ, କୁରେଶ୍ୱର, ରଜନା ଆଦି ପଞ୍ଚାୟତର ହଜାର ହଜାର ଲୋକ ନିର୍ଭର କରିଥାନ୍ତି। ହେଲେ ଏହାକୁ ସ୍ୱାସ୍ଥ୍ୟ ବିଭାଗ ସବୁବେଳେ ବୈମାତୃକ ମନୋଭାବ ପୋଷଣ କରିଆସୁଛି। ବିଭିନ୍ନ ସମୟରେ ଡାକ୍ତର ପଦବୀ ଖାଲି ରହୁଥିବାବେଳେ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତିରେ ମଧ୍ୟ ଅବହେଳା କରାଯାଉଛି। ଏଠାରେ ନିଯୁକ୍ତ ଥିବା ଜଣେ ଡାକ୍ତରଙ୍କୁ ଚକ୍ରାନ୍ତ କରି ବର୍ତ୍ତମାନ ଅନ୍ୟ ଜିଲାକୁ ବଦଳି କରାଯାଇଥିବା ଗ୍ରାମବାସୀ କୌଣସି ସୂତ୍ରରୁ ଖବର ପାଇଥିଲେ। ଏହା ପରେ ଏହି ଅଞ୍ଚଳରେ ଅସନ୍ତୋଷ ଦାନା ବାନ୍ଧୁଛି । ବୈଠକରେ ପଡୋଶୀ ସମସ୍ତ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ଯୁବକ ସଂଘ, ମହିଳା ମଣ୍ଡଳର ସଦସ୍ୟାମାନେ ଯୋଗଦେଇଥିଲେ । ଏହା ଉପରେ ଜିଲା ପ୍ରଶାସନ ଦୃଷ୍ଟି ଦେବା ଜରୁରି ହୋଇ ପଡିଛି।

### ଆଦିବାସୀ ହରିଜନ ଶିକ୍ଷକ ସଂଘର ବୈଠକ

**ପଦ୍ମପୁର, ୧୪।୭ (ଡି.ଏନ.ଏ)**

ପଦ୍ମପୁର ଶିକ୍ଷା ଜିଲା ଅଧୀନ ଆଦିବାସୀ, ହରିଜନ ଶିକ୍ଷକ ସଂଘର ଏକ ବୈଠକ ପଦ୍ମପୁରଠାରେ ଅନୁଷ୍ଠିତ ହୋଇଛି । ଏଥିରେ ପାଇକମାଳ, ଝାରବନ୍ଧ, ଗାଇସିଲେଟ, ବିଜେପୁର, ସୋହେଲା, ପଦ୍ମପୁର ବ୍ଲକର ଆଦିବାସୀ ହରିଜନ ବିଦ୍ୟାଳୟର ଶତାଧିକ ଶିକ୍ଷକ ଯୋଗଦାନ କରିଥିଲେ । ଓଡିଶା ରାଜ୍ୟ ଆଦିବାସୀ ହରିଜନ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ନୀଳମଣି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ବୈଠକରେ ଆରଏସିପି ଶିକ୍ଷକଙ୍କ ପଦୋନ୍ନତି ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଶିକ୍ଷକ ପ୍ରଶାନ୍ତ ବାଗ, ଲାଲବିହାରୀ ଭୁଏ, ଦୁତିଆ ବେସ୍ରା, ଶାନ୍ତି ବରିହା, ଗୌର କନ୍ଧ, ତ୍ରିନାଥ ସେଠ, ଜୟଦେବ ଧରୁଆ, ଲାଉଚନ୍ଦ୍ର ରାଉତ, ଗୌତମ ବାରିକ, ରାଧେଶ୍ୟାମ ବରିହା ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ପଦ୍ମପୁରର ତରଣୀସେନ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୋଜପୁରରେ ଜିଲା ଯାଦବ ମହିଳା ସମାଜର ବୈଠକ

**ଖଡିଆଳ,୧୪।୭ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଭୋଜପୁର ଗ୍ରାମଠାରେ ଜିଲା ଯାଦବ ମହିଳା ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯାଦବ ସମାଜରେ ଥିବା କେତକ କୁସଂସ୍କାର ତଥା ତାହାର ସମାଜ ଉପରେ ପଡୁଥିବାକୁ ପ୍ରଭାବକୁ ନେଇ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲା ଯାଦବ ମହିଳା ସମାଜର ସଭାନେତ୍ରୀ ମମତାମଞ୍ଜୁରୀ ଥପା ଅଧ୍ୟକ୍ଷତା କରିଥିଲେ । ଭୋଜପୁର ଗ୍ରାମପଞ୍ଚାୟତ ସରପଞ୍ଚ ଯଶୋବନ୍ତି ଗହିର, ଦମୟନ୍ତି ଯୁଏଡ, ଗୀତାଞ୍ଜଳି ଭୋଇଓ ଶତାଧିକ ଯାଦବ ମହିଳା ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରେ ମମତା ମଞ୍ଜରୀ ଥପା ଯାଦବ ସଙ୍ଗଠନରେ ମହିଳାମାନଙ୍କ ଭୂମିକା ତଥା ସମସ୍ତ କାର୍ଯ୍ୟକ୍ରମରେ ଯୋଗଦାନ ତଥା ସମାଜରୁ କୁସଂସ୍କାର ଦୂରିକରଣ ଦିଗରେ ସାମିଲ ହେବା ପାଇଁ ଅନୁରୋଧ କରିଥିଲେ । ଗୀତାଞ୍ଜଳି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।


ଜିଲା ଯାଦବ ସମାଜ ବୈଠକରେ ଯୋଗଦେଇଥିବା ମହିଳାମାନେ ।

### ଆହାର କେନ୍ଦ୍ରରୁ ଖାଇ ହସ୍ପିଟାଲରେ ରୁହନ୍ତି
# ଲେପ୍ରୋସି ରୋଗୀ ଉମାକାନ୍ତ ବେସାହାରା

**ନୂଆପଡ଼ା ଅଫିସ,୧୪।୭**

ସରକାର ରାଜ୍ୟକୁ ଲେପ୍ରୋସି ମୁକ୍ତ କରିବାକୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ଲେପ୍ରୋସି ରୋଗୀଙ୍କୁ ସବୁପ୍ରକାର ସେବା ଯୋଗାଇ ଦେବା ବ୍ୟବସ୍ଥା କରିଛନ୍ତି । ହେଲେ ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଭେଲା ଗ୍ରାମପଞ୍ଚାୟତ ସାଲେପଡା ଗାଁର ଉମାକାନ୍ତ ଜୁଡିଆ (୫୦) ନାମକ ଜଣେ ଲେପ୍ରୋସି ରୋଗୀଙ୍କୁ ଖାଦ୍ୟ ଏବଂ ବାସଗୃହ ଭଳି ମୌଳିକ ସୁବିଧା ମିଳୁ ନ ଥିବାରୁ ନିଃସହାୟ ହୋଇପଡିଛନ୍ତି । ସୁଦୂର ନୂଆପଡାକୁ ଆସି ପ୍ରତ୍ୟହ ଆହାର କେନ୍ଦ୍ରରେ ଖାଉଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମୁଣ୍ଡ ଗୁଞ୍ଜି ରହୁଛନ୍ତି । ଏଭଳି ଅଭାବନୀୟ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି ।

ପ୍ରକାଶ ଯେ, ଉମାକାନ୍ତଙ୍କ ସମ୍ପର୍କୀୟ ବୋଲି କେହି ନାହାନ୍ତି । ସେ ଆଜୀବନ ଅଭିଆଡି ହୋଇ ରହିଗଲେ। ଜମିବାଡି କି ଘର ଡିହ ଟିକକ ନାହିଁ। ଏଥିପାଇଁ ବିଭିନ୍ନ ସମୟରେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ କେହି ଦୃଷ୍ଟି ଦେଇନାହାନ୍ତି । ବାରଦୁଆର ହୋଇ ଜୀବନ ବିତାଉଛନ୍ତି। ସରକାର ସମସ୍ତଙ୍କୁ ଆବାସ ଯୋଗାଉଥିବାବେଳେ ଉମାକାନ୍ତଙ୍କ ପାଇଁ ଏହା ସାତ ସପନ ହୋଇଛି । ବିଭିନ୍ନ ସମୟରେ ଭୋକ ଉପାସରେ ରହିବା ପରେ ବର୍ତ୍ତମାନ ନୂଆପଡାକୁ ଆସି ରହିଛନ୍ତି । ଆଜକୁ ୨ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଜିଲା ମୁଖ୍ୟ ଚିକିତ୍ସାଳୟର ବାରଣ୍ଡାରେ ଶୋଇ ରହୁଛନ୍ତି । ତାଙ୍କର ଦୁଇହାତ ଅକ୍ଷମ ହୋଇଥିବାରୁ କୌଣସି ବି କାମ କରିବା ସମ୍ଭବ ହେଉନାହିଁ । ଦିନଯାକ ବାର ଦୁଆର ବୁଲି ସହାୟତା ମାଗୁଥିବାବେଳେ ଦୁଇ ପ୍ରହର ଆହାର କେନ୍ଦ୍ରରେ ୫ ଟଙ୍କିଆ ମିଲ ସଂଗ୍ରହ କରି ଖାଉଛନ୍ତି । ତାଙ୍କୁ ଜିଲା ପ୍ରଶାସନ ହସ୍ତକ୍ଷେପ କରି ତୁରନ୍ତ ସରକାରୀ ଯୋଜନାରୁ ଆବାସଟିଏ ଯୋଗାଇ ଦେବାକୁ ଦାବି କରିଛନ୍ତି ।



ନିଃସହାୟ ଉମାକାନ୍ତ ନୂଆପଡ଼ା ସହରରେ ବୁଲୁଥିବା ସମୟର ଫଟୋ ।

### ୧୭ ବଛର ହେଲା ଅଜନା ରୋଗ୍‌ରେ ପୀଡ଼ିତ ଅଷ୍ଟମୀ
# ଅଭାବ ଅନାଟନରେ ଚେରମୂଳି ସାହାଭରସା

**କୋକସରା, ୧୪।୭ (ଡି.ଏନ୍.ଏ)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡ଼ୋଲା ପଁଚେତ୍ କୁସୁମଖୁଣ୍ଟି ଗାଁର ଚନ୍ଦ୍ରଶେଖର ମାଝିଙ୍କର ମାଏକିନା ଅଷ୍ଟମୀ ମାଝି(୪୫)। ସେ ଅନେକ ବଛର ହେଲା କେହେନ୍‌ସି ଗୁଟେ ଅଜାନା ରୋଗ୍‌ରେ ଯୁଝୁଛନ୍। ହେଲେ ପରିବାରଟା ଅଭାବ ଅନାଟନରେ ପେସି ହେଉଥିଲାବେଳେ ଅଷ୍ଟମୀକଁର ଚିକିତ୍ସା ଚିନ୍‌ତା ସପନରେ ବି ଭାବି ନାଇଁ ପାରବାର।

ସୂଚନା ଅନ୍‌ସାରେ କୁସୁମଖୁଣ୍ଟି ଗାଁର ଚନ୍ଦ୍ରଶେଖର ମାଝି। ପରିବାର କହେଲେ ମାଏକିନା ଅଷ୍ଟମୀ, ୪ ଝି ଆର ବୁଢ଼ି ମା'କେ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଫିଦିନ ଦୁଇମୁଠା ଖାଏବାର ଯୁଗାଡ଼ରେ ଲାଗି ରହୁଛନ୍। ଏନ୍‌ତାଥି ଅଷ୍ଟମୀ ଗଲା ୧୭ ବଛର ହେଲା କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ଯୁଝୁଛନ୍। ଚନ୍ଦ୍ରଶେଖର ବହୁତ ବଛର ଆଗ୍‌ରୁ ତାହାକୁ ନବରଙ୍ଗପୁର ମିଶନ ଡାକ୍‌ତରଖାନାରେ ଦେଖେଇଥିଲେ। ହେଲେ ସେଠାନେ ଡାକ୍‌ତର ଅଷ୍ଟମୀକୁଁ କେହେନ୍‌ସି ବଡ଼ ଡାକ୍‌ତରଖାନାକେ ନେଇ ଚିକିତ୍ସା କରବାକେ ପରାମଶ ଦେଇଥିଲେ। ଏନ୍‌ତାଥି ଚନ୍ଦ୍ରଶେଖର ମୁହୁଁକାନ ଶୁଖେଇ ଅଷ୍ଟମୀକୁଁ ଧରି ଘରକେ ଫିରି ଆଏଲେ। ଇଆଡ଼େ ଅଭାବ ଅନାଟନ ଲାଗି ଚନ୍ଦ୍ରଶେଖର ଅଷ୍ଟମୀକୁଁ ଚିକିତ୍ସା ଲାଗି କେହେନ୍‌ସି ବଡ଼ ଡାକ୍‌ତରଖାନା ନାଇଁ ନେଇପାରଲେ। ଘରେ ରଖି ଚେରମୂଳି ଉଷୋକଷା କଲେ। ହେଲେ ଗଲା ୭ ମାସ ହେବା ଅଷ୍ଟମୀ ଅତି ଦୁରବଲ ହେଇଯିବାର ସଂଗେ ଦିହିଟା ତାକର ଶୁଖିଯାଇ ହାଡ଼କଁକାଲି ଲେଖେଁ ଦିଶୁଛେ। ଏନ୍‌ତାଥି ସେ ଠିକ୍‌ସେ ଚାଲବୁଲ କରି ନାଇଁପାରବାର। ତାକର ଦିହେ କାଣା ବେମାର ଅଛେ ବି ପରୀକ୍ଷା ନିରୀକ୍ଷା ଅଭାବୁ ଜନା ନାଇଁ ପଡ଼ବାର। ଇଆଡ଼େ ଚନ୍ଦ୍ରଶେଖର ଗଲା ବଛର ଖଁଜ୍‌ଖାପ୍ କରି ବଡ଼ ଝି'କେ ବିହା କରିଛନ୍। ହେଲେ ଏହେଦେ ବି ତାକର ଉପରେ ୩ ବଡ଼ଲା ଝି' ଆର ବୁଢ଼ିମାର ବୋଝ୍ ରହିଛେ। ଏନ୍‌ତାଥି ସେ ଅଷ୍ଟମୀକଁର ଚିକିତ୍ସା କଥା ଚିନ୍‌ତା ବି କରି ନାଇଁପାରବାର। ଫିଦିନ ସଖାଲ ପାଏଲେ କୁଲି ମଜୁରି କରି ଆନ୍‌ଲେ ଯାଇ ଘରର ଚୁଲି ଜଲୁଛେ। ଘରର ଏନ୍‌ତା ପରିସ୍ଥିତିରେ ୩ ଝି' ଭିତରୁ ତୁଲସୀ ଆର ଅନା ମାଟ୍ରିକ ପାସକରି ପାଠ୍‌ପଢ଼ାରେ ଗଏଁଠ୍ ପକେଇଛନ୍। ଇଆଡ଼େ ପରିବାରକେ ମିଳୁଥିବାର ସରକାରୀ ସାହାଯ୍ କହେଲେ ମାସିକ ୩୦ କେ.ଜି. ଚାଉଲ ଆର ବୁଢ଼ି ମା' ପାଉଥିବାର ୩ଶହ ଟଁକା ଭତା ସାହାଭରସା। ଏନ୍‌ତା ପରିସ୍ଥିତିରେ ଚନ୍ଦ୍ରଶେଖର ଉପେ ଶୂଇନ୍ ହେଇ ଗଣମାଧମ ଜରିଆରେ ଅଷ୍ଟମୀକଁର ଚିକିତ୍ସା ସାହାଯ୍ ଲାଗି ଜିଲା ପରଶାସନକେ ଗୁହାରି କରିଛନ୍। ଇ ବାବ୍‌ଦେ କୋକସରା ବିଡିଓ ବସନ୍ତ କୁମାର ସେଠିକୁଁ ପଚରାଲାରୁ ଘଟନା ବାବ୍‌ଦେ ମୋର ପାସେ ଖବର ନାଇଁଥାଇ। ଅଷ୍ଟମୀକଁର ଚିକିତ୍ସା ଲାଗି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀକଁର ସଂଗେ ଆଲୋଚନା କରି ଯେନ୍‌ତା ହେବା ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।


ଅଜାନା ରୋଗ୍‌ରେ ପୀଡ଼ିତ ଅଷ୍ଟମୀ ମାଝି।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ରୁଗୁଡିଖାଲରେ ଷ୍ଟୁଡିଓରୁ ଚୋରି

**ଲୋଇସିଂହା,୧୪।୭(ଡି.ଏନ.ଏ.):** ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡିଖାଲସ୍ଥିତ ଏକ ଷ୍ଟୁଡିଓରୁ ଶନିବାର ରାତିରେ ଚୋରି ହୋଇଛି । ଲକ୍ଷାଧିକ ଟଙ୍କାର କ୍ୟାମେରା, ଲାଇଟ୍ ଏବଂ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି ବୋଲି ଷ୍ଟୁଡିଓ ମାଲିକ ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଲୋଇସିଂହା ପୋଲିସ ରୁଗୁଡିଖାଲଯାଇ ତଦନ୍ତ କରି ଫେରିଛି । ବରଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ କଡରେ ରୁଗୁଡିଖାଲ ଅବସ୍ଥିତ। ଉକ୍ତ ଛକରେ ଢାବାଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଉକ୍ତ ଛକର ବେନ୍ଦ୍ରା ରାସ୍ତାରେ ବୁଢ଼ାପଦର ଗ୍ରାମର ସୁରେନ୍ଦ୍ର ବୁଢ଼ିଆଙ୍କ ଷ୍ଟୁଡିଓ ରହିଛି । ସୁରେନ୍ଦ୍ର ସବୁ ଦିନ ପରି ଶନିବାର ରାତିରେ ଷ୍ଟୁଡିଓ ବନ୍ଦ କରି ଘରକୁ ଆସିଥିଲେ। ରବିବାର ସକାଳେ ଷ୍ଟୁଡିଓ ଖୋଲିବାକୁ ଯାଉଥିବାବେଳେ ବିଭିନ୍ନ କ୍ୟାମେରା ଏବଂ ଲାଇଟ୍ ନ ଥିବା ଜାଣିବାକୁ ପାଇଥିଲେ । ପରେ ସେ ଦୋକାନର ସ୍କାଏଲାଇଟ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। କେହି ଦୋକାନ ପଛପଟ ସ୍କାଏଲାଇଟ ଭାଙ୍ଗି ଚୋରି କରିଥିବା ଜାଣିବାକୁ ପାଇଥିଲେ। ଅନ୍ୟପକ୍ଷେ ସୁରେନ୍ଦ୍ରଙ୍କ ଷ୍ଟୁଡିଓ ସଂଲଗ୍ନ ସାନଟିକା ଗ୍ରାମର ସମାରୁ ପଧାନଙ୍କ ମୋଟର ପାର୍ଟ୍ସ ଦୋକାନର ସ୍କାଏ ଲାଇଟ ଭଙ୍ଗା ଯାଇଥିବା ଦେଖିବାକୁ ମିଳିଛି। ହେଲେ ଉକ୍ତ ପାର୍ଟ୍ସ ଦୋକାନରୁ କୌଣସି ସାମଗ୍ରୀ ଚୋରି ହୋଇ ନାହିଁ।

### ଟିକସ ଆଦାୟକୁ କେନ୍ଦ୍ର କରି ମାରପିଟ ଘଟଣା: ଥାନାରେ ମାମଲା ରୁଜୁ

**ଟିକ୍ରାପଡା,୧୪।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁନ୍ତଲାସ୍ଥିତ ଦୈନିକ ବଜାରରେ ଶନିବାର ସକାଳେ ଟିକସ ଆଦାୟକୁ କେନ୍ଦ୍ର କରି ଦୁଇ ଜଣ ବ୍ୟକ୍ତିଙ୍କ ମଧ୍ୟରେ ବଚସାରୁ ମାରପିଟ ଘଟଣାରେ ସଇଁନ୍ତଲା ଥାନାରେ ୨ଟି ପୃଥକ ପୃଥକ କେସ୍ ରୁଜୁ ହୋଇଛି। ତଦନ୍ତ ଚାଲିଥିବା ଥାନା ଅଧିକାରୀ ବାରିଣୀ ଦାଶ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ ଶନିବାର ସକାଳେ ଦୈନିକ ପରିବା ବଜାରରେ ଦୀପକ ଭୋଇ ନାମକ ଜଣେ ଯୁବକ ଟିକସ ଆଦାୟ କରୁଥିବା ବେଳେ ଟିକସ ବୃଦ୍ଧିକୁ ନେଇ ପରିବା ଦୋକାନୀ ଅମିତ ସାହୁଙ୍କ ସହ ଯୁକ୍ତିତର୍କ ହୋଇଥିଲା । ବଚସାରୁ ଆକ୍ରମଣ ଓ ପ୍ରତି ଆକ୍ରମଣ ଯୋଗୁ ଉଭୟ ଆହତ ହୋଇଥିଲେ । ଅମିତଙ୍କ ହାତରେ ଆଘାତ ଲାଗିଥିବା ବେଳେ ଦୀପକଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଗୁରୁତର ଦୀପକଙ୍କୁ ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଉଭୟ ପରସ୍ପର ବିରୋଧରେ ଥାନାରେ ଏତଲା ଦେଇଥିଲେ।

## ପ୍ରାଥମିକରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହେବାର ୧୦ ବର୍ଷ ବିତିଲା

# ମିଳୁନି ଉନ୍ନତ ସେବା, ଅବସ୍ଥା ଯେମିତିକୁ ସେମିତି

**ଦେଓଗାଁ, ୧୪।୭(ଡି.ଏନ.ଏ.)**

ଦେଓଗାଁରେ ରହିଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପ୍ରଦାନ କରାଯିବା ଇତି ମଧ୍ୟରେ ୧୦ ବର୍ଷ ବିତି ଗଲାଣି। ହେଲେ ଅବସ୍ଥା ଯଥା ପୂର୍ବଂ ତଥା ପରଂ ହୋଇ ରହିଛି। ପୂର୍ବାପେକ୍ଷା କୌଣସି ପ୍ରକାରର ଉନ୍ନତ ସେବା ପୋଇପାରୁନାହାନ୍ତି ରୋଗୀ । ଫଳରେ ଦେଓଗାଁ ବ୍ଲକ ଅଞ୍ଚଳରର ରୋଗୀମାନେ ବଲାଙ୍ଗୀର ବଡ ଡାକ୍ତରଖାନା ଅବା ଘରୋଇ ଚିକିତ୍ସାଳୟ ଉପରେ ନିର୍ଭରଶୀଳ ହେଉଥିବା ଦେଖିବାକୁ ମିଳୁଛି । ଉନ୍ନତ ସେବା ମିଳିବାର ଆଶା ଦେଖା ଦେଇଥିଲା । ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଞ୍ଚଳବାସୀଙ୍କ ଦାବି ଅନୁସାରେ ଶିଶୁରୋଗ ବିଶେଷଜ୍ଞ, ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଯୋଗଦେବା ସହ ୨ ଶଯ୍ୟାକୁ ୮ ଶଯ୍ୟା କରାଯିବ ବୋଲି ବିଭାଗୀୟ ସୂଚନା ମିଳିଥିଲା। ହେଲେ ଏ ପର୍ଯ୍ୟନ୍ତ ଏହି ସୂଚନା କେବଳ ସୂଚନାରେ ହିଁ ରହିଯାଇଛି। ଶଯ୍ୟା ବୃଦ୍ଧି ହୋଇନାହିଁ କି ବିଶେଷଜ୍ଞ ଡାକ୍ତର ଯୋଗ ଦେଇନାହାନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନିୟମାନୁସାରେ ୪ ଜଣ ବିଶେଷଜ୍ଞ ଡାକ୍ତର ନିଯୁକ୍ତ ହେବା କଥା। ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତ ହେବା ସହ ଡାକ୍ତରଖାନା ୩୫ ଶଯ୍ୟା ବିଶିଷ୍ଟ ହେବା କଥା । ହେଲେ ପରିତାପର ବିଷୟ କେବଳ ସାଇନବୋର୍ଡରେ ସ୍ୱାସ୍ଥ୍ୟକେନ୍ଦ୍ରର ପଦୋନ୍ନତି କରାଯାଇଛି। ୧୦ବର୍ଷ ପୂର୍ବରୁ ଯେମିତି ଚାଲୁଥିଲା ସେତିକିରେ ଚାଲୁଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାମ ପରିବର୍ତ୍ତନର ମାନେ କ'ଣ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନହୋଇଛି । ବର୍ତ୍ତମାନ କୌଣସି ବିଶେଷଜ୍ଞ ଡାକ୍ତର ନ ଥିବା ବେଳେ ୪ ଜଣ ଏମ୍‌ବିବିଏସ୍ ଡାକ୍ତର ରହିଛନ୍ତି । ଏଥିସହ ଏଠାରେ ବିଦ୍ୟୁତ ଲୋ- ଭୋଲଟେଜ ସମସ୍ୟା ଯୋଗୁ ଡାକ୍ତରଖାନାର ମେଶିନ ଗୁଡିକ ଚାଲି ପାରୁ ନ ଥିବାରୁ ବିଭିନ୍ନ ସମୟରେ ସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି।




ନାମଫଳକରେ ସୀମିତ ରହିଛି ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

# ଶୁଖିଲା ଚାଷ ଜମି, ହତାଶ ଚାଷୀ

**ଟିଟିଲାଗଡ଼, ୧୪।୭ (ଡି.ଏନ.ଏ.)**

ଟିଟିଲାଗଡ ଉପଖଣ୍ଡରେ ଚାଷ ଜମି ଶୁଖିଲା ପଡିଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଏ ଅଞ୍ଚଳରେ ବର୍ଷକୁ ବର୍ଷ ମରୁଡି ପରିସ୍ଥିତି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ପକାଇଲାଣି। ଗତ ବର୍ଷ ଚାଷୀଙ୍କୁ ମରୁଡି ବାବଦକୁ ଇନ୍‌ପୁଟ୍ ସବ୍‌ସିଡି ଟଙ୍କା ଏଯାବତ ମିଳିନି। ବୀମା ପ୍ରିମିୟମ ଭରଣା କରିଥିବା ଚାଷୀ ସହାୟତା ପାଇଁ ଟିଟିଲାଗଡ ଉପଜିଲାପାଳ, ବଲାଙ୍ଗୀର ଜିଲାପାଳଙ୍କଠାରେ ଫେରାଦ ହୋଇ ସାରିଲେଣି। ଚାଷୀ ଏ ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବା ପରେ ପ୍ରତିଶ୍ରୁତି ମିଳିଥିଲା। ଗତ ୮ ତାରିଖରେ ଟିଟିଲାଗଡରେ ଜିଲାପାଳଙ୍କଠାରେ ପୁଣି ଅଭିଯୋଗ କରା ଯାଇଛି। ତେବେ ଧାର କରଜ କରି ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିବା ବେଳକୁ ବର୍ଷା ଗାୟବ। ଏ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା କରିବା ବଦଳରେ କିଛି ଚାଷୀଙ୍କୁ କାଳିଆ ଯୋଜନାରେ ଟଙ୍କା ଦେଇ ସରକାର ନିଜ କାର୍ଯ୍ୟ ସାରି ଦେଇଥିବା ଅଭିଯୋଗ ହୋଇଛି। ଟିଟିଲାଗଡ କୃଷି ଜିଲା ଅଧିକାରୀ ବାଲକୃଷ୍ଣ ଗୌଡଙ୍କ ସୂଚନା ମୁତାବକ ଅନାବୃଷ୍ଟି ଯୋଗୁ ଉପଖଣ୍ଡ ଅନ୍ତର୍ଗତ ୧,୨୧,୨୩୫ ହେକ୍ଟର ଚାଷ ଜମି ମଧ୍ୟରୁ ଅଦ୍ୟାବଧି କେବଳ ୩୫ ପ୍ରତିଶତ ଚାଷ ଜମିରେ ହିଁ କିଛି ଚାଷ କାର୍ଯ୍ୟ ହୋଇ ପାରିଛି। ଜୁନ୍‌ରେ ୨୭ ପ୍ରତିଶତ ଏବଂ ଜୁଲାଇରେ ଅଦ୍ୟାବଧି ୭୧ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି। ହେଲେ ସପ୍ତାହେ ମଧ୍ୟରେ ବର୍ଷା ନ ହେଲେ ସମସ୍ୟା ଗୁରୁତର ହେବେ ଆଶଙ୍କା ରହିଛି। ଅନ୍ୟପକ୍ଷରେ ଚଳିତ ଖରିଫ ପାଇଁ ଫସଲ ବୀମା ପ୍ରିମିୟମ ଭରଣା କରିବାକୁ ଚାଷୀ ହାତରେ ମାତ୍ର ୧୭ ଦିନ ରହିଛି। ପୂର୍ବ ତିକ୍ତ ଅନୁଭୂତି ହେତୁ ଚାଷୀ ମନରେ ଫସଲ ବୀମା ପ୍ରିମିୟମ ବାନ୍ଧିବା ନେଇ ଦ୍ୱନ୍ଦ୍ୱ ଉପୁଜିଛି।

# ଜନମୋର୍ଚ୍ଚା ସଙ୍ଗଠନ ପକ୍ଷରୁ ବୃକ୍ଷରୋପଣ

**ଦେଓଗାଁ ୧୪.୭(ଡି.ଏନ.ଏ)**

ଦେଓଗାଁ ବ୍ଲକ୍ ଅନ୍ତର୍ଗତ ଦେଓଗାଁ ଯୋଗୀସାଗର ପାର୍ଶ୍ୱରେ ରବିବାର ଜିଲା ଜନମୋର୍ଚ୍ଚା ସଂଗଠନ ତରଫରୁ ଗ୍ରୀନ ବଲାଙ୍ଗିର ଅଭିଯାନ କାର୍ଯ୍ୟକ୍ରମ ଅବସରରେ ବୃକ୍ଷରୋପଣ ଓ ପରିବେଶ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ଜିଲା ସଭାପତି ବାସୁଦେବ ରଥ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସମବାୟ, କୃଷି ଏବଂ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ କର୍ମଚାରୀ ମହାସଂଘର ରାଜ୍ୟ ସଭାପତି ରତନ କୁମାର ମହାରଣା ଯୋଗଦେଇ ବୃକ୍ଷରୋପଣର ଶୁଭାରମ୍ଭ କରିଥିଲେ। ଜଙ୍ଗଲ ନଷ୍ଟ ଦ୍ୱାରା ସମାଜର କି କି ଅସୁବିଧା ଉପୁଜିବ ସେ ଉପରେ ଆଲୋକପାତ କରିଥିଲେ। ଦେଓଗାଁ ସମିତି ସଭ୍ୟ ଜନ୍ମେଜୟ ସାହୁ, ରବି ନାରାୟଣ ବହିଦାର, ବେଣୀ ମାଧବ ହୋତା, ଅନନ୍ତ ସାହୁ, ଲକ୍ଷ୍ମଣ ପୋଢ଼, ସଂଗଠନର ଉପଦେଷ୍ଟା ପ୍ରଶାନ୍ତ କୁମାର ସେନାପତି, ମନୋଜ କୁମାର ମହାନ୍ତି, ବ୍ଲକ ଆବାହକ ବଦ୍ରିନାଥ ହୋତା, ରଶ୍ମି ବାରିକ, ଟିଙ୍କୁ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କିସମର ଚାରା ରୋପଣ କରିଥିଲେ।



ଦେଓଗାଁ ଯୋଗୀସାଗର ପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅବସରରେ ଜନମୋର୍ଚ୍ଚା କର୍ମକର୍ତ୍ତା ତଥା ଅତିଥିବୃନ୍ଦ।

## ବିମାନ ଦୁର୍ଘଟଣା ଗୁଜବ

**ଲାଠୋର,୧୪।୭ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ବନାଞ୍ଚଳ ଅନ୍ତର୍ଗତ ବେନ୍ଦେର ସଂରକ୍ଷଣ ଜଙ୍ଗଲରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ନେଇ ଦୀର୍ଘ ଏକ ସପ୍ତାହ ହେବ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏକ ସାଟେଲାଇଟ ଇମେଜକୁ ନେଇ କେହି ବ୍ୟକ୍ତି ସୋସିଆଲ ମିଡିଆରେ ଭାଇରାଲ କରିବାରୁ ତାହା ଲାଠୋର ଓ ଆଖ ପାଖ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଚାରିଆଡେ ଏହି ଗୁଜବ ପ୍ରସାରିତ ହୋଇ ଶେଷରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ନିକଟରେ ଖବର ପହଞ୍ଚିଛି। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଲାଠୋର ବନାଞ୍ଚଳ ଅଧିକାରୀ ଦେବଦତ୍ତ ସୂତାରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଘଟଣାଟି ସଂପୂର୍ଣ୍ଣ ମିଛ। ଏଥିରେ କୌଣସି ସତ୍ୟତା ନାହିଁ। ବିମାନ ଦୁର୍ଘଟଣା ହେବା ନେଇ ଯେଉଁ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି ପ୍ରକୃତରେ ତାହା କୌଣସି ଦୁର୍ଘଟଣା ନୁହେଁ। ଏହା ସେଟଲାଇଟ ଇମେଜ। ଇସ୍ରୋ ପକ୍ଷରୁ ସାଟେଲାଇଟ ପ୍ରତ୍ୟେହ ପୃଥିବୀକୁ ଦୁଇଥର ପରିକ୍ରମା କରିଥାଏ। ଆମ ଜଙ୍ଗଲ ଦେଇ ରାୟପୁର-ଦିଲ୍ଲୀ ବିମାନ ଯିବା ଆସିବା କରୁଥିବା ବେଳେ ଇସ୍ରୋ ସାଟଲାଇଟରେ ଫଟୋ ଉଠି ଯାଇଛି। ଉକ୍ତ ଫଟୋକୁ ଯାଞ୍ଚ କରିବାରୁ ତାହା ୮ ମାସ ତଳର ବୋଲି ଜଣା ପଡିଛି। ଏଣୁ ଏହାକୁ ନେଇ ଯେଉଁ ଭାଇରାଲ ହେଉଛି ତାହାର କୌଣସି ସତ୍ୟତା ନାହିଁ।



ଦେଓଗାଁ ବ୍ଲକ ଉପରଝରରେ ତିନି ଠାକୁର ରଥଯାତ୍ରାରୁ ଫେରିବା ପରେ ସିଂହାସନରେ ବିଜେ କରିଛନ୍ତି।

# ମୁଖ୍ୟ ସମସ୍ୟା ପାଲଟିଛି ଡ୍ରେନ୍ ଜବରଦଖଲ

**ଦେଓଗାଁ,୧୪।୭(ଡି.ଏନ.ଏ.)**

ଦେଓଗାଁରେ ଡ୍ରେନ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଚଳିତ ବର୍ଷ ପଞ୍ଚାୟତ ତରଫରୁ କେତେକ ସ୍ଥାନରେ ଡ୍ରେନ୍‌କୁ ସଫା କରାଯାଇଥିଲେ ମଧ୍ୟ କିଛି ସ୍ୱାର୍ଥାନ୍ୱେଷୀ ଲୋକଙ୍କ ଡ୍ରେନ ଜବରଦଖଲ ଯୋଗୁ ସଫେଇ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଯାଇଛି । ଗ୍ରାମର କିଛି ଲୋକ ଡ୍ରେନ ଉପରେ ସିମେଣ୍ଟ ପ୍ଲେଟ ଘୋଡାଇ ତା ଉପରେ ଘର ତିଆରି କରିଦେଇଥିବାରୁ ସେହି ସ୍ଥାନ ସଫେଇ କରାଯିବା ସମ୍ଭବପର ହୋଇପାରିନାହିଁ । ଏଣୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଏହାଦ୍ୱାରା ବର୍ଷା ସମୟରେ ଗ୍ରାମରେ ଏକପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଡ୍ରେନର ମଇଳା ପାଣି ଅନେକଙ୍କ ଘର ଭିତରକୁ ପଶୁଛି । ଏହି ସମସ୍ୟାକୁ ନେଇ ଲୋକେ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ଡ୍ରେନ ଜବରଦଖଲକାରୀଙ୍କ ଉପରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସମସ୍ୟା ଦ୍ୱିଗୁଣିତ ହେବାରେ ଲାଗିଛି। ଅନ୍ୟପଟେ ଦେଓଗାଁର କେତେକ ଗଳିରେ ଡ୍ରେନ ନ ଥିବାରୁ ଘରମାନଙ୍କର ଆବର୍ଜନା ପାଣି ରାସ୍ତା ଉପରକୁ ମାଡି ଆସୁଛି। ଏତଦ୍ୱାରା ଲୋକଙ୍କ ଯାତାୟାତରେ ଅସୁବିଧା ଉପୁଜୁଛି। ଅନେକ ସମୟରେ ଝାମେଲା ହେଉଛି । ସମସ୍ୟାକୁ ନେଇ ସରପଞ୍ଚ ନିନା ଛତ୍ରିୟାଙ୍କୁ ପଚାରିବାରୁ ସ୍ଥାନୀୟ ପଡାବାସୀ ଲିଖିତ ଭାବେ ପଞ୍ଚାୟତରେ ଅଭିଯୋଗ କଲେ ଆଇନ ଅନୁସାରେ ପଦକ୍ଷେପ ନିଆଯାଇପାରିବ ବୋଲି କହିଥିଲେ ।

# ବ୍ରିଜ୍, ଚେକ୍ ଡ୍ୟାମ୍ ଉଦ୍‌ଘାଟିତ

**ପାଟଣାଗଡ,୧୪।୭(ଡି.ଏନ.ଏ.)**

ପାଟଣାଗଡ-ଦମକିପାଲୀ ରାସ୍ତାର ବରପଦରଠାରେ ଥିବା ମାୟାବତୀ ନଦୀ ଉପରେ ନିର୍ମିତ ବ୍ରିଜ୍‌କୁ ରବିବାର ପାଟଣାଗଡ ବିଧାୟକ ସରୋଜ ମେହେର ଉଦ୍‌ଘାଟନ କରିଛନ୍ତି। ଏହି ବ୍ରିଜ ଦ୍ୱାରା ୧୧ଟି ପଞ୍ଚାୟତର ୭୫ଟି ଗ୍ରାମର ଲୋକ ଉପକୃତ ହେବେ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ପାଟଣାଗଡ ସହରର ଭାଟିଶାଳ ପଡା ନିକଟସ୍ଥ ସୁବର୍ଣ୍ଣରେଖା ନଦୀ ଉପରେ ପ୍ରାୟ ୮୨.୨୮ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ହୋଇଥିବା ଏକ ଚେକ୍ ଡ୍ୟାମ୍‌କୁ ମଧ୍ୟ ବିଧାୟକ ଉଦ୍‌ଘାଟନ କରିଛନ୍ତି। ଏହି ଚେକ୍ ଡ୍ୟାମ୍ ଯୋଗୁ ଏନଏସିର ପାଟଣାଗଡ(କ), ପାଟଣାଗଡ(ଖ) ଏବଂ କୁକୁରମୁଣ୍ଡା ଗ୍ରାମର ପ୍ରାୟ ୨୬ ହେକ୍ଟର ଚାଷ ଜମି ଜଳସେଚିତ ହୋଇପାରିବ ବୋଲି ସୂଚନା ଦିଆଯାଇଛି। ଉଭୟ କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ରିତିକାନ୍ତ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଦୁର୍ଗା ଶଙ୍କର ପୂଝାରୀ, ଦଳୀୟ କର୍ମୀ ବିଶ୍ୱଜିତ ହୋତା, ସୁଜିତ ମେହେର, ପିଙ୍କୁ ପାଣିଗ୍ରାହୀ, ବିମଳେନ୍ଦୁ ମେହେର, ମହମ୍ମଦ ସଲିମ, ଜୟନ୍ତ ମେହେର, ଚକ୍ରଧର ସାହୁ, ମଣ୍ଟୁ ବରର୍ଗି ଓ ଶୈଳେନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ।



ଫିତା କାଟି ବ୍ରିଜ୍‌କୁ ଉଦ୍‌ଘାଟନ କରାଯାଉଛି।

## କାଲିଝରଣ ଗାଁରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ, ୧୪।୭**

ପୁଇଁନ୍ତଲା ବ୍ଲକ୍ ଆଟଗାଁ ପଞ୍ଚାୟତର କାଲିଝରଣ ଗ୍ରାମରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଗ୍ରାମର ଜେନା ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସୋନପୁର କଲେଜ ଅଧକ୍ଷ ପ୍ରଫେସର ତରୁଣ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଆକୁଳ ବେହେରା, ଶିକ୍ଷକ ରବିଚନ୍ଦ୍ର ପଶାୟତ ମୁଖ୍ୟବକ୍ତା ଭାବେ ପ୍ରକୃତିବନ୍ଧୁ ଶିକ୍ଷକ ଭକ୍ତ ଚରଣ ନାଏକ ମଞ୍ଚାସୀନ ଥିଲେ । ଏହି ଆଲୋଚନାଚକ୍ରରେ ବୃକ୍ଷରୋପଣର ମହତ୍ତ୍ୱ ଏବଂ ପରିବେଶ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା । ସାନବୁର୍କାବାହାଲ ଓ କାଲିଝରଣର ଗ୍ରାମର ଜଗନ୍ନାଥ ସା, ନୀଳମଣି ନିଆଲ, ହଲଧର ସା, ରାଜୀବ ସାହୁ, କିଶୋର ସାହୁ, ଆଶିଷ ସା, ଜିତୁ ସା, ତ୍ରିନାଥ ସା, ପଞ୍ଚାନନ ସା, ପ୍ରଶାନ୍ତ ସା, ପରମେଶ୍ୱର ନାଏକ, ରାଜା ସା, କ୍ରିଷ୍ଣା ସା, ସୁନାମ ନିଆଲ, ଗିରିଧାରୀ ସା, ପରେଶ ଭୁଏ, ଭୋଜରାଜ ସିଂ, ମିଟୁ ଜାନି, ହାଡୁ ବିଶ୍ୱାଲ, ନଟରା ଭୁଏ, ଭୀମସେନ ପଟେଲ, କାର୍ତ୍ତିକ ସା, ରାମଚନ୍ଦ୍ର ପଟେଲ, ଫକୀର ଚରଣ ସା, ବୁଢା ଭୁଏ, ରାକେଶ ପଟେଲ, ଶ୍ୟାମ ସା, ଜୟକୃଷ୍ଣ ବଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପ୍ରଶାନ୍ତ କୁମାର ସା ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ

# ଭୁବନେଶ୍ୱର ଗସ୍ତ ପ୍ରସ୍ତୁତି ଚୂଡ଼ାନ୍ତ, ସରିଲା ବୈଠକ

**ବଲାଙ୍ଗୀର ଅଫିସ,୧୪।୭**

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆସନ୍ତା ୧୬ ତାରିଖ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ବଲାଙ୍ଗୀର ଜିଲା ଓକିଲ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣ ବିକ୍ଷୋଭ ପ୍ରଦର୍ଶନ କରାଯିବ । ଏହି ଅବସରରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବ । ଯଶବନ୍ତ ସିଂ କମିଶନ ସୁପାରିଶ ଅନୁସାରେ ପଶ୍ଚିମ ଓଡିଶାର ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ପାଇଁ ବଲାଙ୍ଗୀର ହିଁ ଉପଯୁକ୍ତ ସ୍ଥାନ ବୋଲି କୁହାଯାଇଛି । ଏଭଳି ସ୍ଥିତିରେ ସରକାର ତୁରନ୍ତ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଘୋଷଣା କରନ୍ତୁ ବୋଲି ଜିଲା ଓକିଲ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ଦାବି କରୁଛି । ୧୬ ତାରିଖ ଭୁବନେଶ୍ୱର ବିଧାନସଭା ସମ୍ମୁଖ ବିକ୍ଷୋଭ କାର୍ଯ୍ୟକ୍ରମ ନେଇ ରବିବାର ସିଭିଲ କୋର୍ଟ ପରିସରରେ ଚୂଡାନ୍ତ ବୈଠକ ବସିଥିଲା । ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଏବଂ ମିଳିତ କ୍ରିୟାନୁଷ୍ଠାନ କମିଟି ସଂଯୋଜକ ଲଳିତ କୁମାର ନାୟକଙ୍କ ସଂଯୋଜନାକ୍ରମେ ଚୂଡାନ୍ତ ପ୍ରସ୍ତୁତି ବୈଠକ ବସିଥିଲା । ବିଧାନସଭା ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଓକିଲ ସଂଘର ଶତାଧିକ ପ୍ରତିନିଧି, ବିଭିନ୍ନ ସାମାଜିକ, ସାଂସ୍କୃତିକ, ଶ୍ରମିକ, ଛାତ୍ର ସଙ୍ଗଠନର ପ୍ରତିନିଧି, ଏସଏଚ୍‌ଜି, ଜାତି ସମାଜର ପ୍ରତିନିଧି ମଣ୍ଡଳ ଯୋଗଦେବେ ବୋଲି ସୂଚନା ଦିଆଯାଇଛି। ଏଥି ସକାଶେ ସୋମବାରଠାରୁ ଏହି ପ୍ରତିନିଧିମାନେ ବସ୍, ଟ୍ରେନ୍ ଯୋଗେ ଭୁବନେଶ୍ୱର ଗସ୍ତ କରିବେ ବୋଲି ସୂଚନା ଦିଆଯାଇଛି । ବିଧାନସଭା ସମ୍ମୁଖରେ ଗଣବିକ୍ଷୋଭ ଜରିଆରେ ନ୍ୟାଯ୍ୟ ଦାବି ହାସଲ କରିବା ପାଇଁ ସମସ୍ତେ ସ୍ୱତଃସ୍ଫୂର୍ତ୍ତ ଭାବେ ଆଗେଇ ଆସି ଉତ୍ସାହିତ ଅଛନ୍ତି ବୋଲି ସୂଚନା ଦିଆଯାଇଛି । ଏହି ସଭାରେ ଓକିଲ ସଂଘ ଉପସଭାପତି ବାସୁଦେବ ବାରିକ, ସମ୍ପାଦକ ଅମନ ନାଗ, ଆଡଭୋକେଟ ଭବାନୀ ଶଙ୍କର ଶତପଥି, ରତନ ମହାରଣା, ଜୟକୃଷ୍ଣ ସାହୁ, ରବିନାରାୟଣ ବହିଦାର, ଅରବିନ୍ଦାକ୍ଷ ପୂଜାରୀ, ଗିରିଶ ସିଂଦେଓ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଲୋକ ଅଦାଲତରେ ୧୫ ମାମଲା ସମାଧାନ

**ଟିକ୍ରାପଡା, ୧୪।୭(ଡି.ଏନ.ଏ.)**

ସଇଁନ୍ତଲା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବିଶ୍ୱକଲ୍ୟାଣୀ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ । ମୋଟ ୧୫ଟି ମାମଲାର ସମାଧାନ କରାଯିବା ସହ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ବରିଷ୍ଠ ଆଇନଜୀବୀ ମାନଭଞ୍ଜନ ପାଣିଗ୍ରାହୀ, ପ୍ରଦୀପ୍ତ ସାହ, ରଞ୍ଜନ ବାରିକ, ସିଦ୍ଧେଶ୍ୱର ଦୋରା, କିରଣ କୁମାର ବାଗ, ଶାନ୍ତନୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଅବ୍ୟବସ୍ଥାରେ ଲାଠୋର ଆର୍‌ଆଇ ଅଫିସ

**ଲାଠୋର,୧୪।୭ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ରାଜସ୍ୱ ଆରଆଇ ଅଫିସ ଅବ୍ୟବସ୍ଥା ମଧ୍ୟରେ ପଡି ରହିଛି। ଏଥି ପ୍ରତି ଶାସକ ଏବଂ ପ୍ରଶାସକଙ୍କର ନଜର ପଡୁ ନ ଥିବାରୁ ସ୍ଥାନୀୟ ଅଧିବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଛାତରୁ ସିମେଣ୍ଟ ଖସି ରଡ୍ ଦେଖାଯାଉଛି। ପାଚେରି ନ ଥିବାରୁ ଏହା ମଧ୍ୟକୁ ଲୋକେ ଅବାଧରେ ଯିବା ଆସିବା କରି ଆଡ୍ଡା ଜମାଉଛନ୍ତି। ଦାୟିତ୍ୱରେ ଥିବା ଆରଆଇ ଅନ୍ୟ ସର୍କଲ ଦାୟିତ୍ୱ ନେଇଥିବାରୁ ମାସରେ ଥରେ ଦୁଇଥର ଆସୁଛନ୍ତି। ଏଣୁ ୨୩ ଖଣ୍ଡ ରାଜସ୍ୱ ଗ୍ରାମର ଅଧିବାସୀ ବିଭିନ୍ନ କାମ ପାଇଁ ଆସି ଫେରିଯିବାକୁ ପଡୁଛି। ଏହି ସବୁ ସମସ୍ୟାକୁ ନେଇ ଲାଠୋର ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଉପକାର ମିଳି ପାରିନାହିଁ। କେବଳ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨ଥର ଗୃହ ନିର୍ମାଣ ପାଇଁ ମାପଚୁପ କରାଯାଇଛି। ହେଲେ ପଦକ୍ଷେପ ଗ୍ରହଣ କରାଯାଇନି। ଏ ନେଇ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବପର ହୋଇପାରି ନ ଥିବାରୁ ପ୍ରତିକ୍ରିୟା ନିଆଯାଇପାରିନାହିଁ।



ଜରାଜୀର୍ଣ୍ଣ ଅବସ୍ଥାରେ ପଡିଥିବା ଲାଠୋର ଆର୍‌ଆଇ ଅଫିସ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ଟଙ୍କା ହଡପ ଅଭିଯୋଗ

ଭବାନୀପାଟଣା/ଲାଞ୍ଜିଗଡ, ୧୪ା୭ (ଡି.ଏନ.ଏ.)- କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଷ୍ଟାଇପେଣ୍ଡ ଟଙ୍କା ହଡପ୍ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ, ଲାଞ୍ଜିଗଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୧୬-୧୭ରେ ୯୭ ଜଣ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ସେହିଭଳି ୨୦୧୭-୧୮ରେ ୬୮ ଜଣ ଓ ୨୦୧୮-୧୯ରେ ୪୯ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ତତ୍କାଳୀନ ଦାୟିତ୍ୱରେ ଥିବା ଶିକ୍ଷକ ଛାତ୍ରୀଛାତ୍ରମାନଙ୍କ ଖାତାରେ ଦସ୍ତଖତ ନେଇ ଷ୍ଟାଇପେଣ୍ଡ ଟଙ୍କା ହଡପ କରିଥିବା ଅଭିଯୋଗ ହେଉଛି । ଷ୍ଟାଇପେଣ୍ଡ ଟଙ୍କା କଥା କହିଲେ ଛାତ୍ରୀଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ଧମକ ଚମକ ଦେଉଥିବା ଅଭିଯୋଗ ହେଉଛି । ଛାତ୍ରଛାତ୍ରୀମାନେ ଚଳିତବର୍ଷ ସ୍କୁଲ ଛାଡି ନବମ ଶ୍ରେଣୀରେ ଅନ୍ୟ ସ୍କୁଲକୁ ଯିବା ପରେ ଏଭଳି ଅଭିଯୋଗ କରିଛନ୍ତି । ଲାଞ୍ଜିଗଡ ବ୍ଲକ ଡବ୍ଲ୍ୟୁଇଓ ଲେକନାଇ ଅଧିକାରୀଙ୍କୁ ପଚାରିବାରୁ ପ୍ରତିବର୍ଷ ଛାତ୍ରୀଛାତ୍ରଙ୍କ ଲିଷ୍ଟ ମୁଁ ଡିଡବ୍ଲ୍ୟୁଓ ଅଫିସ ଭବାନୀପାଟଣାକୁ ପଠାଇଥାଏ । କେଉଁ ସ୍କୁଲରେ କେତେ ପଇସା ଜମା ହେଲା ସେ ରିପୋର୍ଟ ମୋ ପାଖରେ ନାହିଁ । ତାହା ସିଧା ସ୍କୁଲ ଆକାଉଣ୍ଟକୁ ଯାଉଛି । ଏବେ ସେ ଛୁଟିରେ ଅଛନ୍ତି । ୮ ଦିନ ମଧ୍ୟରେ ଅଭିଯୋଗର ଅନୁସନ୍ଧାନ କରିବେ ବୋଲି ସେ କହିଥିଲେ ।

# ମୌଳିକ ସୁବିଧାରୁ ବଞ୍ଚିତ ଲିଲିଙ୍ଗପଦର ଗାଁ

ଭବାନୀପାଟଣା,୧୪ା୭ (ଡି.ଏନ.ଏ.)

ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଶଗଡା ପଞ୍ଚାୟତ ଗାଁ ଲିଲିଙ୍ଗପଦର ଗାଁ ଆଜି ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ। ପଞ୍ଚାୟତ କାର୍ଯ୍ୟାଳୟଠାରୁ ଦୀର୍ଘ ୩୦ ଓ ବ୍ଲକ କାର୍ଯ୍ୟାଳୟଠାରୁ ପ୍ରାୟ ୪୫ କି.ମି. ଦୂରରେ ଅବସ୍ଥିତ ଏହି ଗାଁ । ଶହେ ଟଙ୍କା ଖର୍ଚ୍ଚ କରି ପଞ୍ଚାୟତକୁ ଗଲେ ମିଳେ ୫ ଟଙ୍କାରେ ୫ କିଲୋ ଚାଉଳ । ସେହିଭଳି ଭତ୍ତା ପାଇବାକୁ ହେଲେ ହିତାଧିକାରୀଙ୍କୁ ଅନୁରୂପ ଖର୍ଚ୍ଚ କରିବାକୁ ପଡ଼ିଥାଏ । ରାସ୍ତା ଅଭାବ ଏବଂ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ଯୋଗୁ ପ୍ରଶାସନିକ ଅଧିକାରୀଙ୍କ କେବେ ମଧ୍ୟ ଦେଖା ମିଳେ ନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ଭଳି ମୌଳିକ ସେବା ଅପହଞ୍ଚ ଲିଲିଙ୍ଗପଦର । ଏହି ଜନବସତି ନିକଟ ଦେଇ ପ୍ରାୟ ୪ଟି ଝରଣା ବହି ଚାଲିଛି । ଯେଉଁଥି ପାଇଁ ବର୍ଷା ୪ ମାସ ଏମାନେ ଜଳବନ୍ଦୀ ଜୀବନ ଅତିବାହିତ କରନ୍ତି । କିନ୍ତୁ ଏହି ଝରଣା ହିଁ ସେମାନଙ୍କ ଆହାର ଯୋଗାଡ କରିଥାଏ । ରାସ୍ତା ଓ ପୋଲ ଅଭାବରୁ ୧୦୨, ୧୦୮ ଭଳି ଆମ୍ବୁଲାନ୍ସ ସେବା ଏହି ଗାଁ ଲୋକଙ୍କ ପାଇଁ ସାତସପନ ।

ଆଦିବାସୀ ଅଧ୍ୟୁଷିତ ଏହି ଗାଁ ଚାରି ପାର୍ଶ୍ୱରେ ରହିଛି ସତରଙ୍ଗଝୋଲା, ନାରିଙ୍ଗଝୋଲା ଓ ଗୁମଖାଲ ଜଙ୍ଗଲ ।



ଲିଲିଙ୍ଗପଦର ଗାଁର ଦୃଶ୍ୟ ।

- ୧୦୨, ୧୦୮ ଆମ୍ବୁଲାନ୍ସ ସେବା ସାତସପନ
- ପାନୀୟ ଜଳ ପାଇଁ ଏକମାତ୍ର ଢାଙ୍କୁଣୀ ଘୋଡା କୁଅ
- ବର୍ଷାଦିନରେ ଜଳବନ୍ଦୀ ଜୀବନ କାଟନ୍ତି

ଜଙ୍ଗଲ ମଧ୍ୟରେ ଏହି ଜନବସତି । ଉପରେ ରହିଛି ବକ୍ସାଇଟ ଭରା ଖଣ୍ଡୁଆଳ ମାଳି । ଏହି ଗାଁ ମୁଖ୍ୟ ରାଜସ୍ୱ ଗ୍ରାମରେ ରହୁଥିବା ୭୫ ପରିବାର ମଧ୍ୟରୁ ୧୨ଟି ପରିବାର ଅନୁସୂଚିତ ବର୍ଗର ହୋଇଥିବା ବେଳେ ଅନ୍ୟ ୬୩ଟି ପରିବାର ଝରଣିଆ କନ୍ଧ ସମ୍ପ୍ରଦାୟର । ଏହି ରାଜସ୍ୱ ଗ୍ରାମର ଉପଗ୍ରାମ ବେତକୁଟରେ ୧୨ଟି ଆଦିବାସୀ ପରିବାର ରହୁଥିବା ବେଳେ ମକାଗୁଡାରେ ରହୁଛନ୍ତି ୩୫ଟି ଆଦିବାସୀ ପରିବାର । ଗମନାଗମନ ପାଇଁ ରାସ୍ତାଘାଟ ଅଭାବରୁ ଏହି ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ । ରାଜ୍ୟ ସରକାରଙ୍କ ତରଫରୁ ଏକ ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଛି । ଏଥିପାଇଁ ଶିକ୍ଷକ ନିୟୋଜିତ ମଧ୍ୟ କରାଯାଇଛି । କିନ୍ତୁ ରାସ୍ତା ନ ଥିବା ଓ ମାଓବାଦୀ ଅଧ୍ୟୁଷିତ ହୋଇଥିବାର ଅଧିକାରୀ ଏହି ଅଞ୍ଚଳକୁ ଆସୁ ନ ଥିବାରୁ ଶିକ୍ଷକ ପାଠପଢ଼ାରେ ଅବହେଳା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିଭଳି ସ୍ୱାସ୍ଥ୍ୟ ସେବା ସ୍ୱପ୍ନ ପାଲଟିଛି । ୧୦୨ ଓ ୧୦୮ ଆମ୍ବୁଲାନ୍ସ ସେବା ଅପହଞ୍ଚ । ଏହି ଜଙ୍ଗଲ ହିଁ ସେମାନଙ୍କ ଜୀବନ ରେଖା ପାଲଟିଛି । ଅଞ୍ଚଳରେ କାମଧନ୍ଦା ଅଭାବରୁ ଅନେକ ଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି । ପାନୀୟ ଜଳ କହିଲେ ରହିଛି ଏକମାତ୍ର ଢାଙ୍କୁଣୀ ଘୋଡା କୁଅ । ଏହି କୁଅ ଭରସାରେ ଲିଲିଙ୍ଗପଦରର ୭୫ ପରିବାର । ଅନେକ ସମୟରେ ଝରଣା ପାଣି ହିଁ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଇଥାଏ । ନିର୍ବାଚନ ପରେ ନିର୍ବାଚନ ଆସୁଛି କିନ୍ତୁ କେବେ ବି ଦିନକ ପାଇଁ ବିଧାୟକ ଅଥବା ଏମ୍‌ପି କେହି ଏହି ଗାଁକୁ ଆସି ନ ଥିବା କହନ୍ତି ଗ୍ରାମର ୱାର୍ଡମେମ୍ବର ସୀତା ମାଝି । ଏ ନେଇ ଭବାନୀପାଟଣା ସଦର ବ୍ଲକ ବିଡିଓ ପ୍ରଭାସ ଦଣ୍ଡସେନାଙ୍କ ସହିତ ଯୋଗାଯୋଗ କରାଯିବାରୁ ଗ୍ରାମର ସମସ୍ୟା ନେଇ ତୁରନ୍ତ ଆଲୋଚନା କରାଯାଇ ତାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ବାଉଁଶ ଧଏଁର ପାଇଁ କଞ୍ଚାମାଲ ଅଭାବ

ରିଷିଡା,୧୪ା୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ରିଷିଡା ଉପକଣ୍ଠରେ ଥିବା ଭିରକାପଡା ଓ ଫଟାମୁଣ୍ଡା ବାଉଁଶ ତିଆରି ଧଏଁର ପାଇଁ ସ୍ୱତନ୍ତ୍ର ପରିଚୟ ପାଇଛି । ବାଉଁଶକୁ ସରୁ ସରୁ କରି ଏକ ସ୍ୱତନ୍ତ୍ର ଲତା ସାହାଯ୍ୟରେ ବାନ୍ଧି ଧଏଁର ତିଆରି କରନ୍ତି । ବର୍ତ୍ତମାନ ବର୍ଷା ଦିନ ଆରମ୍ଭ ହୋଇ ଗଲାଣି । ବର୍ଷା ହେଲେ ମାଛ ଧରିବା ପାଇଁ ଏକ ସ୍ୱତନ୍ତ୍ର କୌଶଳରେ ଧରୁଥିବା ବାଉଁଶ ତିଆରି ଯନ୍ତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଭିନ୍ନ ପ୍ରକାର ଆକାରରେ ଧଏଁର ତିଆରି କରାଯାଇ ଥାଏ । ସେଥିପାଇଁ ଦର ମଧ୍ୟ ୧୫୦ ଟଙ୍କାରୁ ୪୦୦ ଟଙ୍କା ମଧ୍ୟରେ । ଜଙ୍ଗଲରେ ଏବେ କଞ୍ଚା ବାଉଁଶର ଅଭାବ ଯୋଗୁ ଧଏଁର ତିଆରି କରିବା ପାଇଁ ଅସୁବିଧା ହେଉଛି । ତଥାପି ଏହି ଗାଁର ଲୋକେ ଏହି ପାରିବାରିକ ବୃତ୍ତିକୁ ଛାଡି ପାରି ନାହାନ୍ତି । ଏହି ଧଏଁର ବିକ୍ରି ଉଲବ୍ଧ ଟଙ୍କାରେ ସେମାନଙ୍କର ତେଲ, ଲୁଣ ଦୁନିଆ ଚଳେ । ନିକଟସ୍ଥ ରିଷିଡା ହାଟରେ ଧଏଁର ବିକ୍ରି କରିବା ପାଇଁ ଲମ୍ବା ଧାଡିରେ ବସି ଗ୍ରାହକ ଅପେକ୍ଷାରେ ଥାନ୍ତି । ବିଶେଷ କରି ପଡୋଶୀ ବଲାଙ୍ଗୀର ଓ ବୌଦ୍ଧ ଜିଲାର ଅନେକ ଗ୍ରାହକ ଏହା କିଣିବାକୁ ଆସିଥାନ୍ତି ।



ରିଷିଡା ହାଟରେ ଧଏଁର ବିକ୍ରି କରିବା ପାଇଁ ଗ୍ରାହକ ଅପେକ୍ଷାରେ ।




ରୁପ୍ରା ପିଏଚ୍‌ସି ଡାକ୍ତରଖାନା ।

# ଡାକ୍ତର ନାହାନ୍ତି, ରୋଗୀ ସେବା ବ୍ୟାଘାତ

ପଲମ,୧୪ା୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରା ପିଏଚ୍‌ସି ଡାକ୍ତରଖାନାରେ ଦୀର୍ଘ ଦିନ ଧରି ଡାକ୍ତର ନାହାନ୍ତି । ଏଥିଯୋଗୁ ରୋଗୀ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି । ଜଣେ ମାତ୍ର ଫର୍ମାସିଷ୍ଟ ରହି କାର୍ଯ୍ୟ କରୁଥିବାରୁ ରୋଗୀ ସେବାରେ ବିଷେଶ ବାଧା ହେଉଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ରୁପ୍ରା ପଞ୍ଚାୟତ ସମେତ କର୍ମେ, ମୁସ୍କୁଟି, ଗିଗିନା, ଟକର୍ଲା, ଭୀମକେଲା ତଥା ବାଲସୀ ପଞ୍ଚାୟତର ଲୋକମାନେ ନିର୍ଭର କରୁଛନ୍ତି । ପ୍ରାୟ ୧୫ ହଜାର ଲୋକ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଭରସା କରି ରହିଆନ୍ତି । ଫଳରେ ଠିକ ଭାବେ ଏହି ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି । ପୂର୍ବରୁ ମଧ୍ୟ ଏହି ଡାକ୍ତର ସମସ୍ୟା ରହି ଆସିଥିଲା । ଏ ନେଇ ଭବାନୀପାଟଣା ସିଡିଏମଓଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ବର୍ତ୍ତମାନ ଏହି ପିଏଚସିରେ ଆୟୁଷ ଡାକ୍ତର ଦୁର୍ଯ୍ୟୋଧନ ପଧାନ, ଫର୍ମାସିଷ୍ଟ ସୁବ୍ରତ ବେହେରା ରହି କାର୍ଯ୍ୟ କରୁଛନ୍ତି । ୫ ବର୍ଷ ହେଲା ଆଟେଣ୍ଡେନ୍ସ ପଦବୀ ଖାଲି ରହିଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ଏଏନଏମ କୁସୁମ ବାରିକଙ୍କୁ ଭାନପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ବଦଳି କରାଯାଇଛି । ଫଳରେ ଗର୍ଭବତୀ ମହିଳାମାନେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରୁ ଉପଯୁକ୍ତ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଦୁଃଖର ବିଷୟ ଏହି ଯେ ସ୍ୱାସ୍ଥ୍ୟକେନ୍ଦ୍ରର କୋଠା ମରାମତି ବାବଦ ନେଇ ଲକ୍ଷାଧିକ ଟଙ୍କା ଅଟକଳରେ ଗତ ଏପ୍ରିଲରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ନିର୍ମାଣ କରାଯାଇଥିଲା । ମାତ୍ର ଏବେ ଅନେକ ଯାଗାରେ ପାଣି ଗଳୁଥିବା ବିଷୟ ଫାର୍ମାସିଷ୍ଟ ବେହେରା ପ୍ରକାଶ କରିଛନ୍ତି । ତୁରନ୍ତ ଏହାର ପ୍ରତିକାର କରିବା ପାଇଁ ପଞ୍ଚାୟତବାସୀ ଦାବି କରୁଛନ୍ତି ।

# ‘ରେଳ ବଜେଟରେ କଳାହାଣ୍ଡି ଅବହେଳିତ ହୋଇଛି’

ଭବାନୀପାଟଣା,୧୪ା୭ (ଡି.ଏନ.ଏ.)

କଳାହାଣ୍ଡି ଜିଲ୍ଲା ନର୍ଲା ଠାରେ ଭାରତୀୟ ରେଳ ପକ୍ଷରୁ ପ୍ରସ୍ତାବିତ ଲୋକମୋଟିଭ ୱାର୍କସପ ପ୍ରତିଷ୍ଠା ପାଇଁ ୨୦୧୯-୨୦ ଅନ୍ତରିଣ ବଜେଟରେ ୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ପୂର୍ଣ୍ଣାଙ୍ଗ ବଜେଟରେ ଏହି ଲୋକମୋଟିଭ ୱାର୍କସପ ପ୍ରତିଷ୍ଠା ପାଇଁ ମାତ୍ର ଏକ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବାରୁ ଜିଲାବାସୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି । ବଜେଟରେ କଳାହାଣ୍ଡି ଜିଲାକୁ ଅବହେଳା କରାଯାଇଛି । ଫଳରେ କଳାହାଣ୍ଡି ଜିଲା ନର୍ଲାଠାରେ ପ୍ରସ୍ତାବିତ ଲୋକମୋଟିଭ ୱାର୍କସପ ପ୍ରକଳ୍ପର ଭବିଷ୍ୟତ ସନ୍ଦିହାନ ହୋଇପଡ଼ିଛି ବୋଲି ପୂର୍ବତନ ଏମ୍‌ପି ରାସବିହାରି ବେହେରା ପ୍ରକାଶ କରିଛନ୍ତି । ଏହି ପ୍ରକଳ୍ପ ପାଇଁ ପୂର୍ଣ୍ଣାଙ୍ଗ ବଜେଟରେ ସାଢ଼େ ତିନି କୋଟି ଟଙ୍କା କମାଇ ଦେବା ଜିଲାବାସୀଙ୍କୁ ବ୍ୟଥିତ କରିଛି । ପୂର୍ଣ୍ଣାଙ୍ଗ ବଜେଟ ଏହି ପ୍ରକଳ୍ପ ପାଇଁ ବରାଦ କରାଯାଇଥିବା ଏକ କୋଟି ଟଙ୍କା ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ଆନୁସାଙ୍ଗିକ ଖର୍ଚ୍ଚ, ଭିତ୍ତିଭୂମି ପ୍ରସ୍ତୁତି ପାଇଁ ମଧ୍ୟ ନିୟଣ୍ଟ ହେବ । ଅତିତରେ ବହୁବାର ଘୋଷଣା ହୋଇ କଳାହାଣ୍ଡିରେ ଆଜି ପର୍ଯ୍ୟନ୍ତ ଭାରତୀୟ ରେଳ କେବଳ କଳାହାଣ୍ଡିକୁ ପ୍ରତାରିତ କରି ଚାଲିଛି ବୋଲି ବେହେରା ଅଭିଯୋଗ କରିଛନ୍ତି । ୨୦୧୭-୧୮ରେ ତତ୍କାଳିନ ରେଳ ମନ୍ତ୍ରୀ କଳାହାଣ୍ଡି ଜିଲା ନର୍ଲାଠାରେ ଲୋକମୋଟିଭ ୱାର୍କସପ ପ୍ରତିଷ୍ଠା ପାଇଁ ଘୋଷଣା କରିଥିଲେ ଏବଂ ଏହି ପ୍ରକଳ୍ପ ପାଇଁ ୧୮୬ କୋଟି ୩୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳର ପ୍ରସ୍ତାବ ମଧ୍ୟ ଥିଲା । ବିଭିନ୍ନ କାରଣରୁ ତାହା ସମ୍ଭବ ହୋଇନାହିଁ । ସୁଇଲା ପୁଅର ଭାଗ ନାହିଁ ଭଳି କଳାହାଣ୍ଡି ଜିଲା କେବଳ ପ୍ରତାରିତ ହୋଇ ଆସୁଛି ବୋଲି ସେ ପ୍ରକାଶ କରିଛନ୍ତି । ବର୍ତ୍ତମାନ କଳାହାଣ୍ଡି ଲୋକ ସଭା ସଦସ୍ୟ ବସନ୍ତ ପଣ୍ଡା ରେଳମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟି କଳାହାଣ୍ଡିରେ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ଜିଲାବାସୀଙ୍କ ଅସନ୍ତୋଷ ଜଣାଇବା ସହ ପଣ୍ଡା ସରକାରୀ ଦଳର ସଦସ୍ୟ ହୋଇଥିବାରୁ ଏଥି ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ବେହେରା ଅନୁରୋଧ କରିଛନ୍ତି । ସେହିପରି ଜିଲାର ସମସ୍ତ ନିର୍ବାଚିତ ଜନ ପ୍ରତିନିଧି କଳାହାଣ୍ଡି ଜିଲା ନର୍ଲାଠାରେ ପ୍ରସ୍ତାବିତ ରେଳ ପ୍ରକଳ୍ପ ପ୍ରତିଷ୍ଠା ଦାବିକୁ ଉପଯୁକ୍ତ ସ୍ଥାନରେ ଉପସ୍ଥାପନ କରିବା ପାଇଁ ବେହେରା ମରାମର୍ଶ ଦେଇଛନ୍ତି ।



ପୂର୍ବତନ ଏମ୍‌ପି ରାସବିହାରୀ ବେହେରା ।

# ବିପଦସଙ୍କୁଳ ସାନଚେର ଗାଁ ଅଙ୍ଗନୱାଡି କେନ୍ଦ୍ର

କେଗାଁ,୧୪ା୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସମ୍ମନିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ସାନଚେର ଗାଁ ବସ୍ତିପଡା ଅଙ୍ଗନୱାଡି କେନ୍ଦ୍ର ଏବେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ପ୍ରାୟ ୨୦ ବର୍ଷରୁ ଊର୍ଦ୍ଧ୍ୱ ସାନଚେର ଗାଁ ବସ୍ତିପଡାଠାରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହୋଇଥିବା ବେଳେ ଆବଶ୍ୟକ ମରାମତି ଅଭାବରୁ ଛାତରୁ ସିମେଣ୍ଟ ଖସିବା ସହିତ ଲୁହାଛଡ ଦେଖାଗଲାଣି । ଅଳ୍ପ ବର୍ଷା ହେଲା ଛାତରୁ ପାଣି ଗଳୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଅନେକ ସ୍ଥାନରେ ସିମେଣ୍ଟ ଛାଡି ଯାଉଥିବାରୁ କେବଳ ଇଟା ଦେଖାଦେଉଛି । ଗୃହର ଚଟାଣର ଅନେକ ଭାଗ ମଧ୍ୟ ଭାଙ୍ଗି ଗଲାଣି । ଏପରି ଅବସ୍ଥାରେ ଉକ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ୪୦ ଜଣ କୁନିକିନି ପୁଅଝିଅ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଏଠାରେ ରୋଷେଇ ଘର ମଧ୍ୟ ନ ଥିବାରୁ କୁନିକୁନି ପିଲାମାନଙ୍କୁ ରୋଷେଇ କରି ଦେବା ମଧ୍ୟ ଚଳିତ ବର୍ଷା ସମୟରେ ମୁସ୍କିଲ ହୋଇ ପଡୁଥିବା ଦେଖାଯାଉଛି । ଗ୍ରାମବାସୀ ଅଙ୍ଗନୱାଡି ସେଣ୍ଟରକୁ ମରାମତି ପାଇଁ ଅନେକ ସମୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୋଣସି ସୁଫଳ ମିଳି ନ ଥିବା ଅଭିଯୋଗ ହେଉଛି । ସମ୍ମନିତ ଶିଶୁ ବିକାଶ ଯୋଗେ ରାଜ୍ୟ ସରକାର କୁନିକୁନି ଶିଶୁମାନଙ୍କ ବିକାଶ ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସାନଚେରଗାଁ ବସ୍ତିପଡା ଅଙ୍ଗନୱାଡି କେନ୍ଦ୍ର ବିପଦ ସଙ୍କୁଳ ଅବସ୍ଥାରେ ଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଏଥିପ୍ରତି ଧ୍ୟାନ ନ ଦେବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏଥିପ୍ରତି ଜିଲା ପ୍ରଶାସନ ଯତ୍ନବାନ ହୋଇ ଉକ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଯଥା ଶୀଘ୍ର ମରାମତି କରିବାକୁ ଦାବି ହେଉଛି ।



ବିପଦସଙ୍କୁଳ ଅବସ୍ଥାରେ ଥିବା ଅଙ୍ଗନୱାଡି କେନ୍ଦ୍ର ।

# ବାଉଁଶୁଣୀ-ଗୁନ୍ଦୁଲିଆ ରାସ୍ତା ଶୋଚନୀୟ

ବାଉଁଶୁଣୀ, ୧୪ା୭ (ଡି.ଏନ.ଏ)

ବୌଦ୍ଧ ବ୍ଲକ ବାଉଁଶୁଣୀରୁ ଗୁନ୍ଦୁଲିଆକୁ ଯାଉଥିବା ରାସ୍ତା ଶୋଚନୀୟ ହୋଇ ପଡିରହିଛି । ସେହି ରାସ୍ତା ଉପରେ ୧୫ରୁ ୨୦ ଗ୍ରାମବାସୀ ନିର୍ଭର କରନ୍ତି । ଏବେ ସେହି ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଗଲାଣି । ଫଳରେ ଛୋଟ ଶିଶୁ ପାଠପଢ଼ିବା ପାଇଁ ଯିବା ଆସିବା କଷ୍ଟକର ହୋଇପଡୁଛି । ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା । ଗୁନ୍ଦୁଲିଆରୁ ୨ କିମି କାର୍ଯ୍ୟ ହେବା ପରେ ୩ମାସ ହେବ ବନ୍ଦ ରହିଛି । ତୁରନ୍ତ ଉକ୍ତ ରାସ୍ତା କାମ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ବର୍ଷା ନାହିଁ, ଗଜାମରୁଡ଼ି ଆଶଙ୍କାରେ ଚାଷୀ

କୋକସରା,୧୪ା୭ (ଡି.ଏନ.ଏ.)

ଚଳିତବର୍ଷ ଭଲ ବର୍ଷା ହେବା ନେଇ ପୂର୍ବରୁ ପାଣିପାଗ ବିଭାଗ ଆକଳନ କରି କହିଆସୁଥିବା ବେଳେ ବର୍ଷାର ଦେଖାନାହିଁ । ଅନିୟମିତତା ବର୍ଷା ଓ ମୌସୁମୀର ଲୁଚକାଳି ଯୋଗୁ ବୁଣାଯାଇଥିବା ଧାନ ଓ ତଳି ଘେରା ଏବେ ନଷ୍ଟ ହେବାକୁ ବସିଲାଣି । କଳାହାଣ୍ଡି ଜିଲା କୋକସରା ବ୍ଲକ୍ ୨୨ଟି ପଞ୍ଚାୟତରେ ଏଭଳିସ୍ଥିତି ଦେଖିବାକୁ ମିଳିଛି । ବ୍ଲକ୍‌ର ୮୦ % ଚାଷ ଜମି ଅଣଜଳସେଚିତ ହୋଇଥିବାବେଳେ କେବଳ ବର୍ଷା ପାଣି ଉପରେ ନିର୍ଭର କରାଯାଇଥାଏ । ତଥାପି ଚାଷୀମାନେ ନିଜର ସମ୍ବଳ ମୁତାବକ ଚଳିତବର୍ଷ ଖରିଫ ଚାଷ ପାଇଁ ଧାନ ବୁଣିବା ସହ ରୁଆ ପାଇଁ ତଳି ପ୍ରସ୍ତୁତ କରିଛନ୍ତି । ଚଳିତ ବର୍ଷର ପ୍ରଥମ ଲଘୁଚାପ ବର୍ଷା ପ୍ରଭାବ କୋକସରା ବ୍ଲକ୍‌ରେ ଆଦୌ ପଡ଼ି ନ ଥିବାବେଳେ ଏବେ ଆଷାଢ ସରି ଶ୍ରାବଣ ମାସ ଆରମ୍ଭ ହେବାକୁ ବସିଲାଣି । ଏହି ସମୟରେ ବର୍ଷା ପାଣିରେ ନଦୀନାଳ ପୁରି ଉଠିବା କଥା । ହେଲେ ନଦୀନାଳ ଏବେ ବି ଶୁଖିଲା ପଡ଼ିଥିବା ଦେଖିବାକୁ ମିଳୁଛି । ବାହୁଡ଼ା ଯାତ୍ରା ବେଳକୁ ଚାଷୀମାନେ ବୁଣିଥିବା ଧାନ ବେଉଷଣ ପ୍ରକ୍ରିୟା ଆରମ୍ଭ ହେବା କଥା । ମାତ୍ର ସ୍ୱଳ୍ପ ବୃଷ୍ଟି ଯୋଗୁ ବୁଣିଥିବା ଧାନ ଜମିରେ ପାଣିର ଅଭାବ ଯୋଗୁ ବେଉଷଣ ତ ଦୂରର କଥା ଗଜା ମରୁଡ଼ି ଆଶଙ୍କା ଦେଖାଦେଲାଣି । ଅନ୍ୟପଟେ ବିଭାଗୀୟ ରିପୋର୍ଟରୁ ମଧ୍ୟ ଜୁନ ମାସରେ ସ୍ୱାଭାବିକଠାରୁ କମ ବର୍ଷା ରେକର୍ଡ଼ ହୋଇଥିବାବେଳେ ଜୁଲାଇରେ ବର୍ଷା ଅବସ୍ଥା ସଙ୍ଗୀନ ରହିଛି । ଆଉ ଅଳ୍ପ ଦିନ ମଧ୍ୟରେ ବର୍ଷା ନ ହେଲେ ଗଜା ମରୁଡ଼ି ସ୍ଥିତି ଉପୁଜିବ ବୋଲି ଚାଷୀମାନେ ଆଶଙ୍କାରେ ଦିନ କାଟୁଛନ୍ତି । କୋକସରା ବ୍ଲକ୍ କୃଷି ବିଭାଗ ଆକଳନ ଅନୁସାରେ ଚଳିତବର୍ଷ ଆଜି ସୁଦ୍ଧା ବ୍ଲକରେ ୧୩ ହଜାର ୩ ଶହ ହେକ୍ଟର ଚାଷ ଜମିରେ ଧାନ ବୁଣା ହୋଇଥିବା ବେଳେ ୫ ଶହ ୩୦ ହେକ୍ଟର ଚାଷ ଜମିରେ ଧାନ ତଳି ପକାଯାଇଛି । ବର୍ତ୍ତମାନ ସୁଦ୍ଧା ବ୍ଲକର ୨ ଶହ ହେକ୍ଟର ଚାଷ ଜମିରେ ଧାନ ରୁଆ ସରିଥିବାବେଳେ ୧୨୦ ହେକ୍ଟର ଚାଷ ଜମିରେ ବେଉଷଣ ସରିଥିବା ସୂଚନା ମିଳିଛି । ତେବେ କୃଷି ବିଭାଗ ଦ୍ୱାରା ଦିଆଯାଇଥିବା ଏହି ସୂଚନା ବାସ୍ତବିକତାଠାରୁ ଭିନ୍ନ ବୋଲି ଚାଷୀମାନେ କହୁଛନ୍ତି । ଅନ୍ୟପଟେ ଏକ ସପ୍ତାହ ମଧ୍ୟରେ ଯଦି ବର୍ଷା ନ ହୁଏ ତାହେଲେ ସ୍ଥିତି ଅଣାୟତ ହେବା ସହିତ ଚାଷ ନଷ୍ଟ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଚାଷୀଙ୍କ ମହଲରେ ଆଶଙ୍କା ଦେଖାଦେଇଛି ।



ପାଣି ଅଭାବରୁ ଚାଷ ଜମି ଫାଟି ପଡ଼ିଛି ।

### ସୂଚନା ଅଧିକାର ଆଇନ ମାନୁନାହାନ୍ତି ଜୁନାଗଡ଼ ଶିକ୍ଷା ବିଭାଗ

# ଦେଢ଼ମାସ ପରେ ବି ମିଳୁନି ତଥ୍ୟ

ଜୁନାଗଡ଼,୧୪ା୭ (ଡି.ଏନ.ଏ.)

ସରକାରୀ ବିଭାଗଗୁଡିକୁ ଭ୍ରଷ୍ଟାଚାର ମୁକ୍ତ କରିବା ତଥା ଚାଲିଥିବା କାର୍ଯ୍ୟଗୁଡିକରେ ସ୍ୱଚ୍ଛତା ଆଣିବାକୁ ସୂଚନା ଅଧିକାର ଆଇନ (ଆରଟିଆଇ) ପ୍ରଣୟନ କରାଯାଇଛି । ମାତ୍ର ଅନେକ କ୍ଷେତ୍ରରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଦାୟିତ୍ୱ ହୀନତା ତଥା ଅବହେଳାରୁ ଏହା ବାଟବଣା ହେବାରେ ଲାଗିଛି । କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି । ଏଠାରେ କାର୍ଯ୍ୟରତ ଲୋକ ସୂଚନା ଅଧିକାରୀ ତଥା ଦାୟିତ୍ୱରେ ଥିବା ବିଆରସିସି ନବ କିଶୋର ପାଢୀଙ୍କୁ ସୂଚନା ମାଗିବାର ଦେଢ ମାସ ପରେ ବି ତଥ୍ୟ ମିଳୁନାହିଁ । ଆଜି ଦିଆଯିବ କାଲି ଦିଆଯିବ କହି କେବଳ ଦିନ ଗଡେଇ ଚାଲିଛନ୍ତି । ଅପରପକ୍ଷେ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଜନସୂଚନା ଅଧିକାରୀ ଦରଖାସ୍ତ ପାଇବାର ୩୦ ଦିନ ଭିତରେ ସୂଚନା ଦେବାର ନିୟମ ରହୁଥିବାବେଳେ ଯଦି କୌଣସି ବ୍ୟକ୍ତିର ଜୀବନ ଏବଂ ସ୍ୱାଧୀନତା ସମ୍ପର୍କିତ ତେବେ ସୂଚନା ଅଧିକାରୀ ୪୮ଘଣ୍ଟା ମଧ୍ୟରେ ସୂଚନା ପ୍ରଦାନ କରିବାର ନିୟମ ରହିଛି । ଏପରିକି ଲୋକ ସୂଚନା ଅଧିକାରୀ ୩୦ ଦିନ ଭିତରେ ଯଦି ଆବେଦନକାରୀଙ୍କୁ ମାଗିଥିବା ସୂଚନା ନ ଦିଅନ୍ତି ତେବେ ସୂଚନା ଦେବାକୁ ମନାକଲେ ବୋଲି ଧରି ନିଆଯିବ ବୋଲି ଉଲ୍ଲେଖ ରହିଛି । କିନ୍ତୁ ଏଠାରେ କାର୍ଯ୍ୟରତ ଲୋକ ସୂଚନା ଅଧିକାରୀ ସୂଚନା ଅଧିକାର ଆଇନକୁ ଅବମାନନା କରିଛନ୍ତି । ପ୍ରକାଶ ଯେ, ଜୁନାଗଡ ବ୍ଲକରେ ଶହେରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ନକଲି ସିଟି/ବିଏଡ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ହୋଇଥିଲା । ଯାହାକି ଗତ କିଛି ମାସ ତଳେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇ ଚର୍ଚ୍ଚାର ବିଷୟ ପାଲଟିଥିଲା । ତେବେ ଏହି ସବୁ ଅନିୟମିତତା ବିଷୟରେ ସୂଚନା ପାଇବା ଗତ ମେ ୨୮ ତାରିଖରେ ଆମ ପ୍ରତିନିଧି ସୂଚନା ଅଧିକାର ଆଇନ ବଳରେ ଜୁନାଗଡ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀଙ୍କ ପାଖରେ ତଥ୍ୟ ମାଗିଥିଲେ । ଅଦ୍ୟାବଧି ଦେଢମାସ ପରେ ବି ଲୋକ ସୂଚନା ଅଧିକାରୀ ଏହି ତଥ୍ୟ ଦେଇନାହାନ୍ତି । କେବଳ ଦିନ ଗଡେଇ ଚାଲିଛନ୍ତି । ଏହି ସୂଚନା ଦିଆଗଲେ ନକଲି ଶିକ୍ଷୟିତ୍ରୀଶିକ୍ଷକଙ୍କ କଳାକାରନାମା ପଦାକୁ ବାହରି ପଡିବ । ଫଳରେ ଉକ୍ତ ନକଲି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଘଣ୍ଟ ଘୋଡାଇବା ପାଇଁ ବୋଧହୁଏ ଶିକ୍ଷା ବିଭାଗ ତଥା ଲୋକ ସୂଚନା ଅଧିକାରୀ ତଥ୍ୟ ଦେଉ ନ ଥିବା ଅଭିଯୋଗ ହୋଇଛି । ଏ ନେଇ ଜୁନାଗଡ ବ୍ଲକ ଶିକ୍ଷା ବିଭାଗ ଲୋକ ସୂଚନା ଅଧିକାରୀ ତଥା ବିଆରସିସି ନବ କିଶୋର ପାଢୀଙ୍କୁ ପଚାରିବାରୁ ମୁଁ ସିଆରସିସି/ପ୍ରଧାନିଶିକ୍ଷକଙ୍କୁ ଏ ବିଷୟରେ ଜଣାଇ ଦେଇଛି । ସେମାନେ ତଥ୍ୟ ଦେଲେ ଦିଆଯିବ ବୋଲି କହିଥିଲେ । ଏଥିପ୍ରତି ରାଜ୍ୟ ଲୋକ ସୂଚନା ଅଧିକାରୀ ତଥା କଳାହାଣ୍ଡି ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।




ଜୁନାଗଡ଼ ବ୍ଲକ ଶିକ୍ଷା ବିଭାଗ ।

- ନକଲି ଶିକ୍ଷକ ଧରାପଡ଼ିଯିବା ଭୟରେ ତଥ୍ୟ ଦେଉ ନ ଥିବା ଅଭିଯୋଗ



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ଘରୁ ନିଖୋଜ ବୃଦ୍ଧାଙ୍କ ସାପ କାମୁଡ଼ାରେ ମୃତ୍ୟୁ

କୁଆଁରମୁଣ୍ଡା,୧୪।୭(ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଅନ୍ତର୍ଗତ ଅଣ୍ଡାଳି ପଞ୍ଚାୟତର କୁର୍ଲୁଖମନ ଗ୍ରାମର ମାନସିକ ଭିନ୍ନକ୍ଷମ ବୃଦ୍ଧା ଜୁଲେଖା ବାଗେ(୬୦)ଙ୍କ ରବିବାର ଭୋର ସାପ କାମୁଡାରେ ମୃତ୍ୟୁ ହୋଇଛି। ଏନେଇ ରାଏବୋଗା ପୋଲିସ ଖବର ପାଇ ଜୁଲେଖା ମରି ପଡ଼ିଥିବା ପ୍ରତାପପୁର ପଞ୍ଚାୟତର ଇନ୍ଦ୍ରପୁର ନିକଟରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏହି ସମୟରେ ମଧ୍ୟ ଜୁଲେଖାଙ୍କ ହାତରେ ଏକ ମୃତ ବିଷାକ୍ତ ପାହାଡି ଚିତି ସାପକୁ ପୋଲିସ ଦେଖିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬/୧୯) ରୁଜୁ କରି ପୋଲିସ ମୃତଦେହ ବ୍ୟବଛେଦ କରାଇ ମୃତକଙ୍କ ବିବାହିତ ଝିଅଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ,ମୃତ ଜୁଲେଖାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କର ମାନସିକ ବିକୃତି ଆରମ୍ଭ ହୋଇଥିଲା। ତାଙ୍କର କେବଳ ଜଣେ ଝିଅ ଥିବା ବେଳେ ତାଙ୍କୁ ନିଜ ଗ୍ରାମ କୁର୍ଲୁଖମନରେ ସେ ବିବାହ ଦେଇଥିଲେ। ଜୁଲେଖାଙ୍କ ମୃତ୍ୟୁର ଦିନକ ପୂର୍ବରୁ ସେ ଘର ଛାଡି କେଉଁଆଡେ ନିଖୋଜ ଥିଲେ। ଘର ଲୋକ ତାଙ୍କୁ ଖୋଜାଖୋଜି କରୁଥିଲା ବେଳେ ରବିବାର ତାଙ୍କର ମୃତ ଶରୀର ନିଜ ଗ୍ରାମ ଠାରୁ ପ୍ରାୟ ୮ କି.ମି ଦୂର ପ୍ରତାପପୁର ପଞ୍ଚାୟତର ଇନ୍ଦ୍ରପୁର ନିକଟରୁ ମିଳିଥିଲା।

### ୩ବର୍ଷ ହେଲା ନିର୍ମାଣ ସରିଛି

# ଉପଯୋଗ କରାଯାଉ ନାହିଁ ଏଲ୍ଆଇ ପଏଣ୍ଟ

ବଡ଼ଗାଁ, ୧୪।୭ (ଡି.ଏନ.ଏ)

ରାଜ୍ୟ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ପ୍ରକଳ୍ପ ଦୀର୍ଘ ବର୍ଷ ପରେ ବି କାମରେ ଆସୁନି। କର୍ମଚାରୀମାନଙ୍କ କାର୍ଯ୍ୟରେ ଅବହେଳା, ତ୍ରୁଟିପୂର୍ଣ୍ଣ କାର୍ଯ୍ୟ, ଅନିୟମିତତା, ମନମୁଖି କାର୍ଯ୍ୟର ପରିଣାମ ଭୋଗୁଛନ୍ତି ସାଧାରଣ ଜନତା। ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅଞ୍ଚଳରେ ଏଭଳି ଘଟଣାର ଅନେକ ଦୃଷ୍ଟାନ୍ତ ରହିଛି। ଦେଢ଼ବର୍ଷ ପୂର୍ବେ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ସୋଲାର ଲାଇଟ ଲଗାଯାଇଥିଲା। ମାତ୍ର ସପ୍ତାହେରୁ ୧୫ ଦିନ ମଧ୍ୟରେ ୮୦ ପ୍ରତିଶତ ଲାଇଟ ଜଳୁନାହିଁ। ଏ ବାବଦରେ ବହୁ ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ କାମରେ ଆସି ନ ଥିଲା ବେଳେ ଅଢ଼େଇ ବର୍ଷ ହେଲା କେତେକ ଅଙ୍ଗନୱାଡ଼ି କେନ୍ଦ୍ର ଅସମ୍ପୂର୍ଣ୍ଣ ରଖାଯାଇଛି। ଏହିପରି ଆଉ କେତେକ ପ୍ରକଳ୍ପ ବର୍ଷବର୍ଷ ବିତିଗଲା ପରେ ମଧ ଲୋକଙ୍କ କାମରେ ଆସୁ ନ ଥିବାର ଦୃଷ୍ଟାନ୍ତ ଥିଲା ବେଳେ ସରକାରୀ କର୍ମଚାରୀଙ୍କ ଅବହେଳା ଯୋଗୁ ଚାଷୀ ୩ ବର୍ଷ ହେଲା ନିରାଶ ହେବା ଭଳି ଘଟଣା ଦୃଷ୍ଟିକୁ ଆସିଛି। ବଡଗାଁ ବ୍ଲକର ଆଦିବାସୀ ଅଧ୍ୟୁଷିତ ତୁଡାଲଗା ପଞ୍ଚାୟତର ଚାରପାଲି ଓ ବରପାଲି ଗ୍ରାମ। ସର୍ବାଧିକ କୃଷିଜୀବି ପରିବାର ରହୁଥିବା ଏହି ଗାଁ ନିକଟ ସଫେଇ ନଦୀରେ ୧୨ ଲକ୍ଷ ୮୨ ହଜାର ୫୦୦ ଟଙ୍କା ବ୍ୟୟରେ ଜାତୀୟ କୃଷି ଏବଂ ଗ୍ରାମ୍ୟ ବିକାଶ ଯୋଜନା ମାଧ୍ୟମରେ ଓଡିଶା ଉଠାଜଳ ସେଚନ



ସଫେଇ ନଦୀ ମଝିରେ ଖମ୍ବ ପୋତା ଯାଇଛି।

ନିଗମ ସୌଜନ୍ୟରେ ଉଠାଜଳ ସେଚନ (ଏଲ୍ଆଇ) ପ୍ରକଳ୍ପ ନିର୍ମିତ ହୋଇଛି। ସାଇରାମ ପାଣି ପଞ୍ଚାୟତ ନଂ-୨ ଗଠନ କରାଯାଇ ୨୪ ହିତାଧିକାରୀଙ୍କ ୨୦ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା କରାଯାଇଛି। ହେଲେ ଏଲ୍ଆଇ ପଏଣ୍ଟ ନିର୍ମାଣ ହେବାର ୩ ବର୍ଷ ବିତିଯାଇଥିଲେ ମଧ ଉପଯୋଗ କରାଯାଉ ନାହିଁ। ସୂଚନାଯୋଗ୍ୟ ଯେ, ଠିକାଦାରଙ୍କ ଦ୍ୱାରା ନିର୍ମିତ କାମ ଓ ବିଦ୍ୟୁତକରଣ କାମ କରାଯାଇଛି। ଠିକାଦାର ନଦୀ ମଝିରେ ବିଦ୍ୟୁତ୍ ଖମ୍ବ ପୋତି ବିଦ୍ୟୁତ ସଂଯୋଗ କଲାପରେ ପରୀକ୍ଷା ମୂଳକ ଭାବେ କିଛି ସମୟ ଏଲ୍ଆଇ ପଏଣ୍ଟ ଚଳାଇଥିଲେ। ଏହା ପରେ ବିଦ୍ୟୁତ ବିଭାଗ କର୍ମଚାରୀ ନଦୀ ମଝିରେ ଖମ୍ବ ପୋତି ବିଦ୍ୟୁତ ତାର ଟାଣିବା ତ୍ରୁଟିପୂର୍ଣ୍ଣ ଦର୍ଶାଇବା ପରେ ଏଲଆଇ ପଏଣ୍ଟରେ ତାଲା ପଡିଛି। ଗତ ବର୍ଷ ବର୍ଷା ଅଭାବରୁ ଧାନ ଚାଷ ନଷ୍ଟ ହେଉଥିଲା ବେଳେ ଚାଷୀମାନେ ପଏଣ୍ଟକୁ ଚଲାଇବା ପାଇଁ ଅନୁରୋଧ ସତ୍ତ୍ୱେ କେହି ଶୁଣି ନ ଥିଲେ। ଫଳରେ ସମସ୍ତ ସଂଶୋଧନ ଥାଇ ମଧ ୨୪ ହେକ୍ଟର ଜମିର ଧାନ ଚାଷ ଉଜୁଡି ଯାଇଥିଲା। ବିଡମ୍ବନାର ବିଷୟ ସାଢ଼େ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏଲଆଇ ପଏଣ୍ଟ ୩ବର୍ଷ ହେଲା ଚାଷୀଙ୍କ କାମରେ ଆସୁନାହିଁ। ଚାଷୀମାନେ ଠିକାଦାର ଓ ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ କହିଲେ ଉଭୟେ ପରସ୍ପରକୁ ଦୋଷ ଲଦି ହାତବାନ୍ଧି ବସିବା ଯୋଗୁ ଚାଷୀଙ୍କୁ ହତାଶ ହେବାକୁ ପଡିଛି । ୧୨ ଲକ୍ଷ ୮୨ ହଜାର ୫ଶହ ଟଙ୍କା ବ୍ୟୟ କରି ୩ବର୍ଷ ଉପଯୋଗ ନ କରିବା ଦ୍ୱାରା ସରକାରଙ୍କ ୩ ବର୍ଷରେ ସୁଧ ବାବଦରେ ଲକ୍ଷାଧିକ ଟଙ୍କା କ୍ଷତି ହୋଇଛି। ସରକାରୀ କର୍ମଚାରୀଙ୍କ ମନମୁଖି ତ୍ରୁଟିପୂର୍ଣ୍ଣ କାର୍ଯ୍ୟ, ଦାୟୀତ୍ୱହୀନତା ଯୋଗୁ ଲକ୍ଷ ଲକ୍ଷ ଟଙ୍କା କ୍ଷତି ହେବା ସହିତ ଚାଷ ମଧ କ୍ଷତି ହେବା ଦେଖିଲେ ସରକାରୀ କର୍ମଚାରୀମାନେ କେତେ ବେପରବାୟ ବୁଝାପଡ଼େ। କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ପ୍ରତି ସରକାର କିପରି ନରମ, କୋହଳ ମନୋଭାବ ପୋଷଣ କରୁଛନ୍ତି ତାହା ଏଭଳି ଘଟଣା ଗୁଡିକରୁ ବୁଝାପଡୁଛି। ସରକାର ଏଭଳି କର୍ମଚାରୀଙ୍କୁ ଚିହ୍ନଟ କରି ଅଙ୍କୁଶ ନ ଲଗାଇଲେ ଜନହିତକର ଯୋଜନା, ପ୍ରକଳ୍ପ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ଠିକାଦାର ପୋଷିବା ଭଳି ହେବ । ଜିଲାପାଳ କୃଷକ ମାନଙ୍କ ସମସ୍ୟା ବୁଝି ତୁରନ୍ତ ପଦକ୍ଷେପ ନେଲେ ଚାଷୀ ଚଳିତବର୍ଷ ଚାଷକୁ ବଞ୍ଚାଇ ପାରନ୍ତେ ବୋଲି ଦାବି ହେଉଛି। ଏ ସମ୍ପର୍କରେ ଠିକାଦାର ଅମିତ କୁମାର କିସପଟ୍ଟାଙ୍କୁ ପଚାରିବାରେ ମୁଁ ୱେସ୍କୋକୁ ହସ୍ତାନ୍ତର କରିଦେଇଛି କହିଛନ୍ତି।

#### ଚାଷୀ ଯାହା କହନ୍ତି....



“ ୩ ବର୍ଷ ହେଲା ଏଲଆଇ ପଏଣ୍ଟ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ ଦୁର୍ଭାଗ୍ୟର କଥା ଗତ ବର୍ଷ ପାଣି ନ ହେବାରୁ ଚାଷ ନଷ୍ଟ ହେଲା। ଏଥିପାଇଁ ଉତ୍ତରଦାୟୀ କିଏ ତାହା ସରକାର ସ୍ଥିର କରିବା କଥା। ଶୀଘ୍ର ପଏଣ୍ଟ ଚାଲୁ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବୁ।

-**କିଶୋର ବିଶି**, ଚାରପାଲି, ପାଣି ପଞ୍ଚାୟତ ସଭାପତି ।



“ ୧୨ ଲକ୍ଷରୁ ଅଧିକ ଖର୍ଚ୍ଚ ହେଲା। କିନ୍ତୁ ୩ ବର୍ଷ ହେଲା ଚାଷୀଙ୍କ କାମରେ ଆସୁନି। ଗତବର୍ଷ ଆମେ ଧାନ ଚାଷ ନଷ୍ଟ ହେବା ଦେଖି ପଏଣ୍ଟ ଚଳାଇବାକୁ କହିଲୁ କିନ୍ତୁ କେହି ଶୁଣିଲେ ନାହିଁ। ୨୪ ହେକ୍ଟର ଧାନ ଚାଷ ସମସ୍ତ ଯୋଗାଡ ଥାଇ ମଧ ନଷ୍ଟ ହେବା ପ୍ରକୃତରେ ଦୁର୍ଭାଗ୍ୟଜନକ।

-ଇନ୍ଦ୍ରମଣୀ କିଷାନ, କଣ୍ଟିଆମୁରା ।



“ ଠିକାଦାରଙ୍କୁ କହିଲେ ଇଲେକ୍ଟ୍ରି ଅଫିସରେ କୁହ କହୁଛନ୍ତି। ଇଲେକ୍ଟ୍ରି ଅଫିସରେ କହିଲେ ଠିକାଦାରଙ୍କୁ କୁହ କହୁଛନ୍ତି। ସରକାରୀ କର୍ମଚାରୀଙ୍କ ଦେଖାନାହିଁ ପଏଣ୍ଟ କିପରି ନିର୍ମାଣ ହେଲା, ଉପଯୋଗୀ ହେଲାକି ନାହିଁ ଦେଖିବାକୁ ବୁଝିବାକୁ କେହି ନାହିଁ।

-ସଚିନ୍ଦ୍ର ମାଝି, ଚାରପାଲି ।



“ ୩ ବର୍ଷ କାମ ସରିବା ପରେ ଏଲଆଇ ପଏଣ୍ଟ ଉପଯୋଗୀ କରା ନ ଯିବା ସରକାରୀ କର୍ମଚାରୀଙ୍କ ଅବହେଳାକୁ ପ୍ରମାଣିତ କରୁଛି। ସରକାର ଦେଉଛି କହିଲେ କଣ ହେବ ଯଦି କାମରେ ନ ଆସେ। କର୍ମଚାରୀଙ୍କ ଅବହେଳା ଯୋଗୁ ଗତବର୍ଷ ଧାନ ଚାଷ ନଷ୍ଟ ହେଲା ।

-ସୁଧିର ବିଶି, ବରପାଲି ।

### ବାଲିଶଙ୍କରା ବ୍ଲକରେ ବର୍ଷା ନାହିଁ: ଚିନ୍ତାରେ ଚାଷୀ

ବାଲିଶଙ୍କରା, ୧୪।୭ (ଡି.ଏନ.ଏ)

ସୁନ୍ଦରଗଡ ଜିଲାର ସୀମାନ୍ତ ଏବଂ ବଣପାହାଡ ଘେରା ବାଲିଶଙ୍କରା ବ୍ଲକରେ ବର୍ଷା ନାହିଁ। ଫଳରେ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଏହି ବ୍ଲକରେ ଅଧିକ ଆଦିବାସୀ ବାସ କରନ୍ତି। ସମସ୍ତେ ଚାଷ ଉପରେ ନିର୍ଭର କରନ୍ତି। ଏଠାରେ କାଁ ଭାଁ ଛୋଟବଡ କରି ୩ଟି ଡ୍ୟାମ କରାଯାଇଛି। ଫଳରେ ୩ଟି ପଞ୍ଚାୟତର ୩୦ ରୁ ୩୫ ଗ୍ରାମର ପାଣି ମାଡିଥାଏ । ଜଳସେଚନର କୌଣସି ସୁବିଧା ନାହିଁ। ଆକାଶର ବର୍ଷା ଉପରେ ଚାଷ କାର୍ଯ୍ୟ ନିର୍ଭର କରାଯାଇଥାଏ। ଜୁନରେ ବର୍ଷା ନାହିଁ କହିଲେ ଚଳେ। ଜୁଲାଇ ୪ ରୁ ୫ ରେ ସ୍ୱଳ୍ପ ବର୍ଷା ହେବା ଦ୍ୱାରା ଧାନ ବୁଣା କାମ କେଉଁଠି କିଛି ପରିମାଣ ହୋଇଛି। ଚାଷୀ ନିଜ ଉଦ୍ୟମରେ ପାଣିଦେଇ ଅନେକ ଜାଗାରେ ତଳି ପକାଇଛନ୍ତି। ବର୍ଷା ଠପ ହୋଇଯିବା ଦ୍ୱାରା ଚିନ୍ତାରେ ଚାଷୀକୁଳ ଅଛନ୍ତି। ବର୍ଷା ଅଭାବ ଯୋଗୁଁ ଅନେକ ସ୍ଥାନରେ ଚାଷ କାର୍ଯ୍ୟ ବିଳମ୍ବ ଓ ଧାନ ବୁଣା ବନ୍ଦ ହୋଇଯାଇଛି। ଅଞ୍ଚଳରେ ଠାଏଁ ଠାଏଁ ଖରା ଯୋଗୁଁ ଅନେକ ଜାଗାରେ ଧାନ ଗଛଗୁଡିକ ଝାଉଁଳି ଯାଉଥିବା ଦେଖାଗଲାଣି । ଅନେକ ଜାଗାରେ ପଡିଆ ପଡିରହିଛି। ଲଙ୍ଗଳରେ ଚାଷ ସମ୍ଭବ ହେଉ ନ ଥିବାରୁ ଟ୍ରାକ୍ଟର ଦ୍ୱାରା ହଳ ହେଉଛି। ଯଦି ଏହି ଅଞ୍ଚଳରେ ୭ରୁ ୮ ଦିନ ଭିତରେ ବର୍ଷା ନ ହୁଏ ତାହା ହେଲେ ଧାନ ଚାଷ ବାଧାପ୍ରାପ୍ତ ହେବ। ସେଥିପାଇଁ ଚିନ୍ତାରେ ଅଞ୍ଚଳର ଚାଷୀ ରହିଛନ୍ତି।

### ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି

## ସୁନ୍ଦରଗଡ ଶାଖାର ସାଧାରଣ ବୈଠକ




ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ବୈଠକ।

ସୁନ୍ଦରଗଡ, ୧୪।୭ (ଡି.ଏନ୍.ଏ)

ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ସୁନ୍ଦରଗଡ ଜିଲା ଶାଖାର ସାଧାରଣ ବୈଠକ ରବିବାର ସ୍ଥାନୀୟ ପ୍ରଗତିମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଲୀଳାଧର କାଲୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ଅଣଗେଜେଟେଡ ସମନ୍ୱୟ ସମିତି ରାଜ୍ୟ ସଭାପତି ଜ୍ୟୋତିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସଂଘ ଗୁଡିକର କଣ ଭୂମିକା ଓ ଗୁରୁତ୍ୱ ରହିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାସହ ଆଗାମୀ ଦିନରେ ସଙ୍ଗଠନକୁ ସୁଦୃଢ କରିବା ଦିଗରେ ନିଜ ମଧ୍ୟରେ ଉତ୍ତମ ସମନ୍ୱୟ ଓ ଏକତା ରକ୍ଷା କରିବା ଜରୁରୀ ବୋଲି କହିଥିଲେ। ଏହି ଅବସରରେ ଜିଲା ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଚନ୍ଦ୍ରମଣି ମିଶ୍ର ଜିଲା ଶାଖାର ନୂତନ ସଭାପତି ଭାବେ ମନୋନୀତ ହୋଇଥିବାବେଳେ ସୁଦାମ ଚରଣ ପଟେଲ ସମ୍ପାଦକ, ଲୀଳାଧର କାଲୋ ଅଧ୍ୟକ୍ଷ , ବିଭୂଦେନ୍ଦ୍ର ଠାକୁରଙ୍କୁ କାର୍ଯ୍ୟକାରୀ ସଭାପତି ଓ ସୌମ୍ୟ ରଞ୍ଜନ କରଙ୍କୁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି।

### ଟ୍ରକ ପଛରେ ପିଟିଲା ବାଇକ୍: ୧ମୃତ, ୧ ଗୁରୁତର

ବଡ଼ଗାଁ, ୧୪।୭ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କଣ୍ଟିଆମୁରା ଗ୍ରାମ ନିକଟ ରଙ୍ଗବତୀ ଢ଼ାବା ସମ୍ମୁଖ ୧୦ନଂ. ରାଜ୍ୟ ରାଜପଥରେ ଶନିବାର ରାତି ୧୦ଟାରେ ଏକ ଦୁର୍ଘଟଣା ଘଟିଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ରାଜପଥ ପାର୍ଶ୍ୱରେ ଅଟକି ରହିଥିବା ଟ୍ରକ୍ ପଛରେ ବାଇକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ବିଲେଇଗଡସ୍ଥିତ ଶ୍ରୀରାମ ରୋଲିଂ ମିଲରେ କାମ କରୁଥିବା ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ସାଙ୍କୋବାହାଲ ଗ୍ରାମର ଅମିତ ତିର୍କୀ (୩୨) ଓ ତଳସରା ଥାନା ଟାଙ୍ଗରବାହାଲ ଗ୍ରାମର ସୁରେନ୍ଦ୍ର ଧରୁଆ (୩୧) କାମ ସାରି ବାଇକ୍‌ରେ ଫେରୁଥିଲେ। ଅଟକିଥିବା ଟ୍ରକ ଓଆର୍ ୨୩ଏଫ- ୬୫୦୦ ପଛରେ ବାଇକ୍ ଧକ୍କା ଦେଇଥିଲା। ଅମିତଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ବଡଗାଁ ପୋଲିସ ଆହତ ସୁରେନ୍ଦ୍ରଙ୍କୁ ଉଦ୍ଧାର କରି ବଡଗାଁ ଡାକ୍ତରଖାନା ଆଣି ଚିକିତ୍ସା କରାଇ ସୁନ୍ଦରଗଡ ମେଡିକାଲ ସ୍ଥାନାନ୍ତର କରାଇଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

## ହାତୀ ଆକ୍ରମଣରେ ନାବାଳକ ଗୁରୁତର

ବେଦବ୍ୟାସ, ୧୪।୭ (ଡି.ଏନ.ଏ)




ହାତୀ ଭାଙ୍ଗିଦେଇଥିବା ଘର।

କୁଆଁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ବଡଦଲକି ବିଟ ଓ ବିରଡା ସେକ୍ସନର ରୁଟକିପେଡି (ଗୌଡପଡା) ଗ୍ରାମରେ ଶନିବାର ରାତ୍ରିରେ ବଣୁଆହାତୀ ପଶି ଏକ ଘରକୁ ଭାଙ୍ଗି ବିଶେଷ କ୍ଷୟକ୍ଷତି କରିଛି। ଏହା ସହ ଜଣେ ନାବାଳକକୁ ଆକ୍ରମଣ କରିବା ଫଳରେ ସେ ଗୁରୁତର ଅବସ୍ଥାରେ ରାଉରକେଲା ଇସ୍ପାତ ଡାକ୍ତରଖାନାରେ ଚିକିତ୍ସାଧିନ ଥିବା ପ୍ରକାଶ। ନାବାଳକଙ୍କ ନାମ ଚନ୍ଦନ ଲାକ୍ରା (୧୩)। କୁଆଁରମୁଣ୍ଡା ରେଞ୍ଜ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ଯେ, ଶନିବାର ବିଳମ୍ବିତ ରାତ୍ରିରେ ପ୍ରାୟ ୧୧ଟି ହାତୀ ବଡଦଲକି ଓ ସାନଡଲାକୁଦର ଅଞ୍ଚଳକୁ ପ୍ରବେଶ କରିଥିଲେ। ସେଥିମଧ୍ୟରୁ ଗୋଟିଏ ହାତୀ ଗୌଡପଡାକୁ ଯାଇଥିଲା। ସେଠାରେ ଗୁରୁତର ଥିବା ନାବାଳକଙ୍କ ଅଜା ଏକ ପଟ୍ଟା ଦ୍ୱାରା ଶବ୍ଦ କରିବାରୁ ହାତୀ ଉତ୍କ୍ଷିପ୍ତ ହୋଇ ତାଙ୍କ ଘର ଭିତରକୁ ଧସେଇ ପଶିଥିଲା। ଘରର ଅନ୍ୟ ସଦସ୍ୟମାନେ ପ୍ରାଣ ବଞ୍ଚାଇବା ପାଇଁ ବିଭିନ୍ନ ଦିଗକୁ ପଳାଇଯାଇଥିବାବେଳେ ନାବାଳକ ଶୀଘ୍ର ଯାଇ ପାରି ନ ଥିଲା । ଫଳରେ ହାତୀ ଆକ୍ରମଣର ଶିକାର ହୋଇ ତାଙ୍କର ଡାହାଣ ହାତଟି ଭାଙ୍ଗି ଯାଇଛି। ସେ ଘର ନିକଟରେ ଏକ ଗାତରେ ପଡି ରହିଥିଲେ। ସକାଳେ ଘର ଲୋକେ ଖୋଜି ପାଇ ରେଞ୍ଜ ଅଧିକାରୀଙ୍କୁ ଖବର କରିଥିଲେ। ଖବର ପାଇ କୁଆଁରମୁଣ୍ଡା ରେଞ୍ଜ ଅଧିକାରୀ ସୁଧାଂଶୁ ଶେଖର ସାହାଣୀଙ୍କ ସମେତ ଅନ୍ୟ ଜଙ୍ଗଲ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ନାବାଳକଙ୍କୁ ଉଦ୍ଧାର କରି ପ୍ରଥମେ ଆରଜିଏଚ ଓ ପରବର୍ତ୍ତି ସମୟରେ ଆଇଜିଏଚକୁ ନେଇଥିଲେ । ସେଠାରେ ଗୁରୁତର ନାବାଳକ ଚିକିତ୍ସାଧିନ ଅଛନ୍ତି। ସରକାରଙ୍କର ତରଫରୁ ସବୁ ପ୍ରକାର ସାହାର୍ଯ୍ୟ ଯୋଗାଇ ଦିଆଯିବ ବୋଲି ରେଞ୍ଜ ଅଧିକାରୀ କହିଛନ୍ତି।

### କଳୁଙ୍ଗା ଲ୍ୟାମ୍ପ୍ସ ମିନି ବ୍ୟାଙ୍କ ଲୁଟ ଘଟଣା

## ୩ ଗିରଫ: ପିସ୍ତଲ, ଟଙ୍କା ଜବତ

ବେଦବ୍ୟାସ, ୧୪।୭ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଳୁଙ୍ଗା ଲ୍ୟାମ୍ପ୍ସ ମିନି ବ୍ୟାଙ୍କରୁ ଗତ ଜୁନ ୨୮ରେ ଲୁଟ କରିଥିବା ଅଭିଯୋଗରେ ପୋଲିସ ରବିବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନଙ୍କଠାରୁ ଦୁଇଟି ମୋଟର ସାଇକେଲ, ଗୋଟିଏ ପିସ୍ତଲ ସମେତ ୧୦ ହଜାର ଟଙ୍କା ଜବତ କରିଛି। ଅଭିଯୁକ୍ତମାନେ ହେଲେ ବଡଗୁଡ଼ିଆଲି ରାଜଗାଙ୍ଗପୁରର ଚିତ୍ରସେନ ଲାକ୍ରା, ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ପେରୁଆଭାଡି ନିବାସୀ ରଜତ ଆନନ୍ଦ ତିର୍କୀ ଓ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ବଡଗୁଡ଼ିଆଲି ଗ୍ରାମର ପବନ ଲାକ୍ରା । ପୋଲିସ ସୂଚନାନୁଯାୟୀ ଗତ ଜୁନ ୨୮ ପୂର୍ବାହ୍ନ ୧୦ଟାରେ କଳୁଙ୍ଗା ଲ୍ୟାମ୍ପ୍ସ କ୍ୟାଶିୟର ସତ୍ୟଭାମା ବେହେରା ପ୍ରତ୍ୟେକ ଦିନ ଭଳି ଲକରରୁ ପ୍ରାୟ ୩ଲକ୍ଷ, ୯୭ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବାହାର କରି ଲ୍ୟାମ୍ପ୍ସ କ୍ୟାଶ କାଉଣ୍ଟରକୁ ଆଣୁଥିବା ବେଳେ ଲୁଟ୍ ହୋଇଥିଲା



ଗିରଫ ୩ ଅଭିଯୁକ୍ତ ଓ ଜବତ ପିସ୍ତଲ।

। ଏନେଇ ବ୍ରାହ୍ମଣୀତରଙ୍ଗ ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ଓ କଳୁଙ୍ଗା ଫାଣ୍ଡି ଅଧିକାରୀ ଦୁର୍ଗା ଜେନା, ଗୃହରକ୍ଷୀ ରୋହିତ ସା ପ୍ରମୁଖଙ୍କ ସମେତ ଏକ ପୋଲିସ ଦଳ ଅକ୍ଳାନ୍ତ ପରିଶ୍ରମ କରି ଏହି ଲୁଟେରାମାନଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଲୁଟ ଟଙ୍କାରେ ଅଭିଯୁକ୍ତ ଚିତ୍ରସେନ ଲାକ୍ରାଙ୍କର ଭାଇ ପବନ ଲାକ୍ରା କିଣିଥିବା ଏକ ନୂଆଁ ପୋଲସର ଗାଡିକୁ ପୋଲିସ ଜବତ କରିଛି।

## ଟିପ୍ପର ପଛରେ ପିଟିଲା ବାଇକ୍: ଜଣେ ମୃତ

ଲହୁଣୀପଡା, ୧୪।୭ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଜାମୁଡିହି ରେଞ୍ଜଡା ରାସ୍ତାର ମୋଟୁହନୁମାନ ଗ୍ରାମ ନିକଟରେ ଛିଡା ହୋଇଥିବା ଟିପର ପଛରେ ବାଡେଇ ହୋଇ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୋଟୁ ହନୁମାନ ଗ୍ରାମ ନିକଟରେ ଓଆର୍ ୧୪ ଏମ- ୬୭୬୩ ଟିପର ଖରାପ ହୋଇ ଛିଡା ହୋଇଥିଲା ।ରବିବାର ସକାଳ ପ୍ରାୟ ୬ଟା ବେଳେ ଓଡି ୧୪ ବି- ୦୪୭୭ ନମ୍ବର ବାଇକ ଯୋଗେ ନିଜ ମାମୁଁ ଘରକୁ ଯାଉଥିବା ଅନୀଲ ଟପ୍ପୋ (୨୨) ଟିପ୍ପର ପଛରେ ଧକ୍କା ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା । ଫଳରେ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ମୃତ ଯୁବକ ଚାନ୍ଦିପୋଷ ଥାନା ଅନ୍ତର୍ଗତ ମହୁପଦା ଗ୍ରାମର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

## ଜୁଆ ଆଡ୍ଡାରେ ଚଢାଉ: ୯ ଗିରଫ

ବିଶ୍ରା, ୧୪।୭ (ଡି.ଏନ.ଏ)

ବିଶ୍ରା ଥାନା ରେଳଷ୍ଟେସନ ନିକଟସ୍ଥ ବୁଦେଲଜୋର ଗ୍ରାମରେ ପୋଲିସ ଶନିବାର ଚଢ଼ାଉ କରି ଜୁଆଆଡ୍ଡାରୁ ୯ଜଣଙ୍କୁ ଗିରଫ କରିଛି। ଦୁଇଟି ବାଇକ ମଧ୍ୟ ଜବତ କରିଛି। ଗିରଫ ଯୁବକମାନେ ହେଲେ ବିଶ୍ରା ଅଞ୍ଚଳର ମୌସିମ ଅଖତର, ହସିଦ ଅନସାରୀ, ସଦ୍ଧିକି ଅନସାରୀ, ଶେଖର ମହାଲି, କର୍ମୀ ବାଡାଇକ, ଅଶୋକ ବର୍ମା, ଶୁକ୍ର ମହାଲା, ଜଗନ୍ନାଥ ଓରାମ, ବୁଟ୍ଟା ଆଲାମ। ସେମାନଙ୍କଠାରୁ ଦୁଇ ବାଇକ୍, ୫ ମୋବାଇଲ, ୧୧୫୦ ଟଙ୍କା ଜବତ ହୋଇଛି। ବିଶ୍ରା ଥାନାରେ ମାମଲା (ନଂ. ୬୬/୧୯) ରୁଜୁ ହୋଇଛି।

# ଦୁଇ ମାସ ପରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଶୋଚନୀୟ

ସବ୍‌ଡେଗା, ୧୪।୭ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣର ଅଳ୍ପଦିନ ପରେ ଶୋଚନୀୟ ହୋଇପଡୁଛି। ବ୍ଲକର ଏମଡିଆର ରାସ୍ତାରୁ ହମିରପୁର ବସ୍ତି ପର୍ଯ୍ୟନ୍ତ ତିଆରି ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଏତେ ନିମ୍ନମାନର ଯେ, ଦୁଇ ମାସ ଭିତରେ ସମ୍ପୂର୍ଣ୍ଣ ରାସ୍ତା ଦବି ଯାଇଛି। ପିଚୁ କରାଯାଇଥିବା ଚିପ୍ସଗୁଡିକ ଧୂଳି ଭଳିଆ ଉପୁଡ଼ି ଯାଇଛି। ଏହି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ରାସ୍ତା ଆରଡି ବିଭାଗ ଦ୍ୱାରା କରାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ରାସ୍ତା କାମ ଚାଲିଥିବାବେଳେ କୌଣସି ଦିନ ଯନ୍ତ୍ରୀମାନେ ଆସୁ ନ ଥିଲେ। ଠିକାଦାର ମନମୁଖି କାର୍ଯ୍ୟକରି ଚାଲିଥିଲେ। ରାସ୍ତାରେ ଗୋଟିଏ ସ୍ତର ମେଟାଲିଂ ମୋରମ କରାଯାଇ ତା' ଉପରେ ଅଧ ଇଞ୍ଚି ପିଚୁଚିପ୍ସ କରାଯାଇନାହିଁ। ପିଚୁ ଭଲ ଭାବରେ ଦେଇ ଚିପ୍ସ କରିବାକୁ ଲୋକେ କହିବାରୁ ଠିକାଦାର ଲୋକଙ୍କୁ ନାଲି ଆଖି ଦେଖାଇଥିବାର ମଧ ଅଭିଯୋଗ ହୋଇଛି। କାର୍ଯ୍ୟରେ ଠିକାଦାର ସୂର୍ଯ୍ୟ କୁମାର ବହିଦାରଙ୍କୁ ନିୟୋଜିତ କରାଯାଇଥିବାର ଲାଗିଥିବା ବୋର୍ଡରେ ଲେଖାଯାଇଛି। ରାସ୍ତାର ଅଟକଳ ମୂଲ୍ୟ ୧୧୧.୭୪ ଲକ୍ଷ ବୋଲି ଦର୍ଶାଯାଇଛି। ହେଲେ ଦୁଇ ମାସ ଭିତରେ ସବୁ ଟଙ୍କା ପାଣିରେ ଭାସିଗଲା ଭଳି ହୋଇଛି। ରାସ୍ତାର ଏଭଳି ଅବସ୍ଥା ବିଷୟରେ ଯନ୍ତ୍ରୀ ଓ ଆରଡି ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ଅଭିଯୋଗ କରାଯାଇଛି। ହେଲେ ରାସ୍ତା କାମକୁ ଦେଖିବାକୁ ଆସୁ ନାହାନ୍ତି କି କୌଣସି ପଦକ୍ଷେପ ନେଉନାହାନ୍ତି। ବର୍ଷା ଦିନରେ ସମ୍ପୂର୍ଣ୍ଣ ରାସ୍ତା ପାଣିରେ ନଷ୍ଟ ହେବାର ଆଶଙ୍କା ଦେଖାଦେଉଛି । ଏ ବିଷୟରେ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ରାସ୍ତା ତିଆରି ପରେ ମୁଁ ଯାଇନାହିଁ। ରାସ୍ତା ଦେଖିବାକୁ ଆସିବେ କହିଥିଲେ। ନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ରାସ୍ତା କାମର ଫଟୋ ପଠାନ୍ତୁ ମୁଁ ଦେଖି ପଦକ୍ଷେପ ନେବି ବୋଲି କହିଥିଲେ। ହେଲେ ଏବେ ସମ୍ପୂର୍ଣ୍ଣ ରାସ୍ତା କାମଟିକୁ ମୂଳରୁ ନିମ୍ନମାନର ତିଆର କରି ଏବେ ମରାମତି କରାଯିବ। ଏହି ମରାମତି କେତେ ଦିନ ଯିବ। ପିସି କାରବାର ପାଇଁ ଆଜି ସମ୍ପୂର୍ଣ୍ଣ ରାସ୍ତା ଅତି ଶୋଚନୀୟ ଭାବେ ତିଆରି କରି ବିଭାଗୀୟ ଅଫିସର ଚୁପ ବସି ପଡୁଛନ୍ତି। ଏ ବିଷୟରେ ଜିଲାପାଳ ଧ୍ୟାନ ଦେଇ ରାସ୍ତା କାମର ଟଙ୍କା ହଡପ କରି ଚାଲିଥିବା ଠିକାଦାର ଓ ଅଫିସରଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କର ଦାବି ହେଉଛି।



ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଶୋଚନୀୟ ହୋଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୫ ଜୁଲାଇ, ୨୦୧୯



ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାରରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।
- ଚାଣକ୍ୟ



## ସଂକ୍ଷେପରେ

### କେନାଲ, ନଦୀ ତଟବନ୍ଧ ପୁନରୁଦ୍ଧାରକୁ ଗୁରୁତ୍ୱ

#### ଜଳସମ୍ପଦ ବିଭାଗ ଷ୍ଟାଣ୍ଡିଂ କମିଟି

**ଭୁବନେଶ୍ୱର,୧୪।୭(ବ୍ୟୁରୋ):** ରାଜ୍ୟରେ ଜଳସମ୍ପଦ ବିଭାଗ ପକ୍ଷରୁ ବୋରୱେଲ ଖନନ କାର୍ଯ୍ୟ ଧୀମା ଚାଲିଛି, ଏହାକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଷ୍ଟାଣ୍ଡିଂ କମିଟି ପକ୍ଷରୁ ସୁପାରିଶ କରାଯାଇଛି। ସେହିପରି ରାୟଗଡା ଜିଲାରେ ବଡନାଳ ବ୍ୟତୀତ କୌଣସି ବୃହତ ଏବଂ ମଧ୍ୟମ ଧରଣର ଜଳସେଚନ ପ୍ରକଳ୍ପ ନାହିଁ। ତେଣୁ ଉପର ବଂଶଧାରାରେ (ପାଣି-ଡାଙ୍ଗର) ପ୍ରକଳ୍ପ ନିର୍ମାଣ କରି ବଂଶଧାରା ଜଳର ସୁବିନିଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ ଅନେକ ନଦୀ ତଟବନ୍ଧଗୁଡିକ ଦୁର୍ବଳ ହୋଇଗଲାଣି। ତେଣୁ ବିଭାଗ ପକ୍ଷରୁ କେନାଲ ଏବଂ ତଟବନ୍ଧଗୁଡିକର ପୁନରୁଦ୍ଧାର ନେଇ କମିଟି ସୁପାରିସ କରିଛି। ରାଜ୍ୟର ସମସ୍ତ ବ୍ଲକ ମୁଖ୍ୟାଳୟ ଏବଂ ପୌରାଞ୍ଚଳରେ ଛାତ ଉପରେ ବର୍ଷା ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ବ୍ୟାପକ ଶିଳ୍ପାୟନ କାରଣରୁ କଳିଙ୍ଗ ନଗର ଅଞ୍ଚଳ, ରେଙ୍ଗାଲି ଜଳସେଚନ ପ୍ରକଳ୍ପର ଆୟାକଟ୍ ହ୍ରାସ ପାଇବାରେ ଲାଗିଛି। ତେଣୁ ସେହିସବୁ ଅଞ୍ଚଳରେ ଜଳସେଚନର ସୁବିଧା ପାଇଁ ଚେଷ୍ଟା କରାଯିବା ଉଚିତ। ଲାନକୋ,ଜିଏମ୍ଆର ଭଳି ଶିଳ୍ପ କାରଣରୁ ରେଙ୍ଗାଲି ଦକ୍ଷିଣ ଜଳସେଚନ ପ୍ରକଳ୍ପ, ଖଡଗପ୍ରସାଦ ବ୍ରାଞ୍ଚର କେନାଲ ବ୍ୟବସ୍ଥା ପ୍ରଭାବିତ ହୋଇଛି। ତେଣୁ ସେହି ଅଞ୍ଚଳରେ ଜଳସେଚନର ସୁବିଧା ପାଇଁ ବହୁମୁଖୀ ପ୍ରକଳ୍ପ ପାଇଁ ଷ୍ଟାଣ୍ଡିଂ କମିଟି ସୁପାରିଶ କରିଛି। ଏଥିସହିତ ଭୂତଳ ଜଳ ସଂରକ୍ଷଣ ନେଇ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା କାର୍ଯ୍ୟ କରିବାକୁ କମିଟି ପରାମର୍ଶ ଦେଇଛି।

### ବଜ୍ରପାତରେ ୨ ଯୁବକଙ୍କ ମୃତ୍ୟୁ, ୩ ଗୁରୁତର

**ଟାଙ୍ଗୀ,୧୪।୭(ଡି.ଏନ୍.ଏ.):** ଖୋର୍ଦ୍ଧାଜିଲା ଟାଙ୍ଗୀ ଥାନା ଅଞ୍ଚଳରେ ରବିବାର ଅପରାହ୍ନରେ ବଜ୍ରପାତ ଘଟି ୨ ଯୁବକଙ୍କ ମୃତ୍ୟୁ ହେବା ସହ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଝରିଆ ଗ୍ରାମର ତୁଷାର ପଲେଇ(୧୯) ଓ ଟାଙ୍ଗୀ ଗ୍ରାମର ଚିତ୍ତରଞ୍ଜନ ରାଉତ(୩୮)। ଏଥିରେ ସୁଜିତ ସ୍ୱାଇଁ, ଦୀପକ ପଲେଇ ଓ ଅନିଲ ମହାନ୍ତି ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ, ରବି ଫସଲ ନିମନ୍ତେ ଜମିରେ ପାଣି ବନ୍ଧାଇବା କାମ କରୁଥିବାବେଳେ ଝରିଆର ତୁଷାର, ସୁଜିତ୍, ଦୀପକ ଓ ଟାଙ୍ଗୀର ଚିତ୍ତରଞ୍ଜନ ଓ ଅନିଲଙ୍କ ଉପରେ ବଜ୍ରପାତ ହେବାରୁ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ଡାକ୍ତର ତୁଷାର ଓ ଚିତ୍ତରଞ୍ଜନଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତରମାନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି। ଟାଙ୍ଗୀ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଛି । ଚିତ୍ତରଞ୍ଜନ ଜଣେ ଗରିବ ହୋଇଥିବାରୁ ସ୍ତ୍ରୀ ଓ ୨ଟି ଛୋଟଛୁଆଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୧୫ ମାମଲାର ସମାଧାନ

**ଟିକ୍ରାପଡା, ୧୪।୭(ଡି.ଏନ.ଏ.):** ସଇଁତଳା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବିଶ୍ୱକଲ୍ୟାଣୀ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ମୋଟ ୧୫ଟି ମାମଲାର ସମାଧାନ କରାଯିବା ସହ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା ।

## ବିଭିନ୍ନ ସମସ୍ୟା ନେଇ ଶ୍ରମିକ ସଂଗଠନ ପକ୍ଷରୁ ଉଦ୍‌ବେଗ

# ପ୍ରତିକାର ନ ହେଲେ ଆନ୍ଦୋଳନ

ରାଉରକେଲା ଅଫିସ,୧୪।୭

ଆରଏସପି ତଥା ସେଲ ଶ୍ରମିକ ସମସ୍ୟା ନେଇ ଲାଗି ରହିଥିବା ଅନିଶ୍ଚୟତାକୁ ଭିତ୍ତି କରି ରବିବାର ରାଉରକେଲା ଶ୍ରମିକ ସଂଘ ଓ ଗାଙ୍ଗପୁର ମଜଦୁର ମଞ୍ଚ ପକ୍ଷରୁ ଏକ ମିଳିତ ଖବରଦାତା ସମ୍ମିଳନୀ ସେକ୍ଟର-୮ ମଞ୍ଚର କାର୍ଯ୍ୟାଳୟ ସଭା ଗୃହରେ ଆୟୋଜନ କରାଯାଇ ଥିଲା। ଏଥିରେ ଉଭୟ ୟୁନିୟନର ସାଧାରଣ ସଂପାଦକ ପ୍ରଶାନ୍ତ ବେହେରା ଓ ଗୋପାଳ ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଆରଏସପି ପକ୍ଷରୁ ଯେମିତି ଶ୍ରମିକ ମାରଣ ନୀତି ଆପଣା ଯାଉଛି ସେ ନେଇ ଦୁଇ ବରିଷ୍ଠ ଶ୍ରମିକ ନେତା ଉଦବେଗ ପ୍ରକାଶ କରିଥିଲେ। ଅଭିଯୋଗ ହୋଇଥିଲା ଯେ ନିକଟରେ କପିଳ ମହାତୋ (୩୯) ନାମକ ଜଣେ ଠିକା ଶ୍ରମିକ ବିଜୁଳି ଆଘାତରେ ମୃତ୍ୟୁ ଘଟିଥିବା ବେଳେ ଅନୁକମ୍ପା ନିଯୁକ୍ତି ନେଇ କର୍ତ୍ତୃପକ୍ଷଙ୍କ ପ୍ରଥମେ ପ୍ରତିଶ୍ରୁତି ଓ ପରେ ତଦନ୍ତ ଆଳରେ ଅଣଦେଖା ଅତ୍ୟନ୍ତ ନିନ୍ଦନୀୟ। ସଂପୃକ୍ତ ଶ୍ରମିକ ପରିବାରକୁ ଆଜି ପର୍ଯ୍ୟନ୍ତ ଚାକିରି ପ୍ରଦାନ କରା ନ ଯିବା ଆଶ୍ଚର୍ଯ୍ୟ ଚକିତ କରିଛି ବୋଲି ଏଥିରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଯେଉଁ ବିରୋଧୀ ୟୁନିୟନ ଅଧିକାରୀ ମିଶି ମୃତକଙ୍କୁ ଚାକିରି ନ ଦେବାକୁ ଷଡଯନ୍ତ୍ର ରଚନା କରିଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ଦୁଇ ୟୁନିୟନ ନେତା। ଏହି ଅବସରରେ କୁହାଯାଇଥିଲା ଯେ ଦୀର୍ଘ ୩୦ ମାସ ବିତିବା ସତ୍ତ୍ୱେ ସେଲ କର୍ମଚାରୀଙ୍କ ନୂତନ ବେତନ ଚୁକ୍ତିନାମା ନେଇ ବୈଠକ ଡକାଯାଉନି। ଗତ ଆର୍ଥିକ ବର୍ଷରେ ସେଲ ୨ହଜାର କୋଟିରୁ ଅଧିକ ଲାଭ କରିଥିବା ସତ୍ତ୍ୱେ ମ୍ୟାନେଜମେଣ୍ଟ ଏନଜେସିଏସ ବୈଠକ ନେଇ ଟାଳଟୁଳ ନୀତି ଆପଣାଉଛି। ଏ ନେଇ କେନ୍ଦ୍ର ସରକାର ମଧ୍ୟ ନିରବ ବସିଛନ୍ତି। ନିୟମିତ ଏନଜେସିଏସ ବୈଠକ ଡକାଯାଇ ଏହାର ସମାଧାନ ଦାବି କରିଥିଲେ ମଞ୍ଚାସୀନ ୟୁନିୟନ ନେତୃମଣ୍ଡଳୀ। ସେଲ୍ ପରିଚାଳିତ ୩ଟି ୟୁନିଟ ଆଲୟ, ସାଲେମ ଓ ଭଦ୍ରାବତୀ ପ୍ଲାଣ୍ଟ ବିକ୍ରି ନେଇ ଚାଲିଥିବା ପ୍ରୟାସକୁ ଏଥିରେ ବିରୋଧ କରାଯାଇ ଥିଲା। ଆରଏସ୍‌ପିରେ ସୀମିତ ମାନବ ସମ୍ବଳକୁ ନେଇ ଉତ୍ପାଦନ, ଉତ୍ପାଦକତା ଓ ରକ୍ଷଣାବେକ୍ଷଣ ନେଇ ଅନେକ ନୂତନ କୀର୍ତ୍ତିମାନ ସ୍ଥାପନ ଏକ ଉଲ୍ଲେଖନୀୟ। ଏହା ସତ୍ତ୍ୱେ ପ୍ରଡକ୍ସନ ଇନସେଣ୍ଟିଭ ନେଇ କର୍ତ୍ତୃପକ୍ଷ ନିରବ ରହିଛନ୍ତି। ୨୦୧୪ରୁ ଏହାକୁ ବନ୍ଦ କରି ଦିଆଯାଇଛି। ଯେଉଁ କାରଣରୁ ଶ୍ରମିକମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି। ସମାନ ଭାବେ ଆରଏସପିରେ କାର୍ଯ୍ୟରତ ଠିକା ଶ୍ରମିକ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏମାନଙ୍କୁ କେନ୍ଦ୍ରୀୟ ଧାର୍ଯ୍ୟ ଦରମା ପ୍ରଦାନ କରାଯାଉନି। ଆଇଜିଏଚରେ ଚିକିତ୍ସା ତଥା ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଅଣା ଯାଉନି। ଆରଏସପି ପରିଚାଳିତ ବିଦ୍ୟାଳୟରେ ଶିକ୍ଷାଦାନର ଗୁଣାତ୍ମକ ବିକାଶ ଓ ଭିତିଭୂମିର ଉନ୍ନତିକରଣ ନିହାତି ଆବଶ୍ୟକ। ଇସ୍ପାତ ସହାରାଂଚଳର ପରିମଳ, ସ୍ୱେରେଜ, ରାସ୍ତାଘାଟ ଓ ସମାଜ ମଙ୍ଗଳ କେନ୍ଦ୍ରର ରକ୍ଷଣାବେକ୍ଷଣ ନିମନ୍ତେ ଏଥିରେ ଦୃଢ ଦାବି କରାଯାଇ ଥିଲା। ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଉଭୟ ନେତା ଦାବି କରିଥିଲେ। କର୍ତ୍ତୃପକ୍ଷ ଏ ନେଇ ଅବହେଳା ପ୍ରଦର୍ଶନ କଲେ ଉପରୋକ୍ତ ଦୁଇ ୟୁନିୟନ ପକ୍ଷରୁ ଦୁର୍ବାର ଆନ୍ଦୋଳନ ଡାକରା ଦିଆଯିବ ବୋଲି କୁହାଯାଇ ଥିଲା।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

## ଗାନ୍ଧୀ କଲେଜରେ ସଫେଇ

ରାଉରକେଲା ଅଫିସ,୧୪।୭

ଦେଓଗାଁଠାରେ ଥିବା ଗାନ୍ଧୀ ମହାବିଦ୍ୟାଳୟ ପରିସର ପରିମଳ ଅବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ଏହାକୁ କଲେଜ ରୋଟାରାକ୍ଟ କ୍ଲବ ଓ ରୋଟାରୀ କ୍ଲବ ଷ୍ଟିଲସିଟି ମିଳିତ ଆନୁକୂଲ୍ୟରେ ସଫେଇ କରାଯାଇଛି। ଏଥିରେ ସ୍ଥାନୀୟ ବସ୍ତିର ଯୁବକମାନେ ସାମିଲ ହୋଇଥିଲେ। ଏହି ଅବସରରେ କଲେଜ ପରିସରକୁ ସଂପୂର୍ଣ୍ଣ ପରିଷ୍କାର ପରିଚ୍ଛନ୍ନ କରାଯାଇ ଥିଲା। ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଜରିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ କର୍ମଚାରୀ ନନ୍ଦ କୁଅଁର, ଭାବଗ୍ରାହୀ ପଣ୍ଡା, ମାନସ ସାହୁ, ମନ ବାହାଦୁର ଓ କୈଳାସ ଛୋଟରାୟ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ରୋଟାରିଆନ ଡଃ ଅଞ୍ଜନା ମୈତ୍ର, ପୁତୁଲ ରାହୁଲ. ଆନାବେଲ ଡିସୌଜା, ମଞ୍ଜୁ ମେହେର, ନୀଳମ ରତ୍ନାକର, ପିଙ୍କୁ ଗୁହା, ପ୍ରତିଭା ଦେବୀ ଏବଂ ଆଲେକଜାଣ୍ଡର ଡିସୌଜା ସଫେଇ ଅଭିଯାନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ରୋଟାରାକ୍ଟ କ୍ଲବ ସଭାପତି ବିକାଶ ବାରିକ, ସଂଜିତ ଛୋଟରାୟଙ୍କ ସମେତ ରୋଟାରୀ କ୍ଲବ ସଭାପତି କୁଲଜିତ ସିନ୍ଧୁ ଓ ମହାବିଦ୍ୟାଳୟ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ବରାଳ ଏଥିରେ ଉପସ୍ଥିତ ଥିଲେ।



ଗାନ୍ଧୀ କଲେଜ ସଫେଇରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷ।



ସିଟୁ ପକ୍ଷରୁ ଆୟୋଜିତ ବୈଠକରେ ଅତିଥିମାନେ।

## ସିଆଇଟିୟୁ ପକ୍ଷରୁ ଚେତାବନୀ

# ଆଧୁନିକ ମେଟାଲିକ୍ସ ତୁରନ୍ତ ଖୋଲ, ୧୩ ମାସର ବକେୟା ଦିଅ

ରାଉରକେଲା ଅଫିସ,୧୪।୭

କୁଆଁରମୁଣ୍ଡା ନିକଟରେ ବନ୍ଦ ପଡିଥିବା ଆଧୁନିକ ମେଟାଲିକ୍ସ କାରଖାନାକୁ ତୁରନ୍ତ ଖୋଲ। ଏହା ସହ ଶ୍ରମିକଙ୍କ ୧୩ ମାସର ବକେୟା ପ୍ରଦାନ କର। ରବିବାର ସିଆଇଟିୟୁ ସହବନ୍ଧିତ ଶ୍ରମିକ ସଂଗଠନ ପକ୍ଷରୁ ଏହି ଚେତାବନୀ ଦିଆଯାଇଛି। ଏହି ଅବସରରେ ଆଧୁନିକ ମେଟାଲିକ୍ସ ଅଫିସର ଓ ଶ୍ରମିକ ସଂଘ ପ୍ରତିନିଧିଙ୍କୁ ନେଇ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ସେକ୍ଟର-୧୬ ସିଆଇଟିୟୁ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ବୈଠକରେ କର୍ମଚାରୀ ସଂଘ ସଭାପତି ତଥା ସିଆଇଟିୟୁ ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସେ ଆଧୁନିକ ମେଟାଲିକସ କାରଖାନା ଓ ଶ୍ରମିକ ସମସ୍ୟା ଉପରେ ଆଲୋକପାତ କରି ଉଦ୍‌ବେଗ ପ୍ରକାଶ କରିଥିଲେ। କର୍ମଚାରୀଙ୍କ ଭବିଷ୍ୟତ ଦୃଷ୍ଟିରୁ ୟୁନିୟନ ସବୁ ପ୍ରକାର ପଦକ୍ଷେପ ନେବାକୁ ପ୍ରସ୍ତୁତ ବୋଲି ମହାନ୍ତି ପ୍ରକାଶ କରିଥିଲେ। ଏ ନେଇ ଶ୍ରମ ବିଭାଗ, ରାଜ୍ୟ ସରକାରଙ୍କ ସହ ଆଲୋଚନା ପାଇଁ ପଦକ୍ଷେପ ନିଆଯିବ। ଏକ ଉଚ୍ଚ ସ୍ତରୀୟ ବୈଠକ ଡକାଯିବା ଦିଗରେ ୟୁନିୟନ ପ୍ରଚେଷ୍ଟା କରିବ। କାରଖାନା କିପରି ଚାଲିବ, ଶ୍ରମିକ କିଭଳି ପୁନଃ ନିଯୁକ୍ତି ପାଇବେ ଓ ବକେୟା ମିଳିବ ସେ ଦିଗରେ ୟୁନିୟନ ଦୃଢ ପଦକ୍ଷେପ ନେବ ବୋଲି ୟୁନିୟନ ନେତା ମହାନ୍ତି ଭରଷା ଦେଇଥିଲେ। ଏହି ବୈଠକରେ ବରିଷ୍ଠ ନେତା ବିମାନ ମାଇତି, ରାଜକିଶୋର ପ୍ରଧାନ, ଅରିନ୍ଦମ ଦତ୍ତ, କିଶୋର ସାହୁ, ମନୋରଂଜନ ମହାନ୍ତି, ଅଜୟ ରାଉତ, ପି.ଏଲ. ମିଶ୍ର, ଅଟଳ ସ୍ୱାଇଁ, ନାରାୟଣ ସେନାପତି, ଆଲୋକ ଦେଓ ସୁରଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ନିଖୋଜ ବାଳକଙ୍କ ମୃତଦେହ ଉଦ୍ଧାର

ଲଖନପୁର,୧୪।୭(ଡି.ଏନ୍.ଏ.)

କୁମ୍ଭାରବନ୍ଧ ଫାଣ୍ଡି ପୋଲିସ ରବିବାର ହୀରାକୁଦ ଜଳଭଣ୍ଡାରରୁ ଜଣେ ନିଖୋଜ ବାଳକଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ବାଳକଜଣକ ଠେଲକୁଲି ଥାନା ଦନ୍ତାମୁରା ଗ୍ରାମର ସନାତନ ହାତୀଙ୍କ ପୁଅ ବିକାଶ (୧୫)। ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ବନହରପାଲି ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୨/୧୯) ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ମତ୍ସ୍ୟଜୀବୀମାନେ ଜଳଭଣ୍ଡାରରେ ଡଙ୍ଗାରେ ମାଛ ମାରୁଥିବେଳେ ଜାଲରେ ମୃତଦେହ ଲାଗିଥିଲା। ଏ ନେଇ ସେମାନେ ପୋଲିସକୁ ସୂଚନା ଦେଇଥିଲେ। ଫାଣ୍ଡି ଅଧିକାରୀ ସରୋଜ ଦାନୀ କୋଲ୍‌ଟିକ୍ରା ଜଳଭଣ୍ଡାର କୂଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ସୂଚନାଯୋଗ୍ୟ, ଗତ ଗୁରୁବାର ରାତିରେ ବିକାଶ ଓ ତାଙ୍କ ବାପା ସନାତନ ମିଶି ଏକ ଡଙ୍ଗାରେ ଇବ୍ ନଦୀକୁ ମାଛ ମାରିବା ପାଇଁ ଯାଇଥିଲେ। ଏହି ସମୟରେ ଅସାବଧାନତା ବଶତଃ ବିକାଶ ଡଙ୍ଗାରୁ ପାଣିକୁ ଖସିପଡ଼ିଥିଲେ। ସନାତନ ଓ ଆଖପାଖରେ ଥିବା ମତ୍ସ୍ୟଜୀବୀମାନେ ବିକାଶଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। ହେଲେ ନଦୀରେ ପ୍ରଖର ସ୍ରୋତ ଥିବାରୁ ସେମାନେ ଏଥିରେ ବିଫଳ ହୋଇଥିଲେ। ପରଦିନ ରେଙ୍ଗାଲି ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ବିକାଶଙ୍କ ସନ୍ଧାନ ମିଳି ନ ଥିଲା।

## ଆଧୁନିକ ଦିନଚର୍ଯ୍ୟା ଦ୍ୱାରା ମଧୁମେହ ବଢୁଛି

ରାଉରରୋଉରକେଲା ଅଫିସ,୧୪।୭

ପ୍ରତ୍ୟକ ମାସ ପରି ଜୁଲାଇ ୧୪ ରବିବାର ରାଉରକେଲା ଡାଇବେଟିସ ଫୋରମ, ଗାୟତ୍ରୀ ପରିବାର, ଗୁରୁକୂଳ ଆଶ୍ରମ, ଭାରତୀୟ ସଂସ୍କୃତି ସୁରକ୍ଷା ସମିତି ଓ ଗୁରୁକୂଳ ସଂସ୍କୃତ ମହାବିଦ୍ୟାଳୟ ମିଳିତ ସହଯୋଗରେ ବେଦବ୍ୟାସଠାରେ ଥିବା ଆଶ୍ରମ ନିକଟରୁ ଏକ ପଦଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ଡାକ୍ତର ସୁରେଶ ବଂଶଲ, ରାହାସବିହାରୀ ମହାପାତ୍ର, ଡା. ସୁଲେମାନ ଓ ଡା. ପିକେ ଦାସ ପ୍ରମୁଖ ସାମିଲ ହୋଇଥିଲେ। ପଦଯାତ୍ରା ଗୁରୁକୂଳ ଆଶ୍ରମ ନିକଟରୁ ବାହାରି ଗୋପପାଲ୍ଲୀ, ସଂସ୍କୃତ ମହାବିଦ୍ୟାଳୟ ଦେଇ ପୁନଃ ଗୁରୁକୂଳ ଆଶ୍ରମକୁ ଫେରିଥିଲା। ଏଥିରେ ଡାକ୍ତର ରାହାସବିହାରୀ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରି କହିଥିଲେ ଯେ, ଆଧୁନିକ ଦିନଚର୍ଯ୍ୟା ଦ୍ୱାରା ମଧୁମେହ ବଢିବାରେ ଲାଗିଛି। ଏହି ଅବସରରେ ସେ ମଧୁମେହ ରୋଗୀ କିପରି ନିଜକୁ ସୁରକ୍ଷିତ ରଖି ପାରିବେ ସେନେଇ ଆଲୋକପାତ କରିଥିଲେ। ଡାକ୍ତର ବଂଶଲ ଉପସ୍ଥିତ ମଧୁମେହ ରୋଗୀଙ୍କ ବିଭିନ୍ନ ପ୍ରଶ୍ନର ଉତର ଦେଇଥିଲେ। ଏହି ଆଲୋଚନାରେ ଗୁରୁକୂଳ ଆଶ୍ରମ ପକ୍ଷରୁ ଧନେଶ୍ୱର ବେହେରା, ରାମଚନ୍ଦ୍ର ସାହୁ, ଭାରତୀୟ ସଂସ୍କୃତି ସୁରକ୍ଷା ସମିତି ପକ୍ଷରୁ ନୀଳକଣ୍ଠ ମହାନ୍ତି, ଧୂମକେତୁ ବେହୁରିଆ, ଗାୟତ୍ରୀ ପରିବାର ପକ୍ଷରୁ ରମେଶ ମହନ୍ତ, ରାଜେନ୍ଦ୍ର ଦେବ ଓ ମହାବୀର ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗୁରୁକୂଳ ମହାବଦ୍ୟାଳୟ ଅଧ୍ୟକ୍ଷ ଡଃ ଉମାକାନ୍ତ ପଣ୍ଡା ଏଭଳି କାର୍ଯ୍ୟକ୍ରମ ଅତ୍ୟନ୍ତ ଗ୍ରହଣୀୟ ହୋଇ ପାରିଛି ବୋଲି କହିବା ସହ ଉଦ୍ୟୋକ୍ତାଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ପଦଯାତ୍ରାକୁ ନୀଳକଣ୍ଠ ମହାନ୍ତି ପରିଚାଳନା କରିଥିବା ବେଳେ ଆଲୋଚନାକୁ ବିଜୟ କର ସଂଯୋଜନା କରିଥିଲେ।



ମଧୁମେହ ସଚେତନତା ପଦଯାତ୍ରା ବାହାରିଛି।

## ଭାରତୀୟ ଯୁବ ହଷ୍ଟେଲ ପକ୍ଷରୁ ବଜେଟ ଆଲୋଚନା

ରାଉରକେଲା ଅଫିସ,୧୪।୭

ଭାରତୀୟ ଯୁବ ହଷ୍ଟେଲ ରାଉରକେଲା ଶାଖା ପକ୍ଷରୁ ସେକ୍ଟର-୩ କାର୍ଯ୍ୟାଳୟଠାରେ କେନ୍ଦ୍ର ବଜେଟ ସମ୍ବନ୍ଧୀୟ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ନାରାୟଣ ପତି ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର ଅର୍ଥମନ୍ତ୍ରୀ ନିଜ ବଜେଟରେ ଦେଶର ଅଗଣିତ ବେକାର ଯୁବକଙ୍କ ପାଇଁ ନେଇଥିବା ସକାରାତ୍ମକ ପଦକ୍ଷେପକୁ ସ୍ୱାଗତ କରାଯାଇ ଥିଲା। ତାଲିମ ମାଧ୍ୟମରେ ଯୁବ ଶକ୍ତିକୁ ସକ୍ଷମ କରାଇ ବିଭିନ୍ନ କ୍ଷେତ୍ରରେ କର୍ମ ନିଯୁକ୍ତି ପ୍ରଦାନ କରାଯିବା ନିଶ୍ଚିତ ରୂପେ ଏକ ବଳିଷ୍ଠ ପଦକ୍ଷେପ। ସଂଖ୍ୟା ବହୁଳ ବେକାର ଏହା ଦ୍ୱାରା ଉପକୃତ ହୋଇ ପାରିବେ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ଡଃ ଏସ.ପି. ସାମନ୍ତରାୟ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି ଯୋଜନା ତଥା ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ବିଷୟରେ ଅଧିକ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ବୁଦ୍ଧଦେବ ବାସୁ ସଚେତନତା ଭିତ୍ତିକ ଅନେକ ତଥ୍ୟ ଉପସ୍ଥାପନା କରିଥିଲେ। ଏଥିରେ ପି.ସି. ମିଶ୍ର, ମଳୟ ନାୟକ, ସୁଚିତ୍ରା ମଲ୍ଲିକ, ସୁଲୋଚନା ମିଶ୍ର, ପ୍ରତିମା ପରିଡା, ମମତା ନାୟକ, ଶାନ୍ତି ଦାସ, ଅମିତାଭ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂଗଠନର ସାଧାରଣ ସଂପାଦକ ନିରଞ୍ଜନ ସାମଲ ଧନ୍ୟବାଦ ଜ୍ଞାପନ କରିଥିଲେ।



ବଜେଟ ଆଲୋଚନାଚକ୍ରରେ ଅତିଥିମାନେ।

# କମିଶନ ଦେଇ କର୍ମଚାରୀ ପୋଷା ନୀତି ଚଳିବନି

## ଗ୍ୟାସ୍ ଡେଲିଭରି ବୟ, ମେକାନିକାଲ ଆସୋସିଏଶନର ସମାଲୋଚନା

ରାଉରକେଲା ଅଫିସ,୧୪।୭

ଷ୍ଟିଲ ସିଟିରେ ଘରୋଇ ଜାଳେଣି ଗ୍ୟାସ ବିତରଣ କରୁଥିବା କର୍ମଚାରୀ ଓ ମେକାନିକଙ୍କୁ ଏଜେନ୍ସି କର୍ତ୍ତୃପକ୍ଷ ଭଣ୍ଡି ଚାଲିଛନ୍ତି। ସରକାରଙ୍କ ନିର୍ଦ୍ଧାରିତ ଦରମା, ସାମାଜିକ ସୁରକ୍ଷା ପ୍ରଦାନ ପରିବର୍ତ୍ତେ ଏମାନଙ୍କୁ ଠିକାରେ ରଖା ଯାଉଛି। ଗ୍ୟାସ ଡେଲିଭରି ବୟଙ୍କୁ କମିଶନ ଭତ୍ତିରେ ଖଟା ଯାଉଛି ବୋଲି ରବିବାର ଉଦିତନଗର ସୁବାଶ ପାର୍କଠାରେ ଆୟୋଜିତ ବୈଠକରେ ଅଭିଯୋଗ ହୋଇଛି। ଏଥିରେ ଗ୍ୟାସ ଡେଲିଭରି ବୟ ଓ ମେକାନିକ ଆସୋସିଏନସ କର୍ମକର୍ତ୍ତାଙ୍କ ସମେତ ସଭ୍ୟମାନେ ଉପସ୍ଥିତ ଥିଲେ। ସଭାପତି ମହେନ୍ଦ୍ର ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବ ଦାବି ଦୋହରା ଯାଇଥିଲା। କର୍ମଚାରୀଙ୍କୁ କୁଶଳୀ, ଅର୍ଦ୍ଧକୁଶଳୀ, ଅଣକୁଶଳୀ ଓ ମେକାନିକ ନିର୍ବିଶେଷରେ ଏକା ପ୍ରକାର ଦରମା ପ୍ରଦାନ କରାଯାଉଛି ବୋଲି ସଂଘ କର୍ମକର୍ତ୍ତା ଅଭିଯୋଗ କରିଥିଲେ। ଏହା ସରକାରଙ୍କ ନିର୍ଦ୍ଧାରିତ ନିୟମର ଉଲ୍ଲଂଘନ ବୋଲି ଏଥିରେ କୁହାଯାଇ ଥିଲା। ଏମାନଙ୍କୁ ଭବିଷ୍ୟନିଧି କିମ୍ବା କର୍ମଚାରୀ ବୀମା ସୁବିଧା ପ୍ରଦାନ କରାଯାଉନି। ଏହା ସଂପୂର୍ଣ୍ଣ ଶ୍ରମିକ ବିରୋଧୀ ଷଡଯନ୍ତ୍ର ବୋଲି ସଂଗଠନ କର୍ମକର୍ତ୍ତା ଅଭିଯୋଗ କରିଥିଲେ। ଉଦେଶ୍ୟମୂଳକ ଭାବେ ସ୍ଥାୟୀ କର୍ମଚାରୀଙ୍କ ପରିବର୍ତ୍ତେ କମିଶନ ଭିତ୍ତିରେ ଶ୍ରମିକ ନିୟୋଜିତ କରିବା ନିନ୍ଦନୀୟ । ଏହା ସ୍ୱଳ୍ପ ବେତନ ଭୋଗୀଙ୍କ ପେଟକୁ ଲାତ ମାରିବା ଭଳି ପଦକ୍ଷେପ। ସହରରେ ରହିଥିବା ଅନେକ ଗ୍ୟାସ ଏଜେନ୍ସି କର୍ତ୍ତୃପକ୍ଷ ଜାଣିଶୁଣି ଡେଲିଭରି ବୟଙ୍କୁ ହଇରାଣ ହରକତ କରୁଛନ୍ତି। ଛୁଟି ମାଗିଲେ ଛାଡୁ ନାହାନ୍ତି। ଛୋଟ ଛୋଟି କଥାରେ ଅଣ୍ଡର ଟେକିଂ ମାଗୁଛନ୍ତି। କାମ ନାହିଁ ତ ଦରମା ନାହିଁ ବୋଲି ଧମକ ଦେଉଛନ୍ତି। ଏହାକୁ ଜୁଲମ ବୋଲି ବୈଠକରେ ଦର୍ଶାଯାଇ ଥିଲା। ସଂଘ ସାଧାରଣ ସଂପାଦକ ରମେଶ ବଳ ଏଥିରେ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ପରିବର୍ତ୍ତିତ ପରିସ୍ଥିତିରେ ଶ୍ରମିକମାରଣ ନୀତିକୁ ଆପଣାଇଥିବା ମାଲିକ ଗୋଷ୍ଠୀ ନିଜ ମନୋଭାବରେ ପରିବତ୍ତନ ଆଣିବା ଦରକାର। ସହଯୋଗ, ସହାନଭୂତି ରହିଲେ ସମସ୍ତ ଜଟିଳ ସମସ୍ୟା ସମାଧାନ ସମ୍ଭବ ହୋଇ ପାରବ। ଏହା ନ କରି ଖରା, ବର୍ଷା ଶୀତରେ ଗ୍ରାହକଙ୍କୁ ସେବା ଯୋଗାଇ ମାଲିକଙ୍କୁ ପୁଷ୍ଟ କରୁଥିବା କର୍ମଚାରୀଙ୍କୁ ଶୋଷଣ କରିବା ଅତ୍ୟନ୍ତ ନିନ୍ଦନୀୟ। ଏଭଳି ମନୋଭାବ ବିରୋଧରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ବଳ ପ୍ରକାଶ କରିଥିଲେ। ବୈଠକ ଶେଷରେ ସାମୁଏଲ ହରିପାଲ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଶରତ ଜେନା, ବିପିନ ସୁନା, ଜିତେନ୍ଦ୍ର ହରିପାଲ, କୃଷ୍ଣଚନ୍ଦ୍ର ପାତ୍ର, କୃଷ୍ଣ ନାୟକ, ବିପିନ ବାରିକ, ହରି ତିର୍କୀ, କୃଷ୍ଣ ରାଉତ, ଦଶରଥ ପ୍ରଧାନ, ଅନ୍ତର୍ଯ୍ୟାମି ସୁନା, ଯୋଗେନ୍ଦ୍ର ତନ୍ତି ପ୍ରମୁଖ ଉପସ୍ଥିତ ଥିଲେ।